
ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

■ Vol. 10, Issue. 284, Tuesday, 6 February 2024, Puri, Pages- 24, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୮୪, ମଙ୍ଗଳବାର, ୬ ଫେବୃଆରୀ ୨୦୨୪, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୭ ଟଙ୍କା







ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▸ www.amrutadunia.org

■ Vol. 10, Issue. 284, Tuesday, 6 February 2024, Puri, Pages- 24, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୮୪, ମଙ୍ଗଳବାର, ୬ ଫେବୃଆରୀ ୨୦୨୪, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୭ ଟଙ୍କା







ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



■ Vol. 10, Issue. 284, Tuesday, 6 February 2024, Puri, Pages- 24, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୮୪, ମଙ୍ଗଳବାର, ୬ ଫେବୃଆରୀ ୨୦୨୪, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୭ ଟଙ୍କା


### ସଂସଦରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ

## ଭାରତ ବିଶ୍ୱର ତୃତୀୟ ବଡ଼ ଅର୍ଥନୀତି ହୋଇରହିବ



- କେତେ ଦିନ ଆଉ ଦେଶକୁ ଭାଗ ଭାଗ କରିବ
- କଂଗ୍ରେସକୁ ୧୦ ବର୍ଷ ସୁଯୋଗ ମିଳିଲା ହେଲେ ଫେଲ୍ ମାରିଲେ
- ବିଜେପି ୩୭୦ ଆସନ ଜିତିବ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ

ସଂସଦରେ ରାଷ୍ଟ୍ରପତି ଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ କରି କଂଗ୍ରେସ ଉପରେ ବର୍ଷିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବିରୋଧୀ ଓ କଂଗ୍ରେସକୁ କଲେ କଡା ଟାର୍ଗେଟ୍। ଲୋକସଭାରେ ନିଜର ଭାଷଣ ଦେଇ ପ୍ରଧାନମନ୍ତ୍ରୀ ମୋଦି କେତେ ଦିନ ଆଉ ଦେଶକୁ ଭାଗ ଭାଗ କରିବ କହି ସିଧାସଳଖ ବିରୋଧୀ ଓ କଂଗ୍ରେସକୁ କଲେ ସମାଲୋଚନା। ବିରୋଧୀ ଦୀର୍ଘ ଦିନ ହେବ ବିରୋଧୀ ହିଁ ରହିବେ। ଅନେକ ଦଶନ୍ଧି ଧରି କଂଗ୍ରେସ ବିରୋଧୀ ହିଁ ରହିବ। ବିରୋଧୀଙ୍କ ମଧ୍ୟରୁ ଅନେକ ନିର୍ବାଚନ ଲଢ଼ିବା ସାହସ ହରାଇଛନ୍ତି। କିଛି ଲୋକ ତ ସେହି ଡରରେ ରାଜ୍ୟସଭା ଯିବାକୁ ଚାହିଁଲେଣି। କଂଗ୍ରେସକୁ ଭଲ ବିରୋଧୀ ହେବାକୁ ୧୦ ବର୍ଷ ସୁଯୋଗ ମିଳିଲା। କିନ୍ତୁ ଏମିତି ସୁଯୋଗ ପାଇ ବି ସେମାନେ ବିଫଳ ହେଲେ। କେତେ ଦିନ ଆଉ ଦେଶକୁ ଭାଗ ଭାଗ କରିବ ବୋଲି କହି କଡା ଟାର୍ଗେଟ କରିଛନ୍ତି ମୋଦି। ସେ ଆହୁରି କହିଛନ୍ତି, ବିରୋଧୀ ପ୍ରତ୍ୟେକ ଥର ଦେଶକୁ ନିରାଶ କରିଛନ୍ତି। ଅଳ୍ପସଂଖ୍ୟକଙ୍କ ନାଁରେ କେତେ ଦିନ ଯାଏଁ ଆଉ ସମାଜକୁ ବିଭାଜନ କରିବ। ନିର୍ବାଚନରେ କିପରି ପ୍ରତିଦ୍ୱନ୍ଦ୍ୱିତା କରିବେ ଏହା ମଧ୍ୟ ମୁଁ ବିରୋଧୀଙ୍କୁ ଶିଖାଇବି। ପରିବାରବାଦ ଯୋଗୁଁ ଅନେକଙ୍କୁ ହଟାଇ ଦିଆଯାଇଛି। ଖଡ୍‌ଗେ ଏ ସଦନରୁ ସେ ସଦନ ଗଲେ। ଗୁଲାମନବୀ ତ ଦଳ ଛାଡ଼ିଦେଲେ। ଦେଶର ଲୋକତନ୍ତ୍ର ପାଇଁ ପରିବାରବାଦୀ ରାଜନୀତି ଚିନ୍ତାର ବିଷୟ ପାଲଟିଛି। ଏହି ଅବସରରେ ରାହୁଲ ଗାନ୍ଧିଙ୍କୁ ଟାର୍ଗେଟ୍ କହିଛନ୍ତି, ରାହୁଲ ଲଞ୍ଚ କରିବା ସମୟରେ କଂଗ୍ରେସ ଫେଲ୍ ହୋଇଗଲା। କଂଗ୍ରେସର ଦୋକାନରେ ତାଲା ପକାଇବା ପରିସ୍ଥିତି ଉପୁଜିଲାଣି। ବିଜେପି ଗୋଟିଏ ପରିବାରର ଦଳ ନୁହେଁ। ବିଜେପି କେବଳ ଅମିତ ଶାହ ଓ ରାଜନାଥ ସିଂହଙ୍କ ଦଳ ନୁହେଁ। କିନ୍ତୁ କଂଗ୍ରେସ ଏକ ପରିବାରର ଦଳ। କଂଗ୍ରେସ ଗୋଟିଏ ପରିବାରରେ ଜଡିତ। କଂଗ୍ରେସ ପରିବାର ବାହାରେ ଦେଖିପାରିବ ନାହିଁ। ଗୋଟିଏ ପ୍ରଡକ୍ଟ ଏମାନେ ବାରମ୍ବାର ଲଞ୍ଚ କରିବାକୁ ଚେଷ୍ଟା କରୁଛନ୍ତି। ଭାରତ ବିଶ୍ୱର ତୃତୀୟ ବଡ଼ ଅର୍ଥନୀତି ହୋଇ ▶(ପୃଷ୍ଠା-୧୫)

### ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ

## ରାଜ୍ୟ ସରକାରଙ୍କ ପ୍ରଶଂସାରେ ଶତମୁଖ

- ବିଧାନସଭାରେ ୧ ଘଣ୍ଟା ୫୮ ମିନିଟ ରଖିଲେ ବକ୍ତବ୍ୟ
- ନୂଆ-ଓ ଯୁବ ଭାଗିଦାରୀକୁ ସଶକ୍ତ କରିବ: ରାଜ୍ୟପାଳ
- ପରିକ୍ରମା ପ୍ରକଳ୍ପର କଲେ ପ୍ରଶଂସା, କଂଗ୍ରେସର କକ୍ଷତ୍ୟାଗ
- ଡିସେମ୍ବର ୨୦୨୪ ସୁଦ୍ଧା ବସ୍ତିମୁକ୍ତ ସହର ହେବ ଓଡ଼ିଶା
- ରାଜ୍ୟରେ ବଢ଼ିଛି ମୁଣ୍ଡପିଛା ଆୟ, ହ୍ରାସ ପାଇଛି ବେକାରୀ ଅଭିବୃଦ୍ଧି ହାର



ଭୁବନେଶ୍ୱର(ବ୍ୟୁରୋ)

ସୋମବାର ଷୋଡ଼ଶ ବିଧାନସଭାର ପଞ୍ଚଦଶ ଅଧିବେଶନ ଆରମ୍ଭରେ ଅଭିଭାଷଣ ରଖି ରାଜ୍ୟ ସରକାରଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପଠାରୁ ଆରମ୍ଭ କରି ନିଯୁକ୍ତି, ଆଇନ୍‌ଶୃଙ୍ଖଳା, କୃଷି ଆଦି ସମସ୍ତ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ସଫଳତା ବଖାଣିଛନ୍ତି ରାଜ୍ୟପାଳ ରଘୁବର ଦାସ। ଏହି ତାଲିକା ଏତେ ଲାଭ ଥିଲା ଯେ, ବଜେଟ ଅଧିବେଶନରେ ଦୀର୍ଘ ୧ ଘଣ୍ଟା ୫୮ ମିନିଟ ବକ୍ତବ୍ୟ ରଖି ମୋଟ ୫୬ ପୃଷ୍ଠାର ଭାଷଣ ପଢ଼ିଥିଲେ ରାଜ୍ୟପାଳ। ଏଥିସହିତ ନିକଟରେ ରାଜ୍ୟ ସରକାର ଲୋକାର୍ପିତ କରିଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରେ ସମଲେଇ ପ୍ରକଳ୍ପକୁ ପ୍ରଶଂସା କରିଛନ୍ତି ରାଜ୍ୟପାଳ। ଲୋକଙ୍କୁ ସୁବିଧାରେ ଦର୍ଶନ ପାଇଁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ଆରମ୍ଭ ହୋଇଛି, ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ମଧ୍ୟ କରାଯାଉଛି। ସେହିଭଳି ରାଜ୍ୟପାଳ ଫାଇଭ୍-ଟି ଓ ମୋ ସରକାର ରୂପାନ୍ତରିତ ପ୍ରଶାସନିକ ବ୍ୟବସ୍ଥାର ନୂତନ ଯୁଗର ସଫଳତା ବଖାଣିଛନ୍ତି।ଷୋଡ଼ଶ ବିଧାନସଭାର ପଞ୍ଚଦଶ ଅଧିବେଶନ ଆରମ୍ଭରେ ଅଭିଭାଷଣ ରଖି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ପ୍ରଶଂସା କରିଛନ୍ତି ରାଜ୍ୟପାଳ ରଘୁବର ଦାସ। ଶ୍ରୀକ୍ଷେତ୍ରକୁ ଆସୁଥିବା ଲକ୍ଷାଧିକ ଶ୍ରଦ୍ଧାଳୁମାନଙ୍କ ପାଇଁ ୮ ଶହ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ ରୂପ ଦିଆଯାଇଛି। ଏହି ପ୍ରକଳ୍ପ ଆସୁଥିବା ପର୍ଯ୍ୟଟକ ମାନଙ୍କୁ ଅତ୍ୟାଧୁନିକ ସୁବିଧା ଯୋଗାଇ ଦେବ। ସେହିଭଳି ଅପଦା ସମୟରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଇବ। ଏଥିସହ ଲୋକଙ୍କୁ ସୁବିଧାରେ ଦର୍ଶନ ପାଇଁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ଆରମ୍ଭ କରିଛନ୍ତି ରାଜ୍ୟ ସରକାର।ସେହିଭଳି ଦୈତ ନଗରୀରେ ୨୦୨୭ ଶେଷ ସୁଦ୍ଧା ଶେଷ ହେବ ମେଟ୍ରୋ ରେଳ ପ୍ରକଳ୍ପ ଶେଷ ହେବ ବୋଲି କହିଛନ୍ତି। ୬୨୫୬ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ହେଉଛି। ଗ୍ରାମାଞ୍ଚଳରେ ଗମନ ଗମନକୁ ସୁବିଧା କରିବା ପାଇଁ ୩୦ ଜିଲାର ୬୭୯୮ ପଞ୍ଚାୟତରେ ଲକ୍ଷ୍ମୀ ବସ୍ ଗାଡ଼ାଇବାକୁ ସରକାର ଯୋଜନା କରିଛନ୍ତି। ଅନ୍ୟପଟେ ରାଜ୍ୟପାଳଙ୍କ ଅଭିଭାଷଣକୁ ବିରୋଧ କରି କକ୍ଷତ୍ୟାଗ କରିଛି ▶(ପୃଷ୍ଠା-୧୫)

## ଟ୍ରକ ଓଲଟି ୨ ମୃତ

କେନ୍ଦୁଝର(ଅମୃତ ମିଡିଆ)

ସଉଦା କିଣି ଘରକୁ ଫେରୁଥିଲେ। ଥକା ଲାଗିବାରୁ କଲ୍‌ଭର୍ଟ ଉପରେ ବସି ବିଶ୍ରାମ ନେଉଥିଲେ। ହେଲେ ଜାଣିନଥିଲେ ମୃତ୍ୟୁ ଏମିତି ଆସିବ ବୋଲି। ଦୁଇ ଶ୍ରମିକ ବସିଥିବା କଲ୍‌ଭର୍ଟକୁ ପିଟିଦେଲା ବାଉଁଶ ବୋଝେଇ ଟ୍ରକ୍। କେନ୍ଦୁଝର ଜିଲ୍ଲା ତେଲକୋଇ ଅଞ୍ଚଳରେ।ସୁଆକାଟି ଫାଣ୍ଡି ଉପର କାଇପୁର ଗାଁର ଶୁକ୍ରା ଜୁଆଙ୍ଗ ଓ ଚେମା ଜୁଆଙ୍ଗ ଆଜି ଅପରାହ୍ନ ପ୍ରାୟ ୨ଟା ବେଳେ ସଉଦା କରିବା ପାଇଁ ଠାକୁରଢ଼ିହି ଛକକୁ ଯାଇଥିଲେ। ସେଠାରୁ କିଣାକିଣି କରି ଘରକୁ ଫେରୁଥିବା ବେଳେ ରାସ୍ତା ପାର୍ଶ୍ୱ କଲଭର୍ଟ ବାଡ଼ରେ ବସି ବିଶ୍ରାମ ନେଉଥିଲେ। ଠିକ୍ ସେହି ସମୟରେ ଏକ ପାଉଁଶ ବୋଝେଇ ଟ୍ରକ୍ ଭରସାମ୍ୟ ହରାଇ କଲଭର୍ଟରେ ପିଟି ହୋଇ ଓଲଟି ପଡିଥିଲା। ଘଟଣା ସ୍ଥଳରେ ଶୁକ୍ରା ଓ ଚେମାଙ୍କ ମୃତ୍ୟୁ ଘଟିଥିଲା। ପୁଲିସ୍ ▶(ପୃଷ୍ଠା-୧୫)

### ଡ. ଆମ୍ବେଦକରଙ୍କ ନାମରେ ନାମିତ ହେବ ବରମୁଣ୍ଡା ବସ୍‌ଷ୍ଟାଣ୍ଡ

## ଆମ୍ବେଦକରଙ୍କ ଜୀବନ ଓ ଆଦର୍ଶକୁ ନେଇ କରାଯିବ ସ୍ୱତନ୍ତ୍ର ଗ୍ୟାଲେରୀ

ଭୁବନେଶ୍ୱର(ବ୍ୟୁରୋ)



ଭାରତୀୟ ସମ୍ବିଧାନର ଜନକ ତଥା ସାମାଜିକ ନ୍ୟାୟର ମହାନ ପ୍ରବକ୍ତା ଡକ୍ଟର ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ନାମରେ ନାମିତ ହେବ ଭୁବନେଶ୍ୱର ବରମୁଣ୍ଡାର ନବନିର୍ମିତ ବସ୍ ଷ୍ଟାଣ୍ଡ। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ପ୍ରକାଶ କରିବା ସହ ଡକ୍ଟର ଆମ୍ବେଦକରଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏବେ ବରମୁଣ୍ଡା ବସଷ୍ଟାଣ୍ଡ ବାବା ସାହେବ ଭୀମ ରାଓ ଆମ୍ବେଦକର ବସ୍ ଟର୍ମିନାଲ ଭାବରେ ପରିଚିତ ହେବ।ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଡକ୍ଟର ଆମ୍ବେଦକର ଜଣେ ଦୂରଦର୍ଶୀ ନେତା ସମର୍ପିତ ସମାଜ ସଂସ୍କାରକ ଥିଲେ। ସମାଜର ଦଳିତ ନିଷ୍ପେସିତଙ୍କ ପାଇଁ ସେ ଥିଲେ ଆଶାର ଆଲୋକ। ଏକ ନ୍ୟାୟ ପୂର୍ଣ୍ଣ ସମାଜ ଗଠନ ପାଇଁ ସେ ସାରା ଜୀବନ କାମ କରିଯାଇଛନ୍ତି। ଦେଶ ଗଠନରେ ତାଙ୍କର ମହାନ୍ ଅବଦାନ ଓ ଆଦର୍ଶ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଡକ୍ଟର ବାବାସାହେବ ଆମ୍ବେଦକର ବସଷ୍ଟାଣ୍ଡରେ ୯୦୦ ବର୍ଗ ଫୁଟ ଅଞ୍ଚଳରେ ଏକ ସ୍ୱତନ୍ତ୍ର ଗ୍ୟାଲେରୀ ନିର୍ମାଣ କରାଯିବ। ଡିଜିଟାଲ ଜ୍ଞାନକୌଶଳ ବ୍ୟବହାର ଜରିଆରେ ଡକ୍ଟର ଆମ୍ବେଦକରଙ୍କ ଜୀବନୀ ଓ ଆଦର୍ଶକୁ ଏଠାରେ ସୁନ୍ଦର ଭାବରେ ଉପସ୍ଥାପିତ କରାଯିବ। ଭାରତୀୟ ସମ୍ବିଧାନର ଏକ ନକଲ ସହିତ ବାବା ସାହେବ ଦ୍ୱାରା ବ୍ୟବହୃତ ବିଭିନ୍ନ ଜିନିଷ ମଧ୍ୟ ଏଠାରେ ପ୍ରଦର୍ଶିତ ହେବ। ୧୫.୫ ଏକର ପରିମିତ ଜମିରେ ନିର୍ମିତ ଏହି ବସଷ୍ଟାଣ୍ଡ ▶(ପୃଷ୍ଠା-୧୫)

## ଆସ୍ଥା ଭୋଟ୍ ଜିତିଲେ ଚମ୍ପାଇ ସୋରେନ

### ୪୭ ବିଧାୟକଙ୍କ ସମର୍ଥନ ସହ ବହୁମତ ପ୍ରମାଣିତ କଲେ

ନୂଆଦିଲ୍ଲୀ



ଆସ୍ଥା ଭୋଟ୍ ଜିତିଲା ଚମ୍ପାଇ ସୋରେନଙ୍କ ସରକାର। ଆଜି ବିଧାନସଭାରେ ଚାଲିଥିବା ଫ୍ଲୋର୍ ଟେଷ୍ଟରେ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ ଆସ୍ଥା ଭୋଟରେ ବିଜୟୀ ହୋଇଛନ୍ତି। ୪୭ ବିଧାୟକଙ୍କ ସମର୍ଥନ ସହ ବହୁମତ ପ୍ରମାଣିତ କରିଛନ୍ତି ଚମ୍ପାଇ।ଏହି ବିଜୟ ସହ ଝାଡଖଣ୍ଡରେ ଆରମ୍ଭ ହୋଇଛି ଚମ୍ପାଇ ସରକାର। ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଗିରଫ ହେବା ପରେ ଝାଡଖଣ୍ଡରେ ରାଜନୈତିକ ହଟଚମଟ ଦେଖିବାକୁ ମିଳିଥିଲା।ଜାନୁଆରୀ ୩୧ରେ ହେମନ୍ତ ସୋରେନଙ୍କୁ ଅର୍ଥ ହେରଫେର ମାମଲାରେ ଗିରଫ କରିଥିଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ଏହାପରେ କିଏ ରାଇଜ ମୁଖିଆ ହେବେ, ସେନେଇ ବିଚାରବିମର୍ଶ ହୋଇଥିଲା। ବହୁ ନୂଆ ଚେହେରା ମଧ୍ୟରେ ଶେଷରେ ଚମ୍ପାଇଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଚୟନ କରାଯାଇଥିଲା। ଫେବ୍ରୁଆରୀ ୨ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ ଚମ୍ପାଇ। କିନ୍ତୁ ଚମ୍ପାଇଙ୍କୁ ପୂର୍ଣ୍ଣ ବହୁମତର ପ୍ରମାଣ କରିବାକୁ ପଡିଥିଲା। ଏଥିପାଇଁ ଦୁଇ ଦିନିଆ ସ୍ୱତନ୍ତ୍ର ବିଧାନସଭା ଅଧିବେଶନ ଡକାଯାଇଥିଲା। ୮୧ ସଦସ୍ୟ ବିଶିଷ୍ଟ ଝାଡଖଣ୍ଡ ବିଧାନସଭାର ସଂଖ୍ୟାଗରିଷ୍ଠତା ପାଇଁ ୪୧ ଭୋଟ୍ ଆବଶ୍ୟକ ଥିଲା।

## ନିଜ ବନ୍ଧୁକରୁ ଗୁଳିକରି ବ୍ୟବସାୟୀଙ୍କ ଆତ୍ମହତ୍ୟା

ଢେଙ୍କାନାଳ(ଅମୃତ ମିଡିଆ)

ସଦର ଥାନା ଅଞ୍ଚଳର ଜଣେ ବିଶିଷ୍ଟ ବ୍ୟବସାୟୀ ଆଜି ସନ୍ଧ୍ୟାରେ ନିଜ ବନ୍ଧୁକରୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ମୃତ ବ୍ୟବସାୟୀ ହେଲେ ବଳରାମ ସାହୁ(୬୨)।ସୂଚନା ଅନୁସାରେ ଆଜି ସନ୍ଧ୍ୟାରେ କାଲଟ୍ୟାକ୍ସ ଛକସ୍ଥିତ ନିଜ ଘର ସମ୍ମୁଖରେ ଗୁଳିକରି ଟଳି ପଡ଼ିଥିଲେ।ସାଇଣ୍ଟିଫିକ୍ ଟିମ୍ ପହଞ୍ଚିବା ପରେ ତଦନ୍ତ ଆଗକୁ ବଢ଼ିବ ବୋଲି ଜଣାଯାଇଛି। ତେବେ କେଉଁ କାରଣରୁ ସେ ଏପରି ଗୁଳିକରି ଆତ୍ମହତ୍ୟା କରିଛନ୍ତି ନା ଅନ୍ୟ କିଛି ଘଟିଛି ତାହା ଜଣାପଡ଼ି ନାହିଁ। ଦୁଇ ପୁଅ ଘରେ ନଥିବା ବେଳେ ବଡ଼ ବହୁ ଓ ଦୁଇ ନାତୁଣୀ ଘରେ ଥିଲେ। ସ୍ୱର୍ଗତ ସାହୁଙ୍କର ସଦର ଥାନା ଗୁଣଦେଇପୁର, ନମିତିରାରେ କ୍ରସର ସହ ଗୁଣିଦେଇପୁରରେ ଇଟା ଭ୍ୟାଟି ରହିଛି। ପ୍ରତିଷ୍ଠିତ ବ୍ୟବସାୟୀ ଭାବେ ଜଣାଶୁଣା ଥିବା ବେଳେ ତାଙ୍କର ଏପରି ମୃତ୍ୟୁ ସହରରେ ଶୋକର ଛାୟା ଖେଳାଇ ଦେଇଛି।

### ସେ କହିଲେ...



ଜାନୁଆରୀ ୩୧ ତାରିଖ ହେଉଛି ଦେଶ ପାଇଁ କଳା ଅଧ୍ୟାୟ। ଦେଶରେ ପ୍ରଥମ ଥର ପାଇଁ ଜଣେ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରାଯାଇଥିଲା। ଏଥିରେ ରାଜ ଭବନର ମଧ୍ୟ ସମ୍ପୃକ୍ତି ଅଛି। କେନ୍ଦ୍ରରେ ଶାସକ ଦଳର ଘୃଣା ଲାଗି ଆଜି ଏଭଳି ସ୍ଥିତି ଉପୁଜିଛି। ସେମାନେ ଆମକୁ ଅଛୁଆଁ ବୋଲି ଭାବନ୍ତି। ମୋତେ ଜେଲ୍‌କୁ ପଠାଇ ସେମାନେ ନିଜର ଯୋଜନା ସଫଳ କରିବେ ବୋଲି ଭାବୁଛନ୍ତି। ଯଦି ଅଭିଯୋଗ ପ୍ରମାଣିତ ହୁଏ, ତେବେ ମୁଁ କେବଳ ରାଜନୀତି ନୁହେଁ, ଝାଡ଼ଖଣ୍ଡ ମଧ୍ୟ ଛାଡ଼ିବି। ମୁଁ ଆଦିବାସୀ ହୋଇଥିବାରୁ ମୋତେ ଟାର୍ଗେଟ କରାଯାଉଛି। ଆଦିବାସୀ, ଦଳିତ, ପଛୁଆ ବର୍ଗ ଏବଂ ସଂଖ୍ୟାଲଘୁଙ୍କ ବିରୋଧରେ ଅତ୍ୟାଚାର କରାଯାଉଛି।

**ହେମନ୍ତ ସୋରେନ**
ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ନେତା

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

- ପ୍ରତି ୫ ବର୍ଷରେ ଥରେ ଅନୁଷ୍ଠିତ ହେବ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ
- ମ୍ୟୁଜିୟମର ସମୟସୀମା ଆଉ ୩ ଦିନ ବଢ଼ିଲା
- ଓଡ଼ିଆ ଶବ୍ଦ ଭଣ୍ଡାରକୁ ସମୃଦ୍ଧ କରିବାପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର (ବ୍ୟୁରୋ)




ଉଦ୍‌ଯାପିତ ହୋଇଛି ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି ଯେ ଏହି ସମ୍ମିଳନୀ ପ୍ରତି ୫ ବର୍ଷରେ ଥରେ ଅନୁଷ୍ଠିତ ହେବ ।ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଆମର ଭାଷା ଇତିହାସରେ ସବୁଦିନ ପାଇଁ ଏକ ମାଇଲ ଖୁଣ୍ଟ ହୋଇ ରହିବ ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୫ ବର୍ଷ ପରେ ଆମେ ସମସ୍ତେ ପୁଣି ଥରେ ଏକାଠି ହେବା । ଓଡିଆ ଭାଷାକୁ ଆହୁରି ଆଗକୁ ନେବା ପାଇଁ ମତ ବିନିମୟ କରିବା। ସମ୍ମିଳନୀରେ ଯୋଗ ଦେଇଥିବା ଛାତ୍ରଛାତ୍ରୀ, ଯୁବ ସମାଜ, ଲେଖକ, ଗବେଷକ, ସାହିତ୍ୟିକ, କବି ପ୍ରତ୍ୟେକ ଓଡିଆଙ୍କୁ ସେ ହୃଦୟରୁ ଧନ୍ୟବାଦ ଅର୍ପଣ କରି କହିଥିଲେ ଯେ ଏହି ତିନି ଦିନ ମଧ୍ୟରେ ଆମ ଭାଷାର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି। ଖୁବ ଭଲ ଭଲ ପ୍ରସ୍ତାବ ମଧ୍ୟ ଆସିଛି। ତେବେ ଯେହେତୁ ବର୍ତ୍ତମାନ ବିଧାନ ସଭା ଚାଲିଛି, ତେଣୁ, ଭାଷା ସଂପର୍କରେ ନିଆଯାଇଥିବା ସମସ୍ତ ନିଷ୍ପତ୍ତିକୁ ସେ ବିଧାନ ସଭାରେ ଘୋଷଣା କରିବେ ବୋଲି କହିଥିଲେ। ଯୁଗ ଯୁଗ ଧରି ଓଡିଆ ଭାଷା, ଆମ ଓଡିଆ ଜାତିର ପରିଚୟକୁ ଆଗକୁ ନେଇଛି ବୋଲି ମତଦେଇ ସେ ସମସ୍ତଙ୍କୁ ଆଜିର ମହାର୍ଘ ଅବସରରେ ସମସ୍ତେ ସଂକଳ୍ପ ନେବାକୁ ଆହ୍ୱାନ ଦେଇ କହିଥିଲେ ଯେ ଆସନ୍ତୁ, ଓଡିଆରେ ନୂଆ ନୂଆ ଶବ୍ଦ ସୃଷ୍ଟି କରି ଆମ ଶବ୍ଦ ଭଣ୍ଡାରକୁ ସମୃଦ୍ଧ କରିବା ।ଭାଷା ଉପରେ ବୈଷୟିକ ଜ୍ଞାନର ପ୍ରଭାବ ସଂପର୍କରେ ଆଲୋକପାତ କରି ସେ କହିଥିଲେ ଯେ ବୈଜ୍ଞାନିକ ଉନ୍ମେଷ, ବୈଷୟିକ ଜ୍ଞାନର ଅଗ୍ରଗତି ଓ କମ୍ପୁଟର ଭାଷା ହେଉଛି ବର୍ତ୍ତମାନ ଯୁଗରେ ଭାଷା ପାଇଁ ଏକ ବଡ ଆହ୍ୱାନ । ତେଣୁ, ଓଡିଆ ଭାଷାକୁ ଏହା ସହିତ ସମନ୍ୱିତ କରିବାକୁ ହେବ ବୋଲି ସେ ମତ ଦେଇଥିଲେ ।ଯୁବ ସମାଜକୁ ଆହ୍ୱାନ ଦେଇ ସେ କହିଥିଲେ ଯେ ‘ମୁଁ ଆଶା କରୁଛି ଓଡିଆ ଭାଷା ଆମ ଯୁବପିଢିର ଭାଷା ହେବ । ଆମେ ଆମ ଭାଷାର ଗୌରବକୁ ଅନୁଭବ କଲେ, ଏହା ନିଶ୍ଚୟ ଆଗକୁ ଯିବ।’ସମ୍ମିଳନୀ ଅବସରରେ ଆୟୋଜିତ ମ୍ୟୁଜିଅମ ସମସ୍ତଙ୍କ ମନକୁ ଛୁଇଁଛି। ତେଣୁ ସମସ୍ତଙ୍କ ଅନୁରୋଧରେ ଏହାର ସମୟ ସୀମାକୁ ଆଉ ୩ ଦିନ ବୃଦ୍ଧି କରାଗଲା ବୋଲି ସେ ଘୋଷଣା କରିଥିଲେ ।ପୁରସ୍କାର ପାଇଥିବା ସବୁ ପ୍ରତିଭା ମାନଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ୩ଟି ପୁସ୍ତକର ଉନ୍ମୋଚନ କରିଥିଲେ।

## ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ରୋକିବା ପାଇଁ ଆସିଲା ବିଲ୍

ନୂଆଦିଲ୍ଲୀ

ବିଭିନ୍ନ ପ୍ରବେଶିକା ପରୀକ୍ଷାର ପ୍ରଶ୍ନ ପତ୍ର ଲିକ ଓ ଅନିୟମିତତାକୁ ରୋକିବାକୁ ଅଣ୍ଟା ଭିଡ଼ିଛନ୍ତି ମୋଦି ସରକାର। ଏଥିପାଇଁ ସରକାର ଆଜି ଗୋଟିଏ ବିଲ ଲୋକସଭାରେ ଆଗତ କରିଛନ୍ତି। ଅନିୟମିତତା ଓ ପ୍ରଶ୍ନପତ୍ର ଲିକ ଘଟଣାରେ ଦୋଷୀଙ୍କୁ ୧୦ ବର୍ଷ ଯାଏ ଜେଲ ସହ ୧ କୋଟି ଟଙ୍କାର ଫାଇନ ଲାଗୁ କରାଯିବା ଭଳି କଡ଼ା ନିୟମରେ ବିଲ୍‌ରେ ରହିଛି। ଆଜି ସରକାର ଲୋକସଭାରେ ଏନେଇ ‘The Public Examinations (Prevention of Unfair Means) ବିଲ ୨୦୨୪କୁ ଉପସ୍ଥାପନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଏହାକୁ ଉପସ୍ଥାପନ କରି କହିଛନ୍ତି, ଏହି ବିଲ ଶିକ୍ଷାର୍ଥୀଙ୍କୁ ପ୍ରଭାବିତ କରିବ ନାହିଁ। କିନ୍ତୁ ଏହା ସଂଗଠିତ ଗ୍ୟାଙ୍ଗ, ମାଫିଆ ଓ ଯେଉଁମାନେ ଅନିୟମିତତା କରୁଛନ୍ତି, ସେମାନଙ୍କୁ ଟାର୍ଗେଟ କରି ବ୍ୟବସ୍ଥା କରାଯାଇଛି। ଯଦି ସରକାରୀ ବାବୁମାନେ ମଧ୍ୟ ଏମାନଙ୍କ ସହ ମିଶିଥିବେ, ତା’ହେଲେ ସେମାନଙ୍କୁ ମଧ୍ୟ ସରକାର ଛାଡ଼ିବେ ନାହିଁ ବୋଲି ଶ୍ରୀ ସିଂହ କହିଛନ୍ତି ।ରାଜସ୍ଥାନର ଶିକ୍ଷକ ନିଯୁକ୍ତି ପରୀକ୍ଷା, ହରିଆଣାରେ ଗ୍ରୁପ ଡି ପାଇଁ ସିଇଟି, ଗୁଜରାଟରେ ଜୁନିୟର କ୍ଲର୍କ ନିଯୁକ୍ତି ପରୀକ୍ଷା ଓ ବିହାରରେ କନଷ୍ଟେବଳ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିଲା। ଏଥିପାଇଁ ପରୀକ୍ଷାକୁ ବାତିଲ ମଧ୍ୟ କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ସରକାର ବିଲ୍ ଆଣିଛନ୍ତି। ବିଲ୍‌ରେ ବିଭିନ୍ନ ପ୍ରବେଶିକା ପରୀକ୍ଷା ପାଇଁ ଗୋଟିଏ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବ। ଏହି କମିଟି ପରୀକ୍ଷାକୁ ସୁରକ୍ଷିତ ଭାବେ ପରିଚାଳିତ କରିବ। କମିଟି ପରୀକ୍ଷା ଓ ପ୍ରଶ୍ନପତ୍ର ପ୍ରସ୍ତୁତ ପାଇଁ ପ୍ରୋଟକଲ ପ୍ରସ୍ତୁତ କରିବ। ଆଇଟି ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ପରୀକ୍ଷା କେନ୍ଦ୍ରରେ ସର୍ଭେଲାନ୍ସ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବ। ପ୍ରବେଶିକା ପରୀକ୍ଷା ପାଇଁ ଜାତୀୟ ସ୍ତରର ସେବା ଯୋଗାଇ ଦିଆଯିବ ।କୌଣସି ଗ୍ୟାଙ୍ଗ କିମ୍ବା ଅନାଧିକୃତ ଲୋକ ପରୀକ୍ଷା ପରିଚାଳନାରେ ସାମିଲ ହୋଇପାରିବେ ନାହିଁ ।ସ୍ୱଚ୍ଛତା, ନିରପେକ୍ଷତା ଓ ଉତ୍ତରଦାୟିତ୍ୱକୁ ଅଧିକ ଵୃଦ୍ଧିମନ୍ତ କରିବାକୁ ବିଲ୍‌ରେ ବ୍ୟବସ୍ଥା ହୋଇଛି ।ଠକେଇ ଓ ଆର୍ଥିକ ହେରଫେର ପାଇଁ ନକଲି ୱେବସାଇଟ ▶(ପୃଷ୍ଠା-୧୫)



# ହାର୍ଟକୁ ସୁସ୍ଥ ରଖିବା ପାଇଁ

*ନିଜ ହାର୍ଟକୁ ସୁସ୍ଥ ରଖିବା ପାଇଁ ସବୁଦିନେ କରନ୍ତୁ ଏହି ବ୍ୟାୟାମ, ଶରୀର ରହିବ ସୁସ୍ଥ ନିଜ ଶରୀର ପାଇଁ ସବୁବେଳେ ସଜାଗ ରହିବା ନିହାତି ଦରକାର। ପୁଣି ବର୍ତ୍ତମାନ ଆପଣ ଜାଣିଥିବେ ହୃଦୟ ଜନିତ ରୋଗ ଅଧିକ ବ୍ୟାପିବାରେ ଲାଗିଛି। ତେଣୁ ଆଜି ଆପଣଙ୍କୁ କହିବୁ ସର୍ବୋତ୍ତମ ବ୍ୟାୟାମ ଦ୍ୱାରା କିପରି ଆପଣ ନିଜର ସ୍ୱାସ୍ଥ୍ୟ ବା ହୃଦୟକୁ ଠିକ୍ ରଖି ପାରିବେ।*

ବାସ୍ତବରେ ଯଦି ଆପଣ ବ୍ୟାୟାମ କରନ୍ତି ନାହିଁ ତେବେ ଆପଣଙ୍କ ଥରେ ହୃଦଘାତ ହେବାର ସମ୍ଭାବନା ଅଧିକ ଥାଏ। ଆପଣଙ୍କର ହୃଦୟ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରୁଛନ୍ତି, ତେବେ ଆପଣଙ୍କୁ ଏକ ନିୟମିତ ବ୍ୟାୟାମ ରୁଟିନ୍ କରିବାକୁ ପଡିବ। ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଆପଣ ସପ୍ତାହରେ ଅତି କମରେ ୧୫୦ ମିନିଟ୍ ବ୍ୟାୟାମ କରିବା ଉଚିତ୍। କିନ୍ତୁ କିଛି ବ୍ୟାୟାମ ରହିଛି ଯାହା ଅପଙ୍କ ହାର୍ଟ ପାଇଁ ଭଲ। ଆପଣଙ୍କ ହୃଦୟକୁ ସୁସ୍ଥ ରଖିବା ପାଇଁ ଜାଣନ୍ତୁ ସର୍ବୋତ୍ତମ ବ୍ୟାୟାମ।

## ୧. ଚାଲିବା

ସବୁଠାରୁ ସହଜ ବ୍ୟାୟାମ ହେଉଛି ଚାଲିବା କିନ୍ତୁ ଏଥି ପାଇଁ ଆପଣଙ୍କୁ ଉଚିତ୍ ସମୟ ମଧ୍ୟ ଜାଣିବାକୁ ପଡ଼ିବ। ହୃଦୟକୁ ମଜବୁତ କରିବାର ଏହା ଏକ ଉତ୍ତମ ଉପାୟ। ଦ୍ରୁତ ଗତିରେ ଚାଲିବା ଆପଣଙ୍କ ହୃଦସ୍ପନ୍ଦନକୁ ବଢ଼ାଇବ ଓ ଆପଣଙ୍କୁ ସୁସ୍ଥ ରଖିବ। ଚାଲିବାର ଭଲ ସମୟ ହେଉଛି ସକାଳ ଓ ସନ୍ଧ୍ୟା। କାରଣ ଏହି ସମୟରେ ପରିବେଶ ବାତାବରଣ ଠିକ୍ ଥାଏ। ଆପଣ ଖାଲି ପଦରେ ଯଦି ଘାସରେ ଚାଲୁଛନ୍ତି ଏହା ଆପଣଙ୍କ ପାଇଁ ଭଲ ହୋଇଥାଏ। କାରଣ ଏହା ପାଦର ରକ୍ତ ସଞ୍ଚାଳନ କରିବା ସହିତ ହାର୍ଟ ମଧ୍ୟ ଠିକ୍ ରଖେ।



## ୨. ଓଜନ ପ୍ରଶିକ୍ଷଣ

ଆପଣ ୱେଟ ଟ୍ରେନିଂ ମଧ କରି ପାରିବେ ହାର୍ଟ ପାଇଁ କିନ୍ତୁ ଏହା ସମସ୍ତଙ୍କ ପାଇଁ ଉଚିତ୍ ନୁହେଁ। ଏହା ଆପଣଙ୍କ ମସଲ ତିଆରି କରିବା ସହିତ ହାର୍ଟ ଚର୍ବି ନଷ୍ଟ କରେ ଯାହାକି ଆପଣଙ୍କ ହାର୍ଟ ପାଇଁ ଖୁବ୍ ଭଲ। ପୁସ୍ ଅପ୍, ସ୍କ୍ୱାଟ, ପୁଲ୍ ଅପ୍ ଆପଣ କରିପାରିବେ। ଓଜନ ପ୍ରଶିକ୍ଷଣ ଆପଣଙ୍କୁ ମାଂସପେଶୀ ଗଠନ ଏବଂ ଚର୍ବି ଜାଳିବାରେ ସାହାଯ୍ୟ କରିବ।



ଏହା ହାଡ ଏବଂ ହୃଦୟ ସ୍ୱାସ୍ଥ୍ୟରେ ସହାୟକ ହୋଇଥାଏ।

## ୩. ପହଁରିବା

କେବଳ ଗ୍ରୀଷ୍ମ ଋତୁରେ ପହଁରିବା ନୁହେଁ ସବୁଦିନେ ପହଁରିବା ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ହିତକର ହୋଇଥାଏ।ୱାଟର ଏରୋବିକ୍ସ କ୍ଲାସ୍ କିମ୍ବା ସୁଇମିଂ ଲାପ୍ ନେବା ଏକ ସମ୍ପୂର୍ଣ୍ଣ ଶରୀରର ବ୍ୟାୟାମ ହୋଇପାରେ ଯାହା କେବଳ ଆପଣଙ୍କ ଶରୀରକୁ ନୁହେଁ, ଆପଣଙ୍କ ହୃଦୟକୁ ମଧ ଦୃଢ଼ ରଖେ। ଅନ୍ୟ ପ୍ରକାରର ବ୍ୟାୟାମ ପରି, ଆପଣଙ୍କ ଅପିଁ ପହଁରିବା ସହଜ ଏବଂ ଆପଣଙ୍କୁ ବହୁତ ଯନ୍ତ୍ରଣା ବିନା ଶରୀରକୁ



ଚଳାଇବାକୁ ଅନୁମତି ଦେଇଥାଏ।

## ୪. ଯୋଗ

ଯୋଗ ଆପଣଙ୍କ ହୃଦୟ ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ। ଯୋଗ କରିବା ଦ୍ୱାରା ଆପଣଙ୍କ ମାଂସପେଶୀକୁ ଏହା ମଜବୁତ କରେ। କେତେକ ପ୍ରକାରର ଯୋଗ ପ୍ରକୃତରେ ଆପଣଙ୍କ ହୃଦସ୍ପନ୍ଦନକୁ ଠିକ୍ ଭାବେ ରଖିବାରେ ସାହାଯ୍ୟ କରେ। ଏହା ଆପଣଙ୍କ ରକ୍ତଚାପକୁ ମଧ ଠିକ୍ ରଖେ।



## ୫. ସାଇକେଲ ଚଲାଇବା

ଆପଣ ସାଇକେଲ ଚଲାଇ ମଧ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇ ନିଜ ହାର୍ଟକୁ ଠିକ୍ ରଖି ପାରିବେ।ହୃଦ୍ ?ରୋଗର ଆଶଙ୍କା କମାଇବାରେ ସାଇକେଲ ଚଲାଇବା ସାହାଯ୍ୟ କରେ। ଏହା ଆପଣଙ୍କ ଗୋଡରେ ଆପଣଙ୍କର ବଡ଼ ମାଂସପେଶୀ ବ୍ୟବହାର କରେ, ଯାହା ଆପଣଙ୍କ ହୃଦସ୍ପନ୍ଦନକୁ ବଢ଼ାଇବାରେ ସାହାଯ୍ୟ କରେ। ସାଇକେଲ ଚଲାଇବା ଦ୍ୱାରା ଆପଣଙ୍କ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆସେ। ଏହା ମଧ ଆପଣଙ୍କ ହାର୍ଟକୁ ଠିକ୍ ରଖିବ। ତେବେ ଆପଣ ସପ୍ତାହରେ ୪ ଥର ଯୋଗ କରିବା ଉଚିତ୍। ଏହା ସହିତ ଅଧିକ ଚାଲିବାକୁ ଚେଷ୍ଟା କରନ୍ତୁ।

# ନୈସର୍ଗିକ ଶୋଭାର ଭଣ୍ଡାର କଳାହାଣ୍ଡି

*ବଣ ପାହାଡ଼ ଘେରା କଳାହାଣ୍ଡି ଜିଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅନନ୍ୟ। ଏଠାକାର ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ଯେତିକି ଆକର୍ଷିତ କରେ ଏଠାରେ ଥିବା ମନ୍ଦିର ଓ ଐତିହାସିକ କୀର୍ତ୍ତିରାଜି ବି ସେତିକି ମନ ମୋହେ। ଫୁରଲି ଝରନ୍ ଜଳପ୍ରପାତ ହେଉ କି ଜାକମ୍ ବଙ୍ଗଳା ଅବା କର୍ଲାପାଟ ଅଭୟାରଣ୍ୟ- ସବୁ ପର୍ଯ୍ୟଟନ ସ୍ଥଳୀ ଲୋକଙ୍କୁ ଆକୃଷ୍ଟ କରିଥାଏ। ତା'ହେଲେ ଆସନ୍ତୁ ଜାଣି ନେବା କଳାହାଣ୍ଡି ଜିଲ୍ଲାର ଏଇ ସବୁ ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ସମ୍ପର୍କରେ।*



## ଫୁରଲି ଝରନ୍

କଳାହାଣ୍ଡି ଜିଲ୍ଲାରେ ରିହିଛି କେତୋଟି ଛୋଟବଡ଼ ଜଳପ୍ରପାତ। ସେଥି ମଧ୍ୟରୁ ଫୁରଲି ଝରନ୍ ଅନ୍ୟତମ। ଘଞ୍ଚ ଅରଣ୍ୟ ପରିବେଷ୍ଟିତ କର୍ଲାପାଟ ଅଭୟାରଣ୍ୟରେ ଅଛି ଫୁରଲି ଝରନ୍ ଜଳପ୍ରପାତ। ପ୍ରାୟ ୪୦ଫୁଟ୍ ଉଚ୍ଚ ପାହାଡ଼ ଉପରୁ ଝରଣାର ପାଣି ତଳକୁ ଲମ୍ଫ ପ୍ରଦାନ କରୁଛି। ଫୁରଲି ଝରନ୍‌ର ମନୋରମ ପ୍ରାକୃତିକ ପରିବେଷ ବର୍ଷ ତମାମ୍ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ବର୍ଷା ଋତୁରେ ଝରଣାର ସ୍ରୋତ ଅଧିକ ଥାଏ। ତେଣୁ ଦୂରରୁ ଥାଇ ପର୍ଯ୍ୟଟକମାନେ ଏହି ଜଳପ୍ରପାତର ସୌନ୍ଦର୍ଯ୍ୟକୁ ଉପଭୋଗ କରିଥା'ନ୍ତି। ଜଳପ୍ରପାତର ମନୋରମ ଦୃଶ୍ୟ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ମନକୁ ବିଭୋର କରିଥାଏ। ପିକ୍‌ନିକ୍ ପାଇଁ ଏହା ଉପଯୁକ୍ତ ସ୍ଥାନ। ବିଶେଷ କରି ଶୀତ ଋତୁରେ ଫୁରଲି ଝରନ୍‌ରେ ପର୍ଯ୍ୟଟକଙ୍କ ଭିଡ଼ ଜମେ। ଓଡ଼ିଶାର ବିଭିନ୍ନ ସ୍ଥାନ ସମେତ ଛତିଶଗଡ଼ରୁ ପର୍ଯ୍ୟଟକମାନେ ଏଠାକୁ ବୁଲାବୁଲି କରିବାକୁ ଆସନ୍ତି। ଭବାନୀପାଟଣା ତଥା ଆଖପାଖର ଲୋକମାନେ ଏଠାକୁ ପିକ୍‌ନିକ୍ କରିବାକୁ ଆସନ୍ତି। ଜିଲ୍ଲା ସଦର ମହକୁମା ଭବାନୀପାଟଣାଠାରୁ ଫୁ ?ଲି ଝରନ୍ ଜଳପ୍ରପାତର ଦୂରତା ମାତ୍ର ୧୬ କିଲୋମିଟର। ଭବାନୀପାଟଣାଠାରୁ ଥୁଆମୂଳ ରାମପୁର ରାସ୍ତାରେ ୧୨ କିଲୋମିଟର ଗଲେ ପଡ଼େ ଶଗଡ଼ା। ଶଗଡ଼ାଠାରୁ ମାତ୍ର ୪ କିଲୋମିଟର ଗଲେ ପଡ଼େ ଫୁରଲି ଝରନ୍। ଭବାନୀପାଟଣାଠାରୁ ଟ୍ୟାକ୍ସି କିମ୍ବା ଅଟୋରେ ଫୁରଲି ଝରନ୍ ଯାଇହେବ। ଫୁରଲି ଝରନ୍ ଜଳପ୍ରପାତ ବ୍ୟତୀତ ଘୁଷୁରୀ ଗୁଡ଼ି, ରାବଣ ଦର, ଖଣ୍ଡୁଆଳ ଓ ଗୋବର ଗୋଲା ଆଦି ଜଳପ୍ରପାତ ରହିଛି କଳାହାଣ୍ଡି ଜିଲ୍ଲାରେ। ଏହି ସବୁ ଜଳପ୍ରପାତ ପର୍ଯ୍ୟଟକଙ୍କ ହୃଦୟରେ ଅପୂର୍ବ ଶିହରଣ ସୃଷ୍ଟି କରେ।

ଜାକମ୍ ବଙ୍ଗଳା ଫୁରଲି ଝରନ୍‌ଠାରୁ ୪ କିଲୋମିଟର ଗଲେ ପଡ଼େ ଜାକମ୍। ଏଠାରେ ରହିଛି ବନ ବିଭାଗର ଏକ କାଠ ନିର୍ମିତ ସୁଦୃଶ୍ୟ ଡାକ ବଙ୍ଗଳା। ଶଗଡ଼ା ନଦୀ କୂଳରେ ରହିଛି ଏହି କାଠ ନିର୍ମିତ ବଙ୍ଗଳା। ଏହି ଡାକ ବଙ୍ଗଳାରେ ବିଶେଷତ୍ୱ ହେଉଛି ଏହାର କାନ୍ଥ, ବାଡ଼, ଛାତ, ଚଟାଣ, କବାଟ ଓ ଝରକା ସବୁ କାଠରେ ନିର୍ମିତ। ସୁଟ୍ ସାଙ୍ଗକୁ ଏଠାରେ ରହିଛି ଏକ ୱାଚ୍ ଟାୱାର। ଡାକ ବଙ୍ଗଳାରେ ରହି ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରି ହେବ। ତେବେ ଏହି ଡାକ ବଙ୍ଗଳାରେ ରହିବା ପାଇଁ ବନ ବିଭାଗର ଅନୁମତି ଆବଶ୍ୟକ। ପର୍ଯ୍ୟଟକମାନେ ଭବାନୀପାଟଣା ଡିଏଫ୍‌ଓଙ୍କଠାରୁ ଅନୁମତି ନେଇ ଏଠାରେ ରହିପାରିବେ। ଜାକମ୍‌ରେ ପିକ୍‌ନିକ୍ ପାଇଁ ଶୀତ ଋତୁରେ ବେଶ୍ ଭିଡ଼ ଜମେ। ଏଠାରେ ଥିବା ବିଭିନ୍ନ କିସମର ଫୁଲରେ ପରିପୂର୍ଣ୍ଣ ଉଦ୍ୟାନ



ଦର୍ଶକଙ୍କୁ ଆନମନା କରିଦିଏ। ସେହିପରି ଏଠାରେ ରହିଛି ଅନେକ ଔଷଧୀୟ ବୃକ୍ଷଲତା। ପ୍ରାକୃତିକ ସୌନ୍ଦର୍ଯ୍ୟର ଆକର୍ଷଣ ତଥା ପିକ୍‌ନିକ୍ ପାଇଁ ପର୍ଯ୍ୟଟକମାନେ ଏଠାକୁ ଆସିଥାଆନ୍ତି। ତେବେ ଏଠାରେ ବନ୍ୟଜନ୍ତୁ ଭୟ ଥିବାରୁ ସନ୍ଧ୍ୟା ପୂର୍ବରୁ ଭୋଜି ସାରି ଫେରିବାକୁ ପଡ଼ିଥାଏ।

## କର୍ଲାପାଟ ଅଭୟାରଣ୍ୟ

କଳାହାଣ୍ଡି ଜିଲ୍ଲାର କର୍ଲାପାଟ ଅଭୟାରଣ୍ୟ ବେଶ୍ ପରିଚିତ। ସର୍ବଦା ଏଠାକାର ସୁନ୍ଦର ପ୍ରାକୃତିକ ପରିବେଶ ଓ ଜୀବଜନ୍ତୁ ପର୍ଯ୍ୟଟକଙ୍କର ମୁଖ୍ୟ ଆକର୍ଷଣ ହୋଇଆସିଛି। ଘଞ୍ଚ ବାଉଁଶ ଓ ଅନନ୍ୟ ଗଛଲତାରେ ପରିପୂର୍ଣ୍ଣ କର୍ଲାପାଟ ଜଙ୍ଗଲରେ ଶଗଡ଼ା ନଦୀ ସହିତ ଅନେକ ଛୋଟ ବଡ଼ ଝରଣା ରହିଛି। ଏହି ଜଙ୍ଗଲ ଭିତରେ ରହିଛନ୍ତି ହାତୀ, ବାଘ ଭାଲୁ, ଠେକୁଆ, ମୟୁର ଆଦି ବିଭିନ୍ନ ପ୍ରଜାତିର ପଶୁପକ୍ଷୀ। ଜୀବଜନ୍ତୁଙ୍କ ସୁରକ୍ଷା ଦୃଷ୍ଟିରୁ କର୍ଲାପାଟ ଜଙ୍ଗଲକୁ ୧୯୯୨ ମସିହାରୁ ସରକାର ଅଭୟାରଣ୍ୟ ଘୋଷଣା କରିଛନ୍ତି। ଫୁରଲି ଝରନ୍ ଜଳପ୍ରପାତ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ କର୍ଲାପାଟ ଅଭୟାରଣ୍ୟ ବୁଲିବାର ସୁଯୋଗକୁ ହାତଛଡ଼ା କରିନଥା'ନ୍ତି। କର୍ଲାପାଟରେ ରହିଛି ମା' ମାଣିକେଶ୍ୱରୀଙ୍କ ମନ୍ଦିର। ପର୍ଯ୍ୟଟକମାନେ ପ୍ରାକୃତିକ ପରିବେଶ ମଧ୍ୟରେ ମା'ଙ୍କୁ ଦର୍ଶନ କରି ଆପାର ଶାନ୍ତି ଲାଭ କରନ୍ତି।



## ଅସୁରଗଡ଼ ଦୁର୍ଗ

ନର୍ଲା ଥାନା ଅଞ୍ଚଳରେ ରହିଛି ଐତିହାସିକ ଅସୁରଗଡ଼ ଦୁର୍ଗ। ନର୍ଲାଠାରୁ ମାତ୍ର ୫ କିଲୋମିଟର ଓ ରୁପ୍ରା ରେଳ ଷ୍ଟେସନ୍ ?ଠାରୁ ମାତ୍ର ୩ କିଲୋମିଟର



ଦୂରରେ ରହିଛି ଏହି ଦୁର୍ଗ। ଆଜି ବି ଏହି ଦୁର୍ଗର ଭଗ୍ନାବଶେଷ ଦେଖିଲେ ଜଣାପଡ଼େ ଯେ ଏହାର ନିର୍ମାଣ ଶୈଳୀ କେତେ ଉନ୍ନତ ମାନର ଥିଲା। ଏବେ ବି ପର୍ଯ୍ୟଟକ ଓ ଗବେଷକମାନଙ୍କ ପାଇଁ ଅସୁରଗଡ଼ ଦୁର୍ଗ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ଦୁର୍ଗଭଳି କଳାହାଣ୍ଡି ଜିଲ୍ଲାରେ ଆଉ ଏକ ପ୍ରାଚୀନ ଦୁର୍ଗ ହେଉଛି ଆମଠାଗୁଡ଼ ଦୁର୍ଗ।



# ଓଜନ ହ୍ରାସ କରେ ସାଲାଡ୍

*କେତେକ ଲୋକେ ଟମାଟୋ ଓ କାକୁଡିର ରାଇତା ପ୍ରସ୍ତୁତ କରି ଖାଇଥାଆନ୍ତି। ଆପଣ ମଧ ଯଦି ଟମାଟୋ ଓ କାକୁଡିରେ ଦହି ମିଶାଇ ଖାଉଥିବେ, ତେବେ ଏହି ଅଭ୍ୟାସ ତୁରନ୍ତ ବଦଳାଇ ଦିଅନ୍ତୁ।*

ଓଜନ ହ୍ରାସ ପାଇଁ ସର୍ଭିଙ୍କ ଇଚ୍ଛା। ଏଥିପାଇଁ ଭିନ୍ନ ଭିନ୍ନ ଉପାୟ ମଧ ଆପଣାଇ ଥାଆନ୍ତି। ବିଶେଷ କରି ଓଜନ ହ୍ରାସ ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ବିଶେଷ ସାଲାଡ୍‌ର ନିଶ୍ଚିତ ସେବନ କରିଥାଆନ୍ତି। ଆଜ୍ଞା ହଁ ଖାଦ୍ୟ ଖାଇବାର ୩୦ ମିନିଟ୍ ପୂର୍ବରୁ ଏକ ପ୍ଲେଟ ସାଲାଡ ଖାଇବା ଦ୍ୱାରା ଭୋକର ମାତ୍ରା ମଧ କମ ହୋଇଥାଏ। ଫଳରେ ବ୍ୟକ୍ତିଙ୍କ ଓଜନ ମଧ ବୃଦ୍ଧି ହୋଇନଥାଏ। ସାଲାଡ୍ରେ ଥିବା ପୋଷକ ତତ୍ତ୍ୱ ସ୍ୱାସ୍ଥ୍ୟ ପାଇଁ ମଧ ଖୁବ ଉପକାରୀ। ମାତ୍ର ଅନେକ ଥର ସାଲାଡକୁ ସ୍ୱାଦିଷ୍ଟ କରିବା ପାଇଁ ଖାଇବା ସମୟରେ ଜାଣତରେ ଅଜାଣତରେ କରୁଥିବା ଭୁଲ୍ ପାଇଁ ଏହା ସ୍ୱାସ୍ଥ୍ୟ ପାଇଁ ଉପକାରୀ ହେବା ବଦଳରେ କ୍ଷତି କରିଥାଏ। ଜାଣନ୍ତୁ ସେହି ଭୁଲ୍ ବିଷୟରେ .. ରାତି ସମୟରେ ଫଳ ସାଲାଡ ଅନେକ ଖାଇଥାଆନ୍ତି। ଏହି ଅଭ୍ୟାସ ଥିଲେ ତୁରନ୍ତ ବଦଳାଇ ଦିଅନ୍ତୁ। ଫଳ ସାଲାଡ ଖାଇବାର ସଠିକ୍ ସମୟ ଦିନ। ଏହାସହ ଖାଦ୍ୟ ଖାଇବାର ପରେ ମଧ ଫଳ ସାଲାଡ ଖାଇବା ଉଚିତ ନୁହେଁ। ଏହାଦ୍ୱାରା ରକ୍ତରେ ଶର୍କରାର ମାତ୍ରା ଅଧିକ ହୋଇଥାଏ। କେତେକ ଲୋକେ ଟମାଟୋ ଓ କାକୁଡିର ରାଇତା ପ୍ରସ୍ତୁତ କରି ଖାଇଥାଆନ୍ତି। ଆପଣ ମଧ ଯଦି ଟମାଟୋ ଓ କାକୁଡିରେ ଦହି ମିଶାଇ ଖାଉଥିବେ, ତେବେ ଏହି ଅଭ୍ୟାସ ତୁରନ୍ତ ବଦଳାଇ ଦିଅନ୍ତୁ। ଏହା ପାଚନ ତନ୍ତ୍ର ଉପରେ କୁପ୍ରଭାବ ପକାଇବା ସହ ଖାଦ୍ୟକୁ ଭଲ ଭାବେ ହଜମ ହେବାକୁ ଦେଇନଥାଏ। ଏହା ଖାଇବା ଦ୍ୱାରା ଏସିଡିଟି ସମସ୍ୟା ମଧ ବୃଦ୍ଧି ପାଇଥାଏ। କାକୁଡି ଓ ଟମାଟୋ ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ। ମାତ୍ର ଏହାକୁ ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ ନୁହେଁ। ଏକାସହ କାକୁଡି ଓ ଟମାଟୋ ଖାଇବା ଦ୍ୱାରା ପାଚନ ତନ୍ତ୍ର ଉପରେ କୁପ୍ରଭାବ ପକାଇଥାଏ। ଏହାଦ୍ୱାରା ପେଟରେ ଗ୍ୟାଷ୍ଟ୍ରିକ, ବଦହଜମି, ପେଟ ଯନ୍ତ୍ରଣା, ଥକ୍କାପଣ ଭଳି ସମସ୍ୟା ଦେଖାଦେଇଥାଏ। କିଛି ଲୋକ ସାଲାଡ୍‌କୁ ଅଧିକ ସ୍ୱାଦିଷ୍ଟ କରିବା ପାଇଁ ଏଥିରେ ଚିଜ୍ ଓ ମିଓନିଜ୍ ପକାଇ ଥାଆନ୍ତି।



# ଉପକାରୀ ମାଛ

ସୁସ୍ଥ ଶରୀର ପାଇଁ ଉତ୍ତମ ଖାଦ୍ୟର ନିତାନ୍ତ ଆବଶ୍ୟକତା ରହିଛି। ଶରୀରକୁ ସୁସ୍ଥ ସବଳ ରଖିବା ନିମନ୍ତେ ଖାଦ୍ୟରେ ଉତ୍ତମ ପୋଷଣ ରହିବା ଜରୁରୀ। ବଡ଼ମାନଙ୍କ ପାଇଁ ଯେତିକି ପୋଷଣର ଆବଶ୍ୟକତା ରହିଛି ଛୋଟ ପିଲାଙ୍କ ଠାରେ ସେହିଭଳି ରହିବା ଆବଶ୍ୟକ। ଆମେ ପ୍ରତିଦିନ ଖାଦ୍ୟରେ ସାମିଲ କରୁଥିବା ପୋଷକତତ୍ତ୍ୱ ମଧ୍ୟରୁ ମାଛ ଅତ୍ୟନ୍ତ ଉପକାରୀ ଯାହା ଛୋଟ ପିଲାଙ୍କ ପାଇଁ ଜରୁରୀ ମନେ ହୋଇଥାଏ। ମାଛରେ ଅନେକ ପୋଷକତତ୍ତ୍ୱ ରହିଛି ଯାହା ଛୋଟ ପିଲାମାନଙ୍କ ପ୍ରଖର ବୁଦ୍ଧିରେ ସାହାଯ୍ୟ କରିଥାଏ। ମାଛରେ ଭରପୂର ମାତ୍ରାରେ ପ୍ରୋଟିନ୍, ଆଇରନ ଏବଂ ମିନେରାଲ୍‌ସ ରହିଛି ଯାହା ଛୋଟ ପିଲାମାନଙ୍କ ପାଇଁ ଖୁବ୍ ଲାଭଦାୟକ। ଏହାଦ୍ୱାରା ମନ ଓ ମସ୍ତିଷ୍କ ଉଭୟ ଠିକ୍ ରହିଥାଏ।

**ମାଛରେ ପୋଷକତତ୍ତ୍ୱ ରହିଛି :**

ସେଲମନ, ଏନକାବିଜ ଏବଂ ସାର୍ଡିନେଜ ଭଳି ମାଛରେ ଭରପୂର ମାତ୍ରାରେ ଓମେଗା-୩, ଭିଟାମିନ ଡି ଏବଂ ଡିଏଚଏ ରହିଛି। ସେହପରି ପୋହଳା ମାଛ, କଉ, ରୋହି, ଚାନ୍ଦି, ମରୁଆ ଆଦି ମାଛରେ ଭିଟାମିନ ରହିଛି। ସାଲମାନ ମାଛରେ କାଲସିଟୋନ ନାମକ ପ୍ରୋଟିନ ରହିଥାଏ ଯାହା ହାଡ଼କୁ ଶକ୍ତ କରିଥାଏ। ଦୁଇବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ପ୍ରତି ସପ୍ତାହରେ ୩୦ ରୁ ୬୦ ଗ୍ରାମ ପର୍ଯ୍ୟନ୍ତ ମାଛ ଖାଇବାକୁ ଦେବା ଦରକାର। ଏଥିରେ କ୍ୟାଲସିୟମ, ଜିଙ୍କ ଏବଂ ମ୍ୟାଗ୍ନେସିୟମ ଥାଏ ଯାହା ଶିଶୁର ଶରୀର ବୃଦ୍ଧିରେ ସାହାଯ୍ୟ କରିଥାଏ। ମାଛରେ ଥିବା ଭିଟାମିନ ଏ ଓ ଡିଏଚଏ ଆଖି ଏବଂ ମସ୍ତିଷ୍କକୁ ଶକ୍ତ କରିଥାଏ।

# ଉପକାରୀ ଦେଶୀଘିଅ



ବଜାରରେ ମିଳୁଥିବା ସାଧାରଣ ଘିଅ ଅପେକ୍ଷା ଦେଶୀଘିଅ ଯେପରି ଘରେ ଲହୁଣି ମରାଯାଇ ଯେଉଁ ଘିଅ ପ୍ରସ୍ତୁତ କରାଯାଇଥାଏ ତାହା ଶରୀର ପାଇଁ ଅତ୍ୟନ୍ତ ଉପକାରୀ ହୋଇଥାଏ। ଏହା ଶରୀରକୁ ଶକ୍ତି ଯୋଗାଇବା ସହ ମସ୍ତିଷ୍କକୁ ମଧ୍ୟ ସୁସ୍ଥ ରଖିଥାଏ। ଶରୀରରେ ଥିବା ଅଦରକାରୀ ଜିନିଷକୁ ନିର୍ଗତ କରିଥାଏ। ଶରୀରରେ ଥିବା ଆବଶ୍ୟକୀୟ ଅଙ୍ଗ ଆଖି, କାନ, ଚର୍ମ ଆଦିକୁ ସୁରକ୍ଷିତ ରଖିଥାଏ। ଏହାସହ ଆମ ଶରୀରରେ ଥିବା ମାଂସପେଶୀକୁ ମଧ୍ୟ ଶକ୍ତ କରିଥାଏ। ଏହା ଶରୀରରେ କୋଲେଷ୍ଟୋରଲ ମାତ୍ରାକୁ ବିଶେଷ ଭାବରେ ପ୍ରଭାବିତ କରିନଥାଏ। ଦେଶୀଘିଅରେ ଭିଟାମିନ୍ ଏ, ଡି ଏବଂ କେ ଭରପୂର ମାତ୍ରାରେ ରହିଛି। ଯଦି କେହି ହୃଦ୍‌ଘାତଜନିତ କିମ୍ବା ମେଦବହୁଳତା ରୋଗରେ ଆକ୍ରାନ୍ତ ତେବେ ଦେଶୀଘିଅକୁ ଖାଦ୍ୟରେ ଖାଇପାରିବେ। ପ୍ରତ୍ୟେକ ବ୍ୟକ୍ତି ୧୦ ରୁ ୧୫ ଗ୍ରାମ୍ ଘିଅ ଖାଇବା ଉଚିତ୍। ଆପଣ ପ୍ରତିଦିନ ଖାଇବାରେ ଦେଶୀଘିଅକୁ ସାମିଲ କରିବା ଶରୀର ପାଇଁ ବେଶ୍ ଉପଯୋଗୀ ହୋଇଥାଏ। ଏହା ବ୍ୟତୀତ ଜ୍ୱର, ଅଣ୍ଡାଜନିତ ରୋଗ ଇସନଫୁଲିଆ ପାଇଁ ଏହା ଅତ୍ୟନ୍ତ ଜରୁରୀ ହୋଇଥାଏ।

# ଭଲ ନିଦ ପାଇଁ ଖାଆନ୍ତୁ ଏହି ଜିନିଷ

ଦିନଯାକ ପରିଶ୍ରମ ପରେ ରାତିରେ ସଠିକ ପରିମାଣରେ ନିଦ ହେବା ନିତାନ୍ତ ଆବଶ୍ୟକ। ତେବେ ଶୋଇବା ପୂର୍ବରୁ ଏପରି କିଛି ସ୍ୱତନ୍ତ୍ର ଖାଦ୍ୟପେୟ ରହିଛି,ଯାହାର ସେବନ କରିବା ଦ୍ୱାରା ଅନିଦ୍ରା ସମସ୍ୟା ଦୂର ହେବା ସହ ଉତ୍ତମ ନିଦ ହେବାରେ ବେଶ ସହାୟକ ହୋଇଥାଏ। ପୋଟାସିୟମ ଓ ମେଗ୍ନିସିୟମରେ ଭରପୁର ଥିବା କଦଳୀ ମାଂସପେଶୀକୁ ଆରାମ ଦେବାରେ ସହାଯ୍ୟ କରିଥାଏ। ଏହାସହ ଆପଣଙ୍କୁ ଅଧିକ ଆରାମ ଅନୁଭବ ମଧ କରାଯାଇଥାଏ। ତେଣୁ ଉତ୍ତମ ନିଦ ହୋଇଥାଏ। ମାତ୍ର ସବୁଜ ଚୋପା ଥିବା ପାଚିଲା କଦଳୀ ଖାଇବା ଅଧିକ ଲାଭଦାୟକ। ଅନେକ ସ୍ୱାସ୍ଥ୍ୟକର ଖାଦ୍ୟ ମଧ୍ୟରୁ ବାଦାମ ଗୋଟିଏ। ଏହା ଉତ୍ତମ ନିଦ ହେବାରେ ବେଶ ସହାୟକ ହୋଇଥାଏ। ବାଦାମରେ କ୍ୟାଲସିୟମ ଭରପୁର ମାତ୍ରାରେ ରହିଛି। ଯାହା ଶରୀରକୁ ଶାନ୍ତ କରିବା ସହ ମାଂସପେଶୀକୁ ଆରାମ ପ୍ରଦାନ କରିବାରେ ସହାୟକ ହୋଇଥାଏ। ଏହାସହ ଅଖରୋଟର ମଧ ସେବନ କରିପାରିବେ।



# ହେଉନି ବିଦ୍ୟୁତ୍ ସଂଯୋଗ, ଅନ୍ଧାରରେ ବାଘୁଆପାଟ ଗାଁ



**ବନ୍ତଲା(ଅମୃତ ମିଡିଆ):** ବିଦ୍ୟୁତ୍ ଖୁଣ୍ଟ ପୋତା ହୋଇଛି। ତାର ବିଟଣାଯାଇଛି। କିନ୍ତୁ ସେଥିରେ ବିଦ୍ୟୁତ୍ ସଂଯୋଗ ନାହିଁ। ଫଳରେ ଆଜି ବି ଲୋକଙ୍କ ଭରସା ଡିବିରି ଆଲୁଅ। ଅନୁଗୁଳ ବ୍ଲକ୍ ନନ୍ଦପୁର ପଞ୍ଚାୟତ ବାଘୁଆପାଟ ଗାଁରେ ଦେଖିବାକୁ ମିଳିଛି ଏଭଳି ଚିତ୍ର। ଗାଁରେ ବିଦ୍ୟୁତ୍ ସଂଯୋଗ ଦେବାକୁ ବନବିଭାଗର କ୍ଲିଅରାନ୍ସ ନଥିବା ବିଦ୍ୟୁତ୍ ବିଭାଗ କହୁଥିଲା ବେଳେ ବନବିଭାଗ କହିଛି ବିଦ୍ୟୁତ୍ ସଂଯୋଗ ଦେଲେ ଆମର କିଛି ସମସ୍ୟା ନାହିଁ। ତେବେ ଦୁଇ ବିଭାଗର ଛକାପଞ୍ଝା ଭିତରେ ଫସି ଯାଇଛନ୍ତି ବାଘୁଆପାଟ ଗ୍ରାମବାସୀ।

ସୂଚନା ଅନୁସାରେ, ବଣଜଙ୍ଗଲ ଘେରା ବାଘୁଆପାଟ ଗାଁରେ ୩୦ରୁ ଅଧିକ ପରିବାର ବସବାସ କରୁଛନ୍ତି। ଜଙ୍ଗଲ ଭିତରେ ଥିବା ଏହି ଗାଁକୁ ସବୁବେଳେ ଜଙ୍ଗଲୀ ଜନ୍ତୁଙ୍କ ଭୟ ରହିଛି। ଆଦିବାସୀ ବହୁଳ ଏହି ଗାଁକୁ ପୂର୍ବରୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା। ସ୍ୱାଧୀନତାର ଦୀର୍ଘବର୍ଷ ପରେ ଗାଁ ଲୋକେ ବିଜୁଳି ଆଲୁଅ ଦେଖିବାର ସୁଯୋଗ ପାଇଥିଲେ। ସୌଭାଗ୍ୟ' ଯୋଜନାରେ ସରକାରଙ୍କ ପକ୍ଷରୁ ଗାଁରେ ବିଦ୍ୟୁତ୍ ଖୁଣ୍ଟ ପୋତି ବିଦ୍ୟୁତ୍ ଯୋଗାଣ ହୋଇଥିଲା। କିନ୍ତୁ ଖୋଲା ତାରରେ ବନ୍ୟଜନ୍ତୁଙ୍କ ଶିକାର ଆଶଙ୍କା କରି ଏଥିରେ ପ୍ରତିବନ୍ଧକ ଲଗାଇଥିଲା ବନବିଭାଗ। ଯାହାଫଳରେ ବିଦ୍ୟୁତ୍ ବିଭାଗ ସଂଯୋଗ କାଟି ଦେଇଥିବା ଜଣାପଡ଼ିଛି। ଆଉ ଏହାରି ଭିତରେ ବିତିଗଲାଣି ୫ବର୍ଷ। ନା ବନବିଭାଗ କ୍ଲିଅରାନ୍ସ ଦେଉଛି, ନା ଲୋକେ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ମାଧବ ସାହୁଙ୍କୁ ପଚରାଯିବାରେ, ବନବିଭାଗର କ୍ଲିଅରାନ୍ସ ନଥିବା ଯୋଗୁଁ ବିଦ୍ୟୁତ୍ ସଂଯୋଗ

## ଲୋକଙ୍କ ସାହା ଭରସା ପାଲଟିଛି ଡିବିରି ଆଲୁଅ

ବିଜୁଳି ଆଲୁଅ ପାଇ ପାରୁଛନ୍ତି। ସଞ୍ଜ ନଇଁଲେ ଲୋକଙ୍କ ତାଟି କବାଟ ପଡୁଛି। ଡିବିରି, ଲଣ୍ଠନ ଜାଳି ରାତି କାଟୁଛନ୍ତି।

ଗାଁ ପାଖରେ ଦିନରେ ହାତୀ ଚଳପ୍ରଚଳ କରୁଛି। ରାତି ହେଲେ ଅନ୍ଧାର ମାଡ଼ି ପଡୁଛି।



ଫଳରେ ଭୟଭୀତ ଅବସ୍ଥାରେ ଚଳିବାକୁ ପଡୁଛି ବୋଲି ଗାଁ ଲୋକେ କହିଛନ୍ତି। ବିଜୁଳି ଆଲୁଅ ପାଇଁ ବାରମ୍ବାର ଅନୁରୋଧ କରିବା ପରେ ବି କେହି ଶୁଣୁ ନଥିବା ସେମାନେ କହିଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ବନ୍ତଲା ଦେଇ ହେଉ ନଥିବା କହିଛନ୍ତି। ବନବିଭାଗ ଅନୁମତି ଦେଲେ ବିଦ୍ୟୁତ୍ ସଂଯୋଗ ଦେବାରେ ଅସୁବିଧା ହେବ ନାହିଁ ବୋଲି ସେ କହିଛନ୍ତି। ସେପଟେ ଅନୁଗୁଳ ବନବିଭାଗ କିନ୍ତୁ ଏହାକୁ ଅଗ୍ରାହ୍ୟ କରିଛି। ବିଭାଗୀୟ ଏସିଏଫ୍ କୃଷ୍ଣଚନ୍ଦ୍ର ସାହୁ କହିଛନ୍ତି, ବିଦ୍ୟୁତ୍ ବିଭାଗ କେବୁଲ ତାରରେ ବିଦ୍ୟୁତ୍ ସେବା ଦେଲେ ଆମେ ମନା କରିବୁ ନାହିଁ। ଖୋଲା ତାରରେ ବନ୍ୟଜନ୍ତୁ ଶିକାର ହେବାର ସମ୍ଭାବନା ରହିଛି। ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଖୋଲା ତାରରେ ବିଦ୍ୟୁତ୍ ସରବରାହକୁ ମନା କରାଯାଇଛି। ତେବେ ଦୁଇ ବିଭାଗ ପରସ୍ପର ସମନ୍ୱୟ ରଖି ଗାଁକୁ ପୁଣି ଥରେ ବିଦ୍ୟୁତ୍ ସେବା ଯୋଗାଇ ଦେବାପାଇଁ ଦାବି ହୋଇଛି।

# ବିପଦସଂକୁଳ ଅବସ୍ଥାରେ ସିନ୍ଧିପଦର ପ୍ରାଥମିକ ବିଦ୍ୟାଳୟ

## କାନ୍ଥ ଫାଟି ଆଁ, ବାରଣ୍ଡାରେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ

**କଲ୍ୟାଣସିଂହପୁର(ଅମୃତ ମିଡିଆ):** ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସିଙ୍ଗାରି ପଞ୍ଚାୟତ ସିନ୍ଧିପଦର ପ୍ରାଥମିକ ବିଦ୍ୟାଳୟ ବିପଦ ସଂକୁଳ ଅବସ୍ଥାରେ ରହିଛି। ବିଦ୍ୟାଳୟର କାନ୍ଥ ଫାଟି ଆଁ କରି ରହିଥିବାରୁ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ୨୧ ଛାତ୍ରଛାତ୍ରୀମାନେ ଭୟଭୀତ ହୋଇ ବାରଣ୍ଡାରେ ପାଠ ପଢୁଥିବା ଦେଖିବାକୁ ମିଳିଛି। ସରକାର ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେବା ସହ ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପିଲାଙ୍କ ପାଠପଢା ପାଇଁ ବହୁ ପଦକ୍ଷେପ ନେଇ ଅଧାରୁ ପାଠ ଛାଡୁ ଥିବା ପିଲାମାନଙ୍କୁ ପାଠ ପଢ଼ିବା ଉଦ୍ୟମ ଜାରି ରଖିଥିବା ବେଳେ ବର୍ଷା ଦିନ ହେଲେ




ବିଦ୍ୟାଳୟ କୋଠାରୁ ପାଣି ଗଳୁଥିବାରୁ କାଗଜ ପତ୍ର ପାଣିରେ ନଷ୍ଟ ହେବା ସହ ଛାତ୍ର ଛାତ୍ରୀମାନେ ବସି ପାଠ ପଢ଼ିବାରେ ଅସୁବିଧା ଭୋଗୁଥିବା ମଧ୍ୟ ଅଭିଯୋଗ କରିଛନ୍ତି ଗ୍ରାମବାସୀ।

# ଲାଗିଛି ସୂଚନା ଫଳକ, ହେଉନି କାମ

**ପାଟଣା(ଅମୃତ ମିଡିଆ):** ସାହାରପଡା ବ୍ଲକ ଅନ୍ତର୍ଗତ ମହ୍ଲାରପଦା ପଞ୍ଚାୟତ ଜାମୁଦା ତଳ ସାହି ଠାରେ ଏକ ଛଉ ମଣ୍ଡପ ଅଛି। ସେହି ମଣ୍ଡପକୁ ଲାଗି ଏକ ଫଳକ ତିନି ମାସ ହେବ ନୂଆ କରି ତିଆରି ହୋଇଛି। ସେଥିରେ ଲେଖାଅଛି ମୋ ଓଡିଶା ନବୀନ ଓଡିଶା ଜାମୁଦା ତଳ ସାହି ଛଉ ମଣ୍ଡପ ତିଆରି ଆର୍ଥିକ ବର୍ଷ ୨୦୨୩-୨୪। କିନ୍ତୁ ସେଠାରେ ବାଲି, ଚିପ୍ସ କିମ୍ବା କାମ ହେବାର କୌଣସି ଉପକରଣ ନାହିଁ। ତେଣୁ ଗ୍ରାମବାସୀଙ୍କ ସନ୍ଦେହ କାମ ନ ହୋଇ ବିଲ୍ ଉଠାଣ ହୋଇଯାଇଥିବ। କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ କାମ ହୋଇ ନାହିଁ ଜାଗା ଅଧିକ ନଥିବାରୁ କାମ ହୋଇପାରୁନାହିଁ। ପୁରୁଣା ମଣ୍ଡପକୁ ଟିକେ ବଢ଼ାଇ ନବ କଳେବର କରି ଦିଆଯିବାକୁ ଯୋଜନା ହୋଇଛି। ତେବେ ୩ ଲକ୍ଷ ଟଙ୍କାର ବଜେଟ ଥିବାବେଳେ ନବକଳେବରରେ କେତେ ଖର୍ଚ୍ଚ ହେବ ଆଉ ଟଙ୍କା କୁଆଡେ ଯିବ ତାହା କହି ପାରିନଥିଲେ। ସରକାରୀ ଅର୍ଥକୁ ଏହିପରି ଶ୍ରାଦ୍ଧ ହେବ ବୋଲି ଗ୍ରାମବାସୀ କହୁଥିବା ଶୁଣିବାକୁ ମିଳୁଥିବାରୁ ସରକାରୀ ଅନୁଦାନର ସଦୁପଯୋଗ କରାଯିବାକୁ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

# ଅପହଞ୍ଚ ଇଲାକାରେ ମୌଳିକ ସୁବିଧା ସାତସପନ

**କନ୍ଧମାଳ(ଅମୃତ ମିଡିଆ):** ସରକାର ଆଦିବାସୀ ଇଲାକାରେ ଲୋକଙ୍କ ସୁବିଧା ଲାଗି ଯୋଜନା ଉପରେ ଯୋଜନା କରୁଛନ୍ତି। ଏଥିଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ ମଧ କରୁଛନ୍ତି। ହେଲେ ସ୍ୱାଧୀନତାର ୭୭ବର୍ଷ ପରେ ମଧ ଅପହଞ୍ଚ ଇଲାକାରେ ମୌଳିକ ସୁବିଧା ପାଇବା ଲୋକଙ୍କ ପାଇଁ ସାତ ସପନ ପାଲଟିଛି। ଏଭଳି କିଛି ଦୃଶ୍ୟ କନ୍ଧମାଳ ଜିଲ୍ଲା କୋଟଗଡ ବ୍ଲକ ସାକାର ଯୋଡି ଗାଁରେ ଦେଖିବାକୁ ମିଳିଛି। ଏହି ଗାଁକୁ ଯିବା ପାଇଁ ନା ଭଲ ରାସ୍ତା ଅଛି



ନା ଲୋକ ମାନଙ୍କର ରହିବା ପାଇଁ ଭଲ ଘର ଖଣ୍ଡିଏ ଅଛି। ଆଉ ପିଇବା ପାଣି ପାଇଁ ଲୋକମାନେ ଝରଣା ଉପରେ ନିର୍ଭର କରୁଛନ୍ତି। ସେପଟେ ସମାଜ ସେବୀ ବୁଲୁ ମଲିକ ସାଧାରଣତନ୍ତ୍ର ଦିବସରେ ତାଙ୍କର କିଛି ସହଯୋଗୀଙ୍କ ସହ ମିଶି ଏହି ଅପହଞ୍ଚ ଇଲାକାରେ ପହଞ୍ଚି ଛୋଟ ଛୋଟ କୁନି କୁନି ପିଲାମାନଙ୍କୁ ପୋଷାକ ବଣ୍ଟନ କରିଥିଲେ। ଶ୍ରୀ ମଲିକ ଏବଂ ଫ୍ରେଣ୍ଡସ କ୍ଲବର ସମସ୍ତ ସଦସ୍ୟ ଅପହଞ୍ଚ ଇଲାକାର ଏହି ଅସୁବିଧା ଉପରେ ଦୃଷ୍ଟି ଦେଇ ଉକ୍ତ ସମସ୍ୟାର ସମାଧାନ ପାଇଁ ସରକାର ନିକଟରେ ଅନୁରୋଧ କରିଛନ୍ତି।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଆଲୋଚନାଚକ୍ର

**କଟକ (ବ୍ୟୁରୋ):** ଓଡ଼ିଆ ଭାଷା ଅତୀତର ଅସ୍ତିତ୍ୱ ଓ ଭାଷା ହିଁ ଭବିଷ୍ୟତ। ଭାଷା ହେଉଛି ଜାତିର ସ୍ୱାଭିମାନର ପ୍ରତୀକ। ୨୦୧୪ ମସିହାରେ ଓଡ଼ିଆ ଭାଷାକୁ ମିଳିଥିଲା ଶାସ୍ତ୍ରୀୟ ମାନ୍ୟତା। ଓଡ଼ିଆ ଭାଷାକୁ ଉଜ୍ଜୀବିତ କରି ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ। ରାଜ୍ୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେଉଥିବାରୁ ଏହା ନିଶ୍ଚିତ ଭାବରେ ଆମ ଓଡ଼ିଆ ଭାଷାକୁ ସମୃଦ୍ଧି ପଥରେ ଆଗେଇ ନେବା ନିମନ୍ତେ ଏକ ସଫଳ ପ୍ରୟାସ। ଜିଲ୍ଲା ସମଗ୍ର ଶିକ୍ଷା, କଟକ ଆନୁକୂଲ୍ୟରେ ସୋମବାର ରେଲୱେ ହାଇସ୍କୁଲ ପରିସରରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ଯୋଗଦେଇ ବକ୍ତାମାନେ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ କୃଷ୍ଣ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ର ପ୍ରାରମ୍ଭରେ ଜିଲ୍ଲା ଅନୁସୂଚିତ



ଜାତି ଓ ଜନଜାତି ଶିକ୍ଷା ସଂଯୋଜିକା ଡକ୍ଟର ସୁଚିସ୍ମିତା ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ, ଉପ ସଭାପତି ଡକ୍ଟର ସୁନାମଣି ରାଉତ, ବିଶିଷ୍ଟ ସାହିତ୍ୟିକା ଡକ୍ଟର ସୁବାଶିନି ଲେଙ୍କା, ଡକ୍ଟର ବୈଜୟନ୍ତୀ ମିଶ୍ର, ସରୋଜିନୀ ମିଶ୍ର, କଲ୍ୟାଣୀ ନାୟକ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଭାଷାକୁ ଭିତ୍ତି କରି ଓଡ଼ିଶା ରାଜ୍ୟ ଗଠନ ହୋଇଥିବା କହିଥିଲେ। ସର୍ବପ୍ରାଚୀନ ଏହି ଭାଷାର ଲିପି ଇତିହାସରେ ଲିପିବଦ୍ଧ ହୋଇରହିଛି। ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଶିକ୍ଷକ ଶିକ୍ଷୟତ୍ରୀ ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଟକ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରଯାଇଥିଲା।

## ବିଶ୍ୱ ଓଡିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ

**କଲ୍ୟାଣସିଂହପୁର(ଅମୃତ ମିଡିଆ):** ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସମିତି କାର୍ଯ୍ୟାଳୟ ଠାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। ବ୍ଲକ ଅଧକ୍ଷା ଅମ୍ରିତା କାଡ୍ରାକା ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ଭି. ସୂର୍ଯ୍ୟପ୍ରକାଶ ରାଓ, ଗୀତିକାର ଗଗନ ବିହାରୀ ସ୍ୱାଇଁ, ସାହିତ୍ୟିକ ଶ୍ରୀଧର ପଟ୍ଟନାୟକ, ଚକ୍ରଧର ପାଢ଼ୀ, ସୋମନାଥ ଖାଣ୍ଡାରିଆ, ଅନିରୁଦ୍ଧ ସାମନ୍ତରାୟ, ସଂଯୁକ୍ତା ଗୋରଡା, ମଂଯୁକ୍ତା ସିମିଲି, ଅଶୋକ ପ୍ରଧାନ, ସହକାରୀ ଯନ୍ତ୍ରୀ ସବ୍ୟସାଚୀ ନାୟକ, ଉପାଧକ୍ଷା ଡମ୍ବରୁ କଞ୍ଜାକା, ସମିତି ସଭ୍ୟା, ଜିଲ୍ଲା କଳା ସଂସ୍କୃତିର ଉପ ସଭାପତି ସନ୍ତୋଷ କୁମାର ବଛା ଉପସ୍ଥିତ ରହିଥିଲେ।

# ତହସିଲ ସମ୍ମୁଖରୁ ବାଇକ୍ ଡିକି ଭାଙ୍ଗି ଟଙ୍କା ଲୁଟ୍

**ଝୁମ୍ପୁରା (ଅମୃତ ମିଡିଆ):** ସୋମବାର ମଧ୍ୟାହ୍ନରେ ଜଣେ ବ୍ୟକ୍ତି ନିଜର ବାଇକକୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ରଖି କାର୍ଯ୍ୟାଳୟ ଭିତରକୁ ଯାଇଥିବା ସମୟରେ ଦୁର୍ବୃତ୍ତମାନେ ବାଇକ୍ ଡିକି ଭାଙ୍ଗି ଟଙ୍କା ଲୁଟ କରିଥିବା ଜଣାପଡିଛି। ମିଳିଥିବା ସୂଚନାରୁ ଜଣାଯାଏ ଯେ, ଝୁମ୍ପୁରା ଥାନା ଖେଣ୍ଡେରା ଗ୍ରାମର ଅଜୟ କୁମାର ଦାସଙ୍କ ପୁଅ ସିପୁନ କୁମାର ଦାସ ଝୁମ୍ପୁରା ସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରୁ କାନପୁର କେନାଲ ଯୋଜନାରୁ ମିଳିଥିବା ୪୯ ହଜାର ଟଙ୍କା ଉଠାଇ ନିଜର ବାଇକ୍ ଡିକିରେ ରଖି ତହସିଲ କାର୍ଯ୍ୟାଳୟ ଭିତରକୁ ନିଜର କାର୍ଯ୍ୟ ନେଇ ଯାଇଥିଲେ। କାମ ସାରି ଆସି ଦେଖିଲା ବେଳେ ଡିକି ଭଙ୍ଗା ହେବା ସହିତ ୪୯ ହଜାର ଟଙ୍କା ସହିତ ଆଧାର କାର୍ଡ, ବ୍ୟାଙ୍କ ପାସ୍ ବହି, ଜମି ପଟ୍ଟା ଚୋରି ହୋଇଯାଇଛି। ଘଟଣା ସମ୍ପର୍କରେ ସିପୁନ ଝୁମ୍ପୁରା ଥାନାରେ ଅଭିଯୋଗ କରିଥିଲେ। ଝୁମ୍ପୁରା ପୁଲିସ ଅଭିଯୋଗ ପାଇବା ପରେ ସଙ୍ଗେ ସଙ୍ଗେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ତହସିଲ କାର୍ଯ୍ୟାଳୟର ସିସି କ୍ୟାମେରା ଫୁଟେଜ ଯାଞ୍ଚ କରିଥିବା ଦେଖିବାକୁ ମିଳିଛି।

# ମଲ୍ଲିପଶି-ଏରେଣ୍ଡେଇ ରାସ୍ତା ପିଚୁ କରିବାକୁ ଦାବି

**ପାଟଣା(ଅମୃତ ମିଡିଆ):** ପ୍ରତିବର୍ଷ ପ୍ରଧାନମନ୍ତ୍ରୀ ସଡକ ତାଲିକାରେ ନୂଆ ନୂଆ ରାସ୍ତା ଯୋଡି ହୋଉଥିବା ବେଳେ କଂଗ୍ରେସ ଅମଳରେ ଗୋଟିଏ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ଏବେ କଚ୍ଚା ରାସ୍ତାରେ ପରିଗଣିତ ହେବା ଚିନ୍ତାର କାରଣ ହୋଇଛି। ୨୦୦୦ ମସିହା ପୂର୍ବରୁ ମଲ୍ଲିପଶି-ଏରେଣ୍ଡେଇ ଭାୟା ଯୋଡାଟାଙ୍ଗର ମାତ୍ର ଅଢେଇ କି.ମି ରାସ୍ତାରେ ମେଣ୍ଟାଲ ମୋରମ ପଡିଥିବା ବେଳେ ଏବେ ୨୩ ବର୍ଷ ହେଲା ଏହି ରାସ୍ତାକୁ ମରାମତି କରାଯାଉଛି । ଏହି ରାସ୍ତା ଉପରେ ଡୁମୁରିଆ, ପଲାଣଘାଟି ଓ ଏରେଣ୍ଡେଇ ପଞ୍ଚାୟତବାସୀ ଜିଲ୍ଲା ମୁଖ୍ୟାଳୟକୁ ଯିବା ଆସିବା କରୁଥିବା ବେଳେ ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡକ କରାଯିବାକୁ ଦାବି ହୋଇଛି।



# ଟଙ୍କା ଛଡାଇ ନେଇ ବାଇକ୍ ପୋଡିଦେଲେ ଦୁର୍ବୃତ୍ତ

**ବୋରିଗୁମ୍ମା (ଅମୃତ ମିଡିଆ):** ଟଙ୍କା ଛଡାଇ ନେଇ ବାଇକ୍ ପୋଡ଼ି ଦେଲେ ଦୁର୍ବୃତ୍ତ। ଅଧା ପୋଡା ବାଇକ୍ ଜବତ କରିଛି ପୋଲିସ । କୋରାପୁଟ ଜିଲ୍ଲା ବୋରିଗୁମ୍ମା ଦାସିରି ସାହିରେ ଘଟିଛି ଏଭଳି ଅଭାବନୀୟ ଘଟଣା । ସୂଚନାଯୋଗ୍ୟ ଯେ, କୋରାପୁଟ ଜିଲ୍ଲା ବୋରିଗୁମ୍ମା ଦାସିରି ସାହିର ପି.ଗୁପ୍ତେଶ୍ୱର ରାଓ ଏବଂ ତାଙ୍କ ଭଣଜା ୩ ତାରିଖ ରାତି ପ୍ରାୟ ୧୦ଟା ୩୦ ମିନିଟ୍ ସମୟରେ ବୋରିଗୁମ୍ମା ନିକଟରେ ଥିବା ଏକ ପେଟ୍ରୋଲ ପମ୍ପକୁ ପେଟ୍ରୋଲ ପକାଇବ ପାଇଁ ଯାଉଥିବା ବେଳେ ହଠାତ୍ କିଛି ଦୁର୍ବୃତ୍ତ ଆସି ଗୁପ୍ତେଶ୍ୱରଙ୍କୁ ଧକ୍କା ମାରିଥିଲେ । ଗୁପ୍ତେଶ୍ୱର ତଳେ ପଡିଯିବା ପରେ ତାଙ୍କ ପକେଟ୍‌ରେ ଥିବା ୭ ହଜାର ଟଙ୍କା ଝାମ୍ପି ନେଇଥିଲେ। ଗୁପ୍ତେଶ୍ୱରଙ୍କ ଭଣଜାଙ୍କୁ ଏକ ଖଣ୍ଡାରେ ମାରିବା ପାଇଁ ଗୋଡାଉଥିବା ବେଳେ ଗୁପ୍ତେଶ୍ୱର ମଧ୍ୟ ନିଜ ବାଇକ୍ ଛାଡି ପ୍ରାଣ ବିକଳରେ ଧାଇଁ ପଳାଇଥିଲେ। ପରେ ଦୁର୍ବୃତ୍ତମାନେ ଗୁପ୍ତେଶ୍ୱରଙ୍କ ବାଇକ୍ ନେଇ ଚାଲିଯାଇଥିଲେ । ଗୁପ୍ତେଶ୍ୱର ସଙ୍ଗେ ସଙ୍ଗେ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରିଥିଲେ ୪/୨/୨୪ ତାରିଖ ଦିନ ବୋରିଗୁମ୍ମା ଆର୍‌ଏମ୍ ନଗର ପଛ ପଟେ ବାଇକ୍‌କୁ ପୋଡ଼ି ନଷ୍ଟ କରି ଦେଇଥିଲେ ଦୁର୍ବୃତ୍ତ। ଅଧାପୋଡ଼ା ବାଇକ୍‌କୁ ଜବତ କରି ପୋଲିସ ଏକ ମାମଲା ରୁଜୁ କରିଛି । ତୁରନ୍ତ ଦୋଷୀଙ୍କୁ ଦଣ୍ଡ ଦିଆଯାଉ ବୋଲି ଗୁପ୍ତେଶ୍ୱର କହିଛନ୍ତି।

# ଧ୍ୱଂସାଭିମୁଖୀ ଐତିହାସିକ ଡାକବଙ୍ଗଳା

**ବାଉଁଶୁଣି (ଅମୃତ ମିଡିଆ):** କୁହାଯାଏ ଯେଉଁ ଅଞ୍ଚଳର ଇତିହାସ ଯେତେ ସମୃଦ୍ଧ, ସେହି ଅଞ୍ଚଳ ସେତେ ବିକାଶଶୀଳ ଓ ସମୃଦ୍ଧ। ହେଲେ ଗୋଟିଏ ଅଞ୍ଚଳର ଇତିହାସକୁ ଯଦି ସମ୍ପୂର୍ଣ୍ଣ ଧ୍ୱଂସ କରିଦେବାର ଷଡଯନ୍ତ୍ର କରାଯାଉଛି ତେବେ ସେହି ଅଞ୍ଚଳ କାହାକୁ ନେଇ ବିକାଶ ଦିଗରେ ଆଗେଇବ ଓ ସମୃଦ୍ଧ ହେବ। ଏବେ ଏହି ପ୍ରଶ୍ନ ଲୋକଙ୍କ ମନରେ ଉଙ୍କି ମାରୁଛି। ଇତିହାସ କହେ ବୌଦ୍ଧ ଗଡଜାତର ରାଜତନ୍ତ୍ର ଶାସନ ସମୟରେ ବୌଦ୍ଧ ରାଜ୍ୟର ୪୪ତମ ଶାସକ ରାଜା ଯୋଗୀନ୍ଦ୍ରଦେବଙ୍କ ରାଜତ୍ୱ କାଳ ୧୮୭୯ ରୁ ୧୯୧୩ ମସିହା ମଧ୍ୟରେ ପ୍ରାଚୀନ ଜଗନ୍ନାଥ ସଡକ ତଥା ମହାନଦୀ କୂଳେ କୂଳେ ବାସୁଦେବପାଲି, ବାଉଁଶୁଣିର ବାଘନଦୀ କୂଳ, ତେଲିବନ୍ଧ, ବୌଦ୍ଧ, କରଡି, ଧଳପୁର, ହରଭଙ୍ଗା ଓ ଶୀତଳପାଣି ଆଦି ସ୍ଥାନରେ ଭବ୍ୟ ବଙ୍ଗଳା ସବୁ ନିର୍ମାଣ କରାଯାଇଥିଲା। ଯାହାକୁ ପରବର୍ତ୍ତୀ ସମମୟରେ ଡାକବଙ୍ଗଳା କୁହାଯାଉଥିଲା। ରାଜତନ୍ତ୍ର ଚାଲିଯିବା ପରେ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଦାୟିତ୍ୱରେ ଏ ସବୁ ବଙ୍ଗଳାଗୁଡିକ ରହିଛି। ବାଉଁଶୁଣି ବଙ୍ଗଳାଟି ବାଘନଦୀ ଓ ମହାନଦୀର ସଂଗମସ୍ଥଳ ତଥା ନିକଟରେ ମହାନଦୀ ମଝିରେ ବୁଦାକୁଦ ନାମରେ ଟାପୁ ରହିଥିବା



କାରଣରୁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ବଙ୍ଗଳାର ଏକ ସ୍ୱତନ୍ତ୍ର ଆକର୍ଷଣ ରହିଥିବାର କୁହାଯାଇଥାଏ। ସେଥିପାଇଁ ବୋଧହୁଏ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏଠାରେ ରାତ୍ରିଯାପନ କରିଥିଲେ ବୋଲି ଅଞ୍ଚଳର ବୟସ୍କ ବ୍ୟକ୍ତିମାନେ କହିଥାନ୍ତି। ଦିନେ ଏହି ବଙ୍ଗଳାରେ ବିଭିନ୍ନ ସଭା ସମିତି କରାଯିବା ସହ ଅଞ୍ଚଳକୁ ଆସୁଥିବା ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ଏଠାରେ ରାତ୍ରି ଯାପନ କରୁଥିଲେ। ଏପରିକି ବହୁ ବର୍ଷ ପୂର୍ବରୁ ଛତିଶଗଡ଼ ଅଞ୍ଚଳର ଲୋକେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପାଦରେ ଚାଲି ଚାଲି ଯାଉଥିବା ସମୟରେ ଏଠାରେ ନଦୀ ଥିବାରୁ ରୋଷେଇ କରି ଖାଇପିଇ ବଙ୍ଗଳାରେ ବିଶ୍ରାମ ନେଉଥିଲେ। ହେଲେ ଏଭଳି ଏକ ଐତିହାସିକ ବଙ୍ଗଳାର ବର୍ତ୍ତମାନର ଦୃଶ୍ୟ ଦେଖିଲେ ଯେ କେହିବି ଇତିହାସପ୍ରେମୀ କ୍ଷୋଭ ପ୍ରକାଶ କରିବ ଏଥିରେ ସନ୍ଦେହ ନାହିଁ। କାରଣ ମରାମତି ନାଁରେ ଗତ ତିନି ବର୍ଷ ହେଲା ଏହାର ଛାତ ଭଙ୍ଗାଯାଇଛି। ହେଲେ ମରାମତିର ନା ଗନ୍ଧ ନାହିଁ। ଫଳରେ ଏବେ ଏହା ବର୍ଷାରେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇ ଧ୍ୱଂସ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି। ଯଦି ଏହି ଐତିହାସିକ ସ୍ମାରକୀଟି ସମ୍ପୂର୍ଣ୍ଣ ଧ୍ୱଂସ ପାଇ ଯାଏତ ଏଥିପାଇଁ ଦାୟୀ କିଏ ରହିବ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମହଲ ଏବେ ପ୍ରଶ୍ନ କରିଛନ୍ତି।

# ଆମ ଓଡ଼ିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ

**ନିଶ୍ଚିନ୍ତକୋଇଲି(ଅମୃତ ମିଡିଆ):** ରାଜ୍ୟ ସରକାରଙ୍କ ଦୃଢ଼ ପ୍ରୟାସରେ ଗ୍ରାମ ପଞ୍ଚାୟତର ଉନ୍ନତି ହେଉଛି ସମ୍ଭବ। ରାଜ୍ୟ ସରକାରଙ୍କ ପ୍ରତିଟି ଉନ୍ନତି କାର୍ଯ୍ୟକୁ ଲୋକ ମାନଙ୍କ ପାଖରେ ବାର୍ତ୍ତା ପହଞ୍ଚାଇବା ପାଇଁ ପ୍ରତି ଗ୍ରାମ ପଞ୍ଚାୟତ ସ୍ତରରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜାରି ରହିଛି। ତେବେ ଆଜି ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ପଞ୍ଚାୟତରେ ହୋଇଥିବା ବିକାଶ କାର୍ଯ୍ୟର ପୁସ୍ତିକା ବଣ୍ଟନ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକର ଯୋଜନା ସଂକ୍ରାନ୍ତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ପ୍ରଗତିପ୍ରଭା ମହାନ୍ତି ଏବଂ ସମିତିସଭ୍ୟା ଭାରତୀ ରାଉତଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଉପାଧକ୍ଷ ଅଶୋକ କୁମାର ଓଝା, ପ୍ରାକ୍ତନ ଅଧକ୍ଷ ଗିରିଶରଂଜନ ମହାପାତ୍ର, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଜୋନ୍ ସଭାପତି ଜ୍ୟୋତିପ୍ରକାଶ ସାଇଁ, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ତଥା ଯୁବନେତା ମନୋଜ ସେଠୀ, ପିଇଓ ଶିଶିର କୁମାର ମଲିକ ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତର ବିକାଶ ପାଇଁ ପଞ୍ଚାୟତବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଧାୟକ ପ୍ରତାପ ଜେନାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କାର ବିତରଣ କରିବା ସହିତ ସ୍ଥାନୀୟ ଅଞ୍ଚଳର ବହୁ ବରିଷ୍ଠ ନାଗରିକ, କଳାକାର, ଆଶା ଅଙ୍ଗନବାଡି କର୍ମୀମାନଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଭାବେ କଟକ ସଦର ନିର୍ବାଚନ ମଣ୍ଡଳୀ ନିଶ୍ଚିନ୍ତକୋଇଲି ବ୍ଲକ ପାଳଦା ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ସରପଞ୍ଚ ଚିନ୍ମୟୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ବିଳାସ ଭୋଇ, ପ୍ରାକ୍ତନ ଜିଲ୍ଲାପରିଷଦ ଅଚ୍ୟୁତାନନ୍ଦ ଦାସ, ବିଜେଡି ସାଧାରଣ ସମ୍ପାଦକ ନୃସିଂହ ଚରଣ ମୁଦୁଲି, ସରପଞ୍ଚଙ୍କ ପ୍ରତିନିଧି ରମାକାନ୍ତ ବେହେରା, ସମିତିସଭ୍ୟା ସୌଭାଗ୍ୟ ଲକ୍ଷ୍ମୀ ମଲିକ, ସଭାନେତ୍ରୀ ନନ୍ଦିନ ନାୟକ, ସରପଞ୍ଚ ବିଶ୍ୱଭୁଷଣ ନାୟକ, ସମିତିସଭ୍ୟ ବିଶ୍ୱେନ୍ଦୁ ମହାରଣା, ବିଜେଡି ଯୁବ ନେତା ତାରାକାନ୍ତ ମଲିକ ପ୍ରମୁଖ ଯୋଗଦାନ କରି ଆମ ଓଡିଶା ନବୀନ ଓଡିଶା ମାଧମରେ ପଞ୍ଚାୟତରେ ଯେଉଁ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ହୋଇଛି ସେ ସମ୍ପର୍କରେ ଜନସାଧାରଣ ମାନଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବିଜେଡି କାର୍ଯ୍ୟକର୍ତ୍ତା, ୱାର୍ଡ ସଭ୍ୟ, ସଭ୍ୟା, ଏସଏଚଜି ମହିଳା, ସ୍ୱାସ୍ଥ୍ୟ କର୍ମଚାରୀ, ହଜାର ହଜାର ସଂଖ୍ୟାରେ ଗ୍ରାମବାସୀ ଯୋଗ ଦେଇଥିଲେ। ପଞ୍ଚାୟତର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ପୂର୍ବତନ ମନ୍ତ୍ରୀ ତଥା କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରାଙ୍କୁ ପଞ୍ଚାୟତବାସୀ କୃତଜ୍ଞତା ଜଣାଇଥିଲେ।



## ସମ୍ପାଦକୀୟ...

# ଜାତିସଙ୍ଘର ପଦକ୍ଷେପ

ଜାତିସଙ୍ଘରେ ଏବେ ଜରୁରୀ ହୋଇପଡ଼ିଛି ସଂଶୋଧନ। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନେଇ ଆରମ୍ଭ ହୋଇଥିଲା ଜାତିସଙ୍ଘ । ତେବେ ବିଶ୍ୱରେ ଶାନ୍ତି ସ୍ଥାପନ ପ୍ରକ୍ରିୟା ଆଜି ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ଏଥିପାଇଁ ଜାତିସଙ୍ଘକୁ ସମ୍ପୂର୍ଣ୍ଣ ରୂପେ ଯେ ଦାୟୀ କରାଯାଇପାରେ, ସେମିତି କେବେ ବି କୁହାଯାଇପାରିବ ନାହିଁ। ତେବେ ବିଶ୍ୱ ଶାନ୍ତି ସ୍ଥାପନରେ ଜାତିସଙ୍ଘର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମଧ୍ୟ କେବେ ବି ଅସ୍ୱୀକାର କରାଯାଇପାରିବ ନାହିଁ। ବିଭିନ୍ନ ବୈଶ୍ୱିକ ସମସ୍ୟାର ସମାଧାନ ନେଇ ଯେଉଁ ଜାତିସଙ୍ଘର ସ୍ଥାପନ କରାଯାଇଥିଲା, ସେହି ଜାତିସଙ୍ଘ ଆଜି ସେହି ସବୁ ସମସ୍ୟା ସମାଧାନରେ ବିଫଳ ହୋଇଛି। ଦିନକୁ ଦିନ ସମସ୍ୟା ବରଂ ବୃଦ୍ଧି ପାଇବାରେ ଲାଗିଛି କିନ୍ତୁ କମ୍ ହେଉ ନାହିଁ। ସମସ୍ୟା କମ୍ ନ ହେବା ପଛରେ ବିଭିନ୍ନ କାରଣ ରହିଛି ଯାହା ପଛରେ ମୁଖ୍ୟ କାରଣ ହେଉଛି ଆତଙ୍କବାଦ । ବୈଶ୍ୱିକ ପାଣିପାଗରେ ପରିବର୍ତ୍ତନ ମଧ୍ୟ ହୋଇପାରେ ଅନ୍ୟତମ ମୁଖ୍ୟ କାରଣ। ଅନ୍ତର୍ଜାତୀୟ ସୀମା ବିବାଦ ମଧ୍ୟ ରହିଛି। ଏହିସବୁ ଭିନ୍ନ ଭିନ୍ନ ବିବାଦ କାରଣରୁ ବିଶ୍ୱ ଆଜି ଅଶାନ୍ତ ହୋଇ ଉଠିଛି। ଏଭଳି ଏକ ଅଶାନ୍ତ ବିଶ୍ୱରେ ସାଧାରଣ ଜୀବନ ଯାତ୍ରା ପୂରାପୂରି ବ୍ୟାହତ ହେଇପଡ଼ିଛି। ଦୈନନ୍ଦିନ ଜୀବନରେ କିଛି ନା କିଛି ଅଘଟଣ ଘଟିଯାଉଛି। ତେବେ କେତେବେଳେ ଯେ କି ପ୍ରକାର ଅଘଟଣ ଘଟିଯିବ, ସେ ନେଇ ନିର୍ଦ୍ଦିଷ୍ଟ ଭାବେ କିଛି କହିହେବ ନାହିଁ । ବିଶ୍ୱ ଏବେ ଏକ ଅନିର୍ଦ୍ଦିଷ୍ଟ ପରିସ୍ଥିତି ମଧ୍ୟନେଇ ଗତିକରୁଛି । ବିଶ୍ୱର କେତେକ ନିର୍ଦ୍ଦିଷ୍ଟ ଦେଶକୁ ଛାଡ଼ିଦେଲେ ବାକି ସବୁ ଦେଶରେ କିଛି ନା କିଛି ସମସ୍ୟା ଲାଗି ରହିଛି । ତେବେ ବିଶ୍ୱର ସେହିସବୁ ସମସ୍ୟା କମ୍ ନ ହେବା ପଛରେ ବିଭିନ୍ନ କାରଣ ରହିଛି ଯାହା ପଛରେ ମୁଖ୍ୟ କାରଣ ହେଉଛି ଆତଙ୍କବାଦ । ବୈଶ୍ୱିକ ପାଣିପାଗରେ ପରିବର୍ତ୍ତନ ମଧ୍ୟ ହୋଇପାରେ ଅନ୍ୟତମ ମୁଖ୍ୟ କାରଣ। ଅନ୍ତର୍ଜାତୀୟ ସୀମା ବିବାଦ ମଧ୍ୟ ରହିଛି। ଏହିସବୁ ଭିନ୍ନ ଭିନ୍ନ ବିବାଦ କାରଣରୁ ବିଶ୍ୱ ଆଜି ଅଶାନ୍ତ ହୋଇ ଉଠିଛି। ଏଭଳି ଏକ ଅଶାନ୍ତ ବିଶ୍ୱରେ ସାଧାରଣ ଜୀବନ ଯାତ୍ରା ପୂରାପୂରି ବ୍ୟାହତ ହେଇପଡ଼ିଛି। ଆଜିର ଅଶାନ୍ତ ବିଶ୍ୱରେ ଦୈନନ୍ଦିନ ଜୀବନରେ କିଛି ନା କିଛି ଅଘଟଣ ଘଟିଯାଉଛି। ଜଣେ ସାଧାରଣ ଲୋକର ଜୀବନ ଜିଇଁବା ମଧ୍ୟ ବ୍ୟାହତ ହୋଇ ପଡୁଛି। ଏଯାବତ୍ ବର୍ଣ୍ଣନା ମଧ୍ୟରେ ଉଭୟ ପ୍ରାକୃତିକ ଏବଂ କୃତ୍ରିମ ସମସ୍ୟା ମଧ୍ୟ ରହିଛି ଏବଂ ସେହି ଦୁଇଟି ସମସ୍ୟା ମଧ୍ୟରେ ଆମେ ଭାବୁ ସାଧାରଣତଃ ପ୍ରାକୃତିକ ସମସ୍ୟା ବୋଧହୁଏ ଗୁରୁତ୍ୱପୂର୍ଣ୍ଣ ଅବା ଅଧିକ ଜଟିଳ ହେଲେ ବର୍ତ୍ତମାନ ପରିସ୍ଥିତିରେ ପ୍ରାକୃତିକ ସମସ୍ୟା ଠାରୁ କୃତ୍ରିମ ସମସ୍ୟା ବେଶି ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି କାରଣ ମଣିଷକୃତ ସମସ୍ୟା ସବୁବେଳେ ଭୟାନକ ହୋଇଥାଏ ଯେହେତୁ ମଣିଷର ବୁଦ୍ଧି ହେଉଛି ସୁପର ବୁଦ୍ଧି ଏବଂ ସେହି ସୁପର ବୁଦ୍ଧିର ପ୍ରୟୋଗ କରି ମଣିଷ ଆଜି ବିଶ୍ୱରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିଛି ତେବେ ଦୁଃଖର ବିଷୟ ହେଲା, ଅବଶୋଷର କଥା ହେଲା ସେହି ମଣିଷ ଆଜି ମଣିଷ ସମାଜ ପାଇଁ ବିପଦର କାରଣ ହୋଇଛି। ସେହି ମଣିଷ ଆଜି ମଣିଷ ପାଇଁ ଶତ୍ରୁ ସାଜିଛି। ମଣିଷ ସମାଜ ମଧ୍ୟରେ ଆଜି ଯଦି କିଛି ବଡ଼ ଦରଣର ସମସ୍ୟା ଉଭା ହୋଇଛି ତାହା ହେଉଛି ଆତଙ୍କବାଦ ଯାହା ଭୂକମ୍ପ ଠାରୁ ବି ଆହୁରି ଭୟଙ୍କର ମନେ ହେଉଛି କେବେ କେବେ । ହେଲେ ଏବେ କେବେ କେବେ ନୁହେଁ, ଆତଙ୍ଗବାଦ ହିଁ ବିଶ୍ୱର ଏବେ ସବୁଠାରୁ ବଡ଼ ସମସ୍ୟା ରୂପେ ଉଭା ହୋଇଛି ଯାହା ଆଜିର ତାରିଖରେ ସାରା ବିଶ୍ୱ ପାଇଁ ଏକ ବୃହତ୍ ସମସ୍ୟା ରୂପେ ଉଭା ହୋଇଛି। ତାହା ପରେ ପରେ ବି ବିଶ୍ୱରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ରହିଛି ଯାହା କୃତ୍ରିମ ସମସ୍ୟା ହେଲେ ବି ଆଜିର ସମାଜ ପାଇଁ ଅତି ଭୟଙ୍କର ସାବ୍ୟସ୍ତ ହୋଇଛି ଯାହା ହେଉଛି ଆତଙ୍କବାଦ ଯାହାର ଦାଉରେ ହୁତୁ ହୁତୁ ହୋଇ ଜଳୁଛି ଆଜି ବିଶ୍ୱର ଅଧିକାଂଶ ଅଞ୍ଚଳ । ତେବେ ବିଶ୍ୱ ସମସ୍ୟ ସୃଷ୍ଟି ଦିଗରେ ବୈଶ୍ୱିକ ପାଣିପାଗରେ ପରିବର୍ତ୍ତନ ମଧ୍ୟ ହୋଇପାରେ ଅନ୍ୟତମ ମୁଖ୍ୟ କାରଣ। ଯାହା ପାଇଁ ବିଶ୍ୱବାସୀ ଆଜି ଚିନ୍ତାରେ। ଯାହା ମଧ୍ୟରେ ଅନ୍ତର୍ଜାତୀୟ ସୀମା ବିବାଦ ମଧ୍ୟ ରହିଛି। ଏହିସବୁ ଭିନ୍ନ ଭିନ୍ନ ବିବାଦ କାରଣରୁ ବିଶ୍ୱ ଆଜି ଅଶାନ୍ତ ହୋଇ ଉଠିଛି। ଏଭଳି ଏକ ଅଶାନ୍ତ ବିଶ୍ୱରେ ସାଧାରଣ ଜୀବନ ଯାତ୍ରା ପୂରାପୂରି ବ୍ୟାହତ ହେଇପଡ଼ିଛି। ତେବେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନେଇ ଜାତିସଙ୍ଘ ପକ୍ଷରୁ ଜାରି ରହିଥିବା ଯଦିଓ ଅବ୍ୟାହତ ରହିଛି , ତେବେ ସେହି ଉଦ୍ୟମରେ ଏବେ ଭଟ୍ଟା ପଡ଼ି ଯାଇଛି । କାରଣ ଜାତିସଙ୍ଘର ଉପସ୍ଥିତିରେ, ଜାତିସଙ୍ଘର ଜ୍ଞାତ ସାରରେ ବିଶ୍ୱରେ ଏତେ ସବୁ ବିଶୃଙ୍ଖଳା ସୃଷ୍ଟି ହୋଇ ଚାଲିଛି ଅଥଚ ବୈଶ୍ୱିକ ମହାସଙ୍ଘ ସେ ସବୁ କ୍ଷେତ୍ରରେ ନିରବ ରହି ନିଜର ଅପାରଗତାର ପରିଚୟ ଦେଉଛି। ବିଶ୍ୱର ଗୋଟିଏ ପଟେ ରୁଷିଆ -ୟୁକ୍ରେନ୍ ଯୁଦ୍ଧ ବେଳେ ବିଶ୍ୱର ଅନ୍ୟ ପ୍ରାନ୍ତରେ ଇସ୍ରାଏଲ୍ - ପାଲେଷ୍ଟାଇନ୍ ଯୁଦ୍ଧ ବି ଅତି ଜୋରସୋର ଆରମ୍ଭ ହୋଇଗଲାଣି ଯାହା ଆଗାମୀ ସମୟରେ ଆହୁରି ଭୟାନକ ହୋଇପଡ଼ିବ। ଏଣୁ ଜାତିସଙ୍ଘ ମଧ୍ୟ ସେହିଭଳି କିଛି ଭୟାନକ ପଦକ୍ଷେପ ଗ୍ରହଣ କରିବା ଉଚିତ୍ ବିଶ୍ୱରେ ଶାନ୍ତି ସ୍ଥାପନ ନେଇ। ହେଲେ ସେଭଳି କିଛି ହେଉନାହିଁ। ବିଶ୍ୱରେ ଶାନ୍ତି ସ୍ଥାପନ ଏତେ ସହଜ ବ୍ୟାପାର ନୁହେଁ; ଗୋଟିଏ ମାତ୍ର ପରିବାରରେ ଅନେକ ସମୟରେ ଶାନ୍ତି ସ୍ଥାପନ ସମ୍ଭବ ହେଉନି। ମାତ୍ର ଗୋଟିଏ ପରିବାର ଏବଂ ସେହି ପରିବାର ସଦସ୍ୟଙ୍କ ମଧ୍ୟରେ ଅନେକ ସମୟରେ ଅସାମଞ୍ଜସ୍ୟ ପରିଲକ୍ଷିତ ହେଉଛି। ସେପରି ସ୍ଥିତିରେ ବିଶ୍ୱରେ ଆମେରିକା-ରୁଷିଆ ଭଳି ମନମୋଟିଆ ଦେଶଙ୍କ ମନମାନୀ କାରଣରୁ ବିଶ୍ୱିକ ପରିସ୍ଥିତି ଆଜି ଜଟିଳ। ସେଭଳି ସ୍ଥିତିରେ ଜାତିସଙ୍ଘର ଏକ ସଶକ୍ତ ଏବଂ ସମୟୋଚିତ ପଦକ୍ଷେପ ଜରୁରୀ।

## ଜ୍ଞାନାମୃତ

# କାମରେ କାମ

ଯିଏ ଯେମିତି ଭାବରେ ବା ଯେମିତି ଜାଗାରେ ଥାଉ ନା କାହିଁକି, ନିଜ କାମରେ କାମ ରଖନ୍ତି ସମସ୍ତେ । କାମ ଛୋଟ ହେଉ କି ବଡ଼ ସେଥିରେ କିଛି କଥା ନାହିଁ, କଥା ଥାଏ ସେହି କାର୍ଯ୍ୟ ସମ୍ପାଦନରେ । କିଏ କିଭଳି ଭାବେ ତା'ର କାମ କରୁଛି ଏବଂ କେତେ ସୁରୁଖୁରୁରେ କରୁଛି ତାହା ଦେଖିବାର କଥା ଏବଂ କାମର ଫଳାଫଳ କିପରି ଆସୁଛି। ରାତି ପାହିଲେ ସମସ୍ତେ କାମ କଥା ଭାବନ୍ତି ହେଲେ ସେହି କାମକୁ କିଭଳି କଲେ କାମଟି ଭଲ ହେବ ଏବଂ ତା' ଦ୍ୱାରା ଅନ୍ୟମାନେ ବି ଲାଭରେ ରହିବେ, ସେ କଥା ଉପରେ କେହି ବି ଚିନ୍ତା କରନ୍ତି ନାହିଁ। ଆଉ ଯିଏ ଚିନ୍ତା କରନ୍ତି, ସେ ହିଁ ସତରେ ଜଣେ କାମିକା ଲୋକ। ଏମିତି ଜଣେ କାମିକା ଲୋକ ଥିଲେ କମାଲ୍ ବାବୁ ଯିଏ କଥା କଥାରେ ଧନ୍ଦାରେ ବନ୍ଧା ବୋଲି କହୁଥିଲେ। ପ୍ରଥମେ ତ ଅନେକ ତାଙ୍କୁ ମଜାରେ ଉଡ଼ାଇଦେଉଥିଲେ ହେଲେ ଧୀରେ ଧୀରେ ଲୋକର ସେହି କଥାର ଭିତିରି ମର୍ମକୁ ବୁଝିବାକୁ ଲାଗିଲେ। କଥାର ଅର୍ଥ ବୁଝିବାକୁ ହେଲେ ଆମକୁ ପ୍ରଥମେ ସମୟର ମୂଲ୍ୟ ବୁଝିବାକୁ ହେବ। ସମୟର ମୂଲ୍ୟ ବୁଝିନଥିବା ଲୋକମାନେ କେବେ ବି ସେହି କମାଲ୍ ବାବୁଙ୍କ କଥାକୁ ବୁଝିପାରିବେ ନାହିଁ। ଥରେ ଜଣେ ଲୋକ ଅସୁବିଧାରେ ପଡ଼ି କମାଲ୍ ବାବୁଙ୍କୁ କିଛି ଟଙ୍କା ଧାର୍ ମାଗିଲା, ସେବେ ବି କମାଲ୍ ବାବୁ ଲୋକଟିକୁ ସେହି ସମାନ କଥା ଧନ୍ଦାରେ ବନ୍ଧା କହି ଫେରାଇଦେଇଥିଲେ। ଲୋକଟି ନିରାଶ ହୋଇ ଫେରିଗଲା ହେଲେ କମାଲ୍ ବାବୁ ଦିନକ ପରେ ଯାଚିକରି ତା' ଘରେ ଯାଇ କିଛିଟଙ୍କା ତାକୁ ଦେଇଆସିଲେ। ଲୋକଟି ଆତିଥ୍ୟ ଦେବାକୁ ଯାଇ କମାଲବାବୁଙ୍କୁ ତାଙ୍କ ଘରେ କିଛି ସମୟ ବସିଯିବା ପାଇଁ କହିବାରୁ କମାଲ୍ ବାବୁ ସେହି ସମାନ୍ କଥା ଧନ୍ଦାରେ ବନ୍ଧା ବୋଲି କହି ସେଠାରୁ ଚାଲିଆସିଲେ। ଲୋକଟି ଧୀରେ ଧୀରେ କମାଲ୍ ବାବୁଙ୍କ କଥାର ଅର୍ଥ ବୁଝିବାକୁ ଚେଷ୍ଟା କରୁଥିଲା। ବିଳମ୍ବରେ ହେଲେ ବି ବୁଝିଲା ଅବଶ୍ୟ। ଯେଉଁମାନେ ସମୟର ମୂଲ୍ୟ ବୁଝନ୍ତି, ସେମାନେ ସର୍ବଦା ବ୍ୟସ୍ତ ରହନ୍ତି। କେବଳ ବ୍ୟସ୍ତ ରହନ୍ତି ନାହିଁ, ସେହି ଅନୁସାରେ ନିଜର ଜୀବନଶୈଳୀରେ ବି ପରିବର୍ତ୍ତନ ଆଣିବାର ଚେଷ୍ଟା କରନ୍ତି। ଯାହାର ଯେମିତି କାମ, ତା'ର ସମୟର ମୂଲ୍ୟାଙ୍କନ ବି ସେମିତି। ତା'ର ସମୟର ସମ୍ପାଦନ ପ୍ରକ୍ରିୟା ବି ସେମିତି । ଅତଏବ କଥା ଏବଂ କାର୍ଯ୍ୟ ମଧ୍ୟରେ ସମନ୍ୱୟ ରହିପାରିଲେ ଜୀବନର ସବୁ କାମ ସୁରୁଖୁରୁରେ ସମ୍ପାଦନ ହୋଇପାରିବ। ଯାହା ଜୀବନରେ ସଫଳତା ପାଇଁ ବହୁ ଜରୁରୀ ।

# ଓଡିଆ ଭାଷାର ନବଜାଗରଣ ଓ ସାରଳା ଦାସ

**ହିମାଂଶୁ ଶେଖର ଆଚାର୍ଯ୍ୟ**

ଓଡିଆ ଭାଷା ସାହିତ୍ୟର ଜନକ, ଉତ୍କଳବ୍ୟାସ ଭାବେ ପରିଚିତ ମାଟିର ମହାକବି ସାରଳା ଦାସଙ୍କ ସାଧନାସିକ୍ତ ସାରସ୍ୱତ ଅବଦାନ ଯଥାର୍ଥରେ ଅତୁଳନୀୟ । ନମ୍ରତା, ସରଳତା ଓ ସମର୍ପଣତାର ଏକ ମୂର୍ତ୍ତିମନ୍ତ ପ୍ରତୀକ ଭାବେ ଏହି ମହାକବି ସ୍ୱୀୟ ପ୍ରତିଭା ସ୍ଫୁରଣରେ ମା' ସାରଳାଙ୍କ ଅପାର୍ଥିବ କୃପାର ଅଯାଚିତ ଅବଦାନକୁ ପାଥେୟକରି ନିଜର ମହାନୁଭବତାର ଯେଉଁ ଆଲେଖ୍ୟ ରଖିଯାଇଛନ୍ତି ତାର ପଟ୍ଟାନ୍ତର ନାହିଁ। ପଞ୍ଚଦଶ ଶତାବ୍ଦୀର ଏହି ମହାକବି ତତ୍କାଳୀନ ସଂସ୍କୃତ ଭାଷାର ପ୍ରାଧାନ୍ୟ ଓ ବ୍ରାହ୍ମଣ ସମାଜର ପ୍ରାଦୁର୍ଭାବକୁ ପ୍ରତିହତ କରି ଓଡିଆ ସାହିତ୍ୟକୁ ସମୃଦ୍ଧ କରିବାକୁ ଆଗେଇ ଆସି ଯେଉଁ ଓଡିଆ ଭାଷାରେ ସଂସ୍କୃତ ସମକକ୍ଷ କାବ୍ୟ ରଚନା କରି ନିଜର ଅନନ୍ୟ ପ୍ରତିଭାର ନିଦର୍ଶନ କରିଥିଲେ । ଉତ୍କଳର ବରପୁତ୍ର ଏହି ମହାନ କବିଙ୍କ ଜୀବନୀ ସମ୍ବନ୍ଧରେ ବିଶେଷ କିଛି ତଥ୍ୟ ଉପଲବ୍ଧ ହୁଏ ନାହିଁ । କାରଣ ନିଜ ଗ୍ରନ୍ଥମାନଙ୍କରେ ନିଜ ପରିଚୟ ସେ ସ୍ପଷ୍ଟ ଭାବରେ ଦେଇନାହାନ୍ତି। ତେବେ ମାଟିର ଏହି ବିସ୍ମୟ ପ୍ରତିଭା ସାରଳା ଦାସ ସୂର୍ଯ୍ୟବଂଶର ପ୍ରତିଷ୍ଠାତା ମହାରାଜା କପିଳେନ୍ଦ୍ର ଦେବ (୧୪୩୫-୬୮) ସମସାମୟିକ ଥିଲେ ବୋଲି ଅନୁମାନ କରାଯାଏ । ପ୍ରଚଳିତ ଜନଶ୍ରୁତି ଓ ତାଙ୍କ ରଚନା ସମୂହରେ ବିକ୍ଷିପ୍ତ ଭାବେ ରହିଥିବା କେତେକ ପଂକ୍ତିକୁ ବିଚାରକୁ ନେଲେ ଝଙ୍କଡ ପ୍ରଗଣାସ୍ଥିତ ସାରୋଳ ଗ୍ରାମ ଅନ୍ତର୍ଗତ କାଳିନାଗ ଗ୍ରାମରେ କବି ଜନ୍ମଗ୍ରହଣ କରିଥିଲେ ।

ସମସାମୟିକ ସମାଜରେ ସଂସ୍କୃତ ଭାଷାର ଥିଲା ନିରଙ୍କୁଶ ରାଜତ୍ୱ। ଏହିପରି ଏକ ଘଡିସନ୍ଧି ମୁହୂର୍ତ୍ତରେ ଜନତାର ଭାଷାରେ ଗ୍ରନ୍ଥ ରଚନା କରିବାରେ ସେ ଥିଲେ ପ୍ରଥମ କବି । ଏପରି ଏକ ବୈପ୍ଳବିକ ପଦକ୍ଷେପ ନେଇ ଉଭୟ ବାଲ୍ମିକୀ ଓ ବ୍ୟାସଙ୍କୁ ନୂତନ ଭଙ୍ଗୀରେ ରୂପାନ୍ତର କରି ତତ୍କାଳୀନ ନିଷ୍ପ୍ରଭ ବାଣୀଭଣ୍ଡାରକୁ ଜନଜୀବନ ସହିତ ଜଡିତ କରି ନିଜର ପାରଦର୍ଶିତା ପ୍ରମାଣ କରିଥିଲେ। ସାରଳା ଦାସ ଯେଉଁ କାବ୍ୟ କବିତା ରଚନା କରିଥିଲେ ସେଥିରେ ଥିଲା - ରାମାୟଣ, ମହାଭାରତ ଓ ଭାଗବତ । ସେ ଲେଖିଛନ୍ତି -ଏଠାରେ ରାମାୟଣ ହେଉଛି 'ବିଲଙ୍କା ରାମାୟଣ', ଭାରତ ହେଉଛି 'ମହାଭାରତ' ଓ ଶିରୀ ଭାଗବତ ହେଉଛି 'ଦେବୀ ଭାଗବତ' ବା 'ଚଣ୍ଡୀପୁରାଣ' । ଏଥି ସହିତ ବାଲ୍ମିକୀ ରାମାୟଣ, ଲକ୍ଷ୍ମୀନାରାୟଣ ବଚନିକା ଓ 'ସପ୍ତକାଣ୍ଡ ରାମାୟଣ' ପ୍ରଭୃତି ମଧ୍ୟ ତାଙ୍କ ଲେଖନୀରୁ ନିଃସୃତ ହୋଇଅଛି । ।

'ସାରଳା ମହାଭାରତ' କବିଙ୍କ ଗ୍ରନ୍ଥମାନଙ୍କ ମଧ୍ୟରେ ବୃହତ୍ତମ। ଏପରିକି ଏହା ଆକାରରେ ବ୍ୟାସଦେବଙ୍କ ସଂସ୍କୃତ ମହାଭାରତ ଠାରୁ ମଧ୍ୟ ବଡ । ବ୍ୟାସଙ୍କ ମହାଭାରତରେ ଶ୍ଳୋକ ସଂଖ୍ୟା ଏକଲକ୍ଷ ହୋଇଥିବା ବେଳେ ସାରଳା ଦାସଙ୍କ ପଦ ସଂଖ୍ୟା ଏକଲକ୍ଷ ଚାଳିଶ ହଜାର । 'ଚଣ୍ଡୀ ପୁରାଣ' ମହାଭାରତର ପରବର୍ତ୍ତୀ ରଚନା। ଶୁକ-ପରୀକ୍ଷିତ ସମ୍ବାଦ ଆକାରରେ ଓ ମହିଷାସୁର ବଧ ପ୍ରସଙ୍ଗକୁ ଉପଜୀବ୍ୟ କରି ଏହା ରଚିତ। ଲକ୍ଷ୍ମୀ ନାରାୟଣ ବଚନିକା ପୋଥି ଆକାରରେ ରହିଛି। ଦାଣ୍ଡିବୃତ୍ତରେ ରଚିତ ଏହି ଗ୍ରନ୍ଥଟି ମହାଲକ୍ଷ୍ମୀଙ୍କ ବନ୍ଦନାରେ ଆରମ୍ଭ ହୋଇଅଛି । ଲକ୍ଷ୍ମୀ-ନାରାୟଣଙ୍କ କଥୋପକଥନ ଶୈଳୀରେ ଏହା ରଚିତ।

ସାରଳା ଦାସ ମହାଭାରତ ଓଡିଆ ଜାତିର ଜୀବନ ବେଦ କହିଲେ ଅତ୍ୟୁକ୍ତି ହେବନାହିଁ। ଏହା ମୂଳ ସଂସ୍କୃତ ମହାଭାରତର ଅନୁବାଦ ନୁହେଁ। ମୂଳ ଗ୍ରନ୍ଥଟିର କଙ୍କାଳକୁ ମାତ୍ର ଗ୍ରହଣ କରି ସାରଳା ଦାସ ସେଥିଲେ ସ୍ୱ-କଳ୍ପନା ଶକ୍ତି ବଳରେ ରକ୍ତମାଂସ ସଂଯୋଗ କରିଛନ୍ତି । ସାରଳା ମହାଭାରତର ଏପରି କୌଣସି ଦିଗ ନାହିଁ, ଯେଉଁଥିଲେ ସାରଳା ଦାସଙ୍କ ଜାତୀୟତାର ଛାପ ଦେଖିବାକୁ ମିଳେନାହିଁ । ତାଙ୍କ ବିରଚିତ ମହାଭାରତରେ ଓଡିଶାର ମଠମନ୍ଦିର, ଧର୍ମପୀଠ, ଭୂଗୋଳ, ଜନପଦ, ପର୍ବତ, ନଦ ନଦୀ, ଅରଣ୍ୟ, କିମ୍ବଦନ୍ତୀ, ଲୋକକଥା ଓ ଲୋକ ବିଶ୍ୱାସକୁ ଜୀବନ୍ତ ରୂପରେ ରୂପାୟିତ କରିଛନ୍ତି ତାହା ତାଙ୍କ ଅସାମାନ୍ୟ ବୌଦ୍ଧିକ ଚେତନାର କଥା କହେ । ମହାଭାରତରେ ସାରଳା ଦାସ ୧୮ଟି ପର୍ବ ରଖିଛନ୍ତି ଯେଉଁଥିରେ ଆଦିପର୍ବ, ମଧ୍ୟପର୍ବ, ସଭାପର୍ବ, ବନପର୍ବ, ବିରାଟ ପର୍ବ, ଉଦ୍ୟୋଗ ପର୍ବ, ଭୀଷ୍ମପର୍ବ, ଦ୍ରୋଣପର୍ବ, କର୍ଣ୍ଣପର୍ବ, ଶଲ୍ୟପର୍ବ, ଗଦାପର୍ବ, କାଇଁଶିକା ପର୍ବ, ନାରୀପର୍ବ, ଶାନ୍ତିପର୍ବ, ଅଶ୍ୱମେଧ ପର୍ବ, ଆଶ୍ରମିକା ପର୍ବ, ମୂଷଳୀ ପର୍ବ ଓ ସ୍ୱର୍ଗାରୋହଣ ପର୍ବ ରହିଛି। ସାରଳ ମହାଭାରତ ପ୍ରବଚନ, ନୀତିକଥା ଓ ଲୋକକଥାର ଖଣି।

ସାରଳା ଦାସ ଉତ୍କଳର ଆଦିକବି ହୋଇଥିବାରୁ ତାଙ୍କ ରଚନାବଳୀ ଦ୍ୱାରା ପରବର୍ତ୍ତୀ କବି ଓ ସାହିତ୍ୟିକମାନେ ବହୁଳ ଭାବରେ ପ୍ରଭାବିତ ହୋଇଛନ୍ତି । ବଳରାମ ଦାସଙ୍କ 'ଜଗମୋହନ ରାମାୟଣ'ରେ ସାରଳା ଦାସଙ୍କ ମହାଭାରତର ସ୍ପଷ୍ଟ ପ୍ରଭାବ ଦେଖିବାକୁ ମିଳେ। ଓଡିଆ ଭାଗବତକାର ଜଗନ୍ନାଥ ଦାସ ମଧ୍ୟ ତାଙ୍କ କଥାବସ୍ତୁ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲେ । ସେହିପରି ଦୀନକୃଷ୍ଣ ଦାସଙ୍କ 'ସୁଭଦ୍ରା ପରିଣୟ', ଭକ୍ତଚରଣ ଦାସଙ୍କ 'ମଥୁରାମଙ୍ଗଳ'ରେ ସାରଳା ଦାସଙ୍କୁ ଅନୁସରଣ କରିଥିଲେ । ଆଧୁନିକ ଯୁଗସ୍ରଷ୍ଟା କବିବର ରାଧାନାଥ ରାୟ ସାରଳା ଦାସଙ୍କ ମହାଭାରତରୁ କଥାବସ୍ତୁ ଆହରଣ କରି 'ବାଣହରଣ', 'ବେଣୀ ସଂହାର' ଆଦି ପୌରାଣିକ କାବ୍ୟମାନ ରଚନା କରିଥିଲେ । ଏହିପରି ବ୍ୟାସକବି ଫକିର ମୋହନ ମଧ୍ୟ ନିଜ ଗଦ୍ୟ ରଚନାରେ ସାରଳାଙ୍କ ଭାଷା ବ୍ୟବହାର କରି ଓଡିଆ ଭାଷାର ପ୍ରକାଶକ୍ଷମ ଶକ୍ତି ପ୍ରଦର୍ଶନ କରିଥିଲେ। କେବଳ ଓଡିଶାରେ ନୁହେଁ, ଓଡିଶା ବାହାରର ସାହିତ୍ୟିକମାନେ ମଧ୍ୟ ସାରଳା ମହାଭାରତର ଭାବ-ସମ୍ପଦରେ ମୁଗ୍ଧହୋଇ ଏହା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଫଳସ୍ୱରୂପ ବଙ୍ଗଳା ଭାଷାରେ ସାରଳା ମହାଭାରତ ରଚିତ ହୋଇଥିଲା। ସବୁଦିଗରୁ ବିଚାର କଲେ ଦୀର୍ଘ ପାଞ୍ଚଶହରୁ ଉର୍ଦ୍ଧ୍ୱ ବର୍ଷ ଧରି ବହୁ ପୁରାଣ କାବ୍ୟ, ଯାତ୍ରା, ସୁଆଙ୍ଗ ପ୍ରଭୃତି ସାରସ୍ୱତ ସ୍ରଷ୍ଟାମାନେ ସାରଳା ଦାସଙ୍କ ରଚନାବଳୀ ଦ୍ୱାରା ପ୍ରଭାବିତ ହୋଇଆସୁଛନ୍ତି। ତେଣୁ, ତାଙ୍କୁ କେବଳ କବି ନୁହେଁ, ଓଡିଆ ସାହିତ୍ୟରେ ଆଦିକବିର ମାନ୍ୟତା ଦିଆଯାଇଛି ।ଫେବୃୟାରୀ ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର ଜନତା ମଇଦାନରେ ଆରମ୍ଭ ହୋଇଛି ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପରେ ଏପରି ସମ୍ମିଳନୀ ପ୍ରଥମ ଥର ପାଇଁ ଆୟୋଜନ ହଉେଅଛି । ଓଡିଆ ଅସ୍ମିତାର ଜାଗରଣ ଓ ସୁରକ୍ଷା ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ସବୁଠୁ ବେଶୀ ପ୍ରଶଂସାର ପାତ୍ର । କୁହାଯାଏ ଭାଷାହିଁ ଜାତିର ପରିଚୟ । ଭାଷା ମରିଗଲେ ଜାତି ମରିଯିବ। ଭାଷାଟିଏ ଥିଲା ବୋଲି ଆମେ ଜାଗାଟିଏ ପାଇଲେ ୧୯୩୬ ମସିହା ଏପ୍ରିଲ୍ ପହିଲା ଦିନ । ୨୦୧୪ ମାର୍ଚ୍ଚ ୧୧ ତାରିଖରେ ଆମ ମାତୃଭଷା ଶାସ୍ତ୍ରୀୟ ମାନ୍ୟତା ପାଇଲା । ଏ କ୍ଷେତ୍ରରେ ସାରଳା ମହାଭାରତ ଆଦିଗ୍ରନ୍ଥ ଭାବେ ଗରୁତ୍ୱପୂର୍ଣ୍ଣ ଭୂମିକାକୁ ଅସ୍ୱୀକାର କରି ହେବନି । ଓଡିଆ ଭାଷାର ନବଜାଗରଣ ଆଦିକବି ହିଁ ଆଣିଥିଲେ । ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ପାଳନ ଅବସରରେ ଏହି ମହାନ ସାରସ୍ୱତ ସ୍ରଷ୍ଟାଙ୍କୁ ମନେପକାଇବାର ବେଳ ଆସିଛି ।

**ସଭାପତି**
**ସାରସ୍ୱତ ପରିଷଦ,**
**ଜଗତସିଂହପୁର**
**ମୋ - ୯୯୩୭୧୫୧୦୫୨**

## ଜଗତ କଲ୍ୟାଣ ପାଇଁ ନିଜକୁ ଉତ୍ସର୍ଗ

# ଆଧ୍ୟାତ୍ମିକ ପର୍ଯ୍ୟଟନ ମାନଚିତ୍ରରେ ମହିମା ପୀଠ ଯୋରନ୍ଦା

**ଅଲେଖ ଚନ୍ଦ୍ର ସାମଲ**

ତ୍ୟାଗ, ତପସ୍ୟା, ଆତ୍ମଜ୍ଞାନ, ବ୍ରହ୍ମଦୀକ୍ଷା ଓ ବ୍ରହ୍ମଉପାସନାର ଧର୍ମ ମହିମା ଧର୍ମ । ସକଳ ମତବାଦର ସାର ନିର୍ଯାସ ବିଶୁଦ୍ଧ ଅଦ୍ୱୈତ ବ୍ରହ୍ମବାଦରେ ଏହା ପରିପୁଷ୍ଟ ଓ ପରିବର୍ଦ୍ଧିତ । ଏକଦା ପବିତ୍ର ଉତ୍କଳଭୂମିର ଯୋରନ୍ଦାରେ ଅଙ୍କୁରିତ ହୋଇଥିବା ଏହି ଭୂମାସ୍ପର୍ଶୀ ବିଶାଳ ଧର୍ମବୃକ୍ଷ ସମଗ୍ର ଭାରତବର୍ଷକୁ ଧାର୍ମିକ ଚେତନାରେ ପ୍ଳାବିତ କରୁଛି । ଗୁରୁ ମହିମାସ୍ୱାମୀଙ୍କ ଯୋଗ୍ୟ ଆଜ୍ଞାବାହ ଭାବେ ପ୍ରଥମପନ୍ଥୀ, ଦ୍ୱିତୀୟପନ୍ଥୀ ଓ ବାର୍ତ୍ତମାନିକ ତୃତୀୟପନ୍ଥୀ ବଳକଳଧାରୀ ଅବଧୂତ ସନ୍ୟାସୀ ଧର୍ମପ୍ରଚାର ପ୍ରାରମ୍ଭରୁ ଆଜିସୁଦ୍ଧା ମହିମା ଧର୍ମଧାମର ସୁରକ୍ଷା, ସମୃଦ୍ଧି ଅକ୍ଷୁଣ୍ଣ ରଖି ଆସିଛନ୍ତି । ଗୁରୁସ୍ୱାମୀ ମହିମା ପ୍ରଭୁଙ୍କ ଆଜ୍ଞାରେ କ୍ରମିକ ପରମ୍ପରା ସିଦ୍ଧପନ୍ଥୀ ପୂଜ୍ୟ ବଲ୍କଳଧାରୀ ପର ସନ୍ନ୍ୟାସୀବୃନ୍ଦଙ୍କ ନେତୃତ୍ୱ ଦ୍ୱାରା ହିଁ 'ଏକ ପ୍ରଭୁ, ଏକ ଧର୍ମ, ଏକ ଧାମ ଓ ଏକ ସମାଜ - ମହିମାଧର୍ମ ଧାମ ସମାଜ' ବହୁ ବାଧା ପ୍ରତିବନ୍ଧକ ସତ୍ତ୍ୱେ ସଂପୁଜିତ ଓ ସଂବର୍ଦ୍ଧିତ ହୋଇପାରିଛି । ପ୍ରଭୁଙ୍କ ଆଜ୍ଞା ଏହି ଯେ 'ମହିମାଙ୍କ ନାମ ରହିବ ଓ ମହିମାଙ୍କ ଧାମ ରହିବ' । ଶରୀରରୁ ହାତ ଅଲଗା ହୋଇ ଶରୀର । ବୃକ୍ଷରୁ ପତ୍ର ଅଲଗା ହୋଇ ବୃକ୍ଷ କଦାପି ହୋଇପାରିବ ନାହିଁ । ଶରୀର ବା ବୃକ୍ଷରେ ହିଁ ଏମାନଙ୍କର ପରିଚୟ । ତେଣୁ ଏହି ଲକ୍ଷ୍ୟରେ ଧର୍ମସଂଘକୁ ଅଧିକ ଦୃଢ଼ୀଭୂତ କରିବା ପାଇଁ ତ୍ୟାଗମୂର୍ତ୍ତୀ ଅବଧୂତ ବାବାଙ୍କ ନେତୃତ୍ୱରେ କିଛିବର୍ଷ ପୂର୍ବେ ସାପ୍ତାହିକ ଧାର୍ମିକ ଅଧିବେଶନର ଶୁଭାରମ୍ଭ କରାଯାଇଥିଲା । ସେହିଦିନଠାରୁ ଆଜିସୁଦ୍ଧା ଭ୍ରମଣଶୀଳ ଓ ଗାଦି ନୀତିସେବା ନିଯୁକ୍ତ ସାଧୁସନ୍ଥ, ତ୍ୟାଗୀବୈରାଗୀ, ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପ୍ରତ୍ୟକ୍ଷ ସମାଗମରେ ମହିମାଗାଦି ସଦରଚୌପାଢ଼ୀ ନିକଟ ସଭାମଣ୍ଡପଠାରେ ପ୍ରତି ବୁଧବାର ଦିନ ଏହା ସଫଳତାର ସହ ଅନୁଷ୍ଠିତ ହୋଇଆସୁଛି ।ଭୀମଭୋଇ ପ୍ରଭୁ ମହିମାସ୍ୱାମୀଙ୍କ ଠାରୁ ଉପଦେଶ ଓ କବିତା ଶକ୍ତି ପ୍ରାପ୍ତ ହୋଇ ମହିମାଧର୍ମର ପ୍ରଥମ ଗୃହସ୍ଥ ଭକ୍ତ ହେବାର ଗୌରବ ଅର୍ଜନ କରିଥିଲେ । ଏହି ଧର୍ମ କାହାର ବିରୋଧାଭାସ ନୁହେଁ, ବରଂ ହିନ୍ଦୁଧର୍ମର ବିଶୁଦ୍ଧ ରୂପାନ୍ତର ଓ ବେଦାନ୍ତସିଦ୍ଧ ଧର୍ମ ଅଟେ । ସତ୍ୟ ମହିମା ଧର୍ମ ଗ୍ରନ୍ଥକୋଷ ସମିତି, ମହିମାଗାଦି ଦ୍ୱାରା ବିଭିନ୍ନ ଭାଷାରେ ପ୍ରକାଶିତ ଏହି ଧର୍ମର ପ୍ରାମାଣିକ ଧର୍ମଗ୍ରନ୍ଥଗୁଡ଼ିକ ଯଥା - ସତ୍ୟ ମହିମା ଧର୍ମ ପ୍ରତିପାଦକ, ମହିମା ଧର୍ମ ଇତିହାସ, ମହିମାଗାଦି ମହିମାଧାମ ଇତିହାସ, ସର୍ବବେଦବେଦାନ୍ତ ସାର ତତ୍ତ୍ୱ, ଶିରୋମଣି ସିଦ୍ଧସାଧୁ ଚରିତ୍ରାମୃତ, ଗୃହସ୍ଥ ଶୁଭକର୍ମ ବିଧାନାଦି ଓ ଭୀମଭୋଇ କୃତ ସ୍ତୁତି ଚିନ୍ତାମଣି, ବ୍ରହ୍ମନିରୁପଣ ଗୀତା, ଭଜନ ଚଉତିଶା ପ୍ରଭୃତି ଅନ୍ୟତମ । ମୁଁ ନିଜକୁ ଅତ୍ୟନ୍ତ ଗୌରବାନ୍ୱିତ ମନେକରେ ଯେ ମୋ ବାପା ସ୍ୱର୍ଗତଃ ନରହରି ସାମଲ ଓ ମାଆ ସ୍ୱର୍ଗତଃ ଅନ୍ନପୂର୍ଣ୍ଣା ସାମଲ ଉଭୟ ମହିମା ଧର୍ମାଶ୍ରିତ ଥିଲେ। ମହିମା ଧର୍ମର ସାଧୁସନ୍ଥ ମାନେ ଆମ ଘରେ ଅନେକ ଥର ପାଦ ପକାଇ ଆମ ମାନଙ୍କୁ ଆଶୀର୍ବାଦ କରିଛନ୍ତି। ସେମାନଙ୍କ ସେବାରେ ଓ ଆପ୍ୟାୟିତ କରିବାରେ ଆମ ପରିବାର କିଛିଟା ଭାଗ୍ୟ ମଧ୍ୟ ପାଇଛନ୍ତି। ଓଡ଼ିଶାରେ ମହିମା ଧର୍ମର ପ୍ରଚାର ପ୍ରସାର ପାଇଁ କିଛି ବର୍ଷ ହେଲା କିଛି ମହିମା ଧର୍ମର ସମ୍ବନ୍ଧୀୟ ଉପାଦେୟ ଲେଖା ବିଭିନ୍ନ ଖବରକାଗଜରେ ପ୍ରକାଶ ହୋଇଛି। ଓଡ଼ିଶାର ଦ୍ୱିତୀୟ ଯୋରନ୍ଦା କୁହାଯାଉଥିବା ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ରତ୍ନଗିରି ସନ୍ନିକଟ କୋଲଣଗିରି ପାଖରେ ଥିବା ପଣସିଆ ପାଳରେ ମହିମା ଧର୍ମର ଅନ୍ୟତମ ପୀଠ ନିର୍ମିତ ଏହି ସ୍ଥାନରେ କ୍ଷେତ୍ରବାସୀ ବାବାଙ୍କ ପବିତ୍ର ସମାଧି ମନ୍ଦିର ଓ ଶୂନ୍ୟ ମନ୍ଦିର ଆଦି ରହିଛି। ମହିମା ସମାଜ ଓ ମହିମାଗାଦି, ଏହି ଅନୁଷ୍ଠାନର ସଭାପତି ଭାବେ ଚିତ୍ତରଞ୍ଜନ ଦାଶ ରହିଥିବାବେଳେ ବ୍ରହ୍ମଅବଧୂତ ନିତ୍ୟାନନ୍ଦ ଦାଶ ଏହାର ସମ୍ପାଦକ ଓ ମୁଁ ଏହାର ଟ୍ରଷ୍ଟି ରହିଛି। ଦେଶର ଆଧ୍ୟାତ୍ମିକ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଛି ଢ଼େଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଯୋରନ୍ଦା ମହିମା ପୀଠ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ପ୍ରସିଦ୍ଧ ମହିମା ପୀଠ ଢ଼େଙ୍କାନାଳ ଜିଲ୍ଲା ଯୋରନ୍ଦା ଠାରେ ଉପାସନା ପୀଠ ଓ ବଡ଼ୀ ମଣ୍ଡପ ନିର୍ମାଣ, ଭବ୍ୟ ମହିମା ଗାଦି ଶୂନ୍ୟ ମଣ୍ଡପ ନିର୍ମାଣ ଏବଂ ମହିମା ଗାଦି ଚତୁର୍ପାର୍ଶ୍ୱ ଉନ୍ନତିକରଣ କାର୍ଯ୍ୟର ଭୂମି ପୂଜନ କରିଛନ୍ତି। ଯୋରନ୍ଦା ଠାରେ ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶା ହେଉଛି ଦେବ ଭୂମି ଓ ପୂଣ୍ୟ ଭୂମି। ମହିମା ଧର୍ମ ଯୋରନ୍ଦା ମାଟିକୁ ପବିତ୍ର କରିବା ସହ ପ୍ରସିଦ୍ଧି ଆଣି ଭାରତର ଆଧ୍ୟାତ୍ମିକ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଦେଇଛି। ଏଭଳି ପବିତ୍ର ମାଟିକୁ ଆସି ଓ ଆପଣ ମାନଙ୍କ ସହିତ ମିଶିବାର ସୁଯୋଗ ପାଇ ମୁଁ ବହୁତ ଖୁସି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସାରା ବିଶ୍ୱକୁ ଏକ ପରିବାର ଭାବରେ ଗ୍ରହଣ କରି ମହିମା ଧର୍ମର ସରଳ ଜୀବନ, ସମ୍ୟତା ଓ ଜଗତ କଲ୍ୟାଣରେ ବିଶ୍ୱାସ କରେ। ମହିମା ଧର୍ମର ମହାନ ସନ୍ଥ ଭୀମ ଭୋଇଙ୍କ ବାର୍ତ୍ତା ଆମ ସମସ୍ତଙ୍କ ପାଇଁ ପ୍ରେରଣା ଅଟେ। ଜଗତ କଲ୍ୟାଣ ପାଇଁ ନିଜକୁ ଉତ୍ସର୍ଗ କରିବାର ଚିନ୍ତାଧାରା ଆମକୁ ମହିମା ଧର୍ମ ଶିକ୍ଷା ଦେଇଛି ବୋଲି କହି ମହିମା ଧର୍ମ ପୀଠର ଉନ୍ନତି ପାଇଁ ୧୧୨ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ସେ କହିଥିଲେ। ଖୁବ ଶୀଘ୍ର କାମ ଆରମ୍ଭ ହେବା ସହିତ ତିନି ବର୍ଷ ମଧ୍ୟରେ ଏହି କାର୍ଯ୍ୟ ଶେଷ ହୋଇ ଢ଼େଙ୍କାନାଳ ଜିଲ୍ଲାକୁ ଏହି ପୀଠ ଏକ ନୂଆ ପରିଚୟ ଦେବ ବୋଲି ସେ କହିଥିଲେ। ଯୋରନ୍ଦାକୁ ଓଡ଼ିଶା ତଥା ଭାରତର ଆଧ୍ୟାତ୍ମିକ ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ ପୀଠ ଭାବରେ ପରିଗଣିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କର ସହଯୋଗ କାମନା କରି ଆଗାମୀ ମାଘ ମେଳା ଓ ଅଗ୍ନି ପୂର୍ଣ୍ଣିମା ପାଇଁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଇସ୍ପାତ ଓ ଖଣି ଏବଂ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗ ଦେଇ କହିଥିଲେ ଯେ, ଢ଼େଙ୍କାନାଳ ଜିଲ୍ଲା ଓଡ଼ିଶାକୁ ମହିମା ଧର୍ମ ଦେଇଛି। ଏହି ଧର୍ମର ପ୍ରସାର ଓ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ସହଯୋଗ ଯୋଗଦେଇ ମହିମା ଧର୍ମ ପ୍ରତି ତାଙ୍କର ଆନ୍ତରିକତାକୁ ପ୍ରଦର୍ଶନ କରିଛନ୍ତି। କାର୍ଯ୍ୟକ୍ରମରେ ୫ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଯୋଗ ଦେଇ କହିଥିଲେ ଯେ ବହୁତ ଲୋକଙ୍କ ବିରୋଧ ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ଏହି ପୀଠର ବିକାଶ ପାଇଁ ନିଷ୍ପତ୍ତି ନେଇଛନ୍ତି। ଦୁନିଆକୁ ସରଳତା, ସ୍ୱଚ୍ଛତା, ସେବା ଓ ନିଃସ୍ୱାର୍ଥପରତାର ବାର୍ତ୍ତା ଦେଉଥିବା ଏହି ମହିମା ଧର୍ମକୁ ଆଗେଇ ନେବାକୁ ହେବ। ଆମ ମୁଖ୍ୟମନ୍ତ୍ରୀ ଶ୍ରେୟ ପାଇଁ ନୁହେଁ, ସେବା ମନୋବୃତ୍ତି ନେଇ କାମ କରିଥାନ୍ତି ବୋଲି କହି ଏହି ପୀଠ ତଥା ଏହାର ପାରିପାର୍ଶ୍ୱିକ ବିକାଶ ପାଇଁ ପଦକ୍ଷେପ ନିଆଯାଇଛି ବୋଲି ସେ କହିଥିଲେ। ମହିମା ପୀଠର ବିକାଶ କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ତାଙ୍କ ହୃଦୟରେ ସ୍ଥାନ ଦେଇଛନ୍ତି। ଏଥି ସହିତ ଓଡ଼ିଶାର ସମସ୍ତ ମହିମା ପୀଠର ବିକାଶ କାର୍ଯ୍ୟ ମଧ୍ୟ କରାଯିବ ବୋଲି ସେ କହିଥିଲେ ।କାର୍ଯ୍ୟକ୍ରମରେ ଢ଼େଙ୍କାନାଳ ସାଂସଦ ମହେଶ କୁମାର ସାହୁ, ବିଧାୟକ ସୁଧିର କୁମାର ସାମଲ, ପରଜଙ୍ଗ ବିଧାୟକ ଡ.ନୃସିଂହ ଚରଣ ସାହୁ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲ୍ଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ପ୍ରମୁଖ ଯୋଗ ଦେଇ ଧର୍ମାନୁଷ୍ଠାନ ଠାରୁ ଆରମ୍ଭ କରି ଗ୍ରାମଦେବୀଙ୍କୁ ପୀଠ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ସମସ୍ତ ଧର୍ମୀୟଭାବନା ଓ ଭାବାବେଗକୁ ଆମ ମୁଖ୍ୟମନ୍ତ୍ରୀ ସମ୍ମାନ ଦେଉଛନ୍ତି ବୋଲି କହିବା ସହିତ ମହିମା ଧର୍ମ ପ୍ରତି ଆନ୍ତରିକତା ଏବଂ ବିକାଶ ପାଇଁ ତାଙ୍କର ଉଦ୍ୟମ ସବୁଦିନ ପାଇଁ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ସେମାନେ କହିଥିଲେ। ଓଡ଼ିଶାର ନବ ଆଧ୍ୟାତ୍ମିକ ପର୍ଯ୍ୟଟନ ରୂପାନ୍ତର କାର୍ଯ୍ୟକ୍ରମରେ ଏହି ମହିମା ପୀଠ ଯୋଡ଼ି ହେବାପରେ ଏହା କେବଳ ମହିମାଧର୍ମାବଲମ୍ବୀ ନୁହେଁ ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଏହା ଏକ ଆଧ୍ୟାତ୍ମିକ ଉପଲବ୍ଧିର ଓ ଆତ୍ମ ରୂପାନ୍ତରିତ କ୍ଷେତ୍ର ହୋଇପାରିବ ବୋଲି ବିଶ୍ୱାସ।

**ପୂର୍ବତନ ଡିଏଫ୍ଓ , ପଲାଇ,**
**ବାଲିଚନ୍ଦ୍ରପୁର, ଯାଜପୁର,**
**ଦୂରଭାଷ : ୯୪୩୭୨୫୭୧୨୩**
**ଓଏଫଏସ୍-୧ (ଏସ.ବି.)**

# ବିଶାଳ ଭାଷା ମହାକୁମ୍ଭ : ନୂଆ ଇତିହାସରେ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ

**ଯଶସ୍ୱିନୀ ପଟ୍ଟନାୟକ**

ପିଲାମାନେ ତୁମେ ଭଲ ଭାବେ ଜାଣିଛ ଆମ ଓଡ଼ିଶା ହେଉଛି ପ୍ରଥମ ଭାଷା ଭିତ୍ତିକ ରାଜ୍ୟ। ଓଡ଼ିଆ ଭାଷାର ପ୍ରଚାର, ସଂରକ୍ଷଣ ଓ ପ୍ରସାର ପାଇଁ ପ୍ରଥମଥର ପାଇଁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ହେଉଛି ଯେଉଁଥିରେ ଓଡ଼ିଶା ବିଶ୍ୱରେ ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରିପାରିବ। ଭାଷାକୁ ନେଇ ସବୁଠି ପାଳନ ହେଉଛି ଉତ୍ସବ। ଆଉ ଏହାକୁ ନେଇ ମାଟିରୁ ଆକାଶ ସାଜସଜ୍ଜାରେ ଭରି ଯାଇଛି ଓଡ଼ିଆପଣ। ସର୍ବୋପରି ଓଡ଼ିଆ ଭାବାବେଗକୁ ଛୁଇଁଲା ଭଳି ହୋଇଛି ପ୍ରତିଟି କାର୍ଯ୍ୟକ୍ରମର ପରିକଳ୍ପନା ଓ ଆୟୋଜନ। ଏହି ସମୟରେ ମନେପଡ଼ି ଯାଉଛି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କାଳଜୟୀ ଧାଡ଼ିଟି - 'ମାତୃଭୂମି, ମାତୃଭାଷାର ମମତା ଯାହା ହୃଦେ ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନେ ରହିବ କାହିଁ।' ଏହି ଧାଡ଼ିଟି ଆମ ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣରେ ଭରି ଦେଇଥାଏ ମାତୃଭୂମି ଓ ମାତୃଭାଷା ପ୍ରତି ଭଲପାଇବା। ସ୍ୱତନ୍ତ୍ର ଭାଷା ଭିତ୍ତିକ ରାଜ୍ୟ ଗଠନ ପାଇଁ ଏହି ଆବେଗ ସୃଷ୍ଟି କରିଥିଲା ଭାଷା ହୃଦୟର ସ୍ପନ୍ଦନ ଯାହାର ଫଳସ୍ୱରୂପ ୧୯୩୬ ଅପ୍ରେଲ ପହିଲାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରାଯାଇଥିଲା। ପିଲାମାନେ ତମେ ଭଲ ଭାବେ ଜାଣିଛ ଆଧୁନିକତାର ସ୍ପର୍ଶର ମାତୃଭାଷା ପ୍ରତି ଅନେକଙ୍କ ଭିତରେ ଯେଉଁ ଅନାଦାର ତାହା ଓଡ଼ିଆ ଭାଷା ପ୍ରେମୀଙ୍କୁ ଦୁଃଖିତ ଓ ମର୍ମାହତ କରିଥିଲା। ତେଣୁ ଓଡ଼ିଆ ଭାଷାର ପ୍ରସାର ଦିଗରେ ରାଜ୍ୟ ସରକାର ହିଁ ପଦକ୍ଷେପର ମୂଳ କର୍ତ୍ତା ପାଲଟନ୍ତୁ ବୋଲି ଯେଉଁ ଆବେଗ ଉଠୁଥିଲା ଏହାର ଫଳସ୍ୱରୂପ ସରକାର ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରି ଓଡ଼ିଶା ସରକାରଙ୍କ ମାତୃଭାଷାର ପ୍ରଚାର ଓ ପ୍ରସାର ପାଇଁ ନିଜ ପ୍ରତିବଦ୍ଧତା ଓ ଭଲ ପାଇବାକୁ ପ୍ରମାଣ କରିବାରେ ସାର୍ଥକ ହୋଇଛନ୍ତି। ଓଡ଼ିଆ ଭାଷାକୁ ଶିକ୍ଷାନୁଷ୍ଠାନ ଠାରୁ, କର୍ମସଂସ୍ଥାନ ଅନୁଷ୍ଠାନ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ବାଧ୍ୟତାମୂଳକ କରିବା ଦିଗରେ ସରକାର ପଦକ୍ଷେପ ନେବା ସହ ଆଉ ପାଦେ ଆଗକୁ ଯାଇ ଓଡ଼ିଆ ବିଶ୍ୱ ବିଦ୍ୟାଳୟ ଗଢ଼ିବା ସାଙ୍ଗକୁ ତୁମପରି କୁନାକୁନି ଓ ବିଦ୍ୟାର୍ଥୀ ମାନଙ୍କୁ ନିଜ ମାତୃଭାଷା ପ୍ରତି ଆକୃଷ୍ଟ କରିବା ପାଇଁ ପ୍ରୋତ୍ସାହନ ସହାୟତାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ସରକାର ଏହି ଭବ୍ୟ ଓ ଆକର୍ଷଣୀୟ ସମ୍ମିଳନୀ ଆୟୋଜନ କରି କେବଳ ରାଜ୍ୟ ନୁହଁ ସମଗ୍ର ବିଶ୍ୱ ଦରବାରରେ ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ପରିଚୟ ଦେବାକୁ ଚେଷ୍ଟା କରିଛନ୍ତି। ଭାଷା ଅତୀତର ଅସ୍ତିତ୍ୱ ଭାଷା ହିଁ ଭବିଷ୍ୟତ। ଏହି ପ୍ରସଙ୍ଗ ଆଧାରରେ ରାଜ୍ୟ ସରକାର ସମ୍ମିଳନୀର କାର୍ଯ୍ୟକ୍ରମର ରୂପରେଖ ତିଆରି କରିଛନ୍ତି। ଓଡ଼ିଆ ଭାଷାର ପ୍ରତିଟି ବିଭାଗ ଏଥିରେ ସ୍ଥାନିତ ହେବା ସହ ଭାଷାବିତ୍ ଖ୍ୟାତିସମ୍ପନ୍ନ ବୁଦ୍ଧିଜୀବି ଓ ବିଦ୍ୱାନ ଏଥିରେ ସାମିଲ ହେବେ। ପ୍ରାଚୀନ, ମଧ୍ୟ ଓ ଆଧୁନିକ କାଳଖଣ୍ଡ ଉପରେ ଓଡ଼ିଶାର ଗୌରବମୟ ଅତୀତ ଓ ପରିବର୍ତ୍ତନଶୀଳ ବର୍ତ୍ତମାନ ଏବଂ ପ୍ରେରଣାଦାୟୀ ଭବିଷ୍ୟତରେ ଏକ ସୁସଜ୍ଜିତ ଆକର୍ଷଣୀୟ ପ୍ରଦର୍ଶନୀର ଆୟୋଜନ ହୋଇଛି। ତୁମ ମାନଙ୍କ ପାଇଁ ଆଉ ଯୁବ ବର୍ଗଙ୍କ ଭିତରେ ପଢ଼ିବାର ଆଗ୍ରହକୁ ଆହୁରି ଉତ୍ସାହ ଓ ଯୋଶରେ ଭରି ଦେବା ପାଇଁ ଏକ ସୁନ୍ଦର କାର୍ଯ୍ୟକ୍ରମ ରହିଛି ଯାହାର ନାମ ହେଉଛି 'ଆସ ପଢ଼ିବା' ଏହାସହ ଏକ ଭ୍ରାମ୍ୟମାଣ ଲାଇବ୍ରେରୀ, ବସ ଓ ମୋବାଇଲ ବୁକଆର୍ଟ ମଧ୍ୟ ତିଆରି ହେଉଛି। ଭାଷା ହେଉଛି ପରମ୍ପରା ଓ ପ୍ରଗତିର ଏକ ସଂଯୋଜକ ସେତୁ। ଏହା ବିକାଶକୁ ଯୋଡ଼ିବାର ମୁଖ୍ୟମାର୍ଗ। ଓଡ଼ିଶାର ଗୌରବମୟ ଇତିହାସର ପ୍ରଥମ ଓ ମୂଳ ପରିଚୟ ହେଉଛି ଏହି ଜାତିର ଭାଷା ଓଡ଼ିଆ। ଏକ ଶାସ୍ତ୍ରୀୟ ଭାଷା ଭାବେ ଲବ୍ଧ ପ୍ରତିଷ୍ଠ ଓଡ଼ିଆ ଭାଷା ହେଉଛି ପ୍ରତିଟି ଓଡ଼ିଆଙ୍କ ଗର୍ବ। ଏହି ଓଡ଼ିଆ ଭାଷା ହିଁ ଆମର ଐତିହ୍ୟପୂର୍ଣ୍ଣ ଅତୀତର ଅସ୍ତିତ୍ୱ ଓ ସ୍ୱର୍ଣ୍ଣିମ ଭବିଷ୍ୟତ। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ହେଉଛି ପ୍ରତିଟି ଓଡ଼ିଆଙ୍କ ପାଇଁ ସେମାନଙ୍କ ଜୀବନର ଏକ ସ୍ମରଣୀୟ ଓ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ଆମ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ଇଚ୍ଛାଶକ୍ତି, କ୍ରାନ୍ତିକାରୀ ଯୋଜନା ଓ ସଂକଳ୍ପରେ ହିଁ ଏହି ଓଡ଼ିଆ ଭାଷା ସମଗ୍ର ବିଶ୍ୱରେ ମୁଖରିତ ହେବାକୁ ଯାଉଛି। ଐତିହାସିକ ଭାବରେ ଓଡ଼ିଶାରେ ଆୟୋଜିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଏହି ଭାଷାର ଜୟଯାତ୍ରାକୁ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପିତ କରିପାରିବ। ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ଓଡ଼ିଆ ଭାଷାର କ୍ରମବିକାଶ, ସାହିତ୍ୟର ଉତ୍ପତ୍ତି ଓ ଏକ ରାଜ୍ୟ ଭାବରେ ଓଡ଼ିଶାର ବିକାଶରେ ଏହାର ଉଲ୍ଲେଖନୀୟ ଯୋଗଦାନକୁ ସମସ୍ତଙ୍କ ସମ୍ମୁଖରେ ପ୍ରସ୍ତୁତ କରିବାକୁ ରାଜ୍ୟ ସରକାରଙ୍କ ଏହି ଅଭୂତପୂର୍ବ ଆୟୋଜନ ଏକ ମାଇଲଖୁଣ୍ଟ। ନବୀନ ଓଡ଼ିଶାରେ ନୂଆ ଇତିହାସର ସଂରଚନା କରିବ ଓଡ଼ିଶା ଯାହାର ମଙ୍ଗ ଧରିବେ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିରେ ୧୩ଲକ୍ଷରୁ ଉର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ଯୋଡ଼ି ହେବେ। ବିଶ୍ୱବ୍ୟାପୀ ଓଡ଼ିଆଙ୍କୁ ଯୋଡ଼ିବାକୁ ସିଧା ପ୍ରସାରଣ କରାଯିବ। ଗାଁଠୁ ସହର ପର୍ଯ୍ୟନ୍ତ ସବୁଠି ଭାଷାକୁ ନେଇ ନାନାଦି ଚର୍ଚ୍ଚା ଓ ଆଲୋଚନା ତ ହେବ ଏବଂ ସମ୍ମିଳନୀର ଉଦଘାଟନ ସମୟରେ ଏକ ମନ, ଏକ ସ୍ୱର, ଏକ ପ୍ରାଣ ହୋଇ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯିବ। ଏହା ମାଧ୍ୟମରେ ମାତୃଭାଷା ପ୍ରତି ମମତା, ମାତୃଭୂମି ପ୍ରତି ଆବେଗ, ଅନୁରାଗ ଓ ଆକର୍ଷଣ ସୃଷ୍ଟି କରାଯିବ। ଓଡ଼ିଆ ଭାଷା ସାହିତ୍ୟର ଏହି ମହାପର୍ବର ସମ୍ଭବତଃ ଆମ ସମସ୍ତଙ୍କ ପାଇଁ ଯୁଗ ଯୁଗ ପାଇଁ ଏକ ସ୍ମରଣୀୟ ଓ ଅଭୁଲା ହେବ ନିଶ୍ଚୟ। ପିଲାମାନେ ତୁମେ ସମସ୍ତେ ଏହି କାର୍ଯ୍ୟକ୍ରମକୁ ଦେଖିବାକୁ ଭୁଲିବ ନାହିଁ କାରଣ ଆମ ମାତୃଭାଷା ହେଉଛି ମାଆର ଭାଷା।

**ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,**
**ସେକ୍ଟର-୮, ସିଡିଏ, କଟକ,**

# ଲଖନା ପେଠିଆପାଲିରେ ଗୋଟିଏ ନଳ କୂପ, ୭୦ ଘର ନିର୍ଭର

- ଗ୍ରାମରେ ପାଣି ସମସ୍ୟା ଉତ୍କଟ
- ନଳକୂପ ଖନନ ପାଇଁ ଦାବି



**ନୂଆପଡ଼ା(ଅମୃତ ମିଡିଆ) :** ସରକାର ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ବେଶ ତତ୍ପରତା ପ୍ରକାଶ କରୁଛନ୍ତି । ପ୍ରତ୍ୟେକ ଗାଁର ପ୍ରତ୍ୟେକ ପରିବାରକୁ ଡ୍ରିଙ୍କ ଫର ଟେପ ଯୋଜନାରେ ପାଣି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଉଛନ୍ତି। ହେଲେ ଏଠାରେ ତାହାର ବ୍ୟତିକ୍ରମ ଯୋଗୁ ପିଇବା ପାଣି ପାଇଁ ଉହକବିକଳ ହେଉଛନ୍ତି କୋମନା ବ୍ଲକର ଲଖନା ପଞ୍ଚାୟତର ହରିଜନ ବହୁଳ ଗ୍ରାମ ପେଠିଆପାଲି ପଡା ବାସି । ଗାଁରେ ୭୦ ପରିବାରର ପ୍ରାୟ ୩୦୦ ଲୋକ। ଏହି ଗାଁରେ ପିଇବା ପାଣି ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହିଛି। ଗାଁ ଆରମ୍ଭରେ ପ୍ରଥମ ରୁ ଗୋଟିଏ ନଳକୂପରେ ରହିଛି ହେଲେ ପଡାବାସି ଏହି ନଳକୂପ ରେ ନିର୍ଭର କରନ୍ତି ଯାହାଫଳରେ ନଳକୂପ ରେ ବେଶୀ ସମୟ ବ୍ୟବହାର ହେବାରୁ ବାରମ୍ବାର ନଳକୂପ ଅଚଳ ହେଉଛି ନଲ ରେ ପାଣି ମଧ ଭଲଭାବେ ବାହାରି ପାରୁନାହିଁ, ସକାଳେ ସାନ୍ଧ୍ୟ ସମୟରେ ପଡା ର ମହିଳା ନଳକୂପ ଠାରେ ଭିଡ଼ ଦେଖିବାକୁ ମିଳେ ସେହିପରି ବର୍ଷବର୍ଷ ଧରି ପଡା ରେ ପାଣି ପାଇଁ ସମସ୍ୟା ରହିଛି । ଆଖ ପାଖରେ ତିନୋଟି ନଳକୂପ ଖୋଳା ଯାଇଥିଲେ ମଧ ପାଣି ବାହାରୁନାହିଁ ଏବଂ ଅନ୍ୟ ନଳକୂପ ର ପାଣି ଫ୍ଲୋରାଇଡ ଯୁକ୍ତ ପାଣି ବାହାରିବାରୁ ନଳକୂପ କୁ ବ୍ୟବହାର କରୁନାହାନ୍ତି । ଗାଁ ଠାରୁ ୫ସହ ମିଟର ଦୂରରେ ଥିବା ପୋଖରୀରେ ଲୋକେ ଗାଧୁଆ ପାଧୁଆ କରୁଥିବା ବେଳେ ପିଇବି ପାଣି ପାଇଁ ବଡ଼ ସମସ୍ୟା ରହିଛି । ସମଗ୍ର ଗାଁର ପୁରୁଷ ଓ ମହିଳା ଦିନ ମଜୁରିଆ । ନିଜର ନିତିଦିନିଆ ଗୁଜରାଣ ମେଣ୍ଟାଇବା ପାଇଁ ସେମାନେ ଅନ୍ୟର ଚାଷ ଜମି ଓ ଜଙ୍ଗଲ ଉପରେ ନିର୍ଭର କରିଥାଆନ୍ତି। ହେଲେ ପିଇବା ପାଣି ସମସ୍ୟା ସେମାନଙ୍କ ନିତିଦିନିଆ ଗୁଜରାଣ ମେଣ୍ଟାଇବାରେ ଅସୁବିଧା ସୃଷ୍ଟି କରୁଛି। ଘଟଣା ସମ୍ପର୍କରେ କୋମନା ବ୍ଲକ ର ବିଡ଼ିଓ ହିତାଂଶୁ ଶେଖର ସାମଲ ଙ୍କୁ ପଚାରିବାରୁ ମୁ ଯେଇ କୁ ବଲକୂପ ର ମାରମତୀ କରିବା ସହ ଯାହା ବ୍ୟବସ୍ଥା ହେବ ତାହା ଯୋଗାଇଡ଼ିଆବ ବୋଲି ଶ୍ରୀ ସାମଲ କହିଛନ୍ତି।

# ଖରିଆରରୋଡ ସହରରେ ବଢ଼ୁଛି ଚୋରି



**ନୂଆପଡ଼ା(ଅମୃତ ମିଡିଆ) :** ଖରିଆରରୋଡ଼ ସହରରେ କିଛି ଦିନ ଚୋରମାନଙ୍କର ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଥିବାରୁ ସହରବାସୀ ଚିନ୍ତା ବ୍ୟକ୍ତ କରିଛନ୍ତି। କେତେକ ବ୍ୟବସାୟୀ ସିସିଟିଭି କ୍ୟାମେରାରେ ଲଗାଇଛନ୍ତି ବୋଲି ଖରିଆରରୋଡ଼ ଭରସା ରେ ଖରିଆରରୋଡ଼ ପୁଲିସ । ମାରଣାସ୍ତ୍ର ଦେଖାଇ ଲୁଟ ଅଭିଯୋଗ ଆନ୍ତଃରାଜ୍ୟ ୨ ଅପରାଧୀ ଗିରଫ ରାଜ୍ୟର ସୀମାନ୍ତ ନୂଆପଡ଼ା ଜିଲ୍ଲା ଜୋଙ୍କ ଥାନା ପୁଲିସ ଦୁଇ ଜଣ ଅନ୍ତଃରାଜ୍ୟ ଅପରାଧୀଙ୍କୁ ଗିରଫ କରିଛି । ପଡୋଶୀ ଛତିଶଗଡ ରାଜ୍ୟର ଆନ୍ତଃରାଜ୍ୟ ଲୁଟେରା, ଅପରାଧୀମାନେ ଜୋଙ୍କ ଥାନା ଅଞ୍ଚଳରେ ଚୋରୀ,ରାହାଜାନୀ କରି ଆସୁଥିଲେ । ଆଜି ଜୋଙ୍କ ପୁଲିସ ୨୪ ଘଣ୍ଟାରେ ଦୁଇ ଆନ୍ତରାଜ୍ୟ ଅପରାଧୀଙ୍କୁ ଗିରଫ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ରାୟପୁର ଜିଲ୍ଲା ବିଧାନସଭା ଥାନା ଅନ୍ତର୍ଗତ ସୁଭାସ ଚନ୍ଦ୍ର ସାହୁ(୩୪),ଡିଗେଶ୍ୱର କୋଷଲେ(୧୯)। ଏମାନଙ୍କ ବିରୁଦ୍ଧରେ କେଶ ନମ୍ବର ୨୪, ଦଫା ୨୯୪, ୩୯୨,୩୪ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଗତ ୨ ତାରିଖ ସନ୍ଧ୍ୟାରେ ବୋଇରଭାଡି ଗାଁର ପିତମନ ଧରୁଆ ଖରିଆରରୋଡ଼ ସହରରୁ ଦୋକାନ ସାମଗ୍ରୀ ଧରି ଗାଁକୁ ଫେରୁଥିଲେ । ବୋଇରଭାଡ଼ି ଗାଁ ମୁଣ୍ଡରେ ଦୁଇ ଅଭିଯୁକ୍ତ ଏକ ବାଇକ(ସିଜି ୦୪ ଏଲକ୍ୟୁ ୭୧୫୦) ରେ ଆସି ମାରଣାସ୍ତ୍ର ଦେଖାଇ ଜୀବନରେ ମାରିଦେବାକୁ ଧମକ ଦେଇ ୧୫ଶହ ଟଙ୍କା ସହ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଲୁଟି ନେଇଥିଲେ । ଏନେଇ ଥାନାରେ ପିତମନ ଲିଖିତ ଅଭିଯୋଗ କରିଥିଲେ । ଜୋଙ୍କ ଥାନାଧିକାରୀ ଗୁରୁଦେବ କର୍ମୀଙ୍କ ନିର୍ଦ୍ଦେଶ କ୍ରମେ ସବ ଇନ୍ସପେକ୍ଟର ଅରବିନ୍ଦ ମେହେରଙ୍କ ନେତୃତ୍ୱରେ ଏକ ଟିମ ବିଭିନ୍ନ ଜାଗାରେ ଚଢଉ କରି ଛାନ ଭିନ ଆରମ୍ଭ କରି ଦେଇଥିଲା। ଶେଷରେ ଦୁହିଁଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା ପୁଲିସ। ଏମାନେ ବିରୁଦ୍ଧରେ ବିଭିନ୍ନ ରାଜ୍ୟରେ ବହୁ ଅପରାଧିକ ମାମଲା ରହିଥିବା ପୁଲିସ ସୂତ୍ରରୁ ପ୍ରକାଶ।

# ଶାନ୍ତି ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

**ବାରିପଦା(ଅମୃତ ମିଡିଆ) :** ବାରିପଦା ସ୍ଥିତ ଶାନ୍ତି ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ପ୍ରତିବିମ୍ବ-୨୦୨୪ ସ୍ଥାନୀୟ ଶହୀଦ ସ୍ମୃତି ଭବନ ଠାରେ ପାଳିତ ହୋଇ ଯାଇଛି । ଏହି ଅବସରରେ ବିଦ୍ୟାଳୟର ଅଧକ୍ଷା ମଧୁସ୍ମିତା ପଟ୍ଟନାୟକଙ୍କ ସଭାପତିତ୍ୱ ଓ ବିଦ୍ୟାଳୟର ସମ୍ପାଦକ ରବୀନ୍ଦ୍ର ନାଥ ଦାଶ ଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଉଦ୍ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର ସୁଶ୍ରୀ ଶ୍ରଦ୍ଧା ସୁମନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି, ଶିବାନୀ ଶଙ୍କର ନାୟକ ଯୋଗଦେଇ ବିଭିନ୍ନ ବିଭାଗରେ କୃତି ଛାତ୍ର ଛାତ୍ରୀଙ୍କୁ ଏବଂ ଅଭିଭାବକ ମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ କ୍ରିଡା ପ୍ରତିଯୋଗିତା ରେ କୃତି ଅଭିଭାବକ ମାନଙ୍କୁ ସମ୍ମାନିତ କରିଥିଲେ । ଏହି ଅବସର ରେ ଶାନ୍ତି ବିଦ୍ୟା ମନ୍ଦିର ଓ୍ୱାଲିଗଞ୍ଜ ଶାଖା, ମୁର୍ଗାବାଡି ଶାଖା ଏବଂ ଶାନ୍ତି ନୃତ୍ୟ ଅନୁଷ୍ଠାନର ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟର ନୃତ୍ୟ ଶିକ୍ଷକ ଦେବାନନ୍ଦ ପାତ୍ର ଓ ନରେନ ପାତ୍ରଙ୍କ ଦ୍ୱାରା ସଂଯୋଜିତ ରଙ୍ଗାରଙ୍ଗ କାର୍ଯକ୍ରମ ପରିବେଷଣ କରିଥିବା ବେଳେ, । ଶିକ୍ଷୟତ୍ରୀ ଇତିଶ୍ରୀ ଦାସ ଏବଂ ରାକେଶ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଶିକ୍ଷୟତ୍ରୀ ଶୁଭଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ସୁନାରାମ ସୋରେନଙ୍କ ଜୟନ୍ତୀ ପାଳିତ

**ବାରିପଦ(ଅମୃତ ମିଡିଆ) :** ମୟୁରଭଞ୍ଜ ମୁକ୍ତି ମୋର୍ଚ୍ଚା ସଂଗଠନ ତରଫରୁ ଜିଲ୍ଲା ସଭାପତି ଧରମରାଜ ହାଁସଦାଙ୍କ ନେତୃତ୍ୱରେ ଭଞ୍ଜବୀର ସୁନାରାମ ସୋରେନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରଥମେ ପ୍ରତିମୂର୍ତ୍ତି ସ୍ଥଳରେ ପରମ୍ପରିକ ପୂଜା କରାଯିବା ପରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇଥିଲା । ସେ ଆଦିବାସୀଙ୍କ ଉନ୍ନତୀ ପାଇଁ ଆଦିବାସୀ ଛାତ୍ର ଛାତ୍ରୀ ନିବାସ ତାଙ୍କ ପ୍ରଚେଷ୍ଟାରେ ହୋଇ ପାରିଥିଲା । ସେ ଓଡିଶା ସରକାରଙ୍କ ପ୍ରଥମ ଆଦିବାସୀ ମନ୍ତ୍ରୀ ଥିଲେ । ତାଙ୍କ ଜୟନ୍ତୀରେ ମୟୁରଭଞ୍ଜ ମୁକ୍ତି ମୋର୍ଚ୍ଚାର କର୍ମୀ ମାନେ ଜିଲ୍ଲା ର ବିକାଶ ପାଇଁ କାମ କରିବାକୁ ଶପଥ ନେଇଥିଲେ । ଏହି କାର୍ଯ୍ୟକ୍ରମ ରେ କମଲ ବାସ୍କେ, ଖୁଦିରାମ ବାସ୍କେ, ବିଶୁ ମୁର୍ମୁ, ଠାକୁର ସୋରେନ, ଦେବୁ ଟୁଡୁ, ବିକାଶ ମୁର୍ମୁ, ଶୋଳେନ୍ଦ୍ର ହେମ୍ବ୍ରମ, କିସାନ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ ।

# ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ



**କୁଜଙ୍ଗ(ଅମୃତ ମିଡିଆ) :** ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅଧିନ ଗୋପିଆକୁଦ ପଞ୍ଚାୟତ ରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଗୋପିଆକୁଦ ସରପଂଚ ଶ୍ରୀନିବାସ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ କୁଜଙ୍ଗ ବ୍ଲକ ଅଧକ୍ଷା ନିନାରାନି ସାହୁ, ସମ୍ମାନୀତ ଅତିଥି ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ, କୁଜଙ୍ଗ ବ୍ଲକ ଉପଦକ୍ଷ ଜ୍ଞାନଜିତ୍ ସ୍ୱାଇଁ,୩ ନମ୍ବର ଜୋନ ର ଜିଲ୍ଲାପରିଷଦ ପୁଷ୍ପଲତା ବେହେରା, ଗୋପିଆକୁଦ ପଞ୍ଚାୟତ ର ସମୀତିସଭ୍ୟା ସାକ୍ରା ଟୁଡୁ , ପୁର୍ବତନ ସରପଞ୍ଚ ନନ୍ଦିନୀ ପଣ୍ଡା ଯୋଗଦେଇ ଜଗନ୍ନାଥଙ୍କ ଫଟୋରେ ପ୍ରଦୀପ ପ୍ରଜୋଳନ ଓ ପୁଷ୍ପ ଅର୍ପଣ କରି ଉଦଘାଟନ କରିଥିଲେ। ଏହା ସହ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣ ମାନଙ୍କୁ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ଙ୍କ ପ୍ରତିନିଧି ଅରୁଣ କୁମାର ବେହେରା, ସମାଜ ସେବୀ ବିଶ୍ୱନାଥ ପରିଡା କୁଜଙ୍ଗ ବ୍ଲକ ବିଜୁ ଯୁବ ଜନତା ଦଳ ର ସାଧାରଣ ଓ ଡିଜିଟାଲ ସମ୍ପାଦକ ସୁଧାଂଶୁ ବେହେରା, କୁଜଙ୍ଗ ବ୍ଲକ ବିଜୁ ଛାତ୍ର ଜନତା ଦଳର ସାମାଜିକ ଗଣମାଧମ ଇନ୍ ଚାର୍ଜ ଦିବ୍ୟାଯୋତି ଦାସ 'ରାଜା', ଗୋପିଆକୁଦ ପୁର୍ବତନ ସରପଞ୍ଚଙ୍କ ନନ୍ଦିନୀ ପଣ୍ଡା , ଏମ ବି କେ ଅନୁପମା ଗୋଛାୟତ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ପ୍ରମୁଖ ଯୋଗଦେଇଥିଲେ। ପାଲା ମାଧମରେ ସରକାରଙ୍କ ଲୋକାଭିମୁଖୀ କର୍ଯ୍ୟ ର ଆଲୋକପାତ କରଯାଇଥିଲା। କୁନି କୁନି ଛାତ୍ର ଛାତ୍ରୀ ଙ୍କ ମାଧମରେ ନୃତ୍ୟ ଗୀତ ର ଆୟୋଜନ କରାଯାଇଥିଲା।ସରପଞ୍ଚ ଶ୍ରୀନିବାସ ସ୍ୱାଇଁଙ୍କ ତତ୍ତ୍ୱାବଧାନାରେ ଏହି କାର୍ଯ୍ୟ ସୁଚାର ରୂପେ କରାଯାଇ ସମ୍ପନ୍ନ ହୋଇଥିଲା।

# ବାଲିପୂଜାରୀପୁଟ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜୟପୁର(ଅମୃତ ମିଡିଆ) :** ଜୟପୁର ବ୍ଲକ ରାଣୀଗଡ ପଞ୍ଚାୟତ ବାଲିପୂଜାରିପୁଟ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା ..ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ଚନ୍ଦନ କୁମାର ନାୟକ ସମ୍ମାନୀତ ଅତିଥି ଭାବେ ରାଣୀଗଡ ପଞ୍ଚାୟତ ର ଶ୍ରୀ ଲକ୍ଷ୍ମଣ ହାଲୁଆ ତଥା ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଶ୍ରୀ ହିରଣ୍ୟ ନାୟକ ଓ ଦୋରାଗୁଡ଼ା କ୍ଲଷ୍ଟର ର ସିଆର୍ସିସି ଶ୍ରୀ ଭାଗୀରଥି ବାରିକ ପ୍ରମୁଖ ଉପସ୍ଥିତ ଥିଲେ..ପ୍ରଥମେ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ ଦ୍ୱୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ ନିଜ ଉଦ୍ ବୋଧନ ରେ ସେ କହିଥିଲେ ଛାତ୍ରଛାତ୍ରୀ ଙ୍କ ପ୍ରତିଭା ଅନ୍ୱେଷଣ ହେଲା ଉତ୍ସବ ର ମୁଳ ଉଦ୍ଦେଶ୍ୟ .. ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ପରମାନନ୍ଦ ମାଝି ତାଙ୍କ ଅଭିଭାଷଣ ରଖିଥିଲେ .. ପରେ ପରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଶ୍ରୀ ରୁଦ୍ର ପ୍ରସନ୍ନ ପାଣିଗ୍ରାହୀ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ.... କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ଛାତ୍ରଛାତ୍ରୀ ନୃତ୍ୟ ସଙ୍ଗୀତ ପରିବେଷଣ କରିବା ସହ ଶେଷରେ ପୁର୍ବରୁ ବାର୍ଷିକ କ୍ରୀଡା ରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା .. ବାର୍ଷିକ ଉତ୍ସବ ପାଳନ ଅବସର ରେ ବିଦ୍ୟାଳୟ ର ଅନ୍ୟାନ୍ୟ ଶିକ୍ଷକ ପୁର୍ଣ୍ଣଚନ୍ଦ୍ର ଚୌଧୁରି , ବିନୋଦ ନନ୍ଦ , ପ୍ରମୋଦ ସାହୁ , ରଘୁରାମ ଖିଲ , କମଳା ନାୟକ ,ଉର୍ମିଳା ମାଝି ପ୍ରମୁଖ ସହଯୋଗ କରିଥିଲେ।

# ଅଗ୍ନିବୀର ପ୍ରବେଶିକା ସଂପର୍କିତ ଆଲୋଚନାଚକ୍ର

**ବାରିପଦା(ଅମୃତ ମିଡିଆ) :** ସ୍ଥାନୀୟ ବାଘଡାରୋଡ ସ୍ଥିତ ସାଇ ଡିଗ୍ରୀ ମହାବିଦ୍ୟାଳୟରେ ଫେବୃଆରୀ ୨ ତାରିଖ ଦିନ ଭାରତୀୟ ସୈନ୍ୟ ବାହିନୀରେ ଯୋଗଦେବା ପାଇଁ ଅଗ୍ନିବୀର ପ୍ରବେଶିକା ସଂପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ କଟକ ସ୍ଥିତ ଆର୍ମି ମୁଖ୍ୟାଳୟର ସୁବେଦାର ମେଜର ଗୋପାଲ କାଲେ, ଜିଲ୍ଲା ଦକ୍ଷତା ବିକାଶ ତଥା କର୍ମ ନିଯୋଜନ ଅଧିକାରୀ ଆଶିଷ କୁମାର ବସନ୍ତିଆ, ଏବଂ ଏ.ଆର.ଓ. ଅମନ, ଜନଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ସବ୍ୟସାଚୀ ସାମଲ ପ୍ରମୁଖ ଯୋଗଦେଇ ଅଗ୍ନିବୀର ହେବାର ଉଦ୍ଦେଶ୍ୟ ଏବଂ ଏହାର ସୁବିଧା ଓ ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ । ଅନୁଷ୍ଠାନର ଅଧକ୍ଷେ ଡ.ରଣଜିତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ଅନୁଷ୍ଠାନର ନିର୍ଦ୍ଦେଶକ ଅମୀୟ ଶଂଙ୍କର ସାହୁ ଭାରତ ତଥା ଓଡିଶା ସରକାରଙ୍କ ଏହି ନିଯୁକ୍ତି ଭିତ୍ତିକ କାର୍ଯ୍ୟକ୍ରମର ଭୂୟଶି ପ୍ରଶଂସା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।



# ଜନ୍ମମୃତ୍ୟୁ ପ୍ରମାଣପତ୍ର ପାଇଁ ଲାଞ୍ଚ ମାଗିବା ଅଭିଯୋଗ

## ତଦନ୍ତ କଲେ ଜିଲ୍ଲା ଏଡି ଏଚ୍ ଓ



**ଚାନ୍ଦବାଲି(ଅମୃତ ମିଡିଆ) :** ଚାନ୍ଦବାଲି ମେଡ଼ିକାଲରେ ଜନ୍ମ ମୃତ୍ୟୁ ପ୍ରମାଣପତ୍ର ପାଇଁ ସଂପୃକ୍ତ କିରାଣୀଙ୍କ ନାମରେ ଲାଞ୍ଚ ମାଗିବା ନେଇ ଜିଲ୍ଲାପାଳ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ସମାଜସେବୀ ଆଷିଶ ବେହେରା । ଅଭିଯୋଗ କାରୀ ଆଷିଶ ଲାଞ୍ଚ ନ ହେବାରୁ ତାଙ୍କୁ ଦଲାଲଙ୍କ ମାଧମରେ କିରାଣୀ ୭ ଟଙ୍କାର ଟ୍ରେଜେରୀ ଚାଲଣ ଆଣନ୍ତୁ ଏବଂ ୨୦ ଦିନ ଅପେକ୍ଷା କରିବାକୁ ପଡ଼ିବ ବୋଲି କହିଥିଲେ । ଏଥିନେଇ ସମାଜସେବୀ ଆଶିଷ ବେହେରା ଚାନ୍ଦବାଲି ମେଡ଼ିକାଲ ଅଧୁକାରୀଙ୍କୁ ପ୍ରଥମେ ଲିଖତ ଅଭିଯୋଗ ପରେ ଚାନ୍ଦବାଲି ଥାନାରେ ସଂପୃକ୍ତ କିରାଣୀ ଓ ଦଲାଲଙ୍କ ନାମରେ ଅଭିଯୋଗ କରିଥିଲେ । ଏଥିନେଇ ଆଜି ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସିଡିଏମଓ ନିର୍ଦ୍ଦେଶରେ ଏଡି ଏଚ ଓ ଡ଼ ସନ୍ତୋଷ କୁମାର ପୃଷ୍ଟି ତଦନ୍ତରେ ଆସି ସମସ୍ତ ଜନ୍ମମୃତ୍ୟୁ ପ୍ରମାଣ ପତ୍ର ତଦନ୍ତ କରିବା ସହ ସମ୍ପୃକ୍ତ କିରାଣୀଙ୍କୁ ତାଗିଦ କରିଥିଲେ ।

# ଯୋଜନା ଓ ସଂଯୋଜନା ମନ୍ତ୍ରୀଙ୍କ ଦ୍ୱାରା ୪ଟି ବିଜୁସେତୁର ଶିଳାନ୍ୟସ



**ନୂଆପଡ଼ା(ଅମୃତ ମିଡିଆ) :** ନୂଆପଡ଼ା ବିଧାନସଭା ନୂଆପଡ଼ା ଓ କୋମନା ବ୍ଲକରେ ରବିବାର ଦିନ ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ରେ ଢ଼ୋଲକିଆଙ୍କୁ ଦ୍ୱାରା ଆଜି ବିଜୁସେତୁରେ ୪ଟି ବ୍ରଜ, ଗୋଟିଏ ମିନି ଷ୍ଟାଡିୟମ ଓ ରାସ୍ତା ପାଇଁ ମୋଟ ୫୨ କୋଟି ୬୧ ହଜାର ଟଙ୍କାର ପ୍ରକଳ୍ପ ପାଇଁ ଶିଲାନ୍ୟାସ କରିଛନ୍ତି। ଆଜି ମନ୍ତ୍ରୀ ଶ୍ରୀ ଢ଼ୋଲକିଆ କୋମନା ବ୍ଲକ ବିଜୁସେତୁ ରେ ନୂଆଗାଁ ରୁ ଲୋହୋଣ୍ଡପାଲି ପାଇଁ ୩ କୋଟି ୮୬ ଲକ୍ଷ ଟଙ୍କା, ଲର୍କି ଠାରୁ ଗନିଆପଡ଼ା ବ୍ରଜ ପାଇଁ ୩ କୋଟି ୬୯ ଲକ୍ଷ, ନୂଆପଡ଼ା ବ୍ଲକ ସାରାବଙ୍ଗ ଠାରୁ ଆମାନେରା ବ୍ରଜ ପାଇଁ ୨୩ କୋଟି ୬୬ ଲକ୍ଷ ଟଙ୍କା, ଲଖନା ଠାରୁ ଛତିଶଗଡ଼ ଖଟି ବ୍ରଜ ପାଇଁ ୬ କୋଟି, ଗୋତମା ଠାରୁ ଭଇଁମୁଣ୍ଡ ରାସ୍ତା ପାଇଁ ୧୫ କୋଟି, ଡୁମେରପାଣି ମିନିଷ୍ଟାଡିମ ପାଇଁ ୪୦ ଲକ୍ଷ ଟଙ୍କା ମଞ୍ଜୁର ହୋଥିବା ବେଳେ ଆଜି ମନ୍ତ୍ରୀ ଏହାକୁ ଶିଳାନ୍ୟାସନ କରିଛନ୍ତି। କୋମନା ବ୍ଲକରେ୨ଟି ବ୍ରଜ ଶିଳାନ୍ୟସ ସମୟରେ ଜିଲ୍ଲାପରିଷ ଉପାଦକ୍ଷ ଦୀପିକ ଦୀପ, ଜିଲ୍ଲାପରିଷଦ ସଦସ୍ୟ ମୁରଲୀ ଭୋଇ, କୋମନା ବ୍ଲକ ଅଧକ୍ଷା ଅନୁସାୟ କୁମ୍ଭାର, ଉପାଧକ୍ଷ ଜଦେବ ପ୍ରଧାନ ଉପସ୍ଥିତ ରହିଥିଲେ। ନୂଆପଡ଼ା ସାରାବଙ୍ଗ ଠାରେ ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଉପାଧକ୍ଷ ଦିଲିପ ନିର୍ମଲକର, ଜିଲ୍ଲାପରିଷଦ ସଭ୍ୟା ଉମା ଠାକୁର, ବିଧାୟକ ପ୍ରତିନିଧି ଜୟ ଢ଼ୋଲକିଆ, ଆମାନେରା ସରପଞ୍ଚ ଗଙ୍ଗେଶ୍ୱରୀ ସିହ୍ନା, ସାରାବଙ୍ଗ ସରପଞ୍ଚ ରଥୁବାଇ ପଟେଲ, ସମିତି ଜାଗୃତୀ ସାହୁ, ଧାନିରାମ ସାହୁ ବିନ୍ଧୁ ସାହୁ ଉପସ୍ଥିତ ରହିଥିଲେ।

# ସାଲେପୁର ଟାଙ୍ଗୀ ବିଜେଡିରେ ବଢ଼ୁଛି ଅଡୁଆ




## ସମାନ୍ତରାଳ କାର୍ଯ୍ୟକ୍ରମ ଚାଲିଛି କାହା ଇସାରାରେ

**ଚୌଦ୍ୱାର(ଅମୃତ ମିଡିଆ) :** କଟକ ଜିଲ୍ଲା ଟାଙ୍ଗୀ ସାଲେପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ଦଳର କନ୍ଦଳ ଏପରି ହେଲାଣି ଯେ ଦଳୀୟ ଭୋଟର ମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି ଏହାର ଫାଇଦା ବିଜେପି କୁ ଯିବି ବୋଲି ଚର୍ଚ୍ଚା ହେଉଛି, ବିଜେଡିର ଏହି ଲଢେଇ ବ୍ଲକ ଅଧକ୍ଷା ନିର୍ବାଚନ ସମୟରୁ ଆରମ୍ଭ ହୋଇଛି, କିଏ ଅଧକ୍ଷା ହେବ,ଉପରୁ ପ୍ରତାପ ଓ ବବି ଗୋଷ୍ଠୀ ଉଦ୍ୟମ କରିଥିଲେ ଶେଷରେ ବିଧାୟକ ପ୍ରଶାନ୍ତ ବେହେରା ବବିକୁ ଅଣଦେଖା କରି ପ୍ରତାପ ସାହାଯତାରେ ମିନାକ୍ଷିଦେବୀଙ୍କୁ ବାଛିଥିଲେ, ଏହାପରେ ହିମାଂଶୁ ମହାନ୍ତି ଆରମ୍ଭ କଲେ ପ୍ରଶାନ୍ତ ବିରୁଧରେ କାର୍ଯ୍ୟକ୍ରମ, ସାଲେପୁର ଓ ଟାଙ୍ଗୀ ଅଂଚଳର ଅସନ୍ତୁଷ୍ଟ ବିଜେଡି ଛାମୁଆ ନେତାଙ୍କୁ ନେଇ ଆରମ୍ଭ କଲେ ବିଜେଡି ଦଳୀୟ ସଭା, ଅତି ଆଶ୍ଚର୍ଯ୍ୟ ର କଥା ଦଳୀୟ ପତାକା, ପୋଷ୍ଟର ବ୍ୟବହାର କରି କାର୍ଯ୍ୟକ୍ରମ ଜାରି ରଖିଛନ୍ତି, ଏପରିକି ବିଜେଡି ର ଅଫିସ ଖୋଲିଛନ୍ତି, ଏହି ନିର୍ବାଚନ ମଣ୍ଡଳୀର ଭଟିମୁଣ୍ଡା ପଂଚାୟତ ରେ ଆଜି ଉଭୟ ଦମ ଦେଖାଇଛନ୍ତି, ଉପର ସ୍ତରର, ଓ ଛାମୁଆ ନେତା ମୁହାଁ ମୁହିଁ ହୋଇସାରିଲେଣି ଏବେ ବିଜେଡି କର୍ମୀ ଓ ଅସନ୍ତୁଷ୍ଟ ମାନେ ସାମ୍ନାସାମନି ହେବେ ନିର୍ବାଚନରେ, ଜିଲ୍ଲା ଓ ରାଜ୍ୟ ସ୍ତରର ନେତାଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ସାଜିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

# ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ବାର୍ଷିକ ସମ୍ମିଳନୀ



**ବାରିପଦା(ଅମୃତ ମିଡିଆ) :** ସ୍ଥାନୀୟ ପ୍ରୟାସ ସମ୍ମିଳନୀ କକ୍ଷରେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ମୟୂରଭଞ୍ଜ ଶାଖା ର ଜିଲ୍ଲାସ୍ତରୀୟ ବାର୍ଷିକ ସମ୍ମିଳନୀ ତଥା ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ସଭାପତି ଚିତ୍ତରଞ୍ଜନ ପ୍ରତିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିତିଭାବେ ମୟୂରଭଞ୍ଜର ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶ , ସମ୍ମାନିତ ଅତିଥିଭାବେ ରାଜ୍ୟ ସଂଘ ଉପ-ସଭାପତି ଦୈତାରୀ ଦିଗାଲ , ରାଜ୍ୟସଂଘ ଉପଦେଷ୍ଟା ପ୍ରମୋଦ କୁମାର ହରିଚନ୍ଦନ , ରେବା ଦାସ , ଜିଲ୍ଲା ସଂଘ ଉପଦେଷ୍ଟା ଦେବେନ୍ଦ୍ର କୁମାର ପଣ୍ଡା, ରାମଚନ୍ଦ୍ର ମାଝୀ , ପୂର୍ବତନ ସମ୍ପାଦକ ଦୀପ୍ତିକାନ୍ତ ଜେନା ଏବଂ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ନିରୀକ୍ଷକ ମାନସ ରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଏକ ଶୃଙ୍ଖଳିତ ଏବଂ ବିକଶିତ ଦେଶ ଗଠନରେ ଶିକ୍ଷକ ମାନଙ୍କର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗୀୟ ଶିକ୍ଷକ ମାନେ ଜନଜାତି ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ୧୮ ଜଣ ଅବସରପ୍ରାପ୍ତ ବିଭାଗୀୟ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ରେ ସମ୍ମାନୀତ ହୋଇଥିବା ବାଗୁଲି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ, ଖଇରବଣି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିନିତା ଦାଶ ଓ ଚମ୍ପାଝରେ ଆଶ୍ରମ ବିଦ୍ୟାଳୟର ଶିକ୍ଷକଙ୍କୁ ମଞ୍ଚାସୀନ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲା ସମ୍ପାଦକ ଧ୍ରୁବଚରଣ ମୁର୍ମୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ, ଦୀପକ କୁମାର ଦଣ୍ଡପାଟ ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷକ ପଦ୍ମଲୋଚନ ଆଚାର୍ଯ୍ୟ , ଉମା ଦେ, ରଶ୍ମିତା ଜେନା ,ସୁକେଶ ବେହେରା , ସୁଶାନ୍ତ କୁମାର ପାତ୍ର, ବିଜୟ ନାଏକ,ପ୍ରିୟବ୍ରତ ମିଶ୍ର,ପ୍ରଦୀପ କୁମାର ଭୂୟାଁ , ସୁପ୍ରଭା ବେରା, ରଜତ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିବା ବେଳେ, ଦିପ୍ତୀକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦୁଝର ସହରରେ ବାୟୁ ପ୍ରଦୂଷଣ ରୋକିବାକୁ ଦାବିପତ୍ର

**କେନ୍ଦୁଝର (ଅମୃତ ମିଡିଆ):** କେନ୍ଦୁଝର ସହରରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ଲୋକମାନେ ଅଣନିଶ୍ୱାସୀ ହୋଇ ପଡିଛନ୍ତି। ରାସ୍ତାରେ ପଡି ରହିଥିବା ଧୂଳି ଉପରେ ଗାଡି ଚଳାଚଳ କରିବା ସମୟରେ ଧୂଳ ଉଡି ଏପରି ପରିସ୍ଥିତି ଦେଖାଦେଇଛି। ପୌରପାଳିକା ପକ୍ଷରୁ ରାସ୍ତା ସଫେଇ ଠିକ୍ ଭାବରେ ହେଉନଥିବାବେଳେ ଡ୍ରେନ ଏବଂ ଅନ୍ୟସ୍ଥାନରୁ ଅଳିଆ ଆବର୍ଜନା ଉଠିବା ପରେ ରାସ୍ତା କଡରେ ଅଳିଆ ଆବର୍ଜନା ଦୀର୍ଘଦିନ ଧରି ପଡି ରହୁଛି। ଡମ୍ପିଂୟାର୍ଡ ନଥିବାର କେନ୍ଦୁଝର ସହର ରୁ ବାହାରୁ ଥିବା ଅଳିଆ ଆବର୍ଜନାକୁ ଜାତୀୟ ରାଜପଥ-୨୦ ବାଇପାସ ରାସ୍ତାରେ ପୋଡି ଦିଆଯାଉଛି। ଫଳରେ ବିଷାକ୍ତ ଧୂଆଁରେ ବାୟୁ ପ୍ରଦୂଷଣ ହୋଇ ପରବେଶ ପ୍ରଦୂଷିତ ହେଉଛି। ଦୁର୍ଗନ୍ଧରେ ଅଣନିଶ୍ୱାସୀ ହେଲେଣି ପଥଚାରୀ। ନିଆଁକୁ ଆୟ କରାଯାଉନଥିବାରୁ ବାୟୁମଣ୍ଡଳ ବହୁମାତ୍ରାରେ ପ୍ରଦୂଷିତ



ହେଉଛି। ନିକଟରେ ଜଙ୍ଗଲ ଥିବାରୁ ବନ୍ୟପ୍ରାଣୀଙ୍କ ପାଇଁ ବିପଦ ରହିଛି। ପୌରପାଳିକା ପକ୍ଷରୁ ଏହାର ପ୍ରତିକାର ପାଇଁ ପଦକ୍ଷେପ ନିଆଯାଉନଥିବାବେଳେ ଏଣେ ତେଣେ ଅଳିଆ ଆବର୍ଜନା ପକାଇ ଦିଆଯାଉଛି। ସହରାଞ୍ଚଳରେ ବାୟୁ ପ୍ରଦୂଷଣ ହ୍ରାସ କରିବା ଏବଂ ରାସ୍ତା ଧୂଳିକୁ କମାଇବା ସହ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଉନଥିବା ଯୁବ ଓ ଶ୍ରମ ବିକାଶ ମଂଚ ପକ୍ଷରୁ ସୋମବାର ଦିନ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠରେ ଅଭିଯାଗ କରାଯାଇଛି। ପୌରପାଳିକାର ଅବହେଳା ପାଇଁ ସହରବାସୀ ସ୍ୱଚ୍ଛ ବାୟୁ ପାଇପାରୁନାହାଁନ୍ତି। ବାୟୁ ପ୍ରଦୂଷଣ ଯୋଗୁଁ ଲୋକଙ୍କୁ ଦୀର୍ଘ ଦିନ ଧରି ଥଣ୍ଡା,କାଶ,ଛିଙ୍କ,ଜ୍ୱର ଲାଗି ରହୁଛି। ବିଶେଷ କରି ଶିଶୁ, ବୃଦ୍ଧ ଏବଂ ବିଭିନ୍ନ ରୋଗରେ ଆକ୍ରାନ୍ତ ରୋଗୀ ଏହା ଦ୍ୱାରା ବେଶୀ ପ୍ରଭାବିତ ହେଉଛନ୍ତି। ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ସହ ରାସ୍ତାରେ ଜମି ରହିଥିବା ଧୂଳି ସଫେଇ ପାଇଁ ରୋଡ ସୁଇପିଙ୍ଗ ମେସିନ ବ୍ୟବହାର କରିବା ସହ ସହର ମଧ୍ୟରେ ଖାଲି ଥିବା ସ୍ଥାନରେ ଏବଂ ରାସ୍ତା ପାର୍ଶ୍ୱରେ ବ୍ୟାପକ ବୃକ୍ଷରୋପଣ କରିବାକୁ ଯୁବ ଓ ଶ୍ରମ ବିକାଶ ମଂଚର ସାଧାରଣ ସମ୍ପାଦିକା ଶୈଳବାଳା ପରିଡା, ସଭାପତି ରଞ୍ଜନ କୁମାର ବେହେରା, ଉପ ସଭାପତି ଜୟକୃଷ୍ଣ ନାଏକ, ଯୁଗ୍ମ ସମ୍ପାଦିକା ପୁଷ୍ପାଞ୍ଜଳି ବେହେରା, ସରୋଜ ସାହୁ, ତୁଳସୀ ପାତ୍ର ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି।

## ମିଳିତ ପ୍ରାଥମିକ ଶିକ୍ଷକ ସଙ୍ଘ ତରଫରୁ ନୂତନ ଶିକ୍ଷାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ଅସ୍ତରଙ୍ଗ (ଅମୃତ ମିଡିଆ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ନୂତନ ଶିକ୍ଷାଧିକାରୀ ଭାବେ ଶତ୍ରୁଘ୍ନ ବେହେରା ଶୁକ୍ରବାର ଯୋଗଦେଇଛନ୍ତି । ପୂର୍ବତନ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ସ୍ୱାଇଁ ଜୁନ ୩୦ତାରିଖ ରେ ଅବସର ନେବା ପରେ ଜିଲ୍ଲାଶିକ୍ଷାଧିକାରୀ ନିର୍ଦ୍ଦେଶ କ୍ରମେ ଗୋପ ବ୍ଲକ ଶିକ୍ଷାଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଉଭୟ ଅସ୍ତରଙ୍ଗ ଓ ଗୋପ ବ୍ଲକ ଦାୟିତ୍ୱରେ ଥିଲେ. ଶୁକ୍ରବାର ନୂତନ ଶିକ୍ଷାଧିକାରୀଙ୍କ ଯୋଗ ଦାନ ପରେ ସୋମବାର ମିଳିତ ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ବିପିନ ବିହାରୀ ମହାନ୍ତିଙ୍କ ନେତୃତ୍ୱ ରେ ନୂତନ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା ଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଛନ୍ତି କର୍ମକର୍ତ୍ତା। ସ୍ୱାଗତ ସମ୍ବର୍ଦ୍ଧନା ସମୟରେ ଅତିରିକ୍ତ ଶିକ୍ଷାଧିକାରିଣୀ ମମତା ମଞ୍ଜରୀ ଦେଇ, କାର୍ଯ୍ୟକାରୀ ସଭାପତି ନାରାୟଣ ପରିଡା, ସମ୍ପାଦକ ନିରଞ୍ଜନ ବେହେରା, ସହ ସମ୍ପାଦକ ଧିରେନ ପ୍ରଧାନ, କୋଷାଧକ୍ଷ ଜୟୀରାମ ମୁଦୁଲି, ଶିକ୍ଷକ ପ୍ରିୟଦର୍ଶୀ ବିଶ୍ୱାଳ, ବୃନ୍ଦାବନ ଜେନା, ରବୀନ୍ଦ୍ର ପରିଡା, ଧୀରେନ୍ଦ୍ର କୁମାର ଦାଶ, ମଙ୍ଗୁଳି ଦାଶ, ଭରତ ଚନ୍ଦ୍ର ବିଶ୍ୱାଳ, ବିଷ୍ଣୁ ଚରଣ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ଶିକ୍ଷାଧିକାରୀ ଜଣେ ସରଳ, ଅମାୟିକ ବ୍ୟକ୍ତିତ୍ୱ ଭାବେ ଜଣାଶୁଣା। ଅସ୍ତରଙ୍ଗ ବ୍ଲକରେ ଗୁଣାତ୍ମକ ଶିକ୍ଷାର ବିକାଶ କରିବା ଦିଗରେ କାର୍ଯ୍ୟଧାରା ଜାରି ରଖିବେ ବୋଲି ନୂତନ ଶିକ୍ଷାଧିକାରୀ ପ୍ରକାଶ କରିଛନ୍ତି।

# ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

## ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବ

**ଆଳି (ଅମୃତ ମିଡିଆ):** ଓଡ଼ିଶା ସରକାର ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧି ପାଇଁ ଏକ ଅଭିନବ ପ୍ରୟାସରେ ପ୍ରାଥମିକ ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

### 'ନୂଆ- ଓ' ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ

କରିବାକୁ ପ୍ରୋତ୍ସାହନ ଯୋଗାଇ ଦେଇଛନ୍ତି। ସରକାରଙ୍କ ବିଶ୍ୱାସ ଏହା ଦ୍ୱାରା ଓଡ଼ିଆ ଭାଷା ସାହିତ୍ୟ ର ସମୃଦ୍ଧି ଘଟିବ ବୋଲି ଆଳି ମହାବିଦ୍ୟାଳୟ ରେ ଓଡ଼ିଶା ସରକାରଙ୍କ 'ନୂଆ- ଓ' ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ବିଶିଷ୍ଟ ବକ୍ତା ମାନେ ଏହା ପ୍ରକାଶ କରିଛନ୍ତି। ସୋମବାର ଦିନ ଆଳି ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଉତ୍ସବରେ ଅଧକ୍ଷ ପ୍ରଫେସର ଦୁର୍ଯ୍ୟୋଧନ ମଲ୍ଲିକ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ପ୍ରାଧାପକ ଶେଖର ଚନ୍ଦ୍ର ବାରିକ ଯୋଗଦେଇ ଓଡ଼ିଶା ସରକାରଙ୍କ ଏହି ଅଭିନବ ପଦକ୍ଷେପ ବିଷୟରେ ଆଲୋକପାତ କରିବା ସହ ଜଗନ୍ନାଥ ସଂସ୍କୃତିର ବିକାଶ ପାଇଁ ସରକାରଙ୍କ ଫଳପ୍ରଦ ପଦକ୍ଷେପ ଓ ଦେଶ ବିଦେଶରେ ଜଗନ୍ନାଥ ପ୍ରେମୀ ଭକ୍ତ ଜନଙ୍କର ସଫଳ କାହାଣୀର ବର୍ଣ୍ଣନା କରିଥିଲେ।



ମୁଖ୍ୟବକ୍ତା ଭାବରେ ଅଧାପକ ରମେଶ ଚନ୍ଦ୍ର ପଣ୍ଡା ଯୋଗଦେଇ ଓଡ଼ିଶା ପାଇଁ ମଧୁବାବୁଙ୍କର ଅବଦାନ ମନେପକାଇ ଦେବା ସହ ଓଡ଼ିଶା କୁ ଆସିଥିବା ଶୈବ, ଶାକ୍ତ, ଗାଣପତ୍ୟ ଓ ବୈଷ୍ଣବ ମାନେ ନିଜ ମତ ପ୍ରଚାର କରୁ କରୁ ଜଗନ୍ନାଥ ସଂସ୍କୃତିରେ ମିଶିଯାଇଛନ୍ତି। ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ଗାଳ୍ପିକ କବି ଓ ପରାଗ ସାହିତ୍ୟ ପତ୍ରିକାର ସମ୍ପାଦକ ବନମାଳୀ ସେନାପତି ଓଡ଼ିଆ ଭାଷା ଆନ୍ଦୋଳନ ରେ ଫକୀର ମୋହନ ସେନାପତି, ଗୌରୀଶଙ୍କର ରାୟ, ମଧୁସୂଦନରାଓ ଓ ରାଧାନାଥ ରାୟଙ୍କ କୃଚ୍ଛ୍ର ସାଧନା ଆଜି ଓଡ଼ିଆ ଭାଷା କୁ ଏତେବାଟ ଆଣିଛି ଆଉ ବିଗାଳୀ ମାନଙ୍କ ଓଡ଼ିଆ ଭାଷାକୁ ବିଲୋପ କରିବାର ଚକ୍ରାନ୍ତକୁ କିପର ଜନହିତୈଶି ପ୍ରଶାସକ ରେଭେନ୍ସା ସାହେବ, ଭାଷାବିତ ଜନ୍ ବିମସ, ଷ୍ଟର୍ଲିସାହେବ ଓ ହଣ୍ଟର ସାହେବଙ୍କ ସହଯୋଗ ଯୋଗୁଁ ପଣ୍ଡ ହୋଇଥିଲା ସେକଥା କହିବା ସହ ହଣ୍ଟରସାହେବଙ୍କ ପ୍ରଥମ ଓଡ଼ିଶା ଇତିହାସ ଓଡ଼ିଆ ମାନଙ୍କ ପାଇଁ ବରଦାନ ସଦୃଶ୍ୟ ଥିଲା ବୋଲି ସେ କହିଥିଲେ। ନୂଆ -ଓ କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧାପକ ନିର୍ମଳ କୁମାର ସେନାପତି ବିବରଣୀ ପାଠ କରିଥିଲେ। ଅଧାପକ ବିକ୍ରମ କୁମାର ବେହୁରା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ ଅଧାପକ ସୁରେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ସାଂସ୍କୃତିକ, କ୍ରୀଡା ଓ ସାହିତ୍ୟ ପ୍ରତିଯୋଗିତା ର କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ।

# ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଭାବବିହ୍ୱଳ

**ଅସ୍ତରଙ୍ଗ (ଅମୃତ ମିଡିଆ):** ଚାଲିଥାଏ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା. ଜଣକ ପରେ ଜଣେ ଶିକ୍ଷକ, ଶିକ୍ଷୟତ୍ରୀ ଦେଉଥାନ୍ତି ଭାଷଣ.ଆଉ ଅନ୍ୟ ପଟେ ବିଦ୍ୟାଳୟ ରେ ଚାଲିଥାଏ କାନ୍ଦ ବୋବାଳି. ବିଦାୟ ନେଉଥିଲେ ବିଦ୍ୟାଳୟର ଅତି ପରିଚିତ କର୍ମଚାରୀ. ଚାକିରୀ କାଳ ଦୀର୍ଘ ବର୍ଷ ପରେ ଅବସର ଗ୍ରହଣ କରିଛନ୍ତି. ଏହି ୩୨ବର୍ଷ ଭିତରେ ସେ ଦେଖିଛନ୍ତି ଉଥାନ ପତନ. ଆଉ ଏହି ସମୟଭିତରେ କେତେ ଛାତ୍ର, ଛାତ୍ରୀ ଙ୍କୁ ସେ ନିଜ ହାତରେ ଗଢି ତୋଳିଛନ୍ତି ତାହାର ହିସାବ ନାହିଁ.ସ୍ନେହ ଆଦର ବଢିଥିବା ବିଦ୍ୟାଳୟ ଛାତ୍ର ଛାତ୍ରୀ କିଏ ଆଇ. ଏ. ଏସ ତ ଆଉ କିଏ ଓଏସ ତ ପୁଣି ଆଉ କିଏ ବଡ଼ ରାଜନେତା, ଆଉ କିଏ କରୁଛନ୍ତି ସମାଜ ପାଇଁ କାମକରୁଛନ୍ତି.ଆଜି ମଧ ମନେ ରଖିଛନ୍ତି ଅତି ପରିଚିତ ବିଦ୍ୟାଳୟ



କର୍ମଚାରୀ ସୁରଥ ବିଶ୍ୱାଳ ଙ୍କୁ.୩୨ବର୍ଷ ବର୍ଷ ଭିତରେ ସ୍କୁଲକୁ ନିଜ ଘର ଭଳି ଗଢି ତୋଳିଥିଲେ. ଆଉ ଜାନୁୟାରୀ ମାସ ଶେଷ ଦିନ ଅବସର ନେଇଛନ୍ତି. ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଝାଡଲିଙ୍ଗ ପଂଚାୟତ ଝାଡଲିଙ୍ଗ ଉଚ୍ଚ ବିଦ୍ୟାଳୟ କର୍ମଚାରୀ ସୁରଥ ଚନ୍ଦ୍ର ବାରିକି ଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପ୍ରାଙ୍ଗଣରେ ଏଭଳି ଭାବ ପ୍ରବଣ ପରିବେଶ ମଧରେ ଅନୁଷ୍ଠିତ ହୋଇଥିଲା. ମୁଖ୍ୟ ଅତିଥି ଭାବେ ଶିକ୍ଷାବିତି ଗୋଲେଖ ମହାନ୍ତି, ମୁଖ୍ୟବକ୍ତା ପ୍ରସନ୍ନ ସାହୁ, ସଂମାନୀତ ଅତିଥି ମାଧବାନନ୍ଦ ସାହୁ, ଦିଲ୍ଲୀପ ବିଶ୍ୱାଳ, ସରପଞ୍ଚ ବୃନ୍ଦାବନ ନାୟକ ଥିବା ବେଳେ ସଭାପତିତ୍ୱ କରିଥିଲେ ଝାଡଲିଙ୍ଗ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମିଥୁନ ହରିଚନ୍ଦନ. ବିଦ୍ୟାଳୟ କର୍ମଚାରୀ ସୁରଥ ବିଶ୍ୱାଳ ଏକାଧାର ରେ ଥିଲେ ଜଣେ ଆଦର୍ଶ କର୍ମଚାରୀ, ଛାତ୍ର ବତ୍ସଳ, ସରଳ ନିଷ୍କପଟ ମଣିଷ. ତାଙ୍କର ସ୍ୱାଭିମାନ ପଣିଆ, ସମୟାନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠ ପଣିଆକୁ ଉପସ୍ଥିତ ଅତିଥି ନିଜ ଅଭିଭାଷଣ ଉପସ୍ଥାପନ କରିଥିଲେ. ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ, ବିଦାୟ ସଙ୍ଗୀତ ସହ ବାଜା ବାଣ ରୋଷଣୀ ବିରାଟ ଶୋଭାଯାତ୍ରା ରେ ଅତି ଆଦର ବିଦ୍ୟାଳୟ କର୍ମଚାରୀ ସୁରଥ ବିଶ୍ୱାଳ ଙ୍କୁ ଘରେ ଛାଡିଥିଲେ ପୁରାତନ ଛାତ୍ର ଛାତ୍ରୀ ଙ୍କ ସହ ବର୍ତମାନ ଛାତ୍ର ଛାତ୍ରୀ । ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ପୁରାତନ ଛାତ୍ର ଚମ୍ପକ ବାରିକି, ବଇଁଶୀଧର ବାରିକି, ସମୀର ବିଶ୍ୱାଳ, ଉପେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାପାଳଙ୍କୁ ଭେଟିଲେ ଶିକ୍ଷିତ ଦିବ୍ୟାଙ୍ଗଯୁବକ

**ଛତ୍ରପୁର (ଅମୃତ ମିଡିଆ):** ମୁଁ ଜଣେ ଦିବ୍ୟାଙ୍ଗ ବିଏ ପାସ କରିଛି, ମାତ୍ର ମୋ ପାଖରେ ଚାକିରୀ ନାହିଁ, ପରିବାର ବୋଝ ମୋ ଉପରେ, କେମିତି ଘର ଚଳାଇବି, କିଛି ବ୍ୟବସାୟୀ କରି ନିଜେ ମୋ ପରିବାର ଚଳାଇବାକୁ ଆଗକୁ ଆସିଛି , ହେଲେ ମୋ ପାଖରେ ଅର୍ଥ ର ଘୋର ଅଭାବ, ଏଣୁ ମୋ ଗୁହାରୀ ଟିକିଏ ଶୁଣନ୍ତୁ ବାବୁ କହି ଆଜି ଗଞ୍ଜାମ ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣି ରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଙ୍କୁ ଭେଟି ଅନୁରୋଧ କରିଛନ୍ତି ଛତ୍ରପୁର ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ପଂଚାୟତ ର ଦୁଆନପଲ୍ଲୀ ଗ୍ରାମ ର ଅମର କୁମାର ମଲିକ, ସେ ଗୋଟିଏ ଜନ ସେବା କେନ୍ଦ୍ର (ସିଏସସି ) ଖୋଲିକି ବ୍ୟବସାୟ କରିବା ସକାଶେ ଉକ୍ତ ଅନୁରୋଧ ପତ୍ର ଉଲ୍ଲେଖ କରିଛନ୍ତି ।

# କୁକୁଡାଖଣ୍ଡି ବ୍ଲକସ୍ତରୀୟ ପ୍ରଥମ ବିଶ୍ୱସ୍ତରୀୟ ଓଡ଼ିଆ ଭାଷା ସମ୍ମିଳନୀ

**ବ୍ରହ୍ମପୁର (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବିଧାନ ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁକୁଡାଖଣ୍ଡି ବ୍ଲକ ଲାଞ୍ଜିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ପ୍ରଥମ ବିଶ୍ୱ ସ୍ତରୀୟ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜିତ ହୋଇଥିଲା । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୁକୁଡ଼ାଖଣ୍ଡି ବ୍ଲକ ବିଇଓ ସନ୍ତୋଷ କୁମାର ମହପାତ୍ର ଓ ସମ୍ମାନିତ ଅତିଥି ଭାବେ ଲାଞ୍ଜିଆ ପଞ୍ଚାୟତ ସମିତି ସଭ୍ୟ ତଥା ଆମ୍ବଗଡ ସମବାୟ ସେବା ସମିତିର ସଭାପତି କାହ୍ନୁ ଚରଣ ପାତ୍ର ଏବଂ ମୁଖ୍ୟବକ୍ତା ଭାବେ ଏବିଓ ତ୍ରିନାଥ ମଲ୍ଲିକ ଓ ସିମାଞ୍ଚଳ କାର୍ଜି ଯୋଗଦାନ କରିଥିଲେ । ଅତିଥିମାନେ ଦୀପ ପ୍ରଜଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଭବାନୀ ଶଙ୍କର ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ତେର ଟି କ୍ଲୋଷ୍ଟର ର ସମସ୍ତ ସି ଆର୍ ସି ସି , ଦକ୍ଷିଣପୁର କ୍ଲୋଷ୍ଟର



ସି ଆର୍ ସି ସି ଦୁଷ୍ମନ୍ତ କୁମାର ପଟ୍ଟନାୟକ , ସାରଥୀ ପାତ୍ର , ବିଦ୍ୟାଳୟର ଅବସର ପ୍ରାପ୍ତ ଶିକ୍ଷକ ଶ୍ୟାମଘନ ସାହୁ ଓ ଶିକ୍ଷୟତ୍ରୀ ନମିତା ମହାରଣା ସଭାକାର୍ଯ୍ୟକୁ ତ୍ୱରାନିତ କରିଥିଲେ । ଉକ୍ତ ଉତ୍ସବରେ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ବକ୍ତୃତା, କୁଇଜ୍ , ଚିତ୍ରାଙ୍କନ ଏବଂ ଭାଷା ସାହିତ୍ୟ ଓ ସୃଜନଶୀଳତା ର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇଥିଲେ । ଶେଷରେ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ସର୍ବଶେଷରେ ପ୍ରଧାନ ଶିକ୍ଷୟତ୍ରୀ ନମିତା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ପରିଚାଳନା କମିଟି ଅଧକ୍ଷ ଦାମୋଦର ପୂଜାରୀ , ସମସ୍ତ ସଭ୍ୟ , ପାଚିକା ମା ମାନେ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମକୁ ସୁଚାରୁ ରୁପେ ପରିଚାଳନା କରିଥିଲେ ।

# ବିଜେପିର ମିଶ୍ରଣପର୍ବ ଲୋକଦେଖାଣିଆ, କାଁଭାଁ ପ୍ରାକ୍ତନ କର୍ମୀଙ୍କୁ ଦଳରେ ସାମିଲ

**କାକଟପୁର (ଅମୃତ ମିଡିଆ):** କାକଟପୁର ବ୍ଲକ ଅଧିନସ୍ଥ କୁରୁଜଙ୍ଗ ଗ୍ରାମପଞ୍ଚାୟତର ବାଲିଦୋକାନ ଠାରେ ବିଜେପି ପକ୍ଷରୁ ଆୟୋଜିତ ମିଶ୍ରଣ ପର୍ବରେ ପ୍ରାକ୍ତନ ବିଜେପି ମଣ୍ଡଳ ସଭାପତି, ତାଙ୍କର ପୁଅ ଆଉ ଦୁଇ ଚାରି ଜଣ କର୍ମୀଙ୍କୁ ଦଳରେ ସାମିଲ ଘଟଣା ବୁଦ୍ଧିଜୀବୀ ମହଲରେ ଲୋକଦେଖାଣିଆ ଓ ପୂର୍ବତନ ବିଧାୟକ ବାହା ବାହା ନେବା ପାଇଁ ଉଦ୍ଦିଷ୍ଟ ବୋଲି ଭୋଟର ଓ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଖବରରୁ ପ୍ରକାଶ ଯେ ଭାରତର ପ୍ରଧାନମନ୍ତ୍ରୀ ମନ୍ତ୍ରୀ ଶ୍ରୀ ମୋଦୀ ଜୀ ବୁଥ ସ୍ତରୀୟ ସଂଗଠନକୁ ସୁଦୃଢ କରିବା ପାଇଁ ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ଥିବା ପୁରୁଖା ନେତା ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର କାକଟପୁର ନିର୍ବାଚନ ମଣ୍ଡଳୀରେ ବିଜେପିର ସ୍ଥାନୀୟ ନେତୃତ୍ୱ ସଂକଟ ଦଳ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏହି ନିର୍ବାଚନମଣ୍ଡଳୀରେ ନିମାପଡ଼ା ପୂର୍ବତନ ବିଧାୟକ ବାଇଧର ମଲ୍ଲିକ ଓ ବରିଷ୍ଠ ଚକ୍ଷୁ ଚିକିତ୍ସା ସହାୟକ ତଥା ପୁରୀ ଜିଲ୍ଲା କୈବର୍ତ୍ତ ମହାସଂଘର ସଭାପତି ଜୟନ୍ତ କୁମାର ବେହେରା କାକଟପୁର ନିର୍ବାଚନ ମଣ୍ଡଳୀରେ ସଂଗଠନ ସଜାଡ଼ିବାରେ ଲାଗି ପଡ଼ିଛନ୍ତି। ଆଜିର ମିଶ୍ରଣ ପର୍ବରେ କାକଟପୁର ନିର୍ବାଚନ ମଣ୍ଡଳୀର ତିନି ଗୋଟି ବ୍ଲକରୁ ୨୦୦ରୁ ଉର୍ଦ୍ଧ୍ୱ ମହିଳା ଗୋଷ୍ଠୀ ସଦସ୍ୟ ଓ କାଁଭାଁ ବିଜେପି କର୍ମୀ ସାମିଲ ହୋଇଥିଲେ। ଏହି ଘଟଣାରୁ ପ୍ରତୀୟମାନ ହେଉଛି କାକଟପୁର ନିର୍ବାଚନ ମଣ୍ଡଳୀର ଭୋଟର ନିଜ ଘରୋଇ ନିର୍ବାଚନ ମଣ୍ଡଳୀର ନେତୃତ୍ୱକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏଭଳି ଲୋକ ଦେଖାଣିଆ ମିଶ୍ରଣ ପର୍ବ ବିଜେପି ସଂଗଠନକୁ ସୁଦୃଢ କରିବା ପାଇଁ ନିର୍ବାଚନ ମଣ୍ଡଳୀରେ ପଡୋଶୀ ନିର୍ବାଚନ ମଣ୍ଡଳୀର ନେତାଙ୍କ ପତିଆରା ଉପର ମହଲାରେ ବଢାଇବା ପାଇଁ ଏକ ପ୍ରୟାସ ଛଡା ଆଉ କିଛି ନୁହେଁ ବୋଲି ବୁଦ୍ଧିଜୀବି ଓ ଭୋଟର ମାନଙ୍କ ମହଲରେ ଆଲୋଚନା ହେଉଛି।

# ତ୍ରିଧାରା ସାହିତ୍ୟ ସଂସଦ ପକ୍ଷରୁ ମାସିକ ସାହିତ୍ୟ ଆସର

**ବ୍ରହ୍ମପୁର (ଅମୃତ ମିଡିଆ):** ତ୍ରିଧାର ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ମାସିକ ସାହିତ୍ୟ ଆସର ଉତ୍କଳ ଆଶ୍ରମନ୍ୟାସ ପାଠାଗାର ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଅଛି। ଆଧୁନିକ ଓଡ଼ିଆ କବିତାର ପରିଭାଷା ରେ ଆଲୋଚକ ଆଧୁନିକ ଏକ ଚେତନା ଓ ସାମ୍ପ୍ରତିକ ଏକ ଅନୁସରଣ। ନିଜର ମୌଳିକତା ହିଁ ନିଜସ୍ୱ ପରିଚୟ ବୋଲି ଆଲୋଚନା କରିଥିଲେ। ପ୍ରତ୍ୟେକ ସମୟରେ ସାହିତ୍ୟିକ ମାନେ ନିଜର ସୃଷ୍ଟି ମାଧମରେ ପରିଚୟ କରିଥାନ୍ତି। ଏଥିରେ

ସମ୍ପାଦକ ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଆସରକୁ ପରିଚାଳନା କରିଥିଲେ। ଆଲୋଚନା ଚକ୍ରର ପ୍ରସଙ୍ଗ 'ଆଧୁନିକ ଓଡ଼ିଆ କବିତା ପରିଭାଷା' ସଭାପତି ଡକ୍ଟର ସୁରେନ୍ଦ୍ରନାଥ ପାଣିଗ୍ରାହୀ ଆଲୋଚକ ଋଷିକୂଲ୍ୟା ଉଚ୍ଚ ମାଧମିକ ବିଦ୍ୟାଳୟ, ସୋରଡ଼ା,ର ଓଡ଼ିଆ ଅଧାପକ ତଥା କବି କୁମାର ଧର୍ମନ୍ ,ସମ୍ପାଦକ ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ, ଆଧୁନିକ ଓଡ଼ିଆ କବିତାର ପରିଭାଷା ଯୁଗେ ଯୁଗେ ରହିଛି, ବୋଲି ମତାମତ ଦେଇଥିଲେ। କବିତା ସମ୍ଭାର ସମ୍ପର୍କରେ କବି ମାନେ କିଛି ଜାଣିବା ର ଆବଶ୍ୟକ ରହିଛି ବୋଲି ସଭାପତି ମନ୍ତବ୍ୟ ପ୍ରଦାନ କରିଥିଲେ।




ସଂସଦ ର ସହ ସମ୍ପାଦିକା ଗାୟତ୍ରୀ ପାଣିଗ୍ରାହୀ, କବିତା ଗୁଡ଼ିକ ସଂଯୋଜନା କରିଥିଲେ। ଏଥିରେ ,ପ୍ରମୋଦ କୁମାର ପଣ୍ଡା, ଗାୟତ୍ରୀ ପାଣିଗ୍ରାହୀ,ଇ, ପ୍ରଫୁଲ୍ଲ କୁମାର ତ୍ରିପାଠୀ,ମନୋଜ ପାଣିଗ୍ରାହୀ, ଉମାଚରଣ ମିଶ୍ର, ଜ୍ୟୋସ୍ନା ରାଣୀ ସାହୁ, ସନ୍ଧ୍ୟା ରାଣୀ ନାୟକ, ଭିକାରୀ ଚରଣ ମହାପାତ୍ର, ଡକ୍ଟର ଅଶୋକ କୁମାର ପଣ୍ଡା, ଡକ୍ଟର ସଞ୍ଜୟ କୁମାର ପଣ୍ଡା, ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି , ଅନିଲ କୁମାର ତ୍ରିପାଠୀ ଆଦି ଉପସ୍ଥିତ ରହି କବିତା ଆବୃତ୍ତି କରିଥିଲେ। ପରିଶେଷରେ ମନୋଜ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦୁପଦର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ଆସିକା (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ଜୟପୁର ପଚାଂୟତ କେନ୍ଦୁପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଦ୍ୟାଳୟରେ ଆଜି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ଉତ୍ସବ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୌର ଚନ୍ଦ୍ର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଜୟଦେବ ଚର୍ତୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସିକା ବ୍ଲକ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଭାଗିରଥୀ ପାତ୍ର, ସମ୍ମାନୀୟ ଅତିଥି ଭାବେ ଅନ୍ୟତମ ଏ.ବି.ଇ.ଓ ବିଭୂନନ୍ଦନ ପଣ୍ଡା, ଗାଳ୍ପିକ, ଜୟପୁର ସମିତିସଭ୍ୟ ଅମିତ ନାହକ, କବି ଶ୍ରୀ ଜଗନ୍ନାଥ ଗୌଡ, ବିଦ୍ୟାଳୟ ଏସ.ଏମ.ସି ସଭାପତି ସରୋଜ ମହାରଣା, ସି.ଆର.ସି.ସି ସମୀରକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟ ଶିକ୍ଷକ



ଜୟଦେବ ଚର୍ତୀ ଅତିଥି ମାନଙ୍କ ପରିଚୟ ସାଙ୍ଗକୁ ବାର୍ଷିକ ଉତ୍ସବର ବିବରଣୀ ପଠନ କରିଥିଲେ । ଏହାପରେ ଅତିଥି ମାନଙ୍କ ଦ୍ୱାରା ପ୍ରଦିପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ପରେ ବାର୍ଷିକ ଉତ୍ସବର ସଭା କାର୍ଯ୍ୟ ହୋଇଥିଲା । ଏହି ବାର୍ଷିକ ଉତ୍ସବରେ ଅତିଥି ମାନେ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟ ହେଉଛି ପ୍ରଥମ ଶିକ୍ଷା ଅନୁଷ୍ଠାନ । ଯେଉଁଠି ନିଜ ଉଜ୍ଜଳ ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖିବା ଆରମ୍ଭ ହୋଇଥାଏ । ଏଠାରେ ଛାତ୍ରଛାତ୍ରୀ ଶିକ୍ଷାକୁ ଗ୍ରହଣ କରିବା ପାଇଁ ପରାମର୍ଶ ଦିଆଯାଇଥାଏ । ଗୁରୁଜନଙ୍କୁ ସମ୍ମାନ, ନିଜ ବିଦ୍ୟାଳୟରେ ଭଲ ପାଠ ପଢିବା ପାଇଁ ସମସ୍ତ ସୁବିଧା ସୁଯୋଗ ଏଠାରେ ଯୋଗାଇ ଦିଆଯାଇଥାଏ । ବିନା ଶିକ୍ଷାରେ ଜୀବନ ବଚିଂବା ଏକ ବୁଡା ଜାହାଜ ସମିତି ସମାନ ବୋଲି ଅତିଥି ମାନେ ନିଜ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ । ଏହି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୫୭ ଜଣ ଛାତ୍ରଛାତ୍ରୀ ଅଧୟନ କରିନ୍ତି । ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ବିଷୟ ସଙ୍ଗୀତ, ନୃତ୍ୟ, ପୁଚି ଖେଳ, ଦୌଡ, ଲଙ୍ଗ ଜମ୍ପ, ହାଇ ଜମ୍ପ ଆଦି ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ବାର୍ଷିକ ଉତ୍ସବରେ ସୁନୀତା ଖାଲଖୋ, ରୀନା କୁମାରୀ ପାଢୀ ସାଂସ୍କୃତିକା କାର୍ଯ୍ୟକ୍ରମର ଦାୟିତ୍ୱ ନେଇଥିବା ବେଳେ ଶତାଧିକ ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଜମରା ପଂଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ



**ନିଶ୍ଚିନ୍ତକୋଇଲି(ଅମୃତ ମିଡିଆ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଓରତି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ପଞ୍ଚାୟତରେ ହୋଇଥିବା ବିକାଶ କାର୍ଯ୍ୟର ପୁସ୍ତିକା ବଣ୍ଟନ ଏବଂ ବିଜେଡ଼ି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସଂକ୍ରାନ୍ତ ସଚେତନତା ଅନୁଷ୍ଠିତ ହୋଇଛି । ଜିଲ୍ଲାପରିଷଦ ସଭ୍ୟ ଭୂପତିଭୂଷଣ ଷଣ୍ଢଙ୍କ ସଂଯୋଜନା ଓ ସରପଞ୍ଚ ସରୋଜିନୀ ବେହେରା ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗ ଦେଇ ବିଜେଡ଼ି ର ବିକାଶମୂଳକ କାର୍ଯ୍ୟକ୍ରମ ଓ ସୁଶାସନ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ଅନ୍ୟତମ ଅତିଥି ଭାବେ ବିଡ଼ିଓ ଧର୍ମରଂଜନ ପଣ୍ଡା, ବ୍ଲକ କୃଷି ଅଧିକାରୀ ସିଦ୍ଧାର୍ଥସାରଥୀ ପରିଡ଼ା,ବ୍ଲକ ଅଧକ୍ଷା ରୋଜି ସେଠୀ,ଉପାଧକ୍ଷ ଅଶୋକ କୁମାର ଓଝା, ପ୍ରାକ୍ତନ ଅଧକ୍ଷ ଗିରିଶରଂଜନ ମହାପାତ୍ର,ଜୋନ୍ ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ,ଅଭିରାମ ବିଶ୍ୱାଳ,ଯୁବନେତା ମନୋଜ ସେଠୀ, ନାଏବ ସରପଞ୍ଚ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ଜମରା ପଞ୍ଚାୟତରେ ସରପଞ୍ଚ ବନ୍ଦନାମୟୀ ତ୍ରିପାଠୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା , ଯୁବନେତା ଆଶୁତୋଷ ତ୍ରିପାଠୀ, ସମିତିସଭ୍ୟା ମେନକା ବଳ, ପଞ୍ଚାୟତ ସଭାପତି ସୁଦାମ ବଳ, ଚନ୍ଦ୍ରମଣୀ ତ୍ରିପାଠୀ, ରତ୍ନାକର ସ୍ୱାଇଁ,ରାସବିହାରୀ ଦାସ,କୃଷ୍ଣଚନ୍ଦ୍ର କାମଳା, ଜଗବନ୍ଧୁ ବେହୁରା, ଗୌରାଙ୍ଗ ଚନ୍ଦ୍ର ଜେନା ଯୋଗ ଦେଇ ବିଜେଡ଼ି ର ବିକାଶମୂଳକ କାର୍ଯ୍ୟକ୍ରମ ଓ ସୁଶାସନ ସମ୍ପର୍କରେ ଆଲୋକପାତ କରିଥିଲେ

# ବ୍ଲକସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ



**ରାଜନଗର(ଅମୃତ ମିଡିଆ):** ରାଜନଗର ବ୍ଲକ ସଦର ମହକୁମାସ୍ଥିତ ଶୈଳେନ୍ଦ୍ରନାରାୟଣ ସରକାରୀ ଉ.ପ୍ରା.ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭାଷା, ସାହିତ୍ୟ ଓ ଶୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ମନୋରଂଜନ ସେଠୀ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚିତରଂଜନ ଜେନା, ମୁଖ୍ୟବକ୍ତା ଭାବେ ଏବିଇଓ ଶିବପ୍ରସାଦ ବେହେରା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଅ'ର୍ନହିତ ସୃଜନଶୀଳ ପ୍ରତିଭା ଲୋକଲୋଚନକୁ ଆଣିବାରେ ସକ୍ଷମ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ସୁଶା'କୁମାର ସେଠୀ, ସିଆରସିସି ମଧୁସୂଦନ ସାହୁ, ମୁକୁଳେନ୍ଦୁ ଘଡାଇ, ମହେଶ୍ୱର ସେଠୀ, ମନୋରଂଜନ ପରମାଣିକ ପ୍ରମୁଖ ସମସ୍ତ କ୍ଲଷ୍ଟରର ସିଆରସିସିମାନେ ଉପସ୍ଥିତ ଥିଲେ । ବିଭିନ୍ନ ପ୍ରତିଯୋଗୀତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା । କନିଷ୍ଠ ଓ ବରିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୮ଜଣ ଛାତ୍ରଛାତ୍ରୀ ଯଥା- ବିଜ୍ଞାନ ବେହେରା, ପିକେ ପ୍ରଜ୍ଞାନ ରାଉତ, ବିବେକାନନ୍ଦ ଦାସ, ଶ୍ରୀୟାନ ମାଇତି, ବିଶ୍ୱଜିତ ହାତି, ସୋନାକ୍ଷୀ ମିଶ୍ର, ଅର୍ପିତ ଜେନା, ସୀମାରେଖା ବେହେରା, ଅରୁଣକୁମାର ବେହେରା, ବିନ୍ଧ୍ୟାସୂତା ରାଉତ, ପୂର୍ଣ୍ଣିମା ପ୍ରଧାନ ଓ ବୈଜୟ'ୀ ତ୍ରିପାଠିଙ୍କୁ ଜିଲ୍ଲାସ୍ତରୀୟ ପ୍ରତିଯୋଗୀତାକୁ ମନୋନୀତ କରାଯାଇଛି ।

# ଭିତରକନିକାର କ୍ରୁଜରେ ରାତ୍ରୀ ଯାପନ କରିବେ ପର୍ଯ୍ୟଟକ

**ରାଜନଗର(ଅମୃତ ମିଡିଆ):** ଭିତରକନିକାରେ ପୂର୍ବରୁ ଚାଲିଥିବା ଚାରୋଟି କାଟାମାରାନ ଭିତରକନିକା, ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ପୁନର୍ବାର ନୂଆ ରୂପରେ ଫେରିଛି । ପ୍ରଥମ ପର୍ଯ୍ୟାୟରେ ଦୁଇଟି ଭିତରକନିକା ଓ ମହାନଦୀ କ୍ରୁଜ ଆସି ଗୁପ୍ତିଠାରେ ପହଂଚିଛି । ଦିଲ୍ଲୀର ହେରିଟେଜ ରିଭର ଜର୍ଣ୍ଣିସ ନାମକ ଘରୋଇ ସଂସ୍ଥା ଚଳାଇବା ପାଇଁ ଦାୟିତ୍ୱ ନେଇଛି । ଏହି କ୍ରୁଜରେ ଦୁଇଟି କୋଠରୀ ରହିଛି । ଚାରିଜଣ ପର୍ଯ୍ୟଟକ ଏଥିରେ ରାତ୍ରୀ ଯାପନ କରିପାରିବେ । ପର୍ଯ୍ୟଟକମାନେ ଏଥିରେ ବୁଲିବା ସହିତ ରାତିରେ ନଦୀ ମଧ୍ୟରେ ରାତ୍ରୀ ଯାପନ କରିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ । ମନ ପସନ୍ଦର ଖାଦ୍ୟ ସେମାନଙ୍କୁ ମିଳିବ । ୨୦୨୨ ଜୁନ ୧୮ତାରିଖରେ ଏହି ଘରୋଇ ସଂସ୍ଥାକୁ ପର୍ଯ୍ୟଟନ ବିଭାଗ ହସ୍ତା'ର କରିଥିଲା । କଲିକତା, ଗୋଆ ଭଳି କ୍ରୁଜ କରି ଚଳାଇବାକୁ ଦିଆଯାଇଥିଲା । ଚୁକ୍ତି ଅନୁଯାୟୀ, ପର୍ଯ୍ୟଟନ ବିଭାଗକୁ ଏହି ସଂସ୍ଥା ବାର୍ଷିକ ୫ଲକ୍ଷ ୨୦ହଜାର ଟଙ୍କା ଦେବା ସହ କର୍ମଚାରୀ ଓ



ଅନ୍ୟାନ୍ୟ କଥା ନିଜେ ବୁଝିବ । ଭିତରକନିକାକୁ ଆସିବା ସହ ହବାଳୀଖଟିକୁ ପର୍ଯ୍ୟଟକମାନଙ୍କୁ ବୁଲାଇବା ପାଇଁ ନେବ । ସୂଚନା ଥାଉକି, ଆଇସିଜେଡଏମପି ଅନୁଦାନରେ ୮ବର୍ଷ ପୂର୍ବେ ଭିତରକନିକାର ନଦୀନାଳରେ ପର୍ଯ୍ୟଟକମାନଙ୍କୁ ନେବା ଆଣିବା ପାଇଁ ୬କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ଏହି ବୋଟ ଆସିଥିଲା । ମାତ୍ର ଭିତରକନିକାର ବଗଗହଣ, ମଠଆଡିଆ ବିଶେଷକରି ସୁଆଜୋର ଭିତରକୁ ଏହି ବୋଟ ପଶି ପାରୁନଥିବାରୁ ଅନେକ ପର୍ଯ୍ୟଟକ ଏହି ବୋଟରେ ଆସିବାକୁ ପସନ୍ଦ କରୁନଥିଲେ । ଏହି ବୋଟ କ୍ରୁଜ ରୂପରେ ଆସିଥିବାରୁ ପର୍ଯ୍ୟଟକମାନେ ପସନ୍ଦ କରିବେ ବୋଲି ପର୍ଯ୍ୟଟନ ବିଭାଗ ଆଶା ବାନ୍ଧିଛି । ଏନେଇ ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଘରୋଇ ସଂସ୍ଥା ଏହାକୁ ଚଳାଇବାକୁ ଦାୟିତ୍ୱ ନେଇଛି । ପର୍ଯ୍ୟଟକମାନଙ୍କ ପାଇଁ କେତେ ଟଙ୍କା ରଖିବ ସେ ସ୍ଥିର କରିବ ବୋଲି କହିଛନ୍ତି ।

# ମହିଳାଙ୍କୁ ହତ୍ୟାକରି ଫୋପାଡି ଦେଇଥିବା ଅଭିଯୋଗ

**ରାଜନଗର(ଅମୃତ ମିଡିଆ):** ରାଜନଗର ବ୍ଲକ ବନ୍ଧପଡା ପଚାଂୟତ ଖଣ୍ଡେଇପଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଜଣେ ମହିଳା ବାହାରକୁ ଭୋର ୪ଟା ସମୟରେ ପରିଶ୍ରା କରିବାକୁ ଉଠିଥିଲେ । ତାଙ୍କୁ କେହି ଦୁର୍ବୃତ ପେଟ କାଟି ମୁର୍ମୁଷୁ ଅବସ୍ଥାରେ ଫୋପାଡି ଦେଇ ଚାଲି ଯାଇଥିବା ଅଭିଯୋଗ ହୋଇଛି । ଏହି ଗ୍ରାମର ନିରଂଜନ ସ୍ୱାଇଁ ରାଜନଗର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ତ୍ରୀ ସାଗରିକା ସ୍ୱାଇଁ(୬୩) ରବିବାର ଭୋର ୪ଟା ସମୟରେ ପରିଶ୍ରା କରିବାକୁ ଘରର ପଛପଟକୁ ଯାଇଥିଲେ । ଅଧଘଂଟା ପରେ ତାଙ୍କ ଚିତ୍କାର ଶୁଣି ସ୍ୱାମୀ ନିରଂଜନ ଓ ତାଙ୍କ ଭାଉଜ ତଅପୋଇ ସ୍ୱାଇଁ ବାହାରକୁ ଦୌଡି ଆସି ଦେଖିଲେ ଯେ, ସାଗରିକା ବାଡିପଟ ଖତଗଦା ନିକଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡି ଛଟପଟ ହେଉଛନ୍ତି । ତାଙ୍କ ତଳି ପେଟ କଟା ହୋଇ ଅ'ଃବୁଜୁଳା ବାହାରି



ପଡିଛି । ଗୁରୁତର ଅବସ୍ଥାରେ ତାଙ୍କୁ ସଂପର୍କୀୟଙ୍କ ଜରିଆରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ଅବସ୍ଥା ଗୁରୁତର ଥିବାରୁ ରାଜନଗରରୁ କଟକ ନେବା ବାଟରେ ସେ ମୃତ୍ୟୁବରଣ କରିଥିଲେ । ସେ ବାଟରୁ ଶବ ଧରି ଘରକୁ ଫେରିଥିଲେ । ସାଗରିକା ପଡିଥିବା ପୋଖରୀ କୂଳରୁ ପ୍ରଚୁର ରକ୍ତ ପଡିବା ସହ ମାଂସ ଓ ରକ୍ତଲଗା ବ୍ଲେଡ ପଡିଥିବା ଦର୍ଶାଇଛନ୍ତି । ସେ ପିନ୍ଧିଥିବା ସୁନା କାନଫୁଲକୁ ତାଙ୍କ କାନରୁ କେହି ଛିଡାଇ ନେଇ ଯାଇଛନ୍ତି । ତାଙ୍କୁ ବ୍ଲେଡରେ କାଟି ହତ୍ୟା କରିଥିବା ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ପୋଲିସ ପହଂଚି ଶବକୁ ଜବତ କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶବାଗାରରେ ରଖିଛି । ପୋଲିସ ୪୯/୨୦୨୪ରେ ମାମଲା ରୁଜୁ କରି ଛାନଭିନ୍ ଚଳାଇଛି । ତିନିଜଣିଆ ସାଇଁଟିଫିକ୍ ଟିମ୍ ତଦ' କରି ଫେରି ଯାଇଛନ୍ତି । ସୋମବାର ଦିନ ବ୍ୟବଛେଦ ପାଇଁ ପଠାଯିବ ବୋଲି ଆଇଆଇସି ଅଜୟକୁମାର ଜେନା ସୂଚନା ଦେଇଛନ୍ତି । ମହିଳାଙ୍କ ମୃତ୍ୟୁକୁ ନେଇ ଗାଁରେ କୋକୁଆ ଭୟ ସୃଷ୍ଟି ହୋଇଛି । ପୋଲିସ ମହିଳାଙ୍କ ହତ୍ୟାକାରୀଙ୍କୁ କେବେ ଧରିବାରେ ସକ୍ଷମ ହେଉଛି ଦେଖିବାକୁ ବାକି ରହିଲା ।

# ଓଷ୍ଟା ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ



**ବାରିପଦା(ଅମୃତ ମିଡିଆ) :** ଶିକ୍ଷକ-କର୍ମଚାରୀଙ୍କ ଦୀଘର୍ଦିନର ସମସ୍ୟାର ସମାଧାନେର ସରକାରଙ୍କର ଉଦ୍ଦେଶ୍ୟମୂଳକ ନିରବତା ପ୍ରତିବାଦେର ସାରା ରାଜ୍ୟେର ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ କାର୍ଯ୍ୟାଳୟ ସମ୍ମୁଖେର ବିକ୍ଷୋଭ ଓ ଧାରଣା ଅନୁଷ୍ଠିତ ହୋଇ ଥିବା ପରିପ୍ରେକ୍ଷୀ ରେ ମୟୂରଭଞ୍ଜ ଜିଲ୍ଲା ଓଷ୍ଟା କାର୍ଯ୍ୟାଳୟରୁ ଏକ ବିଶାଳ ଶୋଭାଯାତ୍ରାରେ ଆସି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖେର ଧାରଣା ଓ ପ୍ରତିବାଦ ସଭା ସଂଗଠନର ଜିଲ୍ଲା ସଭାପତି ସେନ୍ତାଷ କୁମାର କାସ୍ତଙ୍କ ସଭାପତିତ୍ୱେର ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଂପାଦକ ଚିତରଞ୍ଜନ ପଳତା, ଦୁର୍ଯ୍ୟୋଧନ ବେହେରା, ରାଜ୍ୟ ଉପସଭାପତି ଜ୍ଞାନରଞ୍ଜନ ପାଣିଗ୍ରାହୀ ଓ ସଂପାଦକ ଗୋପୀବଲ୍ଲଭ ଭୂୟାଁ ସଂଗଠନ ତରଫରୁ ନିଆଯାଇଥିବା ପଦେକ୍ଷପ ବିଷୟେର ଉପସ୍ଥିତ ସଭ୍ୟସଭ୍ୟାଙ୍କୁ ଜଣାଇଥିଲେ. ବିଭିନ୍ନ ବଗର୍ର ଶିକ୍ଷକ-କମର୍ଚାରୀଙ୍କ ମଧ୍ୟରୁ ଆଜିସୁଦ୍ଧା ଅନୁଦାନରୁ ବଂଚିତ ଅନୁଦାନେଯାଗ୍ୟ ବିଦ୍ୟାଳୟମାନଙ୍କୁ ଅନୁଦାନ ପ୍ରଦାନ, ସପ୍ତମ ବେତନରୁ ବଂଚିତ ୨୨୬ ଓ ୩୯୯ ବଗର୍ର ଶିକ୍ଷକ-କମର୍ଚାରୀମାନଙ୍କୁ ତୁରନ୍ତ ୭ମ ବେତନ ପ୍ରଦାନ କରିବା, ବିଦ୍ୟାଳୟ ଆରମ୍ଭରୁ ବିନା ବେତନେର ଦୀର୍ଘ ୧୦ ବଷର୍ରୁ ଅଧିକ ଏବଂ ପେର ସଳ୍ପ ବେତନେର କାର୍ଯ୍ୟକରି ଅବସର ନେଉଥିବା ଶିକ୍ଷକ-କମର୍ଚାରୀ ମାନଙ୍କ ପାଇଁ ପେନସନ ପ୍ରଦାନ କରିବାକୁ ମାନ୍ୟବର ହାଇେକାର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଥିଲେ ମଧ୍ୟ ସରକାର ଚଂଚକତା ପ୍ରଦଶର୍ନ ପୂବର୍କ ବଂଚିତ କରୁଥିବାରୁ ତୁରନ୍ତ ଲାଗୁକରିବା ଆଦି ଦାବୀ କରାଯାଇଥିଲା. ଦାବୀ ପୂରଣେର ସରକାର ଟାଳଟୁଳ ନୀତି ଅବଲମ୍ବନ କେଲ ଆଗାମୀ ୭ ତାରିଖ ଦିନ ଭୁବେନଶ୍ୱର କଂଗ୍ରେସ ଭବନ ଠାରୁ ହଜାର ହଜାର ଶିକ୍ଷକଙ୍କର ଏକ ମହା ସମାବେଶ ଅନୁଷ୍ଠିତ ହୋଇ ପି.ଏମ.ଜି. ରାଜମାଗର୍ରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅହର୍ନିଶି ଧାରଣା ଦିଆଯିବ ବୋଲି ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ କିଶୋର କୁମାର ଆଚାର୍ଯ୍ୟ ଓ ସୁବଳ ଦାସ ମହାପାତ୍ର ତଥା ଜିଲ୍ଲା ଏବଂ ବ୍ଲକର ସମସ୍ତ ପଦାଧିକାରୀ ଆହ୍ୱାନ ଦେଇଥିଲେ. ଶେଷେର ଅତିରିକ୍ତ ଶିକ୍ଷା ଅଧିକାରିଣୀ ଦୀପ୍ତି ନାୟକ ଶିକ୍ଷକମାନଙ୍କ ନିକଟକୁ ଆସି ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ଅଥର୍ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଅର୍ଥ ସଚିବ ଓ ଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟେର ଦିଆଯାଇଥିବା ଦାବୀପତ୍ରକୁ ଗ୍ରହଣ କରିଥିଲେ ଏବଂ ଏକ ପ୍ରତିନିଧି ମଣ୍ଡଳୀ ସହିତ ସମାସ୍ୟାଗୁଡିକ ବିଷୟେର ଆେଲାଚନା କରିବା ସହିତ ଏଗୁଡିକର ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଶେଷେର ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ଦେବରାଜ ନାୟକ ଧନ୍ୟବାଦନ ଅପର୍ଣ କରିଥିଲ।

# ବ୍ଲକରେ ପାଳିତ ହୋଇଛି ବିଶ୍ୱ ଓଡିଆ ଭାଷା ସମ୍ମିଳନୀ



**ବେତନଟୀ(ଅମୃତ ମିଡିଆ):** ବେତନଟୀ ବ୍ଲକରେ ପାଳିତ ହୋଇଛି ବିଶ୍ୱ ଓଡିଆ ଭାଷା ସମ୍ମିଳନୀ । ପ୍ରଥମ ବିଶ୍ୱ ଓଡିଶା ଭାଷା ସମ୍ମିଳନୀ ୨୦୨୪ ଭୁବନେଶ୍ୱରର ଜନତା ମଇଦାନରେ ଏହି ଫେବୃଆରୀ ତିନି ତାରିଖରୁ ପାଞ୍ଚ ତାରିଖ ପର୍ଯ୍ୟନ୍ତ ଚାଲିଛି ।ଭାଷା ଅତୀତର ଅସ୍ତିତ୍ୱ,ଭାଷାହିଁ ଭବିଷ୍ୟତ ହେଉଛି ଏହି ବିଶ୍ୱ ଓଡିଶା ଭାଷା ସମ୍ମିଳନୀ । ବେତନଟୀ ବ୍ଲକରେ ପାଳିତ ହୋଇଥିବା ଏହି ସମ୍ମିଳନୀ ବିଷୟରେ ସାଧାରଣ ଜନତାତ ଦୂରର କଥା ବହୁ ଗଣମାଧ୍ୟମ ପ୍ରତିନିଧି ମଧ୍ୟ ଏ ସମ୍ପର୍କରେ କୌଣସି ସୂଚନା ମଧ୍ୟ ପାଇପାରିନାହାଁନ୍ତି । ଘଟଣା ସମ୍ପର୍କରେ ସଭା ପରିଚାଳନା କରୁଥିବା ବେତନଟୀ ଏ.ବି.ଓ ରମାକାନ୍ତ ମହାନ୍ତଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ସେ କହନ୍ତି ମତେ କେବଳ ଡକାଯାଇଥିଲା ,ବ୍ଲକ ବିଡିଓଙ୍କ ଅନ୍ୟତ୍ରବଦଳି ହୋଇଯାଇଥିବାରୁ ଏବିଡିଓ କହନ୍ତି ମୁଁ କେବଳ ଡ୍ୟୁଟି କରିଛି ,ଏପରିକି ଗ୍ରାମ ପଞ୍ଚାୟତ ଅଧିକାରୀ କହନ୍ତି ମୁଁ ଗଣମାଧ୍ୟମ ସଭାପତି ବୋଲି ଜଣଙ୍କୁ ସୂଚନା ଦେଇଛି । ଘଟଣା ଯାହାବି ହେଉନା କାହିଁକି ଆମେ ଓଡିଆ ଆମ୍ଭ ଭାଷା ଓଡିଆ ,ଏ ଭାଷା ପାଇଁ ଆମ ସରକାର ଯେଉଁ ପଦକ୍ଷେପ ନେଇଛନ୍ତି ତାହା ଏକ ଯୁଗାନ୍ତକାରୀ ପଦକ୍ଷେପ ,ସରକାରଙ୍କରଏଭଳି ପଦକ୍ଷେପକୁ ଆମ ବ୍ଲକ ପ୍ରସାଶନର କିଏ କାହାକୁ ଓ କେଉଁ ମାଧ୍ୟରେ ନିମନ୍ତ୍ରଣ କରି ସମ୍ମାନିତ କଲେ ତାହା ଜନସାଧାରଣରେ ଏକ ମୁଖ୍ୟ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି । ସମ୍ବର୍ଦ୍ଧିତ ବ୍ୟକ୍ତି ମାନେ ଆମ ରାଜ୍ୟର ତଥା ଓଡିଶାର ଭାଷାରେ କଣ କଣ ଲେଖା ପ୍ରକାଶନ କରିଛନ୍ତି ନା ଆମ୍ଭ ଓଡିଆ ଭାଷା ଉପରେ କୌଣସି ଉଚ୍ଚ ଶିକ୍ଷା ଲାଭକରି ଓଡିଆଙ୍କ ଭାଷାର ସୁରକ୍ଷା ନିମିତ୍ତ କୌଣସି ପଦକ୍ଷେପ ନେଇଛନ୍ତି !ଏବଂ ଏହି ଲେଖା ବିଷୟରେ ବ୍ଲକ ପ୍ରଶାସନ ବା ଅନ୍ୟ କେଉଁ ବିଭାଗ ସେମାନଙ୍କ ବିଷୟରେ କଣ ଅବଗତ ହୋଇ ତାଙ୍କୁ ସମ୍ମାନିତ କରିଛନ୍ତି ତାହା ମୁଖ୍ୟ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି । ବେତନଟୀ ବିଡିଓଙ୍କର ଅନ୍ୟତ୍ର ବଦଳି ହେବା ସହ ଏବିଡିଓ ଦାଇତ୍ୱ ନେବା ସଙ୍ଗେ ସଙ୍ଗେ ଏ ସମ୍ମିଳନୀକୁ କିଏ କାହା ଦ୍ୱାରା ପରିଚାଳିତ କରି ଆମ ରାଜ୍ୟ ତଥା ରାଜ୍ୟ ସରକାରଙ୍କର ଦ୍ୱାରା ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମଳନୀ ୨୦୨୪କୁ ଚର୍ଚାରେ ପରିଣତକଲା ତାହା ଜନସାଧାରଣ ରେ ମୁଖ୍ୟ ଆଲୋଚ୍ୟ ବିଷୟବସ୍ତୁ ପଲଟିଛି ।

# ପଂଚାୟତରେ ମୁଗବିହନ ବଂଟନ କରୁନଥିବା ଅଭିଯୋଗ,ସନ୍ଦେହଘେରରେ କୃଷି ଅଧିକାରୀ

**ରାଜନଗର(ଅମୃତ ମିଡିଆ):** ରାଜନଗର ବ୍ଲକ ମହୁଲିଆ ପଚାଂୟତ ବାଘତୈଳା ଗ୍ରାମରେ ଚାଷୀମାନଙ୍କୁ ମୁଗ ବିହନ ବଂଟନ କରାଯାଇନଥିବା ଅଭିଯୋଗ ହୋଇଛି । ଏହି ପଚାଂୟତର କୃଷକ ସାଥୀ ଚାଷୀମାନଙ୍କଠାରୁ ଆଧାରକାର୍ଡ, ଜମିପଟ୍ଟା ଓ କୃଷକ ପିକରଣ ପ୍ରମାଣପତ୍ରର ଜେରକ୍ସ କପି ନେଇଥିଲେ । ମାତ୍ର ଦୀର୍ଘଦିନ ବିତି ଯାଇଥିଲେ ମଧ୍ୟ ଚାଷୀମାନଙ୍କୁ ମୁଗ ବିହନ ଦିଆନଯାଇଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଏହି ଗ୍ରାମର ଚାଷୀ ଦାମୋଦର ସାହୁ, ଗୌରାଙ୍ଗ ରାଉତ, ବଳରାମ ଦାସ, ଦୟାନିଧି ରାଉତ, ବ୍ରହ୍ମାନନ୍ଦ ଜେନା, ସୁରେନ୍ଦ୍ର ଜେନା ପ୍ରମୁଖ ରାଜନଗର କୃଷି ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । କୃଷକ ସାଥୀଙ୍କ ମାଧ୍ୟମରେ ଉପଯୁକ୍ତ ଚାଷୀମାନଙ୍କଠାରୁ ଆବଶ୍ୟକୀୟ କାଗଜପତ୍ର ନେଇ ମୁଗ ବିହନ ଦେବାକୁ କୁହାଯାଇଥିଲା । ମାତ୍ର ଦୀର୍ଘଦିନ ବିତି ଯାଇଥିଲେ ବି ମୁଗ ବିହନ ଗଛିତ ଥିଲେ ମଧ୍ୟ ଚାଷୀମାନଙ୍କୁ ନମିଳିବା ଘଟଣା କୃଷି ବିଭାଗ ଅଧିକାରୀଙ୍କ ଭୂମିକା ଉପରେ ସନ୍ଦେହ ସୃଷ୍ଟି ହୋଇଛି । ଏନେଇ ବ୍ଲକ କୃଷି ଅଧିକାରୀ ଦେବବ୍ରତ ସେଠୀଙ୍କୁ ପଚାରିବାରୁ ଅଭିଯୋଗ ପାଇଛି । ଘଟଣାର ଅନୁଧ୍ୟାନ କରିବି ବୋଲି କହିଛନ୍ତି ।

# ଯାତ୍ରା ସଙ୍ଘର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଓ ବନ୍ଧୁମିଳନ

**ରାଜନଗର(ଅମୃତ ମିଡିଆ):** ରାଜନଗର ବ୍ଲକ ପେଣ୍ଠ ବେଳାଭୂମିରେ କେନ୍ଦ୍ରାପଡା ଜିଲ୍ଲା ଯାତ୍ରା କମିଟ୍ ସଂଘର କାର୍ଯ୍ୟକାରିଣୀ ବୈଠକ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ମିହିର ସାମଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲ୍ଲା ସଂପାଦକ ଜ୍ଞାନବଲ୍ଲଭମହା', ସହ-ସଂପାଦକ ନିହାରକା' ରାଉତ, ଉପସଭାପତି ମହେଶ୍ୱର ସେଠୀ, କୋଷାଧକ୍ଷ ଗଣେଷ ପଟ୍ଟନାୟକଙ୍କ ଉପସ୍ଥିତରେ ଜିଲ୍ଲାର ବିଭିନ୍ନ ବ୍ଲକ ଯାତ୍ରା କମିଟିର କର୍ମକର୍ତା ଓ ଯାତ୍ରା କମିଟିର ସଦସ୍ୟମାନେ ଯୋଗଦେଇଥିଲେ । ଆଗାମୀ ୨୦୨୪-୨୫ ଯାତ୍ରା ଋତୁ ପାଇଁ ଯାତ୍ରା ପାଟି ମାଲିକମାନଙ୍କର ମନମୁଖୀ କାର୍ଯ୍ୟକ୍ରମ, ଅହେତୁକ ମୂଲ୍ୟବୃଦ୍ଧିକୁ କମାଇବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଆଗାମୀ ଦିନରେ ଜିଲ୍ଲାର ସମସ୍ତ ବ୍ଲକର ଯାତ୍ରା କମିଟି ସହ ଆଲୋଚନା କରାଯାଇ ଯାତ୍ରା ପରିବେଷଣର ସମୟ, ଦୂରତା ଓ ତାରିଖ ସଂଘ ମାଧ୍ୟମରେ ସ୍ଥିର କରାଯିବାକୁ ଆଲୋଚନା ହୋଇଥିଲା ।

# ଜୋର୍‌ଧରିଲା ଘୁମୁସରକୁ ଜିଲ୍ଲା ଗଠନ ଦାବି
## ଘୁମୁସର ବରିଷ୍ଠ ନାଗରିକ ମଞ୍ଚ ବୈଠକ

ଭଞ୍ଜନଗର (ଅମୃତ ମିଡିଆ): ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ଫେବୃୟାରୀ ମାସର ବୈଠକ ସ୍ଥାନୀୟ ନାୟକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଘୁମୁସର ଜିଲ୍ଲା ଗଠନ ଦାବି ନେଇ ମଞ୍ଚ ତାର ଆଭିମୁଖ୍ୟ ସ୍ପଷ୍ଟ କରିଛି। ଘୁମୁସର ମାଟିର ବିଭିନ୍ନ ସଂଗଠନ କୁ ନେଇ ସମନ୍ୱୟ ରକ୍ଷାକରି ବରିଷ୍ଠ ନାଗରିକ ମଞ୍ଚ ଘୁମୁସର ଜିଲ୍ଲା ଗଠନ ପାଇଁ ତାର ପ୍ରୟାସ ଜାରୀ ରଖିଛି। ସଭାପତି ସୋମନାଥ ନାୟକ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଉପସଭାପତି ବାଳକୃଷ୍ଣ ବେହେରା, ପ୍ରାକ୍ତନ୍ ଅଧ୍ୟକ୍ଷ ଶିବରାମ ପଣ୍ଡା, ସମ୍ପାଦକ ରବିନାରାୟଣ ସାମନ୍ତ ମଞ୍ଚାସୀନ ଥିଲେ। ପଣ୍ଡିତ ବିପ୍ର ଚରଣ ସାହୁଙ୍କ ବେଦ ମନ୍ତ୍ର ପାଠ କରିଥିଲେ । ସଭା ଆରମ୍ଭରେ ଭାରତୀ ଭଣ୍ଡାର ପୁସ୍ତକାଳୟ ର ପ୍ରତିଷ୍ଠାତା ଉଦୟନାଥ ମହାପାତ୍ର, ବରିଷ୍ଠ ଆଇନଜୀବୀ ଦେବରାଜ ବିଶ୍ୱାଳଙ୍କ ବିୟୋଗରେ ଏକ ମିନିଟ ନିରବ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସମ୍ପାଦକ ସାମନ୍ତ ଗତ ବୈଠକ ର ବିବରଣୀ ପାଠ କରିଥିଲେ। ସେହିପରି ଗତ ବାର୍ଷିକ ସଭା ର ଆୟ ବ୍ୟୟ ର ହିସାବ ସମ୍ପାଦକ ଉପ ସ୍ଥାପିତ କରିଥିବା ବେଳେ ତାମଧ୍ୟ ଆଲୋଚନା ହୋଇ ଗୃହୀତ ହୋଇଥିଲା। ମଞ୍ଚ ର ସଭାପତି ବାର୍ଷିକ ସଭାକୁ ଯେପରି ଭାବେ ସୁପରିଚାଳନା କରିଥିଲେ ସେଥିପାଇଁ ତାଙ୍କୁ ପ୍ରଶଂସା କରାଯାଇଥିଲା । ସଭାପତି ମଧ୍ୟ ସମ୍ପାଦକ ରବିନାରାୟଣ ସାମନ୍ତ, ସମୀକ୍ଷକ ସୁରେନ୍ଦ୍ରନାଥ ବେହେରା କାର୍ଯ୍ୟକାରୀ ସଦସ୍ୟ ଗୋବିନ୍ଦଚନ୍ଦ୍ର ଲେଙ୍କାଙ୍କ ସମେତ ସମସ୍ତ ସଦସ୍ୟ ବାର୍ଷିକ ସଭା ପ୍ରସ୍ତୁତି ରେ ପୂର୍ଣ୍ଣ ସହଯୋଗ କରିଥିବାରୁ କୃତଜ୍ଞତା ଜଣାଇଥିଲେ । ଶେଷରେ ସହ ସମ୍ପାଦକ ହରିକୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# କେନ୍ଦୁଝରରେ ସିରିଜ୍ ଦୁର୍ଘଟଣା
## ୭ ଗୁରୁତର

କେନ୍ଦୁଝର (ଅମୃତ ମିଡିଆ): କେନ୍ଦୁଝର ଟାଉନ ଥାନା ଜୁଡ଼ିଆ ଘାଟି ଠାରେ ସିରିଜ ଦୁର୍ଘଟଣା ଘଟିଛି । ସୋମବାର ସକାଳୁ ଟାଉନ ଥାନା ଅନ୍ତର୍ଗତ ସାମଲ ମୋଟର ସମ୍ମୁଖରେ ଏହି ସିରିଜ୍ ଦୁର୍ଘଟଣା ଘଟିଛି। ଖବର ଅନୁଯାୟୀ ଏକା ସାଙ୍ଗରେ ୩ଟି ଟ୍ରକ ଏବଂ ୪ଟି ବାଇକକୁ ଧକ୍କା ଦେଇଛି ଆଉ ଏକ ଟ୍ରକ। ଏହି ଦୁର୍ଘଟଣାରେ ୪ଟି ବାଇକ୍ ଭାଙ୍ଗି ଚୂରମାର ହୋଇ ଯାଇଥିବାବେଳେ ୭ ଜଣ ଗୁରୁତର ହୋଇଛନ୍ତି। ସମସ୍ତ ଗୁରୁତରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ ଏକ ଟ୍ରକ୍ କଲିକତା ଅଭିମୁଖେ ଯାଉଥିଲା। ଘାଟିରୁ ଓହ୍ଲାଇବା ସମୟରେ ଟ୍ରକର ବ୍ରେକ ଫେଲ୍ ହୋଇଯିବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି । ଘଟଣା ସ୍ଥଳରେ ପୁଲିସ୍ ଓ ଅଗ୍ନିଶମ ବିଭାଗ ପହଂଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ଗୁରୁତରଙ୍କ ପରିଚୟ ମିଳିନଥିବା ବେଳେ ସମସ୍ତେ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡିଛି। ଟାଉନ ଥାନା ପୁଲିସ ଏହାର ଅଧିକ ତଦନ୍ତ ଜାରି ରଖିଛି।

# ନିର୍ମାଣାଧୀନ ଗୋଶାଳା ଟଙ୍କା ଆତ୍ମସାତ ଅଭିଯୋଗ



କଲ୍ୟାଣସିଂହପୁର (ଅମୃତ ମିଡିଆ): ପଶୁପାଳକମାନେ ନିଜ ଗାଇ, ବଳଦ, ମହିଷୀ, ପୋଢ଼ଙ୍କୁ ଶୀତ, କାକର, ଖରା, ବର୍ଷା ଦାଉରୁ ରକ୍ଷା କରିବା ପାଇଁ ସରକାର ପ୍ରତି ଗୋଶାଳା ପାଇଁ ଲକ୍ଷେ ତିରିଶ ହଜାର ଟଙ୍କା ପ୍ରଦାନ କରିଛନ୍ତି। କିନ୍ତୁ ଏହି ଅର୍ଥକୁ ଦାୟିତ୍ୱରେ ଥିବା ଅଧିକାରୀମାନେ ଆତ୍ମସାତ କରିଥିବା ଅଭିଯୋଗ କରିଛନ୍ତି ଗୋଶାଳ ନିର୍ମାଣ କରିଥିବା ଚାଷୀମାନେ। ଏମିତି ଏକ ଘଟଣା ନଜରକୁ ଆସିଛି ରାୟଗଡ଼ା ଜିଲାର କଲ୍ୟାଣସିଂହପୁର ବ୍ଲକ ସୁନାଖଣ୍ଡି ପଞ୍ଚାୟତରେ। ଡଙ୍ଗରିଆ କାନ୍ଧ ଉନ୍ନୟନ ସଂସ୍ଥା ପକ୍ଷରୁ ଏହି ପଞ୍ଚାୟତରେ ଗୋଶାଳା ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ କିଛି ଚାଷୀଙ୍କୁ ଚିହ୍ନଟ କରାଯାଇଥିଲା। ପରେ ସେମାନଙ୍କୁ ଜିଓ ଟେଗ କରି ଜମା ଖାତାରେ ଟଙ୍କା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଥିଲା। କାର୍ଯ୍ୟ ଗତ ୨୨ ମସିହାରେ ଆରମ୍ଭ କରିଥିଲେ, ଆଜିଯାଏ ଟଙ୍କା ମିଳିଲା ନାହିଁ। ଏହି କାର୍ଯ୍ୟ ଓଡ଼ିଶା ଆଦିମ ଜନଜାତି ଉନ୍ନୟନ ସଂସ୍ଥା(ଓପିଲିପି)କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଏହି ସଂସ୍ଥା ଗୋଶାଳା ନିର୍ମାଣ କାର୍ଯ୍ୟ କରିବା ପାଇଁ ନନ୍ଦିନୀ ଗ୍ରାମର ଦୀନବନ୍ଧୁ କଡ୍ରାକା, ଲକି ହୁଇକା, ରାମରାଓ କଡ୍ରାକା, ଉଉରା କଡ୍ରାକ, ଶ୍ରୀଧର କଡ୍ରାକା ହିତାଧିକାରୀ ମାତ୍ର ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରି କାର୍ଯ୍ୟ ଆରମ୍ଭ କରିଥିଲେ। ଦୀର୍ଘ ଦୁଇ ବର୍ଷ ଧରି ହିତାଧିକାରୀମାନେ ଓପିଲିପି କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଗଲେ କିନ୍ତୁ ଟଙ୍କା ମିଳିବାର ନା ଗନ୍ଧ ନାହିଁ ବୋଲି ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଗୋଶାଳା ନିର୍ମାଣ କରିବାକୁ ୧୦ ହଜାର ଟଙ୍କା ନିଅଣ୍ଟ ପଡିବାରୁ ସୁନା ବନ୍ଧକ ରଖି କିଏ ଧାନ ବିକ୍ରି କରି ଅଧା ଅଧିକ କାର୍ଯ୍ୟ ଶେଷ କରିଥିଲେ ମଧ୍ୟ ଟଙ୍କା ମିଳି ନ ଥିବାରୁ କବାଟ ଝରକା ଲଗାଇ ନଥିବାରୁ ହିଂସ୍ର ଜନ୍ତୁ ଆକ୍ରମଣର ଶିକାର ହୋଇ କ୍ଷତି ସହୁଛନ୍ତି। ଏହି କାର୍ଯ୍ୟ କରିଥିବା ସଂସ୍ଥା ସମସ୍ତ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ କରିଛନ୍ତି ନନ୍ଦିନୀ ଗ୍ରାମର ଗୋଶାଳା କରିଥିବା ହିତାଧିକାରୀମାନେ। ସେହିପରି ଆଲଜିନଗୁଡା ଗ୍ରାମରେ ମଧ୍ୟ ଅନୁରୂପ ଘଟଣା ଘଟିଛି ବୋଲି ଗ୍ରାମବାସୀ କହିଛନ୍ତି। ଏଣୁ ପିଏ ଆଇଟିଡିଏ ଓ ଜିଲାପାଳ ତଦନ୍ତକାରୀ ଦୁର୍ନୀତିଖୋର ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# କୋଟଲିଙ୍ଗୀରେ ବିଜେପିର ମହାମିଶ୍ରଣ ପର୍ବ
## ବିଜେଡି ଗଡରେ ଧସେଇ ପଶିଲା ବିଜେପି



ବ୍ରହ୍ମପୁର/ଚିକିଟି (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକର କୋଟଲିଙ୍ଗୀ ଗ୍ରାମପଞ୍ଚାୟତର କୋଟଲିଙ୍ଗୀ ଗ୍ରାମରେ ଆଜି ବିଜେପିର ମହା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ସୂଚନା ପ୍ରକାରେ ଦୀର୍ଘ ଦିନ ହେଲା ଏହି ଗ୍ରାମରେ ସମସ୍ତ ଜନତା ନିଜର ଏକତା ବଜାଇ ରଖି ବିଜୁ ଜନତା ଦଳକୁ ସମର୍ଥନ କରି ଆସୁଥିବା ବେଳେ ଆଜି ସ୍ୱତଃ ପ୍ରବୃତ୍ତ ଭାବରେ ଭାରତର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକଳାପ ରେ ଅନୁପ୍ରାଣିତ ହୋଇ ସ୍ଥାନୀୟ ଭାଜପା ନେତା ତଥା ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀଯୁକ୍ତ ମନରଞ୍ଜନ ଦ୍ୟାନ ସାମନ୍ତରାଙ୍କ ନୀତି ଆଦର୍ଶ ଏବଂ କାର୍ଯ୍ୟଶୈଳି ରେ ଅନୁପ୍ରାଣିତ ହୋଇ ବିଜେପିରେ ସାମିଲ ହୋଇଛନ୍ତି କ୍ଷ ଏହି ମିଶ୍ରଣ ପର୍ବରେ ଜିଲ୍ଲା ଭାଜପା ସଭାପତି ଡ଼ା. ସୁବାଷ ଚନ୍ଦ୍ର ସାହୁ ,ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର, ନାରୀ ନେତ୍ରୀ ମିନା ଦ୍ୟାନ ସାମନ୍ତରା,ଜିଲ୍ଲା ଭାଜପା ଲୋକସଭା ସଂଯୋଜକ ସରୋଜ ସାବତଙ୍କ ଉପସ୍ଥିତିରେ ପ୍ରାୟ ୧୭୦ ପରିବାର ଭାଜପାରେ ଯୋଗ ଦାନ କରିଥିଲେ। ଏଥି ସହ କଳବାଡ ପଞ୍ଚାୟତ ର ତିନି ପରିବାର ଏବଂ ପାତ୍ରପୁର ବ୍ଲକ ତୁମ୍ବା, ପଞ୍ଚାୟତ ର ତିନିଟି ପରିବାର ବିଜେଡି ଦଳ ପରିତ୍ୟାଗ କରି ଆଜି କୋଟଲିଙ୍ଗୀ ଗ୍ରାମରେ ହୋଇଥିବା ମିଶ୍ରଣ ପର୍ବରେ ବିଜେପି ରେ ଯୋଗ ଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚିକିଟୀ ନିର୍ବାଚନ ମଣ୍ଡଳୀର ପାତ୍ରପୁର ପଂଚାୟତ ସମିତି ଅଧକ୍ଷା ଓ୍ୱଇ ସଂଯୁକ୍ତା ,ଓ୍ୱଇ ମୋହନ ରାଓଙ୍କ ସହ ଚିକିଟୀ ବ୍ଲକର ସମସ୍ତ ମଣ୍ଡଳ ସଭାପତି ମଞ୍ଚାସିନ ହୋଇଥିବା ବେଳେ ଜୟ ଶ୍ରୀରାମ ଭାରତ ମତାକି ଜୟ ନାରବାଜି କରି ସାଧାରଣ କର୍ମୀ ମାନେ ନୂତନ ଭାବରେ ବିଜେପିରେ ଯୋଗ ଦାନ କରିଥିବା ପରିବାରଙ୍କୁ ଉଛହିତ କରିଥିଲେ । ପ୍ରଥମେ ପାତ୍ରପୁର ବ୍ଲକର କ୍ୱଲୁଆ ଛକ ଠାରୁ ହଜାର ହଜାର ବିଜେପି କର୍ମୀ ଏକ ବାଇକ ରାଲି କରି ସଭା ସ୍ଥଳକୁ ପହଂଚି ଥିଲେ । ଏହି କାର୍ଯ୍ୟକ୍ରମକୁ ଆଗକୁ ନେବା ସକାଶେ ଦେବଦତ୍ତ ପଣ୍ଡା,ରେଣୁ କିଶୋର ରେଡ୍ଡୀ, ଦିଲୀପ କୁମାର ସାହୁ,ପୁଷ୍ପାଞ୍ଜଳି ସେଠି,ନଗମା ରାଓ,ଏସ ନାଗଭୁସନ, କେ.ମୁରଲୀ ପ୍ରମୁଖ ଯୋଗ ଦାନ କରି ମିଶ୍ରଣ ପର୍ବକୁ ସଫଳ କରିଥିଲେ ।

# ସଂରକ୍ଷିତ ଜଙ୍ଗଲରେ ୩ କୋଟିରୁ ଅଧିକ ଟଙ୍କା ମୂଲ୍ୟର ଗଞ୍ଜେଇ ଗଛ ନଷ୍ଟ କଲା ପୋଲିସ

କନ୍ଧମାଳ (ଅମୃତ ମିଡିଆ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ପୋଲିସ ପକ୍ଷରୁ ଚଢ଼ଉ କରି ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଥାନାଧିକାରୀ ଗୋପୀନାଥ ପ୍ରଧାନଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଲମ୍ବସରି ପଞ୍ଚାୟତ ପୁଟୁପୁଟିଗଡ଼ ସଂରକ୍ଷିତ ଜଙ୍ଗଲର ଲାଖପର୍ବତ ଗ୍ରାମ ନିକଟ ଜଙ୍ଗଲରେ ଚଢ଼ଉ କରିଥିଲା। ବେଆଇନ ଭାବେ ଚାଷ ହୋଇଥିବା ହଜାର ହଜାର ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରାଯାଇଥିଲା ।

# ଡିଏଭି ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ଦିବସ



ଭଞ୍ଜନଗର (ଅମୃତ ମିଡିଆ): ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ କିର୍ତ୍ତୀରାଜିର ସୁରକ୍ଷା ଓ ଓଡ଼ିଆ ଭାଷାକୁ ଅଧିକ ବ୍ୟାପକ କରିବାକୁ ରାଜ୍ୟ ସରକାର ନେଇଛନ୍ତି ବଡ଼ ପଦକ୍ଷେପ । ଏହି ପଦକ୍ଷେପକୁ ଡିଏଭି ପିଟି ଏସ ଆର ପବ୍ଲିକ୍ ସ୍କୁଲ ଭଞ୍ଜନଗର ପାଳନ କରିଛି । ଆଜି ବିଦ୍ୟାଳୟ ପରିସରରେ ବିଶ୍ୱ ଓଡ଼ିଆ ଭାଷା ଦିବସ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀ ବାସୁଦେବ ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ । ଶିକ୍ଷୟିତ୍ରୀ ମୀରା ରାଣୀ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସରକାର ଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟ ର ସମସ୍ତ କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ ବନ୍ଦେ ଉତ୍କଳଜନନୀ ଗାନ କରିଥିଲେ। ଏହି ଉପଲକ୍ଷେ ଛାତ୍ରଛାତ୍ରୀ ମାନେ ଓଡ଼ିଆ ଭାଷାରେ ବିଭିନ୍ନ କବିତା ଓ ପ୍ରବନ୍ଧ ଭିତ୍ତିକ ନିଜସ୍ୱ ରଚନା କରି ଓଡ଼ିଆ ଭାଷା ର ଜାଗ୍ରତ ପ୍ରହରୀ ସାଜିଥିଲେ। ବିଦ୍ୟାଳୟ ର ଶିକ୍ଷକ ଚିତ୍ତରଞ୍ଜନ ଆଚାର୍ଯ୍ୟ ଓଡ଼ିଆ ଭାଷା ସାହିତ୍ୟର ଇତିହାସ ଓ ଓଡ଼ିଆ ଭାଷା ସାଧକଙ୍କ ମହାନ ଅବଦାନକୁ ସ୍ମୃତି ଚାରଣ କରିଥିଲେ। ଶେଷରେ ଶିକ୍ଷକ ଶ୍ରୀ ରମାବଲ୍ଲଭ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ଅର୍ନ୍ତଭୁକ୍ତ ହୋଇ ନିଜର ସହଯୋଗ ପ୍ରଦାନ କରିଥିଲେ।

# ଓଡିଶାବାସୀଙ୍କ ଜୀବନ ଜୀବିକାର ସୁରକ୍ଷା ହିଁ ମଧୁବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି:ପୂଜ୍ୟ ପୂଜା ସମିତି



ବ୍ରହ୍ମପୁର (ଅମୃତ ମିଡିଆ): ସାଂସ୍କୃତିକ ଅନୁଷ୍ଠାନ ପୂଜ୍ୟ ପୂଜା ସମିତି ପକ୍ଷରୁ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଆନ୍ଦୋଳନର ମହାନାୟକ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୧ତମ ତିରୋଧାନ ପାଳନ ହୋଇଯାଇଛି । ପ୍ରଥମେ ସମିତି ସଭାପତି ବଂଶୀଧର ଭୂୟାଁ ଗାନ୍ଧିନଗର ଛକ ସ୍ଥିତ ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଉକ୍ତ ସ୍ଥଳରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଓଡିଶାର ଜଳ, ଜମି, ଖଣି, ଜଙ୍ଗଲର ସୁରକ୍ଷା ଓ ବିଭିନ୍ନ କମ୍ପାନୀଙ୍କ ସ୍ୱାର୍ଥ ପାଇଁ ଏ ଦେଶର ମୁଳନୀବାସୀ ଆଦିବାସୀ ଓ ପାରମ୍ପରିକ ଅଧିବାସୀଙ୍କୁ ନିଜ ଭିଟାମାଟିରୁ ବିସ୍ଥାପନ କରିବା ବିରୁଦ୍ଧରେ ସମସ୍ତ ଓଡିଶାବାସୀ ଏକ ହେବାର ଆବଶ୍ୟକତା ରହିଛି । ମଧୁବାବୁଙ୍କ ସ୍ୱପ୍ନର ଓଡିଶା ଗଠନ ପାଇଁ ଓଡିଶାବାସୀଙ୍କ ଜୀବନ, ଜୀବିକାକୁ ରକ୍ଷା କରିବା ନିହାତି ପ୍ରୟୋଜନ ରହିଛି ବୋଲି ଆଜି ସଭାରେ ମତ ପ୍ରକାଶ ପାଇଛି । ସଭାପତି ବଂଶୀଧର ଭୂୟାଁ ସଭାରେ ଅଧ୍ୟକ୍ଷତା କରିଥିବାବେଳେ ସମାଜସେବୀ ହୃଷିକେଶ ପାତ୍ର, ଏସ. କେଶବ ଲିଙ୍ଗମ, ଯୁବନେତା ରମେଶ ଚନ୍ଦ୍ର ବେହେରା, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ସମ୍ପାଦକ ଏସ. ଶାମ୍ବାଶିବା ରାଓ, ଅବନୀ ଗୟା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ବୈଠକ ଅନୁଷ୍ଠିତ



ହାଟଡିହି (ଅମୃତ ମିଡିଆ): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ସଭା ଗୃହରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ବୈଠକ ଅନୁଷ୍ଠିତ ହେଇଯାଇଛି କ୍ଷ ଏଥିରେ ହାଟଡିହି ବିଡ଼ିଓ ସୋମ୍ୟଶ୍ରୀ ପାଣିଗ୍ରାହୀ, ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ, ଉପାଧକ୍ଷ ରତିକାନ୍ତ ରାଉତ ଓ ଶିଶୁ ସାହିତ୍ୟିକ ରତ୍ନାକର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଅନେକ ବର୍ଷ ପରେ ଆଜି ଏହି ଉତ୍ସବ ପାଳନ କରି ନିଜକୁ ଓଡ଼ିଆ ଭାବେ ଗର୍ବ ଅନୁଭବ କରିଥିଲେ । ଓଡିଶାବାସୀ ତୃଣମୂଳ ସ୍ତରରେ ସଂକଳ୍ପ ବୋଧ ହେବାପାଇଁ ଅତିଥି ମାନେ ସମସ୍ତଙ୍କୁ ଉପଦେଶ ଦେଇଥିଲେ କ୍ଷ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ହାଟଡିହିର ସମସ୍ତ ଗାୟକ ଓ ଗାୟିକା ମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ।

# ବ୍ଲକସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪



ବ୍ରହ୍ମପୁର (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ଅର୍ନ୍ତଗତ ସୁନାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବ୍ଲକ ସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪ ପରିପ୍ରେକ୍ଷୀରେ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିକିଟି ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ବସନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷାର ମହନୀୟତା ବର୍ଣ୍ଣନା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ସାଧନ ସଂଯୋଜନ ନିଗମାନନ୍ଦ ପଣ୍ଡା ଓ ଅତିରିକ୍ତ ଗୋଷ୍ଠୀ ଅଧିକାରୀ ଶ୍ରୀ ସିମାଞ୍ଚଳ ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଓଡ଼ିଆ ଭାଷା ଆମ ଭବିଷ୍ୟତ ବୋଲି ବ୍ୟକ୍ତ କରିଥିଲେ। ସୁନାପୁର ସରପଞ୍ଚ ଶ୍ରୀଯୁକ୍ତ ଲକ୍ଷ୍ମୀଧର ବେହେରା, ସମିତି ସଭ୍ୟ ଶ୍ରୀଯୁକ୍ତ ଅମୂଲ୍ୟ ବେହେରା ଓ ନାୟବ ସରପଞ୍ଚ ବିପ୍ରଚରଣ ବେହେରା ମଧ୍ୟ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ରୂପେ ବରିଷ୍ଠ ଶିକ୍ଷକ ତଥା ବିଶିଷ୍ଟ କବି ସୁଶାନ୍ତ କୁମାର ପଟ୍ଟନାୟକ ଓଡ଼ିଆ ଭାଷା ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ପ୍ରତ୍ୟେକ କ୍ଲଷ୍ଟରରୁ ୫ ଜଣ ଲେଖାଏଁ ଯୋଗ୍ୟ ମନୋନୀତ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ।କୃତି ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯିବା ସହ ଭି ଭି ଗିରି ବାଳିକା ବିଦ୍ୟାଳୟ, ବ୍ରହ୍ମପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ନିମନ୍ତେ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ବ୍ଲକର ସମସ୍ତ ସିଆରସିସି , ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଦ୍ୟାଳୟ ତଥା କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ପ୍ରଧାନ ଶିକ୍ଷକ ତଥା ସହକାରୀ ଶିକ୍ଷକମାନେ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଲଳିତମୋହନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଜମି ବିବାଦକୁ ନେଇ ପୁଅକୁ ହାଣିଲେ ବାପା ଓ ଭାଇ

ବ୍ରହ୍ମପୁର (ଅମୃତ ମିଡିଆ): ଜମି ବିବାଦକୁ ନେଇ ପୁଅକୁ ହାଣିଲେ ବାପା ଓ ଭାଇ । ଏହିଭଳି ଏକ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅନ୍ତର୍ଗତ କଇଠ ଗ୍ରାମରେ । ସୂଚନା ଅନୁସାରେ କଇଠ ଗ୍ରାମରେ ଭୀମ ବେହେରା ନିଜ ଭଡା ଘର ବାରଣ୍ଡାରେ ଛିଡା ହୋଇଥିବା ସମୟରେ ହଠାତ ଭୀମ ବେହେରାଙ୍କ ବାପା ସୁରେନ୍ଦ୍ର ବେହେରା (୬୫) ଓ ଭାଇ ମୋହନ ବେହେରା (୩୨) ଏକ କାତି ଓ କୁରାଢ଼ି ସାହାର୍ଯ୍ୟରେ ଭୀମ ବେହେରାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ କ୍ଷ ମୁଣ୍ଡରେ ଗଭୀର ଆଘାତ ଲାଗିବା ଫଳରେ ଭୀମ ବେହେରାଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା କ୍ଷ ଏ ନେଇ ଭୀମ ବେହେରାଙ୍କ ପତ୍ନୀ ରାଧା ବେହେରା ଗତ ୦୪/୦୨/୨୪ରେ ଗୋଳନ୍ଥରା ଥାନାରେ ଏକ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତିକରି ଗୋଳନ୍ଥରା ପୋଲିସ ଥାନାରେ ୫୪/୨୪ ରେ ଏକ ମାମଲା ରୁଜୁ କରି ଘଟଣା ତଦନ୍ତ ଆରମ୍ଭ କରିଥିଲା । ପୋଲିସ ଅଭିଯୁକ୍ତ ସୁରେନ୍ଦ୍ର ବେହେରା ଓ ମୋହନ ବେହେରାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିବା ଆରମ୍ଭ କରିଥିଲା ।

# ଆମ ଓଡ଼ିଶା-ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ



ଲାଞ୍ଜିଗଡ (ଅମୃତ ମିଡିଆ): ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ଓ ଏହାର ପ୍ରଚାର, ପ୍ରସାର ପାଇଁ ଆରମ୍ଭ ହୋଇଛି ପଂଚାୟତ ସ୍ତରୀୟ ଆମ ଓଡିଶା-ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ରୋଡ଼ ପଂଚାୟତ ମୁଖ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ନେଇ ଆଜି ପଂଚାୟତ ଅଂଚଳବାସୀଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା। ଆଜିର ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଶିବାଜୀ ମାଝୀ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ସହକାରୀ ଯନ୍ତ୍ରୀ ସାଲଖୁ ହେମ୍ବ୍ରମ, ଜିଲ୍ଲା ପରିଷଦ ସଦସ୍ୟ ଅଞ୍ଜଳି ମାଝୀ, ପରୀକ୍ଷିତ ନାଏକ, ସମ୍ମାନିତ ଅତିଥି ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଗଦୀଶ ବେନିଆ, ଲାଞ୍ଜିଗଡରୋଡ ପୂର୍ବତନ ସରପଞ୍ଚ ଟଙ୍କଧର ମାଝୀ, ପୂର୍ବତନ ସମିତିସଭ୍ୟ କନୌଜ ରାଉତ, ପୂର୍ବତନ ଜିପିଇଓ ସରୋଜ ପ୍ରଧାନ, ଏପିଓ ସଞ୍ଜିତ କୁମାର ପରିଡ଼ା, ସମାଜସେବୀ ଚନ୍ଦ୍ରଶେଖର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସରପଞ୍ଚ ମମତା ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋପାଳଦାସ ମହାନନ୍ଦ ସଭା ପରିଚାଳନା କରିଥିଲେ। ସମସ୍ତ ୱାର୍ଡ ସଭ୍ୟ, ସଭ୍ୟାଙ୍କ ଉପସ୍ଥିତିରେ ପଂଚାୟତ ନିର୍ବାହୀ ଅଧିକାରୀ ଡମ୍ବରୁଧର ସେନାପତି, ଗ୍ରାମରୋଜଗାର ସେବକ ଧର୍ମରାଜ ବାଗ, ଯୋଗାଣ ସହାୟକ ନାରାୟଣ ପ୍ରସାଦ ନାୟକ, ଯୁବ ସାମ୍ବାଦିକ ନୀଲେଶ କୁମାର ନାଗଙ୍କ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ବୃନ୍ଦ, ଗାଁ ସାଥୀ, ସିଆରପି, ଅଙ୍ଗନବାଡ଼ି ଓ ଆଶା କର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ୧୨ଗୋଟି ନୃତ୍ୟଦଳ ନୃତ୍ୟ ପରିବେଷଣ କରିଥିଲେ।

# ପଦ୍ମ ବେଶରେ ଦର୍ଶନ ଦେବେ ମହାପ୍ରଭୁ



**ପୁରୀ(ବ୍ୟୁରୋ):** ପଦ୍ମ ବେଶରେ ଦର୍ଶନ ଦେବେ ଭାବ ବିନୋଦିଆ। ପଦ୍ମରେ ଝଟକିବ ଶ୍ରୀମୁଖ। ରତ୍ନ ସିଂହାସନରେ ଆସନ୍ତା ୧୦ ତାରିଖରେ ଅନୁଷ୍ଠିତ ହେବ ଶ୍ରୀଜିଉଙ୍କ ପଦ୍ମମୁଖ ବେଶ। ବେଶର ମହତ୍ତ୍ୱ ହେଉଛି, ସମ୍ପୂର୍ଣ୍ଣ ବେଶ କାର୍ଯ୍ୟ ପାଣି ସୋଲରେ ପ୍ରସ୍ତୁତ ହୋଇଥାଏ। ଏଥିପାଇଁ ପଦ୍ମ ଫୁଲଠୁ ନେଇ ପଦ୍ମ ପାଖୁଡ଼ା, ପଦ୍ମ କେଶର, ଆମ୍ବକଷି, ଡାଳି, ୭ଟି ଗଛ, ୭ଟି ସିଂହାସନ, ୩ଟି ଶ୍ରୀମୁଖ ପଦ୍ମ ସବୁକିଛି ସୋଲ ଓ ଜରିରେ ପ୍ରସ୍ତୁତ ହେଉଛି। ଏହାବ୍ୟତୀତ ୩ଟି ବଡ଼ ଚୂଳ ମଧ୍ୟ ପ୍ରସ୍ତୁତ କରାଯାଉଛି। ସୋଲକୁ କାଗଜ ଭଳି କାଟି ପ୍ରସ୍ତୁତ କରିବା ପରେ ଏହାକୁ ପଦ୍ମର ରୂପ ଦିଆଯାଉଛି। ଏହାବ୍ୟତୀତ ସନ୍ତରାରେ ବଳା ତିଆରି କରାଯାଇଛି। ବେଶ ପ୍ରସ୍ତୁତ କରୁଥିବା ଶିଳ୍ପୀ ବସନ୍ତ କୁମାର ରଣାଙ୍କ କହିବା ଅନୁଯାୟୀ, ଶ୍ରୀମୁଖରେ ତୁଳସୀକୁ ବଳା ସଦୃଶ ପ୍ରସ୍ତୁତ କରି ସଜାଯାଏ। ପରେ ବେଶ ବନ୍ଧା ଯାଇଥାଏ। ତାଙ୍କ ସହ ସତ୍ୟନାରାୟଣ ବେହେରା, ସନ୍ତୋଷ କୁମାର ମିଶ୍ର, ବାମଦେବ ମହାପାତ୍ର, ଜିତେନ୍ଦ୍ର ମହାରଣା ବେଶ ପ୍ରସ୍ତୁତ କରୁଛନ୍ତି ବୋଲି ସେ କହିଛନ୍ତି। ବଡ଼ଛତା ମଠ ପକ୍ଷରୁ ବେଶର ସମସ୍ତ ଖର୍ଚ୍ଚ ବହନ କରାଯାଏ। ବେଶ ପାଇଁ ଆବଶ୍ୟକ ସୋଲ, ଜରି, କଇଁଥ ଅଠା, କନା, ବେତ, ବାଉଁଶ, ସନ୍ତରା ଆଦି ମଠ ତରଫରୁ ଯୋଗାଇ ଦିଆଯାଇଥାଏ। ପଣ୍ଡୁ ପୂର୍ଣ୍ଣିମାଠାରୁ ବେଶ ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଏ। ଠାକୁରଙ୍କୁ ପରମ ଭକ୍ତମାନେ ଯେଉଁ ବେଶରେ ଦେଖିବାକୁ ଚାହିଁଛନ୍ତି ସେ ସେଇ ବେଶରେ ଦର୍ଶନ ଦେଇଛନ୍ତି। କଥିତ ଅଛି, ସପ୍ତଦଶ ଶତାବ୍ଦୀରୁ ବଡ଼ଛତା ମଠର ସନ୍ଥ ରଘୁବର ଦାସ ଏହି ବେଶ ଆରମ୍ଭ କରିଥିଲେ। ସେବେଠୁ ନିରବଚ୍ଛିନ୍ନ ଭାବେ ଏହି ବେଶ କରାଯାଉଛି। ଶ୍ରୀମନ୍ଦିରରେ ସମସ୍ତ ନୀତିକାନ୍ତି ସରି ରାତିରେ ଚନ୍ଦନଲାଗି ଓ ବଡ଼ସିଂହାର ବେଶ ସମୟରେ ଏହି ବେଶ ଅନୁଷ୍ଠିତ ହୁଏ। ବେଶ ପରେ ଶ୍ରୀଜିଉଙ୍କୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଖିରି ଓ ଅମାଲୁ ଭୋଗ ଲାଗି ହୁଏ।

କିମ୍ବଦନ୍ତୀ ଅନୁସାରେ ସାଧୁ ମନୋହର ଦାସ ବହୁ ଦୂରରୁ ଚାଲିଚାଲି ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। କ୍ଳାନ୍ତ ହୋଇ ତୃଷାର୍ତ୍ତ ଅବସ୍ଥାରେ ପୋଖରୀ ନିକଟରେ ଅଟକିଲେ। ପୁଷ୍କରିଣୀରେ ପଦ୍ମଫୁଲ ଫୁଟିଥିବା ଦେଖି ଏସବୁ ଶ୍ରୀଜଗନ୍ନାଥଙ୍କ ଇଚ୍ଛାରେ ହୋଇଥିବା ଭାବି ସେ ପଦ୍ମଫୁଲ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ତୋଳିନେଲେ। ମାଘ ମାସ ଅମାବାସ୍ୟା ଦିନ ଶ୍ରୀମନ୍ଦିରରେ ପହଞ୍ଚି ଫୁଲଗୁଡ଼ିକୁ ମହାପ୍ରଭୁଙ୍କୁ ଲାଗି କରିବାକୁ ସେବକଙ୍କୁ ଅନୁରୋଧ କଲେ। କିନ୍ତୁ ମଇଳା ଗାମୁଛାରେ ବନ୍ଧା ଫୁଲମାନ ଶୁଖିଯାଇଥିବାରୁ ସେସବୁ ମହାପ୍ରଭୁଙ୍କୁ ଲାଗି କରିବାକୁ ସେବକମାନେ ମନା କରିଦେଲେ। ସାଧୁ ଜଣକ ଫେରି ଆସି ବଡ଼ଛତା ମଠ ନିକଟରେ ମୂର୍ଚ୍ଛା ଗଲେ। ସେଦିନ ରାତିରେ ମହାପ୍ରଭୁ ଗଜପତିଙ୍କୁ ସ୍ୱପ୍ନରେ ସାଧୁ ଆଣିଥିବା ପଦ୍ମ ଫୁଲ ଲାଗି କରିବାକୁ କହିଲେ। ସେବକମାନେ ଶୁଖିଲା ଫୁଲଗୁଡ଼ିକ ଲାଗି କରିବା ପରେ ସେଗୁଡ଼ିକ ସତେଜ ହୋଇ ସଦ୍ୟ ପ୍ରସ୍ଫୁଟିତ ହୋଇଥିବା ଭଳି ଦୃଶ୍ୟମାନ ହେଲା। ଏହା ଦେଖି ସେବକମାନେ ସାଧୁ ମନୋହରଙ୍କୁ ରତ୍ନ ସିଂହାସନ ନିକଟକୁ ପାଛୋଟି ନେଲେ। ମହାପ୍ରଭୁଙ୍କୁ ପଦ୍ମବେଶରେ ଦେଖି ସାଧୁ ଜଣକ ବିମୋହିତ ହେଲେ। ଖିରି ମହାପ୍ରସାଦ ସେବନ କରି ପ୍ରସ୍ଥାନ କରିଥିଲେ।



## ସୋଲରେ ବେଶ ନିର୍ମାଣ କରୁଛନ୍ତି ଶିଳ୍ପୀ

### ସୁଆର ଓ ମହାସୁଆର ସେବାୟତଙ୍କ ବିବାଦ ତୁଟିଲା

# ତିନି ଘଣ୍ଟା ବିଳମ୍ବରେ ଚାଲିଛି ମହାପ୍ରଭୁଙ୍କ ନୀତିକାନ୍ତି

**ପୁରୀ(ବ୍ୟୁରୋ):** ସୁଆର ଓ ମହାସୁଆର ସେବାୟତଙ୍କ ମଧ୍ୟରେ ଥିବା ବିବାଦର ସମାଧାନ ହୋଇଛି। ଶେଷରେ ଶ୍ରୀମନ୍ଦିର ଭୋଗ ମଣ୍ଡପରୁ ବାହାରିଛି ଗତକାଲି ରାତିର ଶତାଧିକ ଅଭଡ଼ା କୁଡୁଆ। କିନ୍ତୁ ବିବାଦ ଯୋଗୁ ମହାପ୍ରଭୁଙ୍କ ନୀତିକାନ୍ତି ତିନି ଘଣ୍ଟା ବିଳମ୍ବରେ ଚାଲିଛି।

ଗତକାଲି ଭିତର କାଠ ନିକଟରେ ରକ୍ତଛିଟା ପଡ଼ିଥିବାରୁ ବଡ଼ ମହାସ୍ନାନ ନୀତି ହୋଇଥିଲା। ମହାସ୍ନାନ ନୀତି ହେବାରୁ ଭୋଗ ବାହାରି ପାରିନଥିଲା। ଏହାରି ଭିତରେ ଭୋଗ ବଢାରେ ବିଳମ୍ବ ଓ ଗଭାଲାଗି ନୀତି ନ କରିବାକୁ ନେଇ ବିବାଦ ମୁଣ୍ଡ ଟେକିଥିଲା। ମହାପ୍ରଭୁଙ୍କ ନୀତି ବିଳମ୍ବ ହେବାରୁ ଗତକାଲିର ପହୁଡ଼ ହୋଇପାରିନି। ବିନା ପହୁଡ଼ରେ ଆଜିର ନୀତି ଆରମ୍ଭ ହୋଇଛି। ବିବାଦ ଯୋଗୁଁ ଗତକାଲି ରାତିରେ ଭୋଗମଣ୍ଡପ ଘରେ ମହାପ୍ରସାଦ ତାଲା ମାରି ପଳାଇଥିଲେ ସିଂହାରି। ବହୁ ଆଲୋଚନା ପରେ ସୁଆର ଓ ମହାସୁଆର ସେବାୟତଙ୍କ ମଧ୍ୟରେ ଥିବା ବିବାଦର ସମାଧାନ ହୋଇଛି। ଶେଷରେ ଶ୍ରୀମନ୍ଦିର ଭୋଗ ମଣ୍ଡପରୁ ବାହାରିଛି ଗତକାଲି ରାତିର ଶତାଧିକ ଅଭଡ଼ା କୁଡୁଆ।

# ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ସହ ଟିପି ସେଣ୍ଟ୍ରାଲ୍‌ର ଏମଓୟୁ ସ୍ୱାକ୍ଷର

**ପୁରୀ(ବ୍ୟୁରୋ):** ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପୁରୀ ଏବଂ ଟିପି ସେଣ୍ଟ୍ରାଲ୍ ଓଡିଶା ବିତରଣ ଲିମିଟେଡ୍ ମଧ୍ୟରେ ସଫଳତାର ସହ ଏମଓୟୁ ସ୍ୱାକ୍ଷର ସମାରୋହ ଅନୁଷ୍ଠିତ ହୋଇଯାଇଛି। ଟିପିସିଓଡିଏଲ ଅପରେସନ୍ ସର୍ଭିସେସ୍ ମୁଖ୍ୟ ରାଜକୁମାର ରାସ୍ତୋଗୀ, ଡିସକମ ଏଲ୍‌ଆଣ୍ଡଡି ମୁଖ୍ୟ ବୁଧିଶ ବେହେରା, ଟିପିସିଓଡିଏଲ ଏଚ୍‌ଆର ମିର୍ଜା ସରଫରାଜ ବାଗଙ୍କ ଉପସ୍ଥିତିରେ ସରକାରୀ ଆଇଟିଆଇ ପୁରୀର ଅଧକ୍ଷ ଇଂ ଅରୋବିନ୍ଦ ଘୋଷ ଏହି ଏମଓୟୁ ସ୍ୱାକ୍ଷର କରିଛନ୍ତି। ଏହା ଦ୍ୱାରା ଏହି ଦୁଇ ସମ୍ମାନଜନକ ସଂଗଠନ ପୁରୀ ଜିଲ୍ଲାରେ ଦକ୍ଷତା ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଚିହ୍ନିତ କରିଛନ୍ତି। ଏହି ସହଯୋଗ ଏକାଡେମୀ ଏବଂ ଶିଳ୍ପର ଏକ ସଂପୂର୍ଣ୍ଣ ମିଶ୍ରଣ, ଯେଉଁଠାରେ ଦକ୍ଷତା ବିକାଶ ପାଇଁ ଏକ ସମନ୍ୱିତ ପରିବେଶ ସୃଷ୍ଟି କରିବା ପାଇଁ ଉଭୟ ସଂସ୍ଥାର ପାରଦର୍ଶୀତା ଏବଂ ଉତ୍ସଗୁଡିକ ବ୍ୟବହାର କରାଯିବ। ଟିପିସିଓଡିଏଲ ଅନୁଷ୍ଠାନକୁ ଆବଶ୍ୟକ ଶିଳ୍ପ ଏକ୍ସପୋଜର୍ ପ୍ରଦାନ କରିବ ଏବଂ ଏହି ଏମଓୟୁର ବ୍ୟାପକ ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇବାରେ ଅନୁଷ୍ଠାନ ସମାନ ବ୍ୟବହାର କରିବ। ଏହି ଏମଓୟୁ ଅଧିନରେ ଇଣ୍ଡଷ୍ଟ୍ରିଆଲ୍ ଟ୍ରେନିଂ ଇନଷ୍ଟିଚ୍ୟୁଟ୍, ପୁରୀ ଏବଂ ଟିପି କେନ୍ଦ୍ରୀୟ ଓଡିଶା ବିତରଣ ଲିମିଟେଡ୍ ଶକ୍ତି କ୍ଷେତ୍ରର ବିକାଶଶୀଳ ଦକ୍ଷତା ଆବଶ୍ୟକତାକୁ ଚିହ୍ନଟ କରିବା ଏବଂ ପ୍ରଯୁଜ୍ୟ ତାଲିମ କାର୍ଯ୍ୟକ୍ରମ ବିକାଶ ପାଇଁ ମିଳିତ ଭାବରେ କାର୍ଯ୍ୟ କରିବେ। ଟିପିସିଓଡିଏଲ ଉଲ୍ଲିଖିତ ପରିସର ଅନୁଯାୟୀ ବିଭିନ୍ନ ଇଭେଣ୍ଟ ସଂଗଠିତ କରିବ ଏବଂ ଟ୍ରେନିଂମାନଙ୍କ ଏକାଡେମୀକ୍ ବିକାଶ ପାଇଁ ଅନୁଷ୍ଠାନ ସହିତ ଜଡିତ ହେବ।








କୁହୁଡି ବଳୟରେ ପୁରୀ ସହର..



ପୁରୀ ସାହି ଗଳିକନ୍ଦିରେ ଚିତ୍ରରେ ଶୋଭା ପାଉଛି ରାମାୟଣ...

## ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦର ସାଧାରଣ ଅଧିବେଶନ

**ପୁରୀ(ବ୍ୟୁରୋ):** ରାଜ୍ୟର ଶ୍ରୀଜଗନ୍ନାଥ ଚେତନା ଭିତ୍ତିକ ଅଗ୍ରଣୀ ଅନୁଷ୍ଠାନ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦର ସାଧାରଣ ଅଧିବେଶନ ପ୍ରଫେସର ନିତ୍ୟାନନ୍ଦ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ଥର ଓଡ଼ିଶା ଓ ରାଜ୍ୟ ବାହାରେ ଶ୍ରୀ ଜଗନ୍ନାଥ ଚେତନା ଉପରେ ବିଶେଷ ଅଧ୍ୟୟନ କରୁଥିବା ବିଦ୍ୱାନ ମାନଙ୍କୁ ପରିଷଦର ନୂତନ କର୍ମକର୍ତ୍ତା ଭାବେ ମନୋନୟନ କରାଯାଇଛି। ଏହି ଗବେଷଣା ପରିଷଦର ନୂତନ ସଭାପତି ଭାବେ ଶିକ୍ଷାବିତ୍ ମଥୁରେନ୍ଦ୍ର ପୃଷ୍ଟି, ସାଧାରଣ ସମ୍ପାଦକ ଭାବେ ଶ୍ରୀ ଜଗନ୍ନାଥ ସଂସ୍କୃତିବିତ୍ ଭାସ୍କର ମିଶ୍ରଙ୍କ ସମେତ ଉପ ସଭାପତି ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଗବେଷକ ଅଲେଖ ଚନ୍ଦ୍ର ପଢ଼ିଆରୀ, ବସନ୍ତ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ଭାବରେ ଗିରିଧାରୀ ସାହୁ, କୋଷାଧକ୍ଷ ଭାବେ ଲକ୍ଷ୍ମୀ ନାରାୟଣ ପାଢ଼ୀ, ସଂଗଠନର ସମ୍ପାଦକ ଭାବରେ ବିବେକାନନ୍ଦ ପାଣିଗ୍ରାହୀ ଓ ସମୀକ୍ଷକ ଭାବେ ଦେବେନ୍ଦ୍ର ନାଥ ସାହୁ ମନୋନୀତ ହୋଇଛନ୍ତି। ଚଳିତ ବର୍ଷ ଭୁବନେଶ୍ୱର ଠାରେ ପରିଷଦ ଆନୁକୂଲ୍ୟରେ ଜାତୀୟ ସମ୍ମାନ ପୁରସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ଘୋଷଣା କରାଯାଇଛି।

# ଲୋକନାଥଦେବଙ୍କ ପଙ୍କୋଦ୍ଧାର ଓ ମହାଶିବରାତ୍ରି ପାଇଁ ବୈଠକ



**ପୁରୀ(ବ୍ୟୁରୋ):** ମାର୍ଚ୍ଚ ମାସ ୮ ତାରିଖରେ ମହାଶିବରାତ୍ରି। ଲୋକନାଥ ପୀଠରେ ପ୍ରଭୁ ଲୋକନାଥ ଦେବଙ୍କ ପଙ୍କୋଦ୍ଧାର ଏକାଦଶୀ ଓ ଜାଗର ଯାତ୍ରାକୁ ସୁଚାରୁରୂପେ ପରିଚାଳନା ପାଇଁ ଏକ ବୈଠକ ସୋମବାର ଅପରାହ୍ନରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଉପଜିଲ୍ଲାପାଳ ଭବତାରଣ ସାହୁ ପଙ୍କୋଦ୍ଧାର ଏକାଦଶୀ ଓ ଜାଗର ଯାତ୍ରାରେ ବିପୁଳ ଜନସମାଗମ ହୋଇଥାଏ। ତେଣୁ ଚଳିତ ଯାତ୍ରାକୁ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ପରିଚାଳନା ସହ ଯେପରି ଶ୍ରଦ୍ଧାଳୁମାନେ ଏକ ସୁଖଦ ଅନୁଭୂତି ନେଇ ଯିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ।

ମାର୍ଚ୍ଚ ୬ ତାରିଖରେ ହେବାକୁ ଥିବା ପଙ୍କୋଦ୍ଧର ଏକାଦଶୀ ଓ ଜାଗର ଯାତ୍ରାର ନିତୀକାନ୍ତି ସମୟ ନିର୍ଘଣ୍ଟର ସୂଚନା ଦେବା ସହ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା, ପାର୍କିଂ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ପରିମଳ ବ୍ୟବସ୍ଥା, ବିଦ୍ୟୁତ୍ ବ୍ୟବସ୍ଥା, ବ୍ୟାରିକେଡ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର, ଆମ୍ବୁଲାନ୍ସ ବ୍ୟବସ୍ଥା, ସୂଚନା କେନ୍ଦ୍ର ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ସଠିକ କାର୍ଯ୍ୟ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପଙ୍କୋଦ୍ଧାର ପାଇଁ ୬ ତାରିଖ ରାତ୍ର ୨ଟାରୁ ପହୁଡ଼ ଦ୍ୱାର ଖୋଲା, ରାତ୍ର ୩ଟାରୁ ମଙ୍ଗଳ ଆରତୀ, ଅବକାଶ ଇତ୍ୟାଦି, ରାତ୍ର ୪ ଟାରୁ ସକାଳ ୬ ଘଟିକା ମଧ୍ୟରେ ସକାଳ ଧୂପ, ସକାଳ ୬ ରୁ ୭ ଟା ମଧ୍ୟରେ ମଧ୍ୟାହ୍ନ ଧୂପ, ୭ ଟାରୁ ୮ ଟା ମଧ୍ୟରେ ଏକାଦଶୀ ଦର୍ଶନ, ୮ଟାରୁ ଦିବା ୧୨ ଘଟିକା ମଧ୍ୟରେ ପଙ୍କୋଦ୍ଧାର କାର୍ଯ୍ୟକ୍ରମ ଓ ମାଘ ସ୍ନାନ, ଦିବା ୧୨ ଘଟିକାରୁ ରାତ୍ର ୯ ଘଟିକା ସର୍ବସାଧାରଣ ଦର୍ଶନ ଓ ରାତ୍ର ୯ ଘଟିକାରୁ ରାତ୍ର ୧୧ଟା ମଧ୍ୟରେ ଧୂପ ଓ ଅନ୍ୟାନ୍ୟ ନୀତି ଏବଂ ବଡସିଂହାର ବେଶ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେହିପରି ୮ ତାରିଖରେ ରାତ୍ର ୧୨.୩୦ ରୁ ପହୁଡ଼ ଓ ଦ୍ୱାରଖୋଲା, ରାତ୍ର ୧ ଘଟିକାରୁ ୪ଟା ମଧ୍ୟରେ ମଙ୍ଗଳ ଆରତୀ, ଅବକାଶ, ସୂର୍ଯ୍ୟ ପୂଜା, ଭୋର ୪ ଟାରୁ ରାତ୍ର ୧୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ, ରାତ୍ର୧୦ ରୁ ରାତ୍ର ୨ ପର୍ଯ୍ୟନ୍ତ ବିଭିନ୍ନ ନୀତି, ରାତ୍ର ୩ ଘଟିକାରୁ ହରିହର ପୂଜା, ଭୋଗ ସମ୍ପନ୍ନ, ବଡ ସିଂହାର ବେଶ ଓ ମହଦୀପ ଉଠିବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ ସାହୁ ସୂଚନା ଦେଇଥିଲେ। ଶେଷରେ ସଦର ତହସିଲଦାର ଅଭିଷେକ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ସେବାୟତ ନିଯୋଗ, ପଙ୍କୋଦ୍ଧର ଏକାଦଶୀ ପାଳିଆ ସେବାୟତ ପ୍ରମୁଖ ଯୋଗ ଦେଇଥିଲେ।









# ପିଲାଙ୍କ କ୍ଲବ୍ ଫୁଟ

ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ



**କ୍ଲବ୍ ଫୁଟ୍ ଅର୍ଥାତ୍ ମୁଦ୍‌ଗର ପାଦ ହେଉଛି ଏକ ପ୍ରକାରର ଅସ୍ଥି ବିକଳାଙ୍ଗତା ଯେଉଁଠାରେ ପାଦ ସିଧା ନରହି ଦୁଇପାର୍ଶ୍ୱକୁ ବଙ୍କା ହୋଇଯାଏ । ଏହା ଗୋଟେ ପାଦ କିମ୍ବା ଦୁଇପାଦରେ ବି ହୋଇଥାଏ । ଏହି କ୍ଲବ୍ ଫୁଟ୍ ସମସ୍ୟାକୁ ଯଦି ପ୍ରାରମ୍ଭିକ ପର୍ଯ୍ୟାୟରେ କୌଣସି ଚିକିତ୍ସା ମଧ୍ୟରେ ରଖାନଯାଏ ତେବେ ଏହାଦ୍ୱାରା ଶିଶୁ ସିଧା ଚାଲିନପାରି ଗୋଇଠିରେ ଚାଲେ କିମ୍ବା ପାଦର ଦୁଇ ପାର୍ଶ୍ୱରେ ଚାଲେ । ବିଶ୍ୱରେ ପ୍ରତିବର୍ଷ ୨ଲକ୍ଷ ନବଜନ୍ମିତ ଶିଶୁ କ୍ଲବଫୁଟ୍‌ରେ ପୀଡ଼ିତ । ଭାରତରେ ଏହି ସଂଖ୍ୟା ୫୦,୦୦୦ । ଏହାକୁ ଜେନେଟିକ୍ ଡିଜଅର୍ଡ଼ର କୁହାଯାଉଥିଲେ ବି ଏହି ବିକଳାଙ୍ଗତାର ପ୍ରକୃତ କାରଣ କ'ଣ ଜଣାପଡ଼ିନି । ଏହାକୁ ଅସ୍ତ୍ରୋପଚାର ଦ୍ୱାରା ଚିକିତ୍ସା କରାଯାଉଥିଲେ ବି ପୋନ୍‌ସେଟି ମେଥଡ୍ ହେଉଛି କ୍ଲବଫୁଟ ପାଇଁ ଷ୍ଟାଣ୍ଡାର୍ଡ଼ ଟ୍ରିଟମେଣ୍ଟ । ଏହି ମେଥଡ୍‌ରେ ରହିଛି ସିରିୟଲ କାଷ୍ଟିଙ୍ଗ, ଟେନୋଟୋମି, ବ୍ରେସିଙ୍ଗ, ଏବଂ ଫଲୋ ଅପ୍ ଭିଜିଟସ୍।**

ସଂପ୍ରତି ପ୍ରତି ୧,୦୦୦ ଶିଶୁରେ ଜଣେ ଶିଶୁ ଏହି କ୍ଲବ ଫୁଟ୍ ସମସ୍ୟାରେ ପୀଡ଼ିତ । ତେବେ ଏହାର କାରଣ କ'ଣ ସଠିକ୍ ଭାବେ ଜଣାପଡ଼ିନଥିଲେ ବି ଯଦି ଶିଶୁକୁ ଖୁବ୍ ଜଲଦି ଚିକିତ୍ସା ପ୍ରକ୍ରିୟାରେ ରଖାଯିବ ତେବେ କ୍ଲବ ଫୁଟ୍ ସମ୍ପୂର୍ଣ୍ଣ ରୂପେ ଭଲ ହୋଇଯିବ । ପ୍ରାରମ୍ଭିକ ପର୍ଯ୍ୟାୟରେ ଅସ୍ତ୍ରୋପଚାର କରାଇଲେ ବି ଜଲ୍‌ଦି ସୁଫଳ ମିଳିଥାଏ, କିନ୍ତୁ ଏଥିରେ ଟିକେ ବିପଦ ରହିଥିବାରୁ ଶିଶୁ ଚିକିତ୍ସକମାନେ ଏବେ କାଷ୍ଟସ୍‌କୁ ପ୍ରିଫର କରୁଛନ୍ତି ।

କ୍ଲବ୍ ଫୁଟ୍ ସମସ୍ୟାରେ ଜନ୍ମ ହୋଇଥିବା ଜଣେ ଶିଶୁକୁ ଯଦି ଜନ୍ମ ହେବାର ପ୍ରଥମ ସପ୍ତାହରେ ଚିକିତ୍ସା ପାଇଁ ଅଣାଯାଏ ତେବେ ଏହା ଭଲ ହୋଇଯିବ । ଚିକିତ୍ସା ସମୟରେ, ପ୍ରଥମେ ଅସ୍ଥି ବିକଳାଙ୍ଗତା ଥିବା ଶିଶୁର ପାଦକୁ କାଷ୍ଟରେ ରଖାଯାଏ ଏବଂ ଏହାକୁ ସେମାନେ ପ୍ରତି ସପ୍ତାହରେ ଥରେ ପରିବର୍ତ୍ତନ କରିଥାନ୍ତି । ଧୀରେ ଧୀରେ ଏହି ଅସ୍ଥି ବିକଳାଙ୍ଗ ସମସ୍ୟା ହ୍ରାସପାଏ । ୩ ବର୍ଷରୁ କମ୍ ବୟସର ଶିଶୁ ସାଧାରଣତଃ ୫ରୁ ୬ଟି କାଷ୍ଟ ଦରକାର କରିଥାନ୍ତି କିନ୍ତୁ ଯେଉଁ ଶିଶୁଙ୍କର ବୟସ ୮ ଉପରକୁ ହୋଇଯାଇଥାଏ ସେମାନେ ୮ରୁ ୧୦ଟି କାଷ୍ଟ ଆବଶ୍ୟକ କରିଥାନ୍ତି । ଯଦି ଏହି ଚିକିତ୍ସା ପ୍ରକ୍ରିୟାରେ ରହିବା ଦ୍ୱାରା ପାଦ ସାଧାରଣ ସ୍ଥିତିକୁ ଚାଲିଆସେ । ତେବେ ଗୋଟେ ଛୋଟିଆ ଅପରେସନ କରାଯାଏ । ଏହି ଅପରେସନ୍‌କୁ କୁହାଯାଏ ଆକିଲେସ୍ ଟେନୋଟୋମି । ଏଠାରେ ଆନାସ୍‌ଥେସିଆ ଦିଆଯାଇ ଗୋଟେ ଛୋଟ ଅପରେସନ୍ ଦ୍ୱାରା ପାଦର ପଛଭାଗରେ ଥିବା ପେଶୀରଜ୍ଜୁକୁ କାଢ଼ି ଦିଆଯାଏ । ପେଶୀରଜ୍ଜୁକୁ ଲମ୍ବା କରିବା ପାଇଁ ଏପରି କରାଯାଏ ଯାହାଦ୍ୱାରା ଗୋଇଠି ମାଟି ଉପରେ ସମାନ୍ତରାଳ ଭାବେ ରହିପାରିବ । ଏହାପରେ ତିନି ସପ୍ତାହ ପାଇଁ ପୁଣି କାଷ୍ଟ କରାଯାଏ ଏବଂ ଶିଶୁକୁ ଗୋଟେ ସ୍ୱତନ୍ତ୍ର ଜୋତା ପିନ୍ଧିବାକୁ ପଡ଼େ । ଶିଶୁ ଏହି ଜୋତାଟିକୁ ୩ରୁ ୪ବର୍ଷ ପର୍ଯ୍ୟନ୍ତ ପିନ୍ଧେ । ତେବେ ଅନୁସନ୍ଧାନ କ୍ଷେତ୍ରରୁ ଜଣାଯାଇଛି, ଗତ ତିନିବର୍ଷ ମଧ୍ୟରେ ବେଶୀ ଅସ୍ତ୍ରୋପଚାର ହୋଇନାହିଁ କେବଳ ଯାହା ପ୍ଲାଷ୍ଟର ଏବଂ ପ୍ରପ୍‌ସ ଦ୍ୱାରା ଚିକିତ୍ସା କରାଯାଇଛି ।

ଆପଣମାନେ ମନେରଖିବା ଉଚିତ ଯେ, କ୍ଲବଫୁଟ୍ ହେଉଛି ଗୋଟିଏ ଜନ୍ମଗତ ଅସ୍ଥି ବିକଳାଙ୍ଗତା ଯାହା ଗୋଟେ ପାଦ କିମ୍ବା ଦୁଇପାଦରେ ବି ହୋଇଥାଏ । ଏହିପରି କ୍ଷେତ୍ରର ବିକଳାଙ୍ଗତାରେ ଯଦି ଶିଶୁ ଜନ୍ମ ହୋଇଥାନ୍ତି ତେବେ ସେ ଚାଲିବାକୁ ଚେଷ୍ଟା କରିବା ବେଳେ ଆଗକୁ କିମ୍ବା ଗୋଟେ ପାର୍ଶ୍ୱକୁ ଢ଼ଳିଯିବାପରି ସମସ୍ୟା ଦେଖାଦେବ । ଆନ୍ତର୍ଜାତିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ରଖୁଥିବା, କିଓର ଇଣ୍ଟରନ୍ୟାସନାଲ ୱେବସାଇଟ ଅନୁଯାୟୀ ବିଶ୍ୱରେ ପ୍ରତିବର୍ଷ ୨ଲକ୍ଷ ନବଜନ୍ମିତ ଶିଶୁ କ୍ଲବଫୁଟ୍‌ରେ ପୀଡ଼ିତ । ଭାରତରେ ଏହି ସଂଖ୍ୟା ୫୦,୦୦୦ । ଏହାକୁ ଜେନେଟିକ୍ ଡିଜଅର୍ଡ଼ର କୁହାଯାଉଥିଲେ ବି ଏହି ବିକଳାଙ୍ଗତାର ପ୍ରକୃତ କାରଣ କ'ଣ ଜଣାପଡ଼ିନି । ଏହାକୁ ଅସ୍ତ୍ରୋପଚାର ଦ୍ୱାରା ଚିକିତ୍ସା କରାଯାଉଥିଲେ ବି ପୋନ୍‌ସେଟି ମେଥଡ୍ ହେଉଛି କ୍ଲବଫୁଟ ପାଇଁ ଷ୍ଟାଣ୍ଡାର୍ଡ଼ ଟ୍ରିଟମେଣ୍ଟ । ଏହି ମେଥଡ୍‌ରେ ରହିଛି ସିରିୟଲ କାଷ୍ଟିଙ୍ଗ, ଟେନୋଟୋମି, ବ୍ରେସିଙ୍ଗ, ଏବଂ ଫଲୋ ଅପ୍ ଭିଜିଟସ୍ । ଅନେକ ସମୟରେ ଦେଖାଯାଏ ଯେ ପିତାମାତା ବା ଅଭିଭାବକ ମାନେ ପିଲାଟିର ଏପରି ଅବସ୍ଥାକୁ ଦେଖି ଭୀଷଣ ଭାବେ ବିଚଳିତ ହୋଇ ଚିନ୍ତାଗ୍ରସ୍ତ ହୋଇପଡ଼ନ୍ତି। ତେବେ ମନେରଖିବା ଉଚିତ ଯେ ବର୍ତ୍ତମାନ ଚିକିତ୍ସା କ୍ଷେତ୍ର ଯଥେଷ୍ଟ ଅଗ୍ରଗତି କରି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ପ୍ରଯୁକ୍ତିର ସହଯୋଗରେ ଏହାର ସମାଧାନ ଓ ଚିକିତ୍ସା ସମ୍ଭବ ହୋଇପାରୁଛି। ବିକଳାଙ୍ଗ କ୍ଷେତ୍ରକୁ ଭାବି ଅନେକ ବାପାମା ପିଲାଟିର ଭବିଷ୍ୟତ ବିଷୟରେ ଭାବି ବେଳେ ବେଳେ ଅଘଟଣ ଘଟାଇଥାନ୍ତି। କିନ୍ତୁ ଏହା ଆଦୌ ଠିକ୍ ନୁହେଁ। ଭଗବାନଙ୍କ ସୃଷ୍ଟିରେ ଆଜିର ପିଲାଟି ହେଉଛି ଆମ ସମାଜର ଆସନ୍ତା ସମୟର ଭବିଷ୍ୟତ। ଏପରି କ୍ଷେତ୍ରରେ ପିଲାଟିର ବାପମାଆ ବା ଆତ୍ମୀୟ ସ୍ୱଜନମାନେ ଧୈର୍ଯ୍ୟହରା ହେବା ଠିକ୍ ନୁହେଁ। କୌଣସି ଅଭିଶାପ ବା ପୂର୍ବ ଜନ୍ମର ଭୋଗାଭୋଗ ଭାବି ଅନ୍ୟ କାହା କଥା ଶୁଣି କୌଣସି ପ୍ରକାର ତୁଟୁକା ତୁଟୁକି ଚିକିତ୍ସା କରନ୍ତୁ ନାହିଁ ବା ଗୁଣି ଗାରେଡ଼ିର ସାହାଯ୍ୟରେ ପିଲାଟିକୁ ଚେଙ୍କ, ମୋଡ଼ାଘଷା, ଶେକ ନଦେବା ଖୁବ୍ ଭଲ। ସରକାର ଏପରି କ୍ଷେତ୍ର ପାଇଁ ଅନେକ ବ୍ୟବସ୍ଥା ମାଗଣାରେ ଉପଲବ୍ଧ କରୁଛନ୍ତି। ଯେକୌଣସି ଡାକ୍ତରଖାନା ହେଉ ବା ଶିଶୁଭବନ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ପିଲାଟିର ଉତ୍ତମ ଚିକିତ୍ସା ଜାରି ରଖନ୍ତୁ। କୌଣସି ପରିସ୍ଥିତିରେ ବି ଭାଙ୍ଗି ନପଡ଼ି ପିଲାଟିକୁ ବଞ୍ଚିବାର, ଆଗେଇବାର ପ୍ରେରଣା ପ୍ରଦାନ କରନ୍ତୁ। କାରଣ ଆପଣ ଅଧୈର୍ଯ୍ୟ ହୋଇ ମନସ୍ତାପ କଲେ ଏହା ପିଲାଟି ଉପରେ କୁପ୍ରଭାବ ପକାଇପାରେ। ଭଗବାନଙ୍କ ଉପରେ ବିଶ୍ୱାସ ରଖନ୍ତୁ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା ଜାରି ରଖିଲେ ପିଲାଟିର ସମସ୍ୟାର ସମାଧାନ ହେବା ସହ ସେ ଭଲ ଓ ସମର୍ଥ ଜୀବନ ବିତାଇବା ପାଇଁ ନିଜକୁ ପ୍ରସ୍ତୁତ କରିପାରିବ।




*ସହଯୋଗୀ ପ୍ରଫେସର, ଶିଶୁରୋଗ ବିଭାଗ*
*ଶିଶୁଭବନ, କଟକ*
*ଦୂରଭାଷ : ୯୪୩୭୧୨୪୦୭୪*

# ଆମିଷ ଆହାରର ଅଜଣା କଥା

ପ୍ରଫେସର ଡାକ୍ତର ମଞ୍ଜୁଶ୍ରୀ ନାୟକ

ଓ ଜୀବ ଜଗତ କହିଲେ ଆମେ ମୁଖ୍ୟତଃ ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ ବୁଝିଥାଉ। ମଣିଷ ଯେପରି ପ୍ରାଣୀ ଜଗତରେ ଅନ୍ତର୍ଭୁକ୍ତ ସେହିପରି ଅନ୍ୟ ସମସ୍ତ ହିଂସ୍ର ବା ନିରୀହ ପଶୁପକ୍ଷୀ ମଧ୍ୟ ଏହି ପ୍ରାଣୀଜଗତରେ ଅନ୍ତର୍ଭୁକ୍ତ। ତେଣୁ ସେମାନଙ୍କର ଜୀବକୋଷ ଓ ମଣିଷର ଜୀବକୋଷ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ସବୁଠାରୁ ଶ୍ରେଷ୍ଠ ଓ ବଳବାନ ଜୀବ ଓ ତା'ର ଇଛା ଏବଂ ରୁଚି ଅନୁସାରେ ସେ ନିଜର ଖାଦ୍ୟ ଗ୍ରହଣ କରେ। ଏହି ଖାଦ୍ୟ ଆମିଷ କିମ୍ବା ନିରାମିଷ ହୋଇପାରେ। ଆବହମାନ କାଳରୁ ସବୁ ସମୟରେ ଆମିଷ ଖାଇବା ପାଇଁ ଆପତ୍ତି ରହିଛି, ତେବେ ମାଛ, ମାଂସ ଖାଇବାରେ ଏତେ ଦୋଷ କାହିଁକି ? ଏହି ପ୍ରଶ୍ନର ଉତ୍ତରରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ଶରୀର, ମନ ଓ ଜୀବନ ପକ୍ଷରେ ଯଦି ଆମିଷ ଖାଦ୍ୟ ଭଲ ହୋଇଥାଆନ୍ତା ତେବେ ଏତେ ଆପତ୍ତି କାହିଁକି ? ମଣିଷର ଯେଉଁ ସ୍ୱାଭାବିକ ଆମିଷ ଆହାର ପ୍ରତି ରୁଚି ଅଛି ତାହାକୁ ବିକୃତ ରୁଚି ମଧ୍ୟ କୁହାଯାଏ। ଆନିମଲ ସେଲ ବା ଜୀବନ୍ତ କୋଷ ଆଉ ଏକ ଜୀବନ୍ତ କୋଷକୁ ହଜମ କରିବାକୁ ଚାହେଁନାହିଁ, ବରଂ ତାକୁ ପ୍ରତ୍ୟାଖ୍ୟାନ କରେ। ବାହାର ଜୀବନ୍ତ କୋଷ ମଣିଷ ଶରୀରରେ ପ୍ରବେଶ କଲେ ତାହା ଆମର ଜୀବନ୍ତ କୋଷକୁ ନଷ୍ଟ କରିଦିଏ। କାରଣ ଏହି ବାହାରର କୋଷ ଗୁଡ଼ିକ ଆମ ଶରୀରର କୋଷ ପରି ସମଭାବେ ସଂଜ୍ଞିବୀତ। ମଣିଷ ଦେହର କୋଷପରି ସେମାନେ ମଧ୍ୟ ବଞ୍ଚିବା ପାଇଁ ସଂଗ୍ରାମରତ। ଉଭୟଙ୍କର ଏହି ସଂଗ୍ରାମ ଫଳରେ ଆମିଷ ଆହାରରେ ଶରୀରରେ ଟକ୍ସିନ୍ ବା ବିଷକ୍ରିୟା ସୃଷ୍ଟି ହୁଏ। ମାଛ, ମାଂସର ଜୈବକୋଷ ଉପାଦାନ ଆମ ଶରୀରରେ ପ୍ରବେଶ କରି ଶରୀରସ୍ଥ ଜୀବକୋଷରେ ଏକ ଅସ୍ୱାଭାବିକ ଉତ୍ତେଜନା ଓ ସଂଘାତ ସୃଷ୍ଟିକରି କୋଷ ବିଭାଜନକୁ ଅତ୍ୟନ୍ତ ଦ୍ରୁତ କରିତୋଳେ। ଏହାଦ୍ୱାରା ସାମୟିକ ଶାରୀରିକ ପୁଷ୍ଟିବର୍ଦ୍ଧନ ହେଲେ ମଧ୍ୟ ଆୟୁଷକୁ ସେହି ପରିମାଣରେ ଖର୍ବ କରିଦିଏ ଏବଂ ଏହି ବିଷକ୍ରିୟା ଫଳରେ ସ୍ନାୟୁ ଓ ମସ୍ତିଷ୍କର କୋଷଗୁଡ଼ିକ ଚଞ୍ଚଳ, ଦୁର୍ବଳ, ସ୍ଥୈର୍ଯ୍ୟ-ସାମ୍ୟ-କ୍ରମାଗତିହରା ହୋଇଉଠନ୍ତି ଓ ଦୃଷ୍ଟିଶକ୍ତି କମିଯାଏ। ରୋଗ ପ୍ରତିରୋଧକ ଶକ୍ତି କମିଯାଏ କାରଣ କୋଷଗୁଡ଼ିକୁ ସର୍ବଦା ବଞ୍ଚିବା ପାଇଁ ସଂଗ୍ରାମ କରିବାକୁ ହୁଏ। ବେଳେ ବେଳେ ଏହି ଅସ୍ୱାଭାବିକ ବିଭାଜନ ମଧ୍ୟ ଟ୍ୟୁମର ସୃଷ୍ଟିକରେ। କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଭେଜିଟେବ୍‌ଲ ଓ ଫ୍ଲେଶ (ମାଂସ) ଶବ୍ଦ ଦୁଇଟିର ଧାତୁଗତ ଅର୍ଥ ସମୀକ୍ଷା କରି କହିଲେ - ଭେଜିଟେବ୍‌ଲମାନେ ଜୀବନ୍ତ କରିତୋଳିବା ଓ ଫ୍ଲେଶର ସେମିତି କୌଣସି ଅର୍ଥ ନାହିଁ। ଆମେ ଯେଉଁ ମାଛ, ମାଂସ (ଛେଳି, ମେଣ୍ଢା ଓ କୁକୁଡା) ଇତ୍ୟାଦି ଖାଉ ତାହା ଆମ ଶରୀର ପକ୍ଷରେ ସୁସଙ୍ଗତ ନୁହେଁ। ଆଉ ସୁସଙ୍ଗତ ନ ହେଲେ ତାହା ଆମକୁ ପୋଷଣ ଦିଏନାହିଁ। ଏ ସବୁ ଖାଦ୍ୟ ଖାଇଲେ ଆମର କ୍ଷତି ହୁଏ, ଆୟୁଷ କ୍ଷୟ ହୁଏ। ନିରାମିଷ ଆହାରରେ ଶକ୍ତି ବଢ଼େ ଓ ଏହି ଶକ୍ତି ଆମ ପକ୍ଷରେ ସୁସମଞ୍ଜସ୍ୟ। ଯେଉଁ ପ୍ରାଣୀ ନିମିତ୍ତ ଯେଉଁ ଖାଦ୍ୟ ସୁସମଞ୍ଜସ୍ୟ ଓ ସୁସଙ୍ଗତ ତାହା ଗ୍ରହଣ କରିଲେ ଶରୀରରେ ପୁଷ୍ଟି ହୁଏ। ଉଦାହରଣ ସ୍ୱରୂପ - ହାତୀ, ଗାଈ, ଗୋରୁ, ମେଣ୍ଢା ଇତ୍ୟାଦି ପ୍ରାଣୀମାନେ ଘାସ ଖାଆନ୍ତି ଓ ସେଥିରେ ହିଁ ସେମାନଙ୍କର ପୁଷ୍ଟି। କତିପୟ ଚିକିତ୍ସକ ମନୁଷ୍ୟକୁ ଆମିଷ ଆହାର କରିବାକୁ କହିଥାନ୍ତି। ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ଏହି ସବୁ ମତାମତ ନିଜର ବୁଝିବା ଉପରେ ନିର୍ଭର କରେ। ଯାହାର ଯେପରି ବୁଝିବା ସେମାନେ ସେହିପରି ମତ ଦେଇଥାନ୍ତି। ଏପରି ହୋଇପାରେ ଯେ ଚିକିତ୍ସକମାନେ ସ୍ୱାଦ ଓ ଲୋଭର ବଶବର୍ତ୍ତୀ ହୋଇ ଏହା କହିଥାଇପାରନ୍ତି। କିନ୍ତୁ ଥରେ ବୁଝିବା ଠିକ୍ ହେଲେ ନିରାମିଷ ଖାଦ୍ୟ ଶରୀର ପକ୍ଷେ ଯେ ମଙ୍ଗଳକର ଏହା ମଧ୍ୟ ସେମାନେ କହିପାରନ୍ତି। ଅନେକ ବ୍ୟକ୍ତି ପ୍ରଶ୍ନ କରନ୍ତି - ମାଛ, ମାଂସ ଯଦି ଆମ୍ଭେମାନେ ନଖାଇବୁ, ତାହାଲେ ଭଗବାନ କାହିଁକି ଏସବୁ ସୃଷ୍ଟି କରିଛନ୍ତି ? ଏହା ଉତ୍ତରରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମନେକର ତୁମ ଜମିରେ ପକ୍ଷୀମାନେ ଆସି ବସୁଛନ୍ତି, ତୁମେ ସେଗୁଡ଼ିକୁ ମାରିଦେଲ। ପକ୍ଷୀମାନେ ତୁମ ଜମିର ପୋକଜୋକ ଖାଉଥିଲେ, ଏବେ ତାଙ୍କ ଅନୁପସ୍ଥିତିରେ ଜମିରେ ପୋକ ଭର୍ତ୍ତି ହୋଇଗଲା। ସେତେବେଳେ ସେହି ପୋକଭରା ଜମିର ଫସଲ ଖାଇ ପେଟ ଖରାପ ହେଲା। ନାନା ପ୍ରକାର ପୋକଜୋକ ଓ ଛେଳି, ମେଣ୍ଢା ଇତ୍ୟାଦିକୁ ଭଗବାନ ମଣିଷର ଉପକାର ପାଇଁ ହିଁ ସୃଷ୍ଟି କରିଛନ୍ତି। ମଣିଷ ପାଇଁ ଧାନ, ଚାଉଳ ଓ ପନିପରିବା ଇତ୍ୟାଦି ସୃଷ୍ଟି କରିଛନ୍ତି। ଆମିଷାହାରୀ ମାନଙ୍କର କୌଣସି ରୋଗ-ବିରାଗ ହେଲେ ଶରୀର ଯେତେ ଗଭୀର ଭାବେ କ୍ଷତିଗ୍ରସ୍ତ ହୁଏ ନିରାମିଷାଶୀଙ୍କ ତଦ୍‌ଜାତୀୟ ଅସୁସ୍ଥତା ହେଲେ ମଧ୍ୟ ଶରୀର ଏତେଟା କ୍ଷତିଗ୍ରସ୍ତ ହୁଏନାହିଁ। ଆମିଷରୁ ବାହାରୁଥିବା ଟକ୍ସିନ୍ ସ୍ନାୟୁକୁ ଉତ୍ତେଜିତ କରେ, ସହନ-ବହନ କ୍ଷମତା କମିଯାଏ, ସ୍ନାୟୁ ଅପଟୁ ଓ ସାମ୍ୟ ସଙ୍ଗତିହରା ହେଲେ ଅହମିକା, କ୍ରୋଧ, ହିଂସା ଓ ଅସହିଷ୍ଣୁତା ବଢ଼ିଉଠେ। ଦୁଗ୍ଧ ଆମିଷ ଖାଦ୍ୟ ହେଲେ ମଧ୍ୟ କ୍ଷତିକାରକ ନୁହେଁ। କାରଣ ଦୁଗ୍ଧ ପେଟରେ ଯାଇ ଲାକ୍‌ଟିକ୍ ଏସିଡ଼୍ ବ୍ୟାସିଲସ୍ ହୁଏ ଓ ବ୍ୟାସିଲସ୍‌ମାନେ ନିରାମିଷ କୋଷ। ବ୍ୟାକ୍ଟେରିଆମାନେ କିନ୍ତୁ ଆନିମଲ୍ ସେଲ୍। ଭେଜିଟେବଲ ସେଲ ଆନିମଲ୍ ସେଲ ତୁଳନାରେ କମ୍ ଜୀବନୀ ଶକ୍ତି ସମ୍ପନ୍ନ। ତେଣୁ ସେମାନେ ଶରୀରରେ ଯାଇ ସଞ୍ଜିବୀତ ହେବାକୁ ଚାହାଁନ୍ତି। ସେମାନଙ୍କ ସହିତ ଦେହ କୋଷର ମଧ୍ୟ ବିରୋଧ କମ୍ ହୁଏ। ତେଣୁ ଶରୀରର ଜୀବନ୍ତ କୋଷ ଗୁଡ଼ିକ ବେଶୀ ପୋଷଣ ପାଆନ୍ତି। ନରହତ୍ୟା ଶବ୍ଦରେ ଆମ୍ଭେମାନେ ଆତଙ୍କିତ ହୋଇଉଠୁ କିନ୍ତୁ ଜୀବ ହତ୍ୟା ସମୟରେ ଆମକୁ କଷ୍ଟ ହୁଏନାହିଁ। ଏହିପରି ସହାନୁଭୂତିହୀନ ହୋଇ ପ୍ରବୃତ୍ତି ସ୍ୱାର୍ଥରେ ମଣିଷକୁ ହତ୍ୟା କରିବା ପାଇଁ ମଧ୍ୟ ମଣିଷକୁ କଷ୍ଟ ହୁଏନାହିଁ। ମଣିଷର ଦନ୍ତକୁ ଭଗବାନ ତୃଣ ଜାତୀୟ ଖାଦ୍ୟ ଖାଇବା ପାଇଁ ଗଢ଼ିଛନ୍ତି। ବାଘ, କୁକୁର ଇତ୍ୟାଦି ମାଂସାଶୀ ପ୍ରାଣୀମାନଙ୍କ ଭଳି ମନୁଷ୍ୟର ଶ୍ୱାନଦନ୍ତ ନାହିଁ। ବରଂ ମଣିଷର ଶ୍ୱାନଦନ୍ତ ଗାଈ, ଘୋଡ଼ା ସହିତ ସମାନ। ବଡ଼ ବଡ଼ ଚିକିତ୍ସକ ଓ ବୈଜ୍ଞାନିକମାନେ ମଧ୍ୟ ନିରାମିଷ ଆହାର ସପକ୍ଷରେ ଅନେକ କଥା କହିଛନ୍ତି। ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମୋର ମନେହୁଏ ଯେଉଁମାନେ ଉନ୍ନତର ଜୀବନ ଯାପନ କରିବାକୁ ଚାହାଁନ୍ତି ଓ ସୁସ୍ଥ ଦେହରେ ସ୍ୱଚ୍ଛନ୍ଦ ମନରେ କ୍ରମାଗତି ନେଇ କଠୋର ପରିଶ୍ରମ କରିବାକୁ ଚାହାଁନ୍ତି ସେମାନେ ନିରାମିଷ ଖାଇବା ହିଁ ଉଚିତ ଓ ଗୋଟିଏ ଜୀବନର ଚେତନା ପ୍ରଗତିକୁ ରୁଦ୍ଧକରି ଆମିଷ ଭକ୍ଷଣ କରିବା ଅନୁଚିତ।

ମଣିଷର ଯେଉଁ ସ୍ୱାଭାବିକ ଆମିଷ ଆହାର ପ୍ରତି ରୁଚି ଅଛି ତାହାକୁ ବିକୃତ ରୁଚି ମଧ୍ୟ କୁହାଯାଏ। ଆନିମଲ ସେଲ ବା ଜୀବନ୍ତ କୋଷ ଆଉ ଏକ ଜୀବନ୍ତ କୋଷକୁ ହଜମ କରିବାକୁ ଚାହେଁନାହିଁ, ବରଂ ତାକୁ ପ୍ରତ୍ୟାଖ୍ୟାନ କରେ। ବାହାର ଜୀବନ୍ତ କୋଷ ମଣିଷ ଶରୀରରେ ପ୍ରବେଶ କଲେ ତାହା ଆମର ଜୀବନ୍ତ କୋଷକୁ ନଷ୍ଟ କରିଦିଏ। କାରଣ ଏହି ବାହାରର କୋଷ ଗୁଡ଼ିକ ଆମ ଶରୀରର କୋଷ ପରି ସମଭାବେ ସଂଜ୍ଞିବୀତ। ମଣିଷ ଦେହର କୋଷପରି ସେମାନେ ମଧ୍ୟ ବଞ୍ଚିବା ପାଇଁ ସଂଗ୍ରାମରତ। ଉଭୟଙ୍କର ଏହି ସଂଗ୍ରାମ ଫଳରେ ଆମିଷ ଆହାରରେ ଶରୀରରେ ଟକ୍ସିନ୍ ବା ବିଷକ୍ରିୟା ସୃଷ୍ଟି ହୁଏ। ମାଛ, ମାଂସର ଜୈବକୋଷ ଉପାଦାନ ଆମ ଶରୀରରେ ପ୍ରବେଶ କରି ଶରୀରସ୍ଥ ଜୀବକୋଷରେ ଏକ ଅସ୍ୱାଭାବିକ ଉତ୍ତେଜନା ଓ ସଂଘାତ ସୃଷ୍ଟିକରି କୋଷ ବିଭାଜନକୁ ଅତ୍ୟନ୍ତ ଦ୍ରୁତ କରିତୋଳେ। ଏହାଦ୍ୱାରା ସାମୟିକ ଶାରୀରିକ ପୁଷ୍ଟିବର୍ଦ୍ଧନ ହେଲେ ମଧ୍ୟ ଆୟୁଷକୁ ସେହି ପରିମାଣରେ ଖର୍ବ କରିଦିଏ ଏବଂ ଏହି ବିଷକ୍ରିୟା ଫଳରେ ସ୍ନାୟୁ ଓ ମସ୍ତିଷ୍କର କୋଷଗୁଡ଼ିକ ଚଞ୍ଚଳ, ଦୁର୍ବଳ, ସ୍ଥୈର୍ଯ୍ୟ-ସାମ୍ୟ-କ୍ରମାଗତିହରା ହୋଇଉଠନ୍ତି ଓ ଦୃଷ୍ଟିଶକ୍ତି କମିଯାଏ। ରୋଗ ପ୍ରତିରୋଧକ ଶକ୍ତି କମିଯାଏ କାରଣ କୋଷଗୁଡ଼ିକୁ ସର୍ବଦା ବଞ୍ଚିବା ପାଇଁ ସଂଗ୍ରାମ କରିବାକୁ ହୁଏ।



*ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ପାଥୋଲୋଜି ବିଭାଗ*
*ପିଆରଏମ୍ ମେଡ଼ିକାଲ କଲେଜ, ବାରିପଦା,*
*ଦୂରଭାଷ : ୯୪୩୮୩୬୯୫୪୯*




# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଆଦିବାସୀ ମେଳାରେ 'ବହୁଭାଷୀ ନାଟକ ମହୋତ୍ସବ'

**ଭୁବନେଶ୍ୱର,(ବ୍ୟୁରୋ):** ଭୁବନେଶ୍ୱରରେ ଚାଲିଛି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ । ଏହି ଅବସରରେ ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ଆଦିବାସୀ ପଡ଼ିଆରେ ଆୟୋଜିତ 'ଆଦିବାସୀ ମେଳା'ରେ ବହୁଭାଷୀ ନାଟକ ମହୋତ୍ସବ ଆୟୋଜନ କରାଯାଇଛି । ଫେବୃଆରୀ ମାସ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ସାନ୍ତାଳୀ, ମୁଣ୍ଡାରୀ, ଦେଶିଆ ଏବଂ ହୋ ଆଦି ଭାଷାରେ ନାଟକ ମଞ୍ଚସ୍ଥ କରାଯାଉଛି । ଏହାକୁ ଦର୍ଶକମାନେ ବେଶ୍ ଆଗ୍ରହର ସହିତ ଉପଭୋଗ କରୁଛନ୍ତି । ରବିବାର ଦିନ ଆଦିବାସୀ ମେଳାରେ ଦେଶିଆ ଭାଷାରେ ପ୍ରସ୍ତୁତ ନାଟକ 'ଦେଖ୍ ମେଗା ତୋର୍ ଟୋକିର୍ କଟା' ପରିବେଷଣ ହୋଇଥିଲା । ଏଥିରେ କୋରାପୁଟ ଜିଲ୍ଲା କୁନ୍ଦୁରାର ମା' ମାଉଳି କଳା ପରିଷଦର କଳାକାରମାନେ ଏଥିରେ ନିଚ୍ଛକ ଅଭିନୟ କରିଥିଲେ । ସୁନ୍ଦରମାଲି ବାରିକ ଏହି ନାଟକର ନିର୍ଦ୍ଦେଶନା ଦେଇଛନ୍ତି । ସେହିପରି ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ୍ ଅଷ୍ଟଝରଣର ମା' ଚିନ୍ତାମଣି ମୁଣ୍ଡାରୀ ଅପେରାର କଳାକାରମାନଙ୍କ ପକ୍ଷରୁ ମୁଣ୍ଡାରୀ



ଭାଷାରେ 'ହେମଲ ଉମୁଲ' ନାଟକ ପରିବେଷଣ କରାଯାଇଥିଲା । ଏଥିରେ କାହାଣୀ ରଚନା ଓ ନିର୍ଦ୍ଦେଶନା ସହ ନିଜେ ଅଭିନୟ କରିଛନ୍ତି ଦଶରଥ ସିଂ । 'ଦେଖ୍ ମେଗା ତୋର୍ ଟୋକିର୍ କଟା'- ବାଲ୍ୟ ବିବାହ ସଚେତନତା ଉପରେ ଏହି ନାଟକ ଆଧାରିତ । ଏଥିରେ ଗ୍ରାମର ଶିକ୍ଷିତ ଲୋକଙ୍କ ହସ୍ତକ୍ଷେପ ଦ୍ୱାରା କିପରି ବାଲ୍ୟ ବିବାହକୁ ବନ୍ଦ କରାଗଲା ଏବଂ ପରବର୍ତ୍ତୀ ସମୟରେ ଉଭୟ ଝିଅ ଓ ପୁଅ ଉଚ୍ଚ ଶିକ୍ଷିତ ହୋଇ ସୁନ୍ଦର ଜୀବନ ଯାପନ କଲେ ତାହା ଏହି ନାଟକର ମୁଖ୍ୟ କାହାଣୀ ରହିଥିଲା । ଡାହାଣୀମାନଙ୍କୁ ନେଇ ସମାଜରେ ଥିବା ଅନ୍ଧବିଶ୍ୱାସ ଉପରେ ଆଧାରିତ 'ହେମଲ ଉମୁଲ' ନାଟକ ପ୍ରସ୍ତୁତ କରାଯାଇଛି । ଏଭଳି ଅନ୍ଧବିଶ୍ୱାସଠାରୁ ଦୂରେଇ ରହିବା ପାଇଁ ନାଟକ ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା । 'ଆଦିବାସୀ ମେଳାରେ ପ୍ରଥମ ଥର ପାଇଁ ବହୁଭାଷୀ ନାଟକ ମହୋତ୍ସବ ନିଶ୍ଚିତ ଭାବେ ଏକ ଭଲ ପଦକ୍ଷେପ । ଏହା ଆଦିବାସୀ ସମ୍ପ୍ରଦାୟର କଳାକାରମାନଙ୍କୁ ସୃଜନଶୀଳ ଚିଂାଧାରା ଗ୍ରହଣ କରିବାକୁ ଏବଂ ସେମାନଙ୍କ ମାଧ୍ୟମରେ ସାମାଜିକ ପରିବର୍ତ୍ତନ ଆଣିବାକୁ ପ୍ରେରଣା ଦେବ, କହିଛନ୍ତି ଦଶରଥ ସିଂ । ଶନିବାର, ବହୁଭାଷୀ ନାଟକ ମହୋତ୍ସବର ପ୍ରଥମ ଦିନ ରହିଥିଲା । ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ଖଡିଆବାସାରୁ ଆସିଥିବା ମା' ବିରାଟପାଟ ତାୟାନ୍ ବୁର୍ ବଂଗା ମାଡ଼ିଲ ଡ୍ରାମାଟିକ୍ କ୍ଲବର ସଦସ୍ୟମାନେ ମୁଣ୍ଡାରୀ ଭାଷାରେ ରିଲିଙ୍ଗ କେଡାମନ୍ନି ଜୀବନ ରେୟା ସେନହୋରା' ନାଟକ ମଂଚସ୍ଥ କରିଥିଲେ । ଏଥିରେ ମୋବାଇଲ ଫୋନର ବହୁଳ ବ୍ୟବହାର କରି ଜଣେ ଆଦିବାସୀ ଯୁବକ କିଭଳି ନିଜର ପ୍ରେମ, ପରିବାର ଏବଂ ବୃଦ୍ଧ ପିତାମାତାଙ୍କୁ ହରାଇଛନ୍ତି ତାହା ଦେଖିବାକୁ ମିଳିଥିଲା । ଶତ୍ରୁଘ୍ନ ସିଂହ ଏହି ନାଟକର ନିର୍ଦ୍ଦେଶନା ଦେଇଛନ୍ତି । ସେହିପରି ସାନ୍ତାଳୀ ଭାଷାରେ ଦିନ ଗେ ଡୁବୁଙ୍ଗ ଡୁବୁଙ୍ଗ' ନାଟକ ପରିବେଷଣ କରାଯାଇଥିଲା । ଆଦିବାସୀ ସମ୍ପ୍ରଦାୟରେ ଆଧୁନିକ ନୃତ୍ୟ ଏବଂ ସଙ୍ଗୀତ ଆଦି ବ୍ୟବହାର ଯୋଗୁଁ ସେମାନଙ୍କର ଜୀବନଶୈଳୀ କିପରି ପ୍ରଭାବିତ ହେଉଛି ତାହା ଏଥିରେ ପ୍ରଦର୍ଶନ କରାଯାଇଥିଲା । ଗଙ୍ଗାଧର ହେମ୍ବ୍ରମ ଏହି ନାଟକର ନିର୍ଦ୍ଦେଶନା ଦେଇଛନ୍ତି ।

# ଓଡ଼ିଆ ଭାଷାକୁ ଆୟୁଧ କରି ରାଜ୍ୟ ଗଠନର ପ୍ରମୁଖ ବିନ୍ଧାଣିଥିଲେ ମଧୁ ବାବୁ

**ଭୁବନେଶ୍ୱର,(ବ୍ୟୁରୋ):** ଭାରତର ପ୍ରଥମ ଭାଷାଭିତିକ ରାଜ୍ୟ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରି ଗୌରବାନୀତ କରିଥିଲେ ଭାରତ ଗୌରବ ମଧୁସୂଦନ ଦାସ । ସେଥିପାଇଁ ତାଙ୍କୁ ନୂତନ ଓଡ଼ିଶାର ନିର୍ମାତା ଓ ଜନକ କୁହାଯାଏ । ଓଡ଼ିଆ ଭାଷାକୁ ବିଭିନ୍ନ ବେସରକାରୀ ବିଦ୍ୟାଳୟରେ ଅଧିକ ଅଧ୍ୟୟନ କରାଇବା ସହ ମଧୁ ବାବୁଙ୍କ ସମ୍ପର୍କରେ ସଭିଁଏ ଜାଣିବା ପାଇଁ ଆରମ୍ଭ ହୋଇଛି ଅଭିଯାନ । ଏଥି ପାଇଁ ମଧୁ ବାବୁଙ୍କ ମହାପରାୟଣ ଦିବସରେ ବିଭିନ୍ନ ବେସରାକରୀ ବିଦ୍ୟାଳୟକୁ ମଧୁ ବର୍ଣ୍ଣବୋଧ ପୁସ୍ତକ ପ୍ରଦାନ ସହ ମଧୁ ବାବୁଙ୍କ ଫଟୋ ପ୍ରଦାନ କାର୍ଯ୍ୟ ଆରମ୍ଭ ହୋଇଛି । ବିଭିନ୍ନ ଘରୋଇ ବିଦ୍ୟାଳୟରେ ମଧୁ ବାବୁଙ୍କ ଫଟୋ ଲଗାଇବା ସହ ମଧୁ ବାବୁଙ୍କ ସମ୍ପର୍କରେ



ଆଲୋଚନା କରିବାକୁ ଅନୁରୋଧ କରାଯାଇଛି । ଅଲ୍ ଓଡ଼ିଶା ଲୟର୍ସ ଫୋରମ ଓ ସର୍ବଭାରତୀୟ ମଧୁ ସ୍ମାରକ ମଂଚର ଆବାହକ ଲିଙ୍ଗରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାଷାବିତ୍ ଡ଼ ଦେବାଶିଷ ମହାପାତ୍ର, ସରୋଜ କୁମାର ସାହୁ, ଭରତ ଚନ୍ଦ୍ର ବେହେରା, ବିକାଶ ମହାନ୍ତି, ସସ୍ମିତା ଦାଶ ସମେତ ବହୁ ମୁରବୀ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ । ଭାରତ ଗୌରବ ମଧୁସୂଦନ ଦାସଙ୍କୁ ମରଣୋତର ଭାରତରତ୍ନ ସମ୍ମାନରୁ ବହୁ ଊର୍ଦ୍ଧ୍ୱରେ । ମଧୁବାବୁଙ୍କ ପ୍ରତିମୂର୍ତ୍ତି ସଂସଦ ଭବନ ପରିସରରେ ସ୍ଥାପନା, ଉତ୍କଳ ଗୌରବ ମଧୁସୂଦନଙ୍କ ନାମରେ ରେଳ ଗାଡି ଚଳାଇବା, ମଧୁ ବାବୁଙ୍କ ଜୟନ୍ତୀ ଦିନ ସରକାରୀ ଛୁଟି ଘୋଷଣା ଓ କୋର୍ଟ ନିକଟ ରାସ୍ତାକୁ ମଧୁ ବାବୁଙ୍କ ନାମରେ ନାମକରଣ କରିବା ପାଇଁ ଦାବି କରାଯାଇଛି । ତାଙ୍କୁ ମରଣୋତରରେ ଯେତେ ସମ୍ମାନ ଦେଲେ କମ୍ ହେବ ବୋଲି କୁହାଯାଇଛି । ପ୍ରକାଶ ଥାଉକି ମଧୁବାବୁଙ୍କୁ ଯଥୋଚିତ ସମ୍ମାନ ମିଳିନଥିବାରୁ ଓଡ଼ିଶା ଲୟର୍ସ ଫୋରମ୍ ପକ୍ଷରୁ ବିଭିନ୍ନ ଜିଲ୍ଲାର ମୁରବୀ ସମେତ ରାଜ୍ୟର ବିଭିନ୍ନ ଓକିଲ ସଂଘ ସହଯୋଗରେ ଦସ୍ତଖତ ସଂଗ୍ରହ ଅଭିଯାନ ଚାଲୁ ରହିଛି । ନିକଟରେ ସୁପ୍ରୀମକୋର୍ଟ ପରିସରରେ ଏହି ଅଭିଯାନ କରାଯିବା ସହ ୧୯ଟି ରାଜ୍ୟରୁ ଦସ୍ତଖତ ସଂଗ୍ରହ କରାଯାଇଛି । କୋଲକାତାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ, ଝାଡ଼ଖଣ୍ଡ, ଉତରପ୍ରଦେଶ, ମଧ୍ୟପ୍ରଦେଶ, ଗୁଜୁରାଟ, ଚେନ୍ନାଇ, ଆନ୍ଧ୍ରପ୍ରଦେଶର ତିରୂପତି, ଆଣ୍ଡାମାନ, ବେଙ୍ଗାଲୁରୁ, ପାବ, ଉତରାଖଣ୍ଡ, ତ୍ରିପୁରା, ଆସାମ, ମିଜୋରାମ, ନୂଆଦିଲ୍ଲୀ ଆଦି ସ୍ଥାନରେ ବାସ କରୁଥିବା ମଧୁପ୍ରେମୀଙ୍କ ସ୍ୱାକ୍ଷର ସଂଗ୍ରହ କରାଯାଇଛି ।

# ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସରେ ମଧୁବାବୁଙ୍କୁ ଭାରତ ରତ୍ନ ପ୍ରଦାନ ଦାବି

**ଭୁବନେଶ୍ୱର,(ବ୍ୟୁରୋ):** ଓଡିଶା ପ୍ରଦେଶ ଗଠନର କର୍ଣ୍ଣଧାର, ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ତଥା ପୂର୍ବତନ ସଭାପତି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଳି ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅଧିବକ୍ତା ଅନନ୍ତ ଜେନା ସଭାପତିତ୍ୱ କରିଥିବା ବେଳେ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲିପ ଦାଶଶର୍ମା ସଂଯୋଜନା କରିଥିଲେ । ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ପର୍ଶୁରାମ ଦ୍ୱିବେଦୀ, ସୀତାବଲ୍ଲଭ ମହାପାତ୍ର, ବିରଜା ପ୍ରସାଦ ଶତପଥୀ ଓ ଆରତି କର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମଧୁବାବୁଙ୍କ ଗୁଣଗାନ କରିବା ସହିତ ମଧୁବାବୁଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ଦାବି କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର, ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ମଞ୍ଚେଶ୍ୱର ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ଯୁଗ୍ମ-ସମ୍ପାଦକ ସିଧାର୍ଥ ଶଙ୍କର ଗଡନାୟକ ଓ ଅକ୍ଷୟ କୁମାର ଜେଠୀ, ବାସନ୍ତୀ ତ୍ରିପାଠୀ, ରାମ ଚନ୍ଦ୍ର ସାମଲ, ସୁରଜିତ ପରିଡା, ସମରନ ମହାନ୍ତି, ବାସନ୍ତୀ ଆଚାର୍ଯ୍ୟ ଓ ଭବାନୀ ପ୍ରସାଦ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଭାଗନେଇ ବରପୁତ୍ରଙ୍କୁ ଶ୍ରଦ୍ଧାଳି ଜଣାଇଁଥିଲେ ।

# ଆସ୍ୱାୟାର ହସ୍ପିଟାଲ ପକ୍ଷରୁ ବିଶ୍ୱ କର୍କଟ ଦିବସ ପାଳିତ

**ଭୁବନେଶ୍ୱର,(ବ୍ୟୁରୋ):** ଭୁବନେଶ୍ୱର ଆସ୍ୱାୟାର ହସ୍ପିଟାଲ ପକ୍ଷରୁ ଚଳିତବର୍ଷର ବିଷୟ ବସ୍ତୁ ଯତ୍ନର ବ୍ୟବଧାନ ବନ୍ଦ କରକୁ ନେଇ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି । ହସ୍ପିଟାଲର ନିର୍ଦ୍ଦେଶକ ତଥା ବିଶିଷ୍ଟ ଆଙ୍କୋଲୋଜିଷ୍ଟ ସର୍ଜନ ଡାକ୍ତର ଅମିତାଭ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଭିନେତା ସିଦ୍ଧାନ୍ତ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ଅଭିନେତ୍ରୀ ମାମା ମିଶ୍ର ଯୋଗଦେଇ ସଚେତନତା ଓ ସତର୍କତା ଅବଲମ୍ବନ କଲେ କର୍କଟ ଦୂର ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ବକ୍ତା ବରିଷ୍ଠ ଡାକ୍ତର ଆଶୁତୋଷ ମହାପାତ୍ର, ବନ୍ୟା ଦାସ ଓ ସରୋଜ କୁମାର ସାହା ଖାଦ୍ୟ, ପରିବେଶ, ପରିବର୍ତ୍ତିତ ଜୀବନଶୈଳୀ ପାଇଁ କର୍କଟ ରୋଗୀଙ୍କ ସଂଖ୍ୟା



ବୃଦ୍ଧି ପାଉଛି । ତେଣୁ କର୍କଟ ରୋଗ ନିରାକରଣ ପାଇଁ ସାମୁହିକ ପ୍ରୟାସର ଆବଶ୍ୟକତା ରହିଛି ବୋଲି କହିଥିଲେ । ଏବଂ ଆସ୍ୱାୟାର ହସ୍ପିଟାଲର ଚିକିତ୍ସା ପଦ୍ଧତି ଓ ଡାକ୍ତର ଅମିତାଭ ଜେନାଙ୍କ ଅଭିଜ୍ଞତା ନିଷ୍ଠାପର ସେବା, ଉଦାର ପଣିଆ ପାଇଁ ବହୁ ରୋଗୀ ଆରୋଗ୍ୟ ଲାଭ କରିଥିବାରୁ ତାଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ଶତାଧିକ କର୍କଟ ରୋଗୀଙ୍କୁ କ୍ୟାନସର ଯୋଦ୍ଧା ଭାବେ ସମ୍ମାନିତ କରାଯାଇଥିଲା । ଡାକ୍ତର ଦେବୀ ପ୍ରସାଦ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏସ୍‌ସି ଏସ୍‌ଟି ଓ ଓବିସିଙ୍କୁ ସଂରକ୍ଷଣ ଦେବାକୁ କୁଳାଧିପତି ତଥା ରାଜ୍ୟପାଳଙ୍କୁ ଚିଠି

**ଭୁବନେଶ୍ୱର,(ବ୍ୟୁରୋ):** ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ୧୧୯୨ଟି ଶିକ୍ଷକ ପଦ ଖାଲିପଡ଼ିଛି । ଏହାବ୍ୟତୀତ ବିଭିନ୍ନ କଲେଜ ମାନଙ୍କରେ ମଧ୍ୟ ତାହା ସହ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଖାଲି ରହିଛି । ଏହିସବୁ ଖାଲି ପଦବୀରେ ଖୁବ୍‌ଶୀଘ୍ର ରାଜ୍ୟ ସରକାର ଠିକାରେ ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି ଦେବାପାଇଁ ଯାଉଛନ୍ତି । ଠିକା ନିଯୁକ୍ତିରେ ରାଜ୍ୟର ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆବର୍ଗ ମାନଙ୍କୁ ସଂରକ୍ଷଣ ସୁବିଧା ଦେବାପାଇଁ ସମାଜବାଦୀ ପାର୍ଟି ଦାବି କରିଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଆଜି ମାନ୍ୟବର ରାଜ୍ୟପାଳ ତଥା କୁଳାଧିପତିଙ୍କୁ ଏକ ପତ୍ର ଲେଖି କହିଛନ୍ତି ଯେ, ରାଜ୍ୟର ଅବହେଳିତ ବର୍ଗ ନିଯୁକ୍ତି ସୁଯୋଗରୁ ବଂଚିତ ହେବାରେ ଲାଗିଛନ୍ତି । ରାଜ୍ୟ ସରକାର ସଠିକ୍ ଭାବରେ ସଂରକ୍ଷଣ ଆଇନ୍‌କୁ ଅନୁସରଣ କରୁନଥିବାରୁ ରାଜ୍ୟର ଏସ୍‌ସି, ଏସ୍‌ଟି ଓ ଓବିସି ବର୍ଗଙ୍କ ସାମ୍ବିଧାନିକ ଅଧିକାର କ୍ଷୁର୍ଣ୍ଣ ହେଉଛି । ରାଜ୍ୟପାଳ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଏସ୍‌ସି, ଏସ୍‌ଟି ଓ ଓବିସି ବର୍ଗଙ୍କୁ ଆଇନ୍ ଅନୁଯାୟୀ ସଂରକ୍ଷଣ ଯୋଗାଇ ଦେବାକୁ ଶ୍ରୀ ବେହେରା ଦାବି କରିଛନ୍ତି ।

# ନ୍ୟାୟ ନ ମିଳିଲେ ବିଧାନସଭା ସମ୍ମୁଖରେ ସମୂହ ଆତ୍ମାହୂତି ଦେବୁ

**ଭୁବନେଶ୍ୱର,(ବ୍ୟୁରୋ):** ମା' ଦକ୍ଷିଣେଶ୍ୱରୀ କ୍ଷତିଗ୍ରସ୍ତ ବିସ୍ଥାପିତ ପ୍ରଜାସଂଘର ସମସ୍ତ ସଦସ୍ୟ ସଦସ୍ୟମାନେ ନାଲ୍‌କୋ କମ୍ପାନୀ ଦ୍ୱାରା ଅନ୍ୟାୟ ଓ ଅତ୍ୟାଚାରର ଶିକାର ହୋଇ ନ୍ୟାୟ ପାଇବା ଆଶାରେ ଗତ ଦୁଇଦିନ ହେଲା ଗାନ୍ଧୀମାର୍ଗ, ଲୋୟର ପିଏମ୍‌ଜିରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି । ବରିଷ୍ଠ ନାରୀନେତ୍ରୀ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ଛେଣ୍ଡିପଦା ବ୍ଲକର ଗୋପିବଲ୍ଲଭପୁର ନାଣ୍ଡିଛୋଡ ଗ୍ରାମର ଅଧିବାସୀମାନେ ନାଲ୍‌କୋ କମ୍ପାନୀ ଦ୍ୱାରା ବିସ୍ତାପିତ ପ୍ରଜାମାନେ ନିଜର ସାତଦଫା ଦାବି ନେଇ ଜିଲ୍ଲା କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ବିଧାୟକଙ୍କ ଦ୍ୱାରା କୌଣସି ନ୍ୟାୟ ନ ପାଇ ରାଜଧାନୀରେ ଧାରଣା ଦେବାକୁ ବାଧ୍ୟ ହୋଇଛନ୍ତି ବୋଲି ପ୍ରଜାସଂଘ ତରଫରୁ ପ୍ରକାଶ କରାଯାଇଛି । ପ୍ରଜାସଂଘର ସାତଦଫା ଦାବିଗୁଡ଼ିକ ହେଲା (୧) ନାଲ୍‌କୋ କମ୍ପାନୀ ଦ୍ୱାରା ବିସ୍ତାବିତ ପ୍ରଜାମାନଙ୍କର ପ୍ରତ୍ୟେକ ପରିବାରକୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଉ (୨) ବିସ୍ତାପିତ ପରିବାର ମଧ୍ୟରୁ ଯିଏ ଚାକିରି ନ କରିବ ତାକୁ ୫୦ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଉ (୩) ବିସ୍ଥାପିତ ପ୍ରଜାମାନଙ୍କୁ ଆର ଆଣ୍ଡ ଆର କଲୋନୀରେ ୧୫ ଡିସିମିଲ୍ ଲେଖାଏଁ ଘରବାରି ଜମି ଓ ୧୦୫୦ ବର୍ଗଫୁଟର ଘର ଯୋଗାଇ ଦିଆଯାଉ (୪) ନାଲ୍‌କୋ କମ୍ପାନୀ ଦ୍ୱାରା ସମସ୍ତ ଘରବାରି ଓ ଚାଷଜମି ଅଧିଗ୍ରହଣ ହୋଇଥିବାରୁ ସରକାରଙ୍କର ଜମିର ମୂଲ୍ୟର ବେଞ୍ଚମାର୍କ ଠାରୁ ୪ଗୁଣ ଅଧିକା କ୍ଷତିପୂରଣ ଦିଆଯାଉ । (୫) ନାଲ୍‌କୋ ଓ ରାଜ୍ୟ ସରକାରଙ୍କ ସହଯୋଗରେ ବିସ୍ଥାପିତ ପରିବାରର ସର୍ଭେ ଭୁଲ୍ ହୋଇଥିବାରୁ ସଠିକ୍ ସର୍ଭେ କରାଯାଇ ପିଡିଏଫ୍ ତାଲିକାରେ ଅନ୍ତର୍ଭୁକ୍ତ କରାଯାଉ (୬) ନାଲ୍‌କୋ କମ୍ପାନୀ ଦ୍ୱାରା ଡି.ଓ.ଇ. କୋଲ୍ ବ୍ଲକରେ କ୍ଷତି ହେଉଥିବା ଜଙ୍ଗଲର ପୁନରୁଦ୍ଧାର ପାଇଁ ବନୀକରଣ, ବିଦ୍ୟାଳୟ, ଚିକିତ୍ସାଳୟ ଓ ସ୍ମଶାନ ଆଦିର ବ୍ୟବସ୍ଥା କରାଯାଉ (୭) ନାଲ୍‌କୋ କମ୍ପାନୀ ଦ୍ୱାରା ବିସ୍ଥାପିତ ପରିବାରକୁ ଅସାମାଜିକ ଲୋକଙ୍କ ଦ୍ୱାରା ହେଉଥିବା ଆକ୍ରମଣ, ପୋଲିସ୍ ଦ୍ୱାରା କରାଯାଉଥିବା ମିଥ୍ୟା କେସ୍, ରାସ୍ତାଘାଟ ଓ ପାଣି ବନ୍ଦ କରିବା ଭଳି କୁକାର୍ଯ୍ୟରୁ ନିବୃତ୍ତ କରାଯାଉ । ଏଠାରେ



ଉଲ୍ଲେଖନୀୟଯେ ୨୦ବର୍ଷ ତଳେ ନାଲ୍‌କୋ କମ୍ପାନୀ ଗୋପୀବଲ୍ଲଭପୁର ଗ୍ରାମର ଜମିକୁ କୋଲ୍ ବ୍ଲକ କରିବା ପାଇଁ ଅଧିଗ୍ରହଣ କରିଥିଲା ଏବଂ ସେତେବେଳେ ଗ୍ରାମବାସୀମାନଙ୍କୁ ଉପଯୁକ୍ତ ଥଇଥାନ ପ୍ୟାକେଜ୍, ସମସ୍ତଙ୍କ ପରିବାରକୁ କର୍ମ ନିଯୁକ୍ତି ଏବଂ କ୍ଷତିପୂରଣ ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା ବେଳେ ଆଜି ପର୍ଯ୍ୟନ୍ତ ସେଥିରେ ଗୁରୁତ୍ୱର ଅବହେଳା କରିଆସୁଅଛି । ଗୋଟିଏବର୍ଷ ତଳେ ନାଲ୍‌କୋ କମ୍ପାନୀ ଏକ ପ୍ରାଇଭେଟ୍ କମ୍ପାନୀକୁ ସେହି ଯାଗାରେ କୋଇଲା ଖନନ କରିବା ପାଇଁ ସୁଯୋଗ ଦେଇଥିବାରୁ ବିସ୍ଥାପିତ ଗ୍ରାମବାସୀମାନେ ନିଜର ହକ୍ ପାଇଁ ଦାବି କରିବାରୁ ନାଲ୍‌କୋ କମ୍ପାନୀ ଅସାମାଜିକ ଲୋକଙ୍କୁ ଲଗାଇ ମାଡ ମାରି ଧମକ ଚମକ ଦେଉଛି, ସ୍ଥାନୀୟ ପ୍ରଶାସକ ଓ ରାଜନେତା ଓ ପୋଲିସ୍‌କୁ ଧରି କ୍ଷତିଗ୍ରସ୍ତ ଲୋକଙ୍କୁ ନାନା ନିର୍ଯ୍ୟାତନା ଦେଉଥିବାରୁ ନ୍ୟାୟ ପାଇବା ଆଶାରେ ବିସ୍ତାପିତ ଗ୍ରାମବାସୀମାନେ ରାଜଧାନୀରେ ଧାରଣା ଦେଇଛନ୍ତି ଏବଂ ସରକାର ଯଦି ନ୍ୟାୟ ପ୍ରଦାନ ନ କରିବେ ତେବେ ଆଉ ନିଜ ଗ୍ରାମକୁ ନ ଫେରି ଧାରଣା ସ୍ଥଳରେ ସମୂହ ଆତ୍ମାହୂତି ଦେବେ ବୋଲି ସଂଘର ଉପସଭାପତି ବଳରାମ ବେହେରା ଜଣାଇଛନ୍ତି । ଏହି ଆନ୍ଦୋଳନକୁ ଅନ୍ୟମାନଙ୍କ ମଧ୍ୟରେ ସଂଘର ସଭାପତି କୈଳାସ ଗଡ଼ ନାୟକ, ସାଧାରଣ ସମ୍ପାଦକ ବାସୁଦେବ ଗଡ଼ନାୟକ ଓ ବରିଷ୍ଠ ସଦସ୍ୟ ଅଙ୍ଗଦ ସାହୁ, ଟୁଟୁ ଗଡ଼ନାୟକ ପ୍ରମୁଖ ପରିଚାଳନା କରୁଛନ୍ତି ।

# ରାଜ୍ୟ ସରକାର ଓଡ଼ିଆ ଭାଷା ପାଇଁ ତାଙ୍କ ପ୍ରତିଶ୍ରୁତି ରକ୍ଷା କରନ୍ତୁ

**ଭୁବନେଶ୍ୱର,(ବ୍ୟୁରୋ):** ପୂର୍ବାହ୍ନ ୯ଟା ସମୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୦ତମ ତିରୋଧାନ ଦିବସ ଉପଲକ୍ଷେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ସାଧାରଣ ସଂପାଦକ ଡା. ରାଧାନାଥ ପ୍ରହରାଜଙ୍କ ପରିଚାଳନାରେ ସ୍ଥାନୀୟ ରାଜଭବନ ସମ୍ମୁଖସ୍ଥ ଉକ୍ତ ବିଶିଷ୍ଟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହାପରେ ଅପରାହ୍ନରେ ନୂଆଗାଁ ଠାରେ ସଭାପତି ଶ୍ରୀ ବସନ୍ତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମଧୁବାବୁଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା କରାଯାଇ ଏଥିରେ ଓଡ଼ିଶା ରାଜ୍ୟ ଗଠନର ପ୍ରମୁଖ କାଣ୍ଡାରି ଏବଂ ଓଡ଼ିଆ ଭାଷା ସପକ୍ଷରେ ଆଜୀବନ ସଂଗ୍ରାମ କରିଥିବା ଏହି ସୁପୁତ୍ରଙ୍କୁ ଓଡ଼ିଶା ଯାବତ୍ ଚନ୍ଦ୍ରାର୍କେ ସ୍ମରଣ କରୁଥିବ ବୋଲି ମତ ପ୍ରକାଶ ପାଇଥିଲା । ସଂପ୍ରତି ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଉଥିବା ଅତ୍ୟନ୍ତ ବ୍ୟୟବହୁଳ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ବିଷୟ ଆଲୋଚନାକୁ ଆସି ସରକାର ଏହି ସମ୍ମିଳନୀ କରିବା ପୂର୍ବରୁ ପୁରୀ ଠାରେ ତା.୨୬.୧୨.୨୦୧୭ ରିଖରେ ହୋଇଥିବା ରାଜ୍ୟ ଐତିହ୍ୟ ମନ୍ତ୍ରୀମଣ୍ଡଳ ନିଷ୍ପତ୍ତି ଅନୁଯାୟୀ ତା.୦୧.୦୪.୨୦୧୮ ରିଖ ଠାରୁ ସମସ୍ତ ସରକାରୀ ନଥିରେ ବାଧ୍ୟତାମୂଳକ ଓଡ଼ିଆ



ଭାଷାର ପ୍ରଚଳନ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ ସୁନ୍ଦର ହୋଇ ଥାଆନ୍ତା ବୋଲି ମତପ୍ରକାଶ ପାଇଥିଲା । ଭାରତବର୍ଷରେ ଆମ ରାଜ୍ୟ ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବରେ ଆମ୍ଭେମାନେ ଗର୍ବ କରୁଥିବାବେଳେ ଦେଶର ଅନ୍ୟ ସମସ୍ତ ରାଜ୍ୟ ବ୍ୟତୀତ କେବଳ ଆମ ରାଜ୍ୟର ସରକାରୀ କାର୍ଯ୍ୟାଳୟ ତଥା ମାନ୍ୟବର ନ୍ୟାୟାଳୟମାନଙ୍କରେ ଆମ ଭାଷା ନ ଚାଲିବା ଅତ୍ୟନ୍ତ ଦୁଃଖ ଏବଂ ଲଜ୍ଜାଜନକ ସ୍ଥିତି ସୃଷ୍ଟି କରୁଅଛି ବୋଲି ବକ୍ତାମାନେ ବକ୍ତବ୍ୟ ରଖିଥିଲେ । ତେବେ ଆଜି ମଧୁବାବୁଙ୍କ ଶ୍ରାଦ୍ଧ ଦିବସରେ ତାଙ୍କୁ ଉପଯୁକ୍ତ ସମ୍ମାନ ଦେବାକୁ ଯାଇ ରାଜ୍ୟ ସରକାର ତାଙ୍କର ପୂର୍ବ ପ୍ରତିଶ୍ରୁତି ରକ୍ଷା ପୂର୍ବକ ଆସନ୍ତା ୨୦୨୪ ମାର୍ଚ୍ଚ ପହିଲା ଠାରୁ ସମସ୍ତ ସରକାରୀ ନଥିରେ ବାଧ୍ୟତାମୂଳକ ଭାବରେ ଓଡ଼ିଆ ଲେଖାଯିବା ଏବଂ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ନାମଫଳକଗୁଡିକରେ ସର୍ବାଗ୍ରେ ଦୃଶ୍ୟମାନ ତଥା ସମ୍ମାନଜନକ ଭାବରେ ଓଡ଼ିଆରେ ଲେଖାଯିବା ନେଇ ପୁନର୍ବାର ଘୋଷଣା କଲେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଲକ୍ଷ୍ୟ ପୂରଣ ଦିଗରେ ଓଡ଼ିଶାବାସୀ ଆଶାବାଦୀ ହୋଇ ପାରନ୍ତେ ବୋଲି ସଭାରେ ସର୍ବସମ୍ମତକ୍ରମେ ସିଦ୍ଧାନ୍ତ ଗୃହୀତ ହୋଇଥିଲା । ଆଜିର ଉପରୋକ୍ତ କାର୍ଯ୍ୟକ୍ରମ ଦ୍ୱୟରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡା. କାଶୀନାଥ ରଥ, ଡା. ବାନାମ୍ବର ପରିଡା, ସମାଜସେବୀ ପ୍ରଭାକର ପଣ୍ଡା, ତ୍ରିନାଥ ସାମନ୍ତରାୟ, ଇଂ ଜିତେନ୍ଦ୍ର କୁମାର ପାଢ଼ୀ, ପଠାଣୀ ଜେନା, ଯୁଗଳ କିଶୋର ନାୟକ, ଇଂ. ନିଖିଳ ପ୍ରସାଦ ଦାଶ, ପ୍ରକାଶ ବେହେରା, କେଶବ ପାଇଲ ଏବଂ ରାକେଶ କଅଁର ପ୍ରମୁଖ ଉପସ୍ଥିତ ଥିବାବେଳେ ଶ୍ରୀ ଭରତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ହାଇଡ୍ରୋଜେନ ଚାଳିତ ଇଲେକ୍ଟ୍ରିକ ଦୁଇଚକିଆ ଓ ହାଇସ୍ପିଡ ଇଲେକ୍ଟ୍ରିକ ସ୍କୁଟର ପ୍ରଦର୍ଶିତ

**ଭୁବନେଶ୍ୱର,(ବ୍ୟୁରୋ):** ଭାରତରେ ଗମନାଗମନକୁ ସୁଦୃଢ଼ କରିବା ଲାଗି ପ୍ରତିବଦ୍ଧତା ସହିତ ୱାର୍ଡଓ୍ୱିଜାର୍ଡ ଇନୋଭେସନ୍ସ ଆଣ୍ଡ ମୋବିଲିଟି ଲିମିଟେଡ ପକ୍ଷରୁ ଭାରତ ମୋବିଲିଟି ଗ୍ଲୋବାଲ ଏକ୍ସପୋ ୨୦୨୪ରେ ପ୍ରଥମ ହାଇଡ୍ରୋଜେନ ଚାଳିତ ଇଲେକ୍ଟ୍ରିକ ଦୁଇଚକିଆ ଯାନର ପରିକଳ୍ପନାତ୍ମକ ମଡେଲକୁ ଉନ୍ମୋଚନ କରାଯାଇଛି । ଉନ୍ନତ ପ୍ରଯୁକ୍ତି ଓ ନବସୃଜନ ସହିତ ନିଜର ଇଭି ଉତ୍ପାଦ ବର୍ଗମାଳାର ଲକ୍ଷ୍ୟକୁ ଉପସ୍ଥାପନ କରି କମ୍ପାନି ପକ୍ଷରୁ ହାଇ ସ୍ପିଡ ଇଲେକ୍ଟ୍ରିକ ସ୍କୁଟରର ପରିକଳ୍ପନାତ୍ମକ ମଡେଲକୁ ପ୍ରଦର୍ଶିତ କରାଯାଇଛି । ନୂଆ ପରିକଳ୍ପନାତ୍ମକ ମଡେଲ୍ ବ୍ୟତୀତ କମ୍ପାନି ପକ୍ଷରୁ ଏହାର ବର୍ତ୍ତମାନର ହାଇ ଓ ଲୋ ସ୍ପିଡ୍ ମଡେଲ୍ ଏବଂ ଜୟ ଇ-ରିକ୍ ନାମରେ ନୂତନ ଭାବେ ଉପସ୍ଥାପିତ ହୋଇଥିବା ଇଲେକ୍ଟ୍ରିକ୍ ଦୁଇଚକିଆ ଯାନକୁ ମଧ୍ୟ ପ୍ରଦର୍ଶିତ କରାଯାଇଛି । ଏହି ଅବସରରେ ୱାର୍ଡଓ୍ୱିଜାର୍ଡ ଇନୋଭେସନ୍ସ ଆଣ୍ଡ ମୋବିଲିଟି ଲିମିଟେଡର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଯତିନ ଗୁପ୍ତେ କହିଛନ୍ତି ଯେ, "ଭାରତ ମୋବିଲିଟି ଗ୍ଲୋବାଲଏକ୍ସପୋ ଭଳି ଅଭିଯାନ ପାଇଁ ଆମେ ଭାରତ ସରକାରଙ୍କୁ କୃତଜ୍ଞତା ଜଣାଉଛି । ଭାରତର ସ୍ଥାୟୀ ଗମନାଗମନ ଦୃଶ୍ୟପଟ୍ଟକୁ ନୂଆ ରୂପ ଦେବା ଏବଂ ଭବିଷ୍ୟତ ଅଟୋମୋଟିଭ ମୂଲ୍ୟ ଶୃଙ୍ଖଳାକୁ ମିଳିତ ଭାବେ




ସୃଷ୍ଟି କରିବାରେ ସରକାରଙ୍କ ଅଗ୍ରଦୂତ ଭୂମିକା ଉପରେ ଏହା ଆଲୋକପାତ କରୁଛି । ଜୟ ଇ-ବାଇକ୍‌ରେ ଆମେ ସୁରକ୍ଷିତ ଓ ସୁବିଧାଜନକ ଇଲେକ୍ଟ୍ରିକ ଗମନାଗମନ ସମାଧାନ ପ୍ରଦାନ କରିବା ଏବଂ ସମସ୍ତଙ୍କ ପାଖରେ ଇଭି ପହଂଚାଇବାକୁ ପ୍ରତିବଦ୍ଧ ରହିଛୁ । ଇଭି ଏବେ ଏକ ବିକଳ୍ପରୁ ଆବଶ୍ୟକତାରେ ପରିଣତ ହୋଇଛି । ନବସୃଜନକୁ ମୁଳଦୁଆ ଭାବେ ଗ୍ରହଣ କରି ଆମେ ଏହି ପରିକଳ୍ପନାତ୍ମକ ଇଭି ଜରିଆରେ ଭବିଷ୍ୟତ ପାଇଁ ଆମ ପ୍ରସ୍ତୁତ କରୁଛୁ । ହାଇଡ୍ରୋଜେନ ଭିତିକ ଫୁଏଲ ସେଲ ପ୍ରଯୁକ୍ତି ଶିଳ୍ପରେ ବିପ୍ଳବ ଆଣିବାକୁ ଯାଉଛି । ଏହି ଅତ୍ୟାଧୁନିକ ପ୍ରଯୁକ୍ତିକୁ ଉପସ୍ଥାପନ କରି ଆମେ ଅତ୍ୟନ୍ତ ଗର୍ବିତ ମନେ କରୁଛୁ ଯାହା ଆମର ଆରଆଣ୍ଡଡି ଦକ୍ଷତା ଏବଂ ଏକ ନିରନ୍ତର ଭବିଷ୍ୟତ ପ୍ରତି ଆମ ସମର୍ପଣକୁ ପ୍ରଦର୍ଶିତ କରୁଛି ।'' ଏହି ଏକ୍ସପୋରେ ୱାର୍ଡଓ୍ୱିଜାର୍ଡ ପକ୍ଷରୁ ହାଇଡ୍ରୋଜେନ ଫୁଏଲ ସେଲ ଓ ଇଲେକ୍ଟ୍ରୋଲାଇଜର ପ୍ରଯୁକ୍ତିକୁ ପ୍ରଦର୍ଶିତ କରାଯାଇଛି । ହାଇଡ୍ରୋଜେନଭିତିକ ଫୁଏଲ ସେଲର ଶକ୍ତି ଥିବା ସ୍କୁଟରକୁ ମଧ୍ୟ ଉପସ୍ଥାପନ କରାଯାଇଛି । ଗାଜା ସେଲ୍ ଓ ପରବର୍ତୀ ପିଢ଼ିର ଲାଇ-ଆୟନ ସେଲ୍ ପ୍ରଯୁକ୍ତି ପାଇଁ କମ୍ପାନି ଏଆଣ୍ଡଏସ ପାୱାର ସହ ସହଯୋଗିତା କରିଛି ।

# ଇଂଜିନିୟରିଂ ବିଭାଗର ୱାର୍କଚାର୍ଜଡ୍/ ନିୟମିତ କର୍ମଚାରୀଙ୍କ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ

**ଭୁବନେଶ୍ୱର,(ବ୍ୟୁରୋ):** ଫେବୃୟାରୀ ୭ରେ ବିଧାନସଭା ସମ୍ମୁଖରେ ଇଂଜିନିୟରିଂ ବିଭାଗର ୱାର୍କଚାର୍ଜଡ୍ / ନିୟମିତ କର୍ମଚାରୀ ଏବଂ ବିନା ପେନ୍‌ସନ୍‌ରେ ଅବସର ଗ୍ରହଣ କରିଥିବା କର୍ମଚାରୀମାନେ ପେନ୍‌ସନ୍ ଦାବି ନେଇ ମାଷ୍ଟରକ୍ୟାଂଟିନ୍ ଛକରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଓଡ଼ିଶା ଇଂଜିନିୟରିଂ ୱାର୍କଚାର୍ଜଡ୍/ ରେଗୁଲାର କର୍ମଚାରୀ ମିଳିତମଞ୍ଚ ନିଷ୍ପତି ନେଇଛି । ଆଜି ୟୁନିଟ୍-୫, ଭୁବନେଶ୍ୱରସ୍ଥିତ କର୍ମଚାରୀ ଭବନରେ ପୂର୍ତ୍ତ, ଜଳସମ୍ପଦ, ଗ୍ରାମ୍ୟ ନିର୍ମାଣ, ଗୃହ ଓ ନଗର ଉନ୍ନୟନ ଏବଂ ପଂଚାୟତିରାଜ ବିଭାଗ ଅଧିନରେ ୧୯୮୧ ମସିହାରୁ କାର୍ଯ୍ୟ କରିଆସିଥିବା ଏନ୍.ଏମ୍.ଆର / ଡି.ଏଲ୍.ଆର ରୁ ରୂପାନ୍ତରିତ ୱାର୍କଚାର୍ଜଡ୍ କର୍ମଚାରୀ, ୱାର୍କଚାର୍ଜଡ୍‌ରୁ ରୂପାନ୍ତରିତ ରେଗୁଲାର କର୍ମଚାରୀଙ୍କୁ ପେନ୍‌ସନ୍ ପ୍ରଦାନ ପାଇଁ ମିଳିତମଞ୍ଚ ଦାବି କରିଛି । ମିଳିତମଞ୍ଚର ମୁଖ୍ୟ ସଂଯୋଜକ ଗଗନ ଭଞ୍ଜ, ଆବାହକ ସର୍ବଶ୍ରୀ କୃଷ୍ଣଚନ୍ଦ୍ର ନାୟକ, ପ୍ରସନ୍ନ ପ୍ରଧାନ, ଯଦୁମଣି ପ୍ରଧାନ, ଅଶୋକ ମୁଦୁଲି, ଆଶିଷ ନନ୍ଦ, ଅରୁଣ ପରିଡ଼ା ପ୍ରମୁଖ ଏକ ସ୍ୱରରେ କହିଛନ୍ତି ଯେ, ଇଂଜିନିୟରିଂ ବିଭାଗ ଗୁଡ଼ିକରେ ୧୯୮୧ ମସିହାଠାରୁ ଆଜି ପର୍ଯ୍ୟନ୍ତ ୩୦ରୁ ୪୦ ବର୍ଷ ଧରି ସେବା ଦେଇ ଆସିଥିବା ଉପରୋକ୍ତ ବର୍ଗର କର୍ମଚାରୀମାନଙ୍କୁ ବିନା ପେନ୍‌ସନ୍‌ରେ ଚାକିରିରୁ ଅବସର ଦେବା ଅତ୍ୟନ୍ତ ଦୁଃଖଦାୟକ ଓ ୬୦ ବର୍ଷ ପରେ ପରିଣତ ବୟସରେ ଏହି କର୍ମଚାରୀମାନେ ବଂଚିବେ କିପରି ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ସତୁରାଂ ତା ୧୨.୦୪.୧୯୯୩ରିଖ ପୂର୍ବରୁ କାର୍ଯ୍ୟରତ ଏନ୍.ଏମ୍.ଆର / ଡି.ଏଲ୍.ଆର. / ଜବ୍ କଂଟ୍ରାକ୍ଟ କର୍ମଚାରୀମାନଙ୍କୁ ନିୟମିତ ନିଯୁକ୍ତି ଦେବାପାଇଁ ଅର୍ଥ ବିଭାଗ ତା ୧୫.୦୫.୧୯୯୭ ରିଖରେ ଏକ ସଂକଳ୍ପ ପତ୍ର ପ୍ରକାଶ କରିଥିଲା । ୧୯୯୭ ରୁ ୨୦୦୮ ମସିହା ଭିତରେ ଏହି ବର୍ଗର କର୍ମଚାରୀମାନଙ୍କୁ ନିୟମିତ ନିଯୁକ୍ତି ନ ମିଳିବା ଫଳରେ ଏମାନେ ଆଜି ପେନ୍‌ସନଭୁକ୍ତ କର୍ମଚାରୀ ଭାବେ ପରିଗଣିତ ହୋଇପାରି ନାହାଁନ୍ତି । ସ୍ମରଣଯୋଗ୍ୟ ଯେ, ଗୋଟିଏ ରିଜୁଲେସନ୍‌ରେ ସମ୍ପୃକ୍ତ ଥିବା ଏହି ବର୍ଗର କର୍ମଚାରୀମାନଙ୍କ ମଧ୍ୟରୁ କେବଳ ଜେ.ସି. କର୍ମଚାରୀଙ୍କୁ ସରକାର ପେନ୍‌ସନ୍ ପ୍ରଦାନ କରିଥିବା ବେଳେ ଅନ୍ୟମାନଙ୍କୁ ଅବହେଳା କରାଯିବା ନେଇ ମିଳିତମଞ୍ଚ ସମାଲୋଚନା କରିଛି । ଉଲ୍ଲେଖ ଯୋଗ୍ୟ ଯେ, ଅର୍ଥ ବିଭାଗ ୧୪.୦୯.୧୯୮୧ ମସିହାରେ ଏନ୍‌ଏମ୍‌ଆର ଓ ତା ୧୨.୪.୧୯୯୩ ରିଖରେ ଡିଏଲ୍‌ଆର ନିଯୁକ୍ତିରେ କଟକଣା ଜାରି କରିଥିଲା । ସୁତରାଂ ଏହି କର୍ମଚାରୀମାନଙ୍କୁ ନିୟମିତ କରିବା ପାଇଁ ଅର୍ଥ ବିଭାଗ ୧୯୯୭ ମସିହାରେ ଯେଉଁ ସଂକଳ୍ପପତ୍ର ପ୍ରକାଶ କରିଥିଲା ଇଂଜିୟରିଂ ବିଭାଗର କର୍ତ୍ତୃପକ୍ଷମାନେ ଯଦି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଥାନ୍ତେ ତେବେ ଉପରୋକ୍ତ ବର୍ଗର କର୍ମଚାରୀ ଆଜି ପେନ୍‌ସନ୍ ପାଇବା ପାଇଁ ଦାବି କରି ନ ଥାନ୍ତେ । ସରକାରଙ୍କୁ ୩୦ ରୁ ୪୦ ବର୍ଷ କାଳ ଏହି କର୍ମଚାରୀମାନେ ସେବା ଦେଇ ଆସିଥିବାରୁ ମାନ୍ୟବର କୋର୍ଟ ବହୁ ମକଦ୍ଦମାକୁ ବିଚାର କରି ଉପରୋକ୍ତ ବର୍ଗର କର୍ମଚାରୀଙ୍କୁ ପେନ୍‌ସନ୍ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛି । ତେବେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା / ଅଧ୍ୟକ୍ଷ, '୫-ଟି' ଏବଂ 'ନବୀନ ଓଡ଼ିଶା' / ମୁଖ୍ୟ ଶାସନ ସଚିବ, ଓଡ଼ିଶା / ଅର୍ଥ ସଚିବ / ଇଂଜିନିୟରିଂ ବିଭାଗ ଗୁଡ଼ିକର ସଚିବଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତି ନେଇ ଏହି କର୍ମଚାରୀଙ୍କ କ୍ଷେତ୍ରରେ ପୁରୁଣା ପେନ୍‌ସନ୍ ନିୟମ ୧୯୯୨ ପେନ୍‌ସନ୍ ପ୍ରଦାନ ନିମନ୍ତେ ବିଜ୍ଞପ୍ତି ଜାରି କରିବା ପାଇଁ ମିଳିତମଞ୍ଚ ଦାବି କରିଛି । ତା ୧୨.୦୪.୧୯୯୩ରିଖ ପରେ ନିଯୁକ୍ତି ଥିବା ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବା ନିମନ୍ତେ ମିଳିତମଞ୍ଚ ଦାବି କରିଛି । ସରକାର ନିର୍ବାଚନକୁ ଯିବା ପୂର୍ବରୁ ଏହି ବର୍ଗର କର୍ମଚାରୀଙ୍କୁ ପେନ୍‌ସନ୍ ଲାଗୁ କରିବା ପାଇଁ ଆଦେଶ ଜାରି କରନ୍ତୁ ବୋଲି ଇଂଜିନିରିଂ ବିଭାଗର ପ୍ରମୁଖ କର୍ମଚାରୀ ନେତା ସର୍ବଶ୍ରୀ ମନୋଜ ମହାନ୍ତି, ପ୍ରଶାନ୍ତ ମହାନ୍ତି, ଅଜିତ୍ ଦାସ, ଅଶୋକ ଚୌଧୁରୀ, ନିରଞ୍ଜନ ବାହିନୀପତି, ଚିତ୍ତରଂଜନ ମହାରଣା, ଗିରିଶ ନନ୍ଦ, କଲ୍ୟାଣ ମହାରଣା, ନିରଞ୍ଜନ ବାହିନୀପତି ପ୍ରମୁଖ ଦାବି କରିଛନ୍ତି ।

## ୩୬ଜଣ କଏଦୀ ଏଚଆଇଭି ସଂକ୍ରମିତ



ଲକ୍ଷ୍ନୌ: ଉତ୍ତରପ୍ରଦେଶ ଲକ୍ଷ୍ନୌ ଜିଲ୍ଲାରୁ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଲକ୍ଷ୍ନୌ ଜିଲ୍ଲା ଜେଲରୁ ୩୬ଜଣ କଏଦୀ ଏଚଆଇଭି ସଂକ୍ରମିତ ଥିବା ଜଣାପଡ଼ିଛି। ଲକ୍ଷ୍ନୌ ଜିଲ୍ଲା ଜେଲର ଅଧକ୍ଷକ ଆଶିଷ ତିୱାରୀଙ୍କ ସୂତ୍ରରୁ ପ୍ରକାଶ, ଜେଲକୁ ଯେଉଁ କଏଦୀମାନେ ନୂଆ ଆସିଥାଆନ୍ତି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥାଏ। ଏହି ପରୀକ୍ଷା ମଧ୍ୟରେ ଏଚଆଇଭି ପରୀକ୍ଷା ବି କରାଯାଇଥାଏ। ଯାହାର ଟେଷ୍ଟିଂ କିଟ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଉପଲବ୍ଧ କରାଯାଇଥାଏ। କିନ୍ତୁ ୨୦୨୩ ଅଗଷ୍ଟ ପରେ ଟେଷ୍ଟିଂ କିଟ ଶେଷ ହୋଇଯାଇଥିଲା। ଯେଉଁ କାରଣରୁ ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବରରେ ଜେଲକୁ ଆସିଥିବା ନୂଆ କଏଦୀଙ୍କ ଏଚଆଇଭି ପରୀକ୍ଷା ହୋଇ ପାରି ନଥିଲା। ଏହାପରେ ଡିସେମ୍ବର ମାସରେ ବଡ଼ କ୍ୟାମ୍ପର ଆୟୋଜନ କରାଯାଇ କଏଦୀଙ୍କ ଏଚଆଇଭି ପରୀକ୍ଷା କରାଯାଇଥିଲା। ଏଥିରେ ଲକ୍ଷ୍ନୌ ଜେଲର ୩୬ଜଣ କଏଦୀ ଏଚଆଇଭି ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଏଚଆଇଭି ସଂକ୍ରମିତ ଚିହ୍ନଟ କଏଦୀଙ୍କ ମଧ୍ୟରୁ ଅଧିକାଂଶ କଏଦୀ ନିଶା ଓ ସିରିଞ୍ଜ ମାଧ୍ୟମରେ ନିଶା କରୁଥିବା ଜଣାପଡ଼ିଛି। ଏହି ୩୬ଜଣ କଏଦୀ ଗତ ୩ମାସ ମଧ୍ୟରେ ଜେଲକୁ ଆସିଥିଲେ। ପଜିଟିଭ ଚିହ୍ନଟ ହୋଇଥିବା ସମସ୍ତ କଏଦୀଙ୍କ ତୁରନ୍ତ ଚିକିତ୍ସା କରାଯାଇ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରଖାଯାଇଛି। ଏ ସମସ୍ତ କଏଦୀ କିଭଳି ଏଚ୍ଆଇଭିରେ ସଂକ୍ରମିତ ହେଲେ ସେ ନେଇ ଯାଞ୍ଚ ଚାଲିଛି।

### ହୁତୁ ହୁତୁ ହୋଇ ଜଳୁଛି ସେଣ୍ଟ୍ରାଲ୍ ଚିଲୀ

## ପ୍ରାଣ ହରାଇଲେଣି ୯୯, ୧୪ଶହ ଘର ପୋଡ଼ି ପାଉଁଶ

ନୂଆଦିଲ୍ଲୀ : ଅଗ୍ନିର ଆଁ ଭିତରେ ସେଣ୍ଟ୍ରାଲ୍ ଚିଲୀ। ଜଙ୍ଗଲରୁ ଜନବସତି ହୁ ହୁ ହୋଇଛି। ନିଆଁକୁ ଆୟତ୍ତ କରିବା ପ୍ରଶାସନ ପାଇଁ ମୁସ୍କିଲ୍ ହୋଇଛି। ଅଗ୍ନିକାଣ୍ଡ ଏବେ ଭୟଙ୍କର ରୂପ ଧାରଣ କରିଛି ଯେ, ୯୩ରୁ ଅଧିକ ଜଙ୍ଗଲ ଏବଂ ଏହାର ଆଖପାଖ ଅଞ୍ଚଳକୁ ବ୍ୟାପୀ ଯାଇଛି । ଧୀରେ ଧୀରେ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି । ସରକାରୀ ରିପୋର୍ଟ ଅନୁଯାୟୀ ଏପର୍ଯ୍ୟନ୍ତ ୯୯ ଜଣ ଅଗ୍ନି ସମାଧି ନେଇ ସାରିଲେଣି । ସେହିପରି ଶତାଧିକ ନିଖୋଜ ଥିବା କୁହାଯାଉଛି । ୧୪ଶହରୁ ଅଧିକ ଘର ପୋଡ଼ି ପାଉଁଶ ହୋଇଛି । ଜୀବନଜନ୍ତୁ ଜଙ୍ଗଲ ନିଆଁରେ ଭସ୍ମୀଭୂତ ହେଉଛନ୍ତି । ସ୍ଥାନୀୟ ଅଞ୍ଚଳରେ



କୋକୁଆ ଭୟ ସୃଷ୍ଟି ହୋଇଛି । ଅଗ୍ନିଶମ ବାହୀନି ନିଆଁ ଆୟତ୍ତ କରିବାରେ ଲାଗିପଡ଼ିଛନ୍ତି । ସେହିପରି ରେସକ୍ୟୁ ଟିମ୍ ଲୋକଙ୍କୁ ଉଦ୍ଧାର କରିବାରେ ଲାଗି ପଡିଛନ୍ତି । ଜଙ୍ଗଲରେ ନିଆଁକୁ ନେଇ ଚିଲୀ ରାଷ୍ଟ୍ରପତି ଦୁଃଖ ପ୍ରକାଶ କରିଛନ୍ତି । ରବିବାର ଚିଲୀ ପ୍ରଶାସନ ପକ୍ଷରୁ ଦେଶବାସୀଙ୍କୁ ସମ୍ବୋଧିତ କରାଯାଇଛି । ନିଆଁର ଆଁ ଭିତରେ ଆସିଥିବା ସ୍ଥାନ ଗୁଡ଼ିକରେ କର୍ଫ୍ୟୁ ଜାରି କରାଯାଇଛି । ନିଆଁ ଆୟତ୍ତ କରିବାକୁ ସେନା ମୁତୟନ କରାଯାଇଛି । ନିଆଁ ଲିଭାଇବା କାର୍ଯ୍ୟରେ ହେଲିକପ୍ଟର ନିୟୋଜିତ ହୋଇଥି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ଅଗ୍ନିକାଣ୍ଡରେ ଅଧିକାଂଶ ଲୋକ ନିଖୋଜ ଥିବାରୁ ମୃତ୍ୟୁ ସଂଖ୍ୟା ବଢ଼ିପାରେ ବୋଲି କୁହାଯାଉଛି । ସେପଟେ ଆହତଙ୍କ ଚିକିତ୍ସା ପାଇଁ ଡାକ୍ତରୀ ଟିମ୍ ନିୟୋଜିତ ହୋଇଛନ୍ତି । ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ୯୯ଲୋକଙ୍କୁ ମଧ୍ୟରୁ ୩୨ଜଣ ଚିହ୍ନଟ କରାଯାଇଛି ।

## କର୍ମୀଙ୍କୁ କୁକୁର କହିବା ନେଇ ଖଡ଼ଗେଙ୍କୁ ଟାର୍ଗେଟ କଲେ କଂଗ୍ରେସ ନେତା

ନୂଆଦିଲ୍ଲୀ: କଂଗ୍ରେସର 'ନ୍ୟାୟ ସଂକଳ୍ପ ରାଲି'ରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କର୍ମୀଙ୍କୁ କୁକୁର ଭଳି ଭୁକିବା ବୟାନକୁ ନେଇ ବିଜେପି ପରେ ଏବେ କଂଗ୍ରେସ ନେତା ଘେରିଛନ୍ତି । କଂଗ୍ରେସ ନେତା ଆଚାର୍ଯ୍ୟ ପ୍ରମୋଦ କୃଷ୍ଣମ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଦଳର କର୍ମୀଙ୍କୁ 'କୁକୁର' ସହିତ ତୁଳନାକୁ ନେଇ ତୀବ୍ର ପ୍ରତିକ୍ରିୟା ଦେଇଛନ୍ତି। ସେ ମଲ୍ଲିକାର୍ଜୁନ ଖଡ଼ଗେଙ୍କ କୁକୁର ବିବୃତ୍ତିକୁ ସମାଲୋଚନା କରିଛନ୍ତି । ପ୍ରମୋଦ କୃଷ୍ଣମ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ଭିଡିଓ ସେୟାର କରି ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଟାର୍ଗେଟ କରିଥିଲେ। ସେ ଲେଖିଛନ୍ତି – 'ଜଣେ କର୍ମୀ' କୁକୁର 'ନୁହେଁ, ସେ ପରିଶ୍ରମୀ ଏବଂ କର୍ମବୀର । ଅଧକ୍ଷ ଆପଣଙ୍କୁ ଏହି କଥା ବାଧିପାରେ, କିନ୍ତୁ ଏହା ହିଁ ସତ୍ୟ।' ପ୍ରକୃତରେ କଂଗ୍ରେସ ନେତା ଆଚାର୍ଯ୍ୟ ପ୍ରମୋଦ କୃଷ୍ଣମ କିଛିଦିନ ହେଲା କଂଗ୍ରେସର ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଉଛନ୍ତି। ଏହାପୂର୍ବରୁ ସେ ରାମ ମନ୍ଦିର ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମକୁ ନେଇ କଂଗ୍ରେସ ଦଳର ନିଷ୍ପତ୍ତିକୁ ସମାଲୋଚନା କରିଥିଲେ। ଉଲ୍ଲେଖ ଥାଉ କି କିଛିଦିନ ତଳେ ଦିଲ୍ଲୀର ରାମଲିଲା ମୈଦାନରେ ଆୟୋଜିତ କଂଗ୍ରେସର 'ନ୍ୟାୟ ସଂକଳ୍ପ ରାଲି'ରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ବୁଥ ଏଜେଣ୍ଟକୁ କୁକୁର ସହିତ ତୁଳନା କରିଥିଲେ । କଂଗ୍ରେସ ଅଧକ୍ଷ କହିଥିଲେ ଯେ ଯେତେବେଳେ ଆପଣ କୁକୁର କିମ୍ବା ପଶୁ



କିଣିବାକୁ ବଜାରକୁ ଯାଆନ୍ତି, ସେତେବେଳେ ଆପଣ ଏହା ବିଷୟରେ ପଚାରନ୍ତି ଏବଂ ଅନୁସନ୍ଧାନ କରନ୍ତି। ପଶୁ କିଣିବା ପୂର୍ବରୁ, ତୁମେ ଏହାର କାନ ଧରି ଟାଣିଲେ, ଯଦି ଏହା ଭୁକିଥାଏ, ତେବେ ଆମେ ଏହାକୁ କିଣିଥାଉ । ସେହିଭଳି ବୁଥ୍ ସ୍ତରରେ ଏପରି ଲୋକଙ୍କୁ ନିୟୋଜିତ କର, ଯିଏ ଭୁକିବ, ତୁମ ପାଇଁ ରହିବ ଏବଂ ଯୁଦ୍ଧ କରିବ । "ଏହାକୁ ନେଇ ବିଜେପି ନେତା ଅମିତ ମାଲବୀୟ କହିଥିଲେ ଯେ ଯେଉଁ ଦଳର ଅଧକ୍ଷ ତାଙ୍କ ସଂଗଠନର ସବୁଠାରୁ ଶକ୍ତିଶାଳୀ ତଥା ଗୁରୁତ୍ୱପୂର୍ଣ୍ଣ ବୁଥ ଏଜେଣ୍ଟକୁ କୁକୁରରେ ପରିଣତ କରିବାକୁ ଚାହୁଁଛନ୍ତି, ତା'ହେଲେ ସେହି ଦଳର ଦୁର୍ଭାଗ୍ୟ ନିଶ୍ଚିତ'।

## କୋଇଲା ଶ୍ରମିକଙ୍କ ଗାଡ଼ି ଟାଣିଲେ ରାହୁଲ

ରାଞ୍ଚି : କୋଇଲା ଶ୍ରମିକଙ୍କ ଭାର ବାଣ୍ଟିବାକୁ ଏକ ପ୍ରୟାସରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର ଝାଡଖଣ୍ଡର ରାମଗଡ ଜିଲାରେ ୨୦୦ କିଲୋଗ୍ରାମ କୋଇଲା ବୋଝେଇ ଯୁବ ଶ୍ରମିକଙ୍କ ସାଇକେଲକୁ ଟାଣିଛନ୍ତି। ଭାରତ ଯୋଡୋ ନ୍ୟାୟ ଯାତ୍ରାରେ ସେ ରାଜ୍ୟରେ ଅଛନ୍ତି। ରାଞ୍ଚି ଯିବାବେଳେ ସେ ରାସ୍ତାରେ ୨୦୦ରୁ ୨୫୦ କିଲୋଗ୍ରାମ କୋଇଲା ନେଇ ଯାଉଥିବା ଶ୍ରମିକମାନଙ୍କୁ ଦେଖିଥିଲେ। ସେ ତାଙ୍କ ଗାଡି ଟାଣିଥିଲେ। ଏବେ ସୋସିଆଲ ମିଡ଼ିଆରେ ଏହାର ଫଟୋ ଶେୟାର କରାଯାଇଛି। କୋଇଲା ବୋହୁଥିବା ଶ୍ରମିକମାନେ କହିଛନ୍ତି ପ୍ରତିଦିନ ପ୍ରାୟ ୩୦-୪୦ କିଲୋମିଟର ଚାଲିବାକୁ ପଡିଥାଏ। କଠିନ ପରିଶ୍ରମ ଦୃଷ୍ଟିରୁ ଏହି କାମରୁ ଆୟ ବହୁତ କମ । ଭାରତ ନିର୍ମାଣରେ ନିୟୋଜିତ ଏହି ଶ୍ରମିକମାନଙ୍କୁ ସେମାନଙ୍କର ପରିଶ୍ରମ ସହିତ ସମାନ ଦରମା ଦିଆଯିବା ଉଚିତ, ସେମାନଙ୍କୁ ନ୍ୟାୟ ମିଳିବା ଉଚିତ, ଏହା ହେଉଛି ଯାତ୍ରାର ଉଦ୍ଦେଶ୍ୟ। ଏହି ପୋଷ୍ଟର ଉଦ୍ଦେଶ୍ୟ।

## ରାଲି, ନିର୍ବାଚନୀ ପ୍ରଚାରରେ ବ୍ୟବହାର ହେବେନି ଛୋଟ ପିଲା




ନୂଆଦିଲ୍ଲୀ: ଆଗକୁ ୨୦୨୪ ଲୋକସଭା ନିର୍ବାଚନ । ଏଥିପାଇଁ ଏବେଠୁ ଅଧିକାଂଶ ରାଜନୈତିକ ଦଳମାନେ ପ୍ରସ୍ତୁତି ଆରମ୍ଭ କରିଦେଲେଣି । ଏହିକ୍ରମରେ ନିର୍ବାଚନ ଆୟୋଗ ମଧ୍ୟ ପଛରେ ପଡିନାହାଁନ୍ତି । ନିର୍ବାଚନକୁ ଆଖି ଆଗରେ ରଖି ଏବେଠୁ ପ୍ରସ୍ତୁତି ଆରମ୍ଭ କରିଦେଲେଣି ଭାରତୀୟ ନିର୍ବାଚନ ଆୟୋଗ । ସୋମବାର ନିର୍ବାଚନ ଆୟୋଗ ଦେଶର ରାଜନୈତିକ ଦଳମାନଙ୍କ ପାଇଁ ଏକ କଡା ନିର୍ଦ୍ଦେଶନାମା ଜାରି କରିଛନ୍ତି । ଯେଉଁଥିରେ ନିର୍ବାଚନ ପ୍ରଚାର, ପୋଷ୍ଟର ମାରିବା, ନିର୍ବାଚନୀ ନାରା ଦେବା ଭଳି କାମରେ ରାଜନୈତିକ ଦଳମାନେ ଛୋଟ ପିଲାଙ୍କୁ ସମ୍ପୃକ୍ତ କରିପାରିବେ ନାହିଁ ବୋଲି ନିର୍ବାଚନ ଆୟୋଗ କହିଛନ୍ତି । ନିର୍ବାଚନ ଆୟୋଗ ଏହି କଡା ନିର୍ଦ୍ଦେଶନାମା ଜାରି କରି କହିଛନ୍ତି ଯେ, ନିର୍ବାଚନ ସମ୍ବନ୍ଧୀୟ କୌଣସି ବି କାମରେ ଛୋଟ ପିଲାମାନେ ସାମିଲ ହେଇପାରିବେନି । ଛୋଟ ପିଲାଙ୍କ ଦ୍ୱାରା କବିତା ପାଠ କରାଇବା, ନାରା ବାଜି କରାଇବା, ରାଜନୈତିକ ଦଳର ପତାକା ଧରାଇବା ଭଳି କାମ ଛୋଟ ପିଲାମାନେ କରିବେ ନାହିଁ । ଯଦି କୌଣସି ରାଜନୈତକ ଦଳ ନିର୍ବାଚନ ପ୍ରଚାରରେ ଛୋଟ ପିଲାଙ୍କୁ ସାମିଲ କରେ, ତେବେ ସେହି ଦଳ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ବାଚନ ଆୟୋଗ କହିଛନ୍ତି । ବାଳଶ୍ରମ ଆଇନ୍ ଜରିଆରେ ରାଜନୈତିକ ଦଳମାନଙ୍କୁ ଏଥିପାଇଁ ଦଣ୍ଡବିଧାନ କରାଯିବ । ଜିଲ୍ଲା ନିର୍ବାଚନ ଅଧିକାରୀ, ରିଟର୍ଣ୍ଣିଂ ଅଫିସରଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି । ତେବେ ଯଦି କୌଣସି ଛୁଆ ତା ବାପା ମାଆଙ୍କ ସହିତ ରହିଛି, ତେବେ ଏହାକୁ ଏହି ନିୟମରେ ଅନ୍ତର୍ଭୁକ୍ତ କରାଯିବ ନାହିଁ ।

## ହେମନ୍ତ ସୋରେନଙ୍କ ପତ୍ନୀ କଳ୍ପନା ସୋରେନଙ୍କୁ ଭେଟିଲେ ରାହୁଲ ଗାନ୍ଧୀ



ରାଞ୍ଚି : ଝାଡଖଣ୍ଡରେ ଚମ୍ପାଇ ସୋରେନଙ୍କ ସରକାର ଫ୍ଲୋର ଟେଷ୍ଟ ପାସ କରିଛନ୍ତି। ଏହି ସମୟରେ ପୂର୍ବତନ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ହେମନ୍ତ ସୋରେନଙ୍କ ପତ୍ନୀ କଳ୍ପନା ସୋରେନଙ୍କୁ ଭେଟିଛନ୍ତି। ହେମନ୍ତ ସୋରେନଙ୍କ ବାସଭବନରେ ଏହି ସାକ୍ଷାତ ହୋଇଛି। କଂଗ୍ରେସ ମଧ୍ୟ ରାଜ୍ୟରେ ମହାଗଠବନ୍ଧନ ସରକାରର ଏକ ଅଂଶ। ଏକ୍ସରେ ଏହି ସାକ୍ଷାତର ଫଟୋ ଶେୟାର କରି କହିଛି ଯେ, ଆମେ ସମସ୍ତେ ଏକଜୁଟ ହୋଇ ନ୍ୟାୟର ସଂଗ୍ରାମ ଜାରି ରଖିବୁ, ଲୋକଙ୍କ ସ୍ୱର ଉତ୍ତୋଳନ କରିବୁ। ଘୃଣା ହରିବ ଏବଂ ଭାରତ ଜିତିବ । ଫ୍ଲୋର ଟେଷ୍ଟରେ ସଫଳତା ପରେ କଂଗ୍ରେସ କହିଛି, ଝାଡଖଣ୍ଡ ଏକଛତ୍ରବାଦୀ ଶାସନର ଅହଂକାରକୁ ଭାଙ୍ଗି ଦେଇଛି। ଭାରତ ଜିତିଛି, ଲୋକମାନେ ଜିତିଛନ୍ତି। ଇଣ୍ଡିଆ ମେଣ୍ଟ ସରକାର ଆଜି ବିଧାନସଭାରେ ଫ୍ଲୋର ଟେଷ୍ଟରେ ଆସ୍ଥା ଭୋଟରେ ପାସ କରିଛନ୍ତି।

## କେଜରିୱାଲଙ୍କୁ ହାଇକୋର୍ଟରୁ ଝଟକା



ନୂଆଦିଲ୍ଲୀ: ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ପାଇଁ ବଢ଼ିଲା ଅଡୁଆ। ମଦ ଦୁର୍ନୀତି ମାମଲାରେ ପାଞ୍ଚ-ପାଞ୍ଚ ଥର ଇଡିର ସମନ ନୋଟିସ ପାଇଥବା ଏବେ ୬ ବର୍ଷ ପୁରୁଣା ମାମଲାରେ ଝଟକା ଲାଗିଛି। ଦିଲ୍ଲୀ ହାଇକୋର୍ଟ, ଆପ୍ ମୁଖ୍ୟ କେଜରିୱାଲଙ୍କ ବିରୋଧରେ ଜାରି ସମନ ଉପରେ ରୋକ୍ ଲଗାଇବାକୁ ମନା କରିବା ସହ, ୟୁଟ୍ୟୁବର ଧ୍ରୁବ ରାଠୀଙ୍କ ଭିଡିଓ ରିଟ୍ୱିଟ୍ କରିବାକୁ ନେଇ ହୋଇଥିବା ମାନହାନି ମାମଲାରେ ମଧ୍ୟ ଶୁଣାଣି କରିଛନ୍ତି। କେଜରିୱାଲଙ୍କ ବିରୋଧରେ ଏହି ମାନହାନି ଅଭିଯୋଗ, ବିକାଶ ସଂକୃତ୍ୟାୟନ କରିଥିଲେ। ସେ ସୋସିଆଲ ମିଡିଆ ପେଜ୍ 'ଆଇ ସପୋର୍ଟ ନରେନ୍ଦ୍ର ମୋଦୀ'ର ଫାଉଣ୍ଡର ଥିଲେ। ସେ ଦାବି କରିଛନ୍ତି ଯେ, ୟୁଟ୍ୟୁବ୍ ଭିଡିଓ 'ବିଜେପି ଆଇଟି ସେଲ୍ ପାର୍ଟ ୨'କୁ ରାଠି ଭାଇରାଲ କରିଥିଲେ ଯେଉଁଥିରେ ମିଛୁଆ ଏବଂ ଅପମାନଜନକ ଅଭିଯୋଗ ହୋଇଥିଲା। ଆଉ କେଜରିୱାଲ ବିନା ଯାଞ୍ଚ କରି ଭିଡିଓକୁ ନିଜ ଆକାଉଣ୍ଟରେ ଶେୟାର କରିଥିଲେ। ଆବେଦନକାରୀ କହିଛନ୍ତି, ଭିଡିଓ ଅପମାନଜନକ ଥିଲା ଏବଂ କେଜରିୱାଲଙ୍କ ଟ୍ୱିଟ୍ ତାଙ୍କ ଛବିକୁ ଭାରତ ଏବଂ ବିଦେଶରେ କ୍ଷୁର୍ଣ୍ଣ ହୋଇଛି। ମାଜିଷ୍ଟ୍ରେଟ କେଜରିୱାଲଙ୍କୁ ସମନ କରିଥିଲେ ଏବଂ କହିଥିଲେ ପ୍ରାଥମିକ ଭାବରେ ଏହା ମାନହାନି ଭଳି ଜଣାପଡୁଛି। କୋର୍ଟ କହିଛନ୍ତି ଯେତେବେଳେ କୌଣସି ଚର୍ଚ୍ଚିତ ବ୍ୟକ୍ତିଙ୍କ ତରଫରୁ କିଛି ଟ୍ୱିଟ୍ କିମ୍ବା ରିଟ୍ୱିଟ୍ କରାଯାଇଥାଏ ତେବେ ଏହାର ପ୍ରଭାବ ଅଧିକ ହୋଇଥାଏ। ଲାଇଭ ଲର ରିପୋର୍ଟ ଅନୁଯାୟୀ, ଜଷ୍ଟିସ ସ୍ୱର୍ଣ୍ଣକାନ୍ତ ଶର୍ମା କହିଛନ୍ତି ଅପମାନଜନକ ସାମଗ୍ରୀ ରିଟ୍ୱିଟ କରିବା ଆଇପିସିର ଧାରା ୪୯୯ ଅନୁଯାୟୀ ମାନହାନି ଅପରାଧ। କୋର୍ଟ ମାଜିଷ୍ଟ୍ରେଟଙ୍କ ତରଫରୁ ଜାରି ସମନ ଏବଂ କେଜରିୱାଲଙ୍କ ଯାଚିକା ସେଶନ କୋର୍ଟ ତରଫରୁ ଖାରଜ କରାଯାଇଥିବା ନିଷ୍ପତ୍ତି ବଜାୟ ରଖିଥିଲେ। କେଜରିୱାଲ ୨୦୧୯ରେ ଯାଚିକା ଦାୟର କରିଥିଲେ। ଏକ ମିଳିତ ଖଣ୍ଡପୀଠ ଡିସେମ୍ବର ୨୦୧୯ରେ ଟ୍ରାଏଲ ଉପରେ ରୋକ୍ ଲଗାଇଥିଲେ।

## ଆତଙ୍କବାଦୀ ଆକ୍ରମଣରେ ୧୦ ପୋଲିସ ନିହତ, ୬ ଜଣ ଆହତ

ଲାହୋର : ଆତଙ୍କବାଦୀମାନେ ସୋମବାର ସକାଳେ ଏହି ଘଟଣା ଘଟାଇଛନ୍ତି । ପ୍ରଥମେ ଅଜ୍ଞାତ ଆତଙ୍କବାଦୀମାନେ ସ୍ନାଇପର ଗୁଳି ଚଳାଇ ପରେ ଚୌଧବନ ପୋଲିସ ଷ୍ଟେସନରେ ପ୍ରବେଶ କରିଥିଲେ । ଏହି ସମୟରେ ସେଠାରେ ଉପସ୍ଥିତ ଥିବା ପୋଲିସ କର୍ମଚାରୀଙ୍କ ଉପରେ ଆଖିବୁଜା ଗୁଳି ଚଳାଇବା ସହ ହ୍ୟାଣ୍ଡ ଗ୍ରେନେଡ ମଧ୍ୟ ଫୋପାଡି ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ୧୦ ଜଣ ପୋଲିସ ପ୍ରାଣ ହରାଇଥିବାବେଳେ ୬ ଜଣ ଆହତ ହୋଇଛନ୍ତି । ଫେବୃଆରୀ ୮ ରେ ପାକିସ୍ତାନରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି । ଯେଉଁଥିପାଇଁ ସମସ୍ତ ରାଜନୈତିକ ଦଳ ଜୋରସୋର ପ୍ରସ୍ତୁତି କରିବାରେ ବ୍ୟସ୍ତ ଅଛନ୍ତି । ଏହି ସମୟ ମଧ୍ୟରେ ପାକିସ୍ତାନର ଅନେକ ସ୍ଥାନରେ ହିଂସା ଏବଂ ଆତଙ୍କବାଦୀ ଘଟଣା କ୍ରମାଗତ ଭାବରେ ଘଟି ଚାଲିଛି । ବାଲୁଚିସ୍ତାନର ନିର୍ବାଚନ ଆୟୋଗ କାର୍ଯ୍ୟାଳୟ ବାହାରେ ହୋଇଥିବା ବିସ୍ଫୋରଣର ନିଆଁର ତାତି ନ କମୁଣୁ ଏବେ ଆଉ ଏକ ଆକ୍ରମଣ ପାକିସ୍ତାନକୁ ପୁଣି ଥରେ



ଦୋହଲାଇ ଦେଇଛି । ନିର୍ବାଚନ ପୂର୍ବରୁ ଆତଙ୍କବାଦୀମାନେ ଖାଇବର ପାଖ୍ତୁନଖ୍ୱା ସହରର ଡେରା ଇସମାଇଲ ଖାନ ପୋଲିସ ଷ୍ଟେସନକୁ ଟାର୍ଗେଟ କରି ଏକ ବଡ଼ ଆକ୍ରମଣ କରିଛନ୍ତି । ବରିଷ୍ଠ ପୋଲିସ ଅଧିକାରୀ ଅନିସୁଲ ହାସନଙ୍କ କହିବାନୁସାରେ, ଏହି ଆତଙ୍କବାଦୀ ଆକ୍ରମଣରେ ଦଶ ଜଣ ପୋଲିସ ପ୍ରାଣ ହରାଇଥିବାବେଳେ ୬ ଜଣ ଆହତ ହୋଇଛନ୍ତି, ଯାହାଙ୍କ ଅବସ୍ଥା ଗୁରୁତର ଅଛି । ସମସ୍ତ ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଅଧିକାରୀ କହିଛନ୍ତି ଯେ ଆତଙ୍କବାଦୀମାନେ ସୋମବାର ସକାଳେ ଏହି ଘଟଣା ଘଟାଇଛନ୍ତି । ଏହି ସମୟରେ ଅଜ୍ଞାତ ଆତଙ୍କବାଦୀମାନେ ପ୍ରଥମେ ସ୍ନାଇପର ଗୁଳି ଚଳାଇ ପରେ ଚୌଧବନ ପୋଲିସ ଷ୍ଟେସନରେ ପ୍ରବେଶ କରିଥିଲେ । ଏହି ସମୟରେ ସେଠାରେ ଉପସ୍ଥିତ ଥିବା ପୋଲିସ କର୍ମଚାରୀଙ୍କ ଉପରେ ଆଖିବୁଜା ଗୁଳି ଚଳାଇବା ସହ ହ୍ୟାଣ୍ଡ ଗ୍ରେନେଡରେ ମଧ୍ୟ ଆକ୍ରମଣ କରିଥିଲେ । କୁହାଯାଉଛି ଯେ ଏହି ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ସ୍ୱାବିର ଏଲିଟ ପୋଲିସ ୟୁନିଟର ୬ ଜଣ ପୋଲିସ ଅଛନ୍ତି, ଯେଉଁମାନେ ନିର୍ବାଚନ ସମୟରେ ସ୍ଥାନୀୟ ପୋଲିସକୁ ସାହାଯ୍ୟ କରିବା ପାଇଁ ଏହି ଅଞ୍ଚଳରେ ନିୟୋଜିତ ହୋଇଥିଲେ । ଆକ୍ରମଣ ପରେ ଏଠାରେ ପ୍ରଶାସନ ସତର୍କ ହୋଇପଡିଛି । ଦକ୍ଷିଣ ୱାଜିରିସ୍ତାନ ଆଦିବାସୀ ଜିଲ୍ଲା ଏବଂ ଡେରା ଗାଜୀ ଖାନକୁ ଯାଉଥିବା ରାସ୍ତାରେ ଏକ ବ୍ୟାପକ ସର୍ଚ୍ଚ ଅପରେସନ ଚାଲିଛି ଏବଂ ଆସୁଥିବା ଏବଂ ଯାଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଉଛି ।ବାଲୁଚିସ୍ତାନର ନୁର୍ଶ୍କି ଜିଲ୍ଲାରେ ମଧ୍ୟ ବିସ୍ଫୋରଣ ଘଟିଛିଜୁଲାଇ ୪ ରବିବାର ଦିନ ବାଲୁଚିସ୍ତାନର ନୁର୍ଶ୍କି ଜିଲ୍ଲାର ପାକିସ୍ତାନ ନିର୍ବାଚନ ଆୟୋଗ (ଇସିପି) କାର୍ଯ୍ୟାଳୟ ବାହାରେ ଆଉ ଏକ ବୋମା ବିସ୍ଫୋରଣ ଘଟିଛି । ଯେଉଁ କାରଣରୁ ଏହି ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା । ତେବେ ଇସିପି କାର୍ଯ୍ୟାଳୟର ଫାଟକ ବାହାରେ ଘଟିଥିବା ବିସ୍ଫୋରଣରେ କୌଣସି ବ୍ୟକ୍ତି ମୃତାହତ ହୋଇନାହାଁନ୍ତି । ବର୍ତ୍ତମାନ ପୋଲିସ ଏହି ଅଞ୍ଚଳକୁ ଘେରି ରହି ଅପରାଧୀଙ୍କୁ ଧରିବା ପାଇଁ ସର୍ଚ୍ଚ ଅପରେସନ କରୁଛି ।

## ବିଶ୍ୱରେ ଚକ୍‌ମା ଦେଉଛି ଡ୍ରୋନ୍



ନୂଆଦିଲ୍ଲୀ: ବିଂଶ ଶତାବ୍ଦୀର ଶେଷ ଆଡ଼କୁ ଆମେରିକା-ରୁଷ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧର ପ୍ରତିଦ୍ୱନ୍ଦ୍ୱିତା ଥମି ଯାଇଥିଲା। ଏହା ସହ ମାରାତ୍ମକ ଗଣବିଧ୍ୱଂସୀ ଓ ଧ୍ୱଂସକାରୀ ଆଣବିକ ଅସ୍ତ୍ରଶସ୍ତ୍ରର ସଂକଟ ମଧ୍ୟ କମିବା ଆଶା ବଢ଼ିଥିଲା। ବର୍ତମାନ ପୁଣିଥରେ 'ଡ୍ରୋନ୍ ଯୁଦ୍ଧ'କୁ ନେଇ ସମଗ୍ର ବିଶ୍ୱରେ ସଙ୍କଟ ସୃଷ୍ଟି ହୋଇଛି। ଏବେ କୃତ୍ରିମ ବୁଦ୍ଧିମତା ଯୋଡ଼ି ହେବା ପରେ ଏହି ସଙ୍କଟ ଆହୁରି ଘନିଭୂତ ହୋଇଛି। ଯଦିଓ ଏହି ଡ୍ରୋନ୍ ଯୁଦ୍ଧକୁ ନେଇ ମିଳିତ ଜାତିସଂଘ ଠାରୁ ଆରମ୍ଭ ବିଶ୍ୱର ଅନେକ ଶାନ୍ତି ସଂଗଠନ ଚିନ୍ତା ପ୍ରକଟ କରିଛନ୍ତି, କିନ୍ତୁ ସାଂପ୍ରତିକ ପରିସ୍ଥିତିର ଅନୁଶୀଳନରେ ଏହି ସଙ୍କଟ ଥମିବାର ସମ୍ଭାବନା ଅସ୍ପଷ୍ଟ। ବିଶ୍ୱରେ ଯୁଦ୍ଧ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଥିବା ଏକ ବେସରକାରୀ ସଂସ୍ଥାର ତଥ୍ୟାନୁସାରେ, ଜାନୁଆରୀ ୨୦୧୫ରୁ ମଇ ୨୦୧୮ ମଧ୍ୟରେ ଆଫଗାନିସ୍ତାନର ବିଭିନ୍ନ ସ୍ଥାନରେ ଆମେରିକା ସେନାବାହିନୀ ୫୦୩ ଥର ଡ୍ରୋନ୍ ଦ୍ୱାରା ଆକ୍ରମଣ କରିଥିଲା। ସେହିଭଳି ୧ ଜୁଲାଇ ୨୦୦୭ ରୁ ୨୫ ନଭେମ୍ବର ୨୦୧୮ ମଧ୍ୟରେ ସୋମାଲିଆରେ ଆମେରିକା ସେନା ପକ୍ଷରୁ ୧୧୨ ଥର ଡ୍ରୋନ୍ ଆକ୍ରମଣ କରାଯାଇଛି। ୨୦୦୯ ଡିସେମ୍ବର ୧୭ରୁ ୨୦୧୮ ସେପ୍ଟେମ୍ବର ୨୮ ତାରିଖ ମଧ୍ୟରେ ୟେମେନରେ ଆମେରିକା ସେନା ପକ୍ଷରୁ ୩୧୯ ଥର, ୨୦୦୪ ଜୁନ୍ ୧୭ ଠାରୁ ୨୦୧୮ ଜାନୁଆରୀ ୨୪ ତରିଖ ମଧ୍ୟରେ ପାକିସ୍ତାନରେ ୪୩୧ ଥର ଆମେରିକା ସେନା ଡ୍ରୋନ୍ ଆକ୍ରମଣ କରିଛି। ୨୦୦୯ରୁ ୨୦୧୮ ମଧ୍ୟରେ ଆମେରିକା ସେନା ପକ୍ଷରୁ ବିଶ୍ୱର ବିଭିନ୍ନ ସ୍ଥାନରେ ୧୬୯୭ ଥର ଡ୍ରୋନ୍ ଦ୍ୱାରା ଆକ୍ରମଣ କରାଯାଇଛି। ବିଶ୍ୱରେ ବର୍ତମାନ ଯୁଦ୍ଧରେ ସର୍ବାଧିକ ଡ୍ରୋନ୍ ବ୍ୟବହାର କରୁଥିବା ଦେଶ ମଧ୍ୟରେ ଆମେରିକା ଆଗରେ ରହିଛି। ୨୦୦୦ରେ ଆମେରିକା କୁଖ୍ୟାତ ଆତଙ୍କବାଦୀ ଓସାମା ବିନ୍ ଲାଦେନ୍‌କୁ ଡ୍ରୋନ୍ ଦ୍ୱାରା ମାରିବାକୁ ଚେଷ୍ଟା କରି ବିଫଳ ହୋଇଥିଲା। ଏହାପରେ ଡ୍ରୋନ୍‌କୁ ନେଇ ପରୀକ୍ଷଣ ଓ ଏହାର ଯାନ୍ତ୍ରିକ ସଂସ୍କାରକୁ କ୍ରମାଗତ ଭାବେ ବୃଦ୍ଧି କରିଥିଲା। ପ୍ରଥମ ଥର ପାଇଁ ୨୦୦୨ ଫେବ୍ରୁଆରି ୪ରେ ଆଫଗାନିସ୍ତାନରେ ନିଜର ଏମ୍‌କ୍ୟୁ-୧ ପ୍ରିଡେଟର ଡ୍ରୋନ୍ ଦ୍ୱାରା ଝାୱାର କିଲି ଠାରେ ଥିବା ଆତଙ୍କବାଦୀଙ୍କ ଆଡ୍‌ଡା ଉପରେ ଆକ୍ରମଣ କରିଥିଲା। ଏଥିରେ ତିନି ଜଣ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଥିଲା। ଏହି ସଫଳତା ପରେ ପ୍ରତ୍ୟକ୍ଷ ଯୁଦ୍ଧ ଓ ଆକ୍ରମଣର ସାଂଜ୍ଞା ବଦଳି ଯାଇଥିଲା। ବର୍ତମାନ ୟୁକ୍ରେନ୍-ରୁଷ ଯୁଦ୍ଧରେ ଆମେରିକାର ଏହି ଡ୍ରୋନ୍ ହିଁ ରୁଷର ଆକ୍ରମଣକୁ ବହୁଳ ଭାବେ ପ୍ରତିହତ କରୁଥିବା ବେଳେ ଆଦନ ଉପସାଗର, ଲୋହିତ ସାଗର ଓ ଆରବ ସାଗରରେ ଇରାନ୍ ସମର୍ଥିତ ହୁତି ଉଗ୍ରବାଦୀଙ୍କ ଡ୍ରୋନ୍ ଆତଙ୍କ ସୃଷ୍ଟି କରିଛି। ଡ୍ରୋନ୍ ଦ୍ୱାରା ହୁତି ଆତଙ୍କବାଦୀମାନେ ଆମେରିକା, ଇଂଲଣ୍ଡ, ଭାରତ ସମେତ ଅନେକ ରାଷ୍ଟ୍ରର ପଣ୍ୟବାହୀ ଜାହାଜକୁ ଟାର୍ଗେଟ୍ କରିଛନ୍ତି। ଯଦିଓ ଡ୍ରୋନ୍‌ର ଉତ୍ପାଦନ ଓ ବ୍ୟବହାରରେ ସିଂହଭାଗ ଆମେରିକାର ରହିଛି କିନ୍ତୁ ଇସ୍ରାଏଲ୍, ରୁଷ, ଚୀନ, ତୁର୍କୀ ଆଦି ଦେଶ ମଧ୍ୟ ବର୍ତମାନ ଏହାକୁ ସକ୍ରିୟ ଭାବେ ବ୍ୟବହାର କରିବା ଆରମ୍ଭ କରିଛନ୍ତି। ଚୀନ ବର୍ତମାନ ସୁଦ୍ଧା ଏହାକୁ ଯୁଦ୍ଧ କ୍ଷେତ୍ରରେ ପ୍ରୟୋଗ କରିନଥିବା ବେଳେ ବିଭିନ୍ନ ରାଷ୍ଟ୍ରକୁ ଡ୍ରୋନ୍ ବିକ୍ରି କରୁଛି। ଜାନୁଆରୀ ୨୦୨୧ରେ ନୂଆ ଦିଲ୍ଲୀରେ ଅନୁଷ୍ଠିତ ସେନା ଦିବସ ପରେଡ୍‌ରେ ପ୍ରଥମ ଥର ପାଇଁ ୭୫ ସ୍ୱୟଂଚାଳିତ ଡ୍ରୋନ୍‌କୁ ପ୍ରଦର୍ଶିତ କରିଥିଲା। ଆଭାସୀ ଯୁଦ୍ଧକ୍ଷେତ୍ରରେ ଏହି ଡ୍ରୋନ୍‌ଗୁଡ଼ିକ କାମିକୋଜ (ଏକପ୍ରକାର ଗରିଲା ଯୁଦ୍ଧ)ରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ଏହି ପ୍ରଦର୍ଶନୀର ୬ ମାସ ମଧ୍ୟରେ ୨୭ ଜୁନ୍ ୨୦୨୧ରେ ଜମ୍ମୁର ଭାରତୀୟ ବାୟୁସେନାର ଏକ ଘାଟି ଉପରେ ଆତଙ୍କବାଦୀମାନେ ଦୁଇଟି ବିସ୍ଫୋରକ ଭର୍ତି ଡ୍ରୋନ୍ ଦ୍ୱାରା ଆକ୍ରମଣ କରିଥିଲେ। ଆତଙ୍କବାଦୀଙ୍କ ଦ୍ୱାରା ଭାରତ ଉପରେ ଏହା ଥିଲା ପ୍ରଥମ ଡ୍ରୋନ୍ ଆକ୍ରମଣ। ଭାରତ ସେନାବାହିନୀରେ ଡ୍ରୋନ୍‌କୁ ସାମିଲ କରିଥିଲେ ମଧ୍ୟ ଏହାକୁ ଯୁଦ୍ଧକ୍ଷେତ୍ରରେ ପ୍ରୟୋଗ କରିନାହିଁ, କେବଳ ଗୁଇନ୍ଦା ଓ ଭୂପୃଷ୍ଠୀୟ ତଥ୍ୟ ସଂଗ୍ରହ ପାଇଁ ବ୍ୟବହାର କରାଯାଉଛି।




# ଉତ୍କଳ ଗୌରବ ମଧୁସୂଦନଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡିଆ):** ଉତ୍କଳ ଗୌରବ ମଧୁସୂଦନଙ୍କ ଶ୍ରାଦ୍ଧାବାର୍ଷିକୀ ଦିବସ ଅବସରରେ ଚୌଦ୍ୱାର ମହିଳା ମହାବିଦ୍ୟାଳୟ ପରିସରରେଥିବା ମଧୁବାବୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ଚୌଦ୍ୱାର ସାହିତ୍ୟ ସଂସଦ ପକ୍ଷରୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଓଡ଼ିଆ ସ୍ୱାଭିମାନର ପ୍ରତୀକ ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ । ଓଡ଼ିଶାର ସ୍ୱାଭିମାନକୁ ବଜାୟ ରଖିବା ପାଇଁ ମଧୁବାବୁଙ୍କ ସମଗ୍ର ଜୀବନ ସମର୍ପିତ ଥିଲା ବୋଲି ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ମଧୁବାବୁଙ୍କ ୯୦ତମ ଶ୍ରାଦ୍ଧବାର୍ଷିକୀରେ ମତପ୍ରକାଶ ପାଇଛି । ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସମାଜସେବୀ ଦାମୋଦର ସାହୁ, ଝୁମୁକାର ସଂପାଦକ ମାନସ ରଂଜନ ସାମଲ, ବୈଷ୍ଣବ ଚରଣ ପ୍ରଧାନ, ଅକ୍ଷୟ କୁମାର ମିଶ୍ର, ଶ୍ରୀନିବାସ ବେହେରା, ରାଜକିଶୋର ସାମନ୍ତରାୟ, ବିମଳ କୁମାର ବେଉରା, ଲକ୍ଷ୍ମୀଧର ଖୁଣ୍ଟିଆ, କେ.ସି. ପ୍ରତାପ ସିଂହ, ଅରୁଣ ରାଉତ, ସତ୍ୟବ୍ରତ ଦାସ, ଗଙ୍ଗାଧର ସାହୁ, ତପନ କୁମାର ସାହୁ, ମୃତ୍ୟୁଞ୍ଜୟ ପଟ୍ଟନାୟକ, ବିଜୟ ନନ୍ଦ, ଅଶୋକ କୁମାର ନାୟକଙ୍କ ସମେତ ବହୁ ମଧୁପ୍ରେମୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଂସଦର ସଂପାଦକ ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂଗଠନ ସଂପାଦକ ଚନ୍ଦ୍ରପ୍ରକାଶ ପଟ୍ଟନାୟକ, ଯୁଗ୍ମ ସଂପାଦକ ସରିତା ଦାସ, ସହ ସଂପାଦକ ଭାସ୍କର ପ୍ରସାଦ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ । ଅନୁରୂପ ଭାବେ ସ୍ଥାନୀୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଅଧ୍ୟକ୍ଷ ମାନସ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷକ ବିଜୟ କୁମାର ସ୍ୱାଇଁ ଯୋଗ ଦେଇ ଓଡ଼ିଆ ଜାତି ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଭୂମିକା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାକେନ୍ଦ୍ରର ମୁଖ୍ୟ ପରିଚାଳକ ରାଜେଶ କୁମାର ଓଝା, ଦିପ୍ତୀମୟୀ ବେହେରା, ଭବାନୀ ଶଙ୍କର ମୁର୍ମୁ, ବିଷ୍ଣୁ ସାହୁ ପ୍ରମୁଖ ଉପସ୍ଥିତ ରହି ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ ।

# ମୟୂରଭଞ୍ଜରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

**ବାରିପଦା(ଅମୃତ ମିଡିଆ):** ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ବାରିପଦା ସ୍ଥିତ ଛଉ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଆଶିଷ ଠାକେର ଯୋଗେଦଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେର ଉଦ୍ଘାଟନ କରିଥିବା ସହିତ ସମସ୍ତ ଆଶାୟୀ ପ୍ରାର୍ଥୀ ମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମେର ସମ୍ମାନିୟ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ସାଧାରଣ ପ୍ରବନ୍ଧକ, ଓଡିଶା ସରକାର ଉେଦ୍ୟାଗ ନେଦେର୍ଶାୟ ବଳଭଦ୍ର ମାଝୀ, ଡେପୁଟି ନିର୍ବାହୀ ଅଧିକରୀ ବିମାନ ମଲ୍ଲ, ଯୋଗଦାନ କରିଥିବା ବେଳ ଏହି ନିଯୁକ୍ତ ମେଳାର ମୁଖ୍ୟ ସଂଯୋଜନା ଜିଲ୍ଲା ନିଯୁକ୍ତି ଅଧିକାରୀ ଆଶିଷ କୁମାର ବସନ୍ତିଆ କରିଥିଲେ । ସୂଚନା ଥାଉକି ଏହି ନିଯୁକ୍ତି ମେଳାେର ୬୦ ରୁ ଉର୍ଦ୍ଧ୍ୱ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ୪୦୦୦ରୁ ଉର୍ଦ୍ଧ୍ୱ ଯୁବ ପ୍ରତିଭା ମାନଙ୍କୁ ନିଯୁକ୍ତି ଦେବାପାଇଁଆସିଥିଲେ । ଏହି ଅବସର ରେ ଜିଲ୍ଲାପାଳ ଶ୍ରୀ ଠାକେର ସମସ୍ତ ନିଯୁକ୍ତି ଷ୍ଟଲ ପରିଦଶର୍ନ କରି ଆଶାୟୀ ପ୍ରାର୍ଥୀ ମାନଙ୍କ ସହିତ ଆଲୋଚନା କରିଥିଲେ । ଏହି ମେଳାେର ଓଡିଶା ସରକାରଙ୍କର ୧୦୭ଟି ଲକ୍ଷ୍ମୀ ବସ ପାଇଁ ବ୍ଲକ ସ୍ତରୀୟ ସୁପରଭାଇଜର ନିଯୁକ୍ତି ନିମେନ୍ତ ଆେବଦନ ପତ୍ର ଗ୍ରହଣ କରାଯାଇଥିବା ବେଳ, ସମସ୍ତଙ୍କୁ ନିଜ ସ୍ୱପ୍ନ ପୁରଣ କରିବା ପାଇଁ ନିଜକୁ ସ୍ୱାବଲମ୍ବୀ ହେବାପାଇଁ ଜିଲ୍ଲାପାଳ ଉପେଦଶ ଦେଇଥିଲେ ।

# ହରିଣ ମାଂସ ଜବତ, ୩ ଜଣଙ୍କୁ ଧରିଲା ବନବିଭାଗ

**ରାଜନଗର(ଅମୃତ ମିଡିଆ):** ଭିତରକନିକା ଜାତୀୟ ଉଦ୍ୟାନରୁ ହରିଣ ଶିକାର କରି ମାଂସ ନେଉଥିବା ବେଳେ ରଙ୍ଗଣୀ ପଚାଂୟତ ଭେକ୍ଟା ଗ୍ରାମର ଟିକନ ଭୂୟାଁଙ୍କଠାରୁ ପ୍ରାୟ ୬କେଜିର ହରିଣ ମାଂସ ଜବତ କରିଥିଲା । ଟିକନଙ୍କ ସହିତ ସେହି ଗ୍ରାମର ଜିତେନ୍ଦ୍ର ବାରିକ ଓ ତାଳଚୁଆର ମୋତି ମଣ୍ଡଳଙ୍କୁ ବନବିଭାଗ କର୍ମଚାରୀମାନେ ନିଜ ଅକ୍ତିଆରକୁ ନେଇଥିବା ଜଣାପଡିଛି । ଏନେଇ ବନବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇନଥିଲା ।

# ପଙ୍କପାଳ ପଞ୍ଚାୟତରେ ସଚେତନତା ଶିବିର



**କୁଜଙ୍ଗ(ଅମୃତ ମିଡିଆ):** ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ପଂଚାୟତରେ ସୁନାମଧନ୍ୟ ସରପଞ୍ଚ ତଥା ସମାଜ ସେବୀ ସରୋଜ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ସରକାରଙ୍କର ଭିନ୍ନ ପ୍ରୟାସ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକର୍ମ ଅତି ଉଚ୍ଚ କୋଟିର ଓ ହୃଦୟ ସ୍ପର୍ଶୀ ହୋଇପାରିଥିଲା,ବିଶେଷ କାର୍ଯ୍ୟ କ୍ରମେ ଉପରେ ଲୋକମାନଙ୍କୁ ସଚେତନ କରେଇ ଦିଆଯାଇଥିଲା ତଥା ଗ୍ରାମାଞ୍ଚଳ ଭିତି ଭୂମିର ବିକାଶ,ଜଗନ୍ନାଥ ସଂସ୍କୃତିର ବିକାଶ,ଧାର୍ମିକ ସ୍ଥଳିଗୁଡ଼ିକର ବିକାଶ,ମହିଳା ସଶକ୍ତିକରଣ,ବ୍ୟାକିଙ୍ଗ ସେବାରେ ବିକାଶ,ବିଦ୍ୟାଳୟ ଗୁଡ଼ିକର ରୁପାନ୍ତ ରିକରଣ,ଖେଳ କସରତର ବିକାଶ,ପର୍ଯ୍ୟଟନ ସ୍ଥାନ ଗୁଡିକର ବିକାଶ,ସୁଲଭ ମୂଲ୍ୟରେ ଗମନା ଗମନ ଓ ଯୋଗାଯୋଗର ସୁବିଧା,ଏହି କାର୍ଯ୍ୟ କ୍ରମରେ ହିତ ଉପଦେଶୀ ବ୍ୟକ୍ତି ବିଶେଷ ଯୋଗଦାନ କରି ଜନତାର ହିତ ସାଧନା କରୁଥିବା ବିଷୟ ଉପରେ ଆଲୋକ ପାତ କରି ସଭାର ଶୋଭା ମଣ୍ଡନ କରିଥିଲେ,ବରେଣ୍ୟ ପଦାଧି କାରି ମାନଙ୍କ ମଧ୍ୟରେ ଥିଲେ, ପାରାଦ୍ୱୀପ ବିଧାୟକ ସମ୍ବିତ ରାଉତରାୟ, କୁଜଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ,କୁଜଙ୍ଗ ବ୍ଲକ୍ ଅଧ୍ୟକ୍ଷା ନିନା ରାଣୀ ସାହୁ,ପଞ୍ଚାୟତ ସମିତି ଅଧ୍ୟକ୍ଷ ଜ୍ଞାନଜିତ୍ ସ୍ୱାଇଁ,୨ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ରବି ନାରାୟଣ ସାହୁ,୧ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ସ୍ୱାଇଁ, ୩ ନମ୍ବର ଜୋନ ର ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପଲତା ବେହେରା, ସରପଞ୍ଚ ସରୋଜ କୁମାର ସେଠୀ, ସେ ଜଣେ ସମାଜ ସେବୀ ସେ ସର୍ବଦା ସମାଜର ହିତ ସହିତ ଜନତାର ସେବାରେ ନିଜକୁ ନିୟୋଜିତ କରିଥାନ୍ତି,ସେ ସର୍ବଦା ଲୋକ ମାନଙ୍କର ସେବା ସମ୍ମାନ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥାନ୍ତି, ପଞ୍ଚାୟତର ଉନ୍ନତି କରଣ ସହ ଜନତାର ହିତ ସାଧନାରେ ଚେଷ୍ଟିତ,ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ଆସିଥିବା ଧାର୍ଯ୍ୟ ପାଣ୍ଠିର ସଦୁପଯୋଗ ଠିକ୍ ଉପାୟରେ ହୋଇଛି ବୋଲି ପଞ୍ଚାୟତ ବାସି ତଥା ସାଧାରଣ ଜନତା ସରପଞ୍ଚଙ୍କୁ ସାଧୁବାଦ ସହ ଧନ୍ୟବାଦ୍ ମଧ୍ୟ ଜଣାଇଥିଲେ,ବିକ୍ରମ କିଶୋର ମହାପାତ୍ର ମଞ୍ଚ ପରିଚାଳନା ସୁଚାରୁ ରୂପେ ସମ୍ପାଦନା କରିଥିଲେ।

# ସର୍ବପୁରାତନ ଦାଖା ଉଚ୍ଚବିଦ୍ୟାଳୟରେ ବାର୍ଷିକ ଉତ୍ସବ



**ଚାନ୍ଦବାଲି(ଅମୃତ ମିଡ଼ିଆ ):** ଭଦ୍ରକ ଜିଲ୍ଲାର ସର୍ବପୁରାତନ ଦାଖାଉଚ୍ଚ ବିଦ୍ୟାଳୟ ପକ୍ଷରୁ ବାର୍ଷିକ ଉତ୍ସବ ମହା ଆଡ଼ମ୍ବରରେ ପାଳନ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ କୁମାର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ବିଧାୟକ ବ୍ୟୋମୋକେଶ ରାୟ, ସମ୍ମାନିତ ଅତିଥ ଭାବେ ଏନ ଏ ସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ବଣିକ ସଂଘର ସଭାପତି ଗୋପିରାମ ଅଗ୍ରୱାଲ, ବିଷିଷ୍ଟ ବ୍ୟବସାୟୀ ରାମତାରା ପ୍ରଦାଦ ମୋର, ମୋସ୍କୁଲ ଅଭିଯାନର ସଭାପତି ଶ୍ରୀମନ୍ତ ଖୁଣ୍ଟିଆ , ପୂର୍ବତନ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସାମଲ , ସାହିତ୍ୟିକ ପ୍ରଫୁଲ ଦାସ ପ୍ରମୁଖ ଯୋଗ ଦେଇ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅବିଭାବକଙ୍କ ଉଦେଶ୍ୟରେ ବହୁ ମଲ୍ୟବାନ ଅଭିଭାଷଣ ଦେଇଥିଲେ । ବିଦ୍ୟାଳୟର ଶିକ୍ଷୟତ୍ରୀ ସ୍ମିତାରାଣୀ ମଲିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ନିରାକାର ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରଫୁଲ୍ଲସାହୁ, ସଞ୍ଜୟ ସାହୁ,ଅମୀୟ ସାହୁ,ଭାରତ ଭୂଷଣ ରାୟ ପ୍ରମୁଖ ପରିଚାଳନା କରିଥିଲେ।

# ସାନଗେଙ୍ଗୁଟି ନଦୀଉପରେ ନୂତନ ସେତୁର ଶିଳାନ୍ୟାସ



**ଚଣ୍ଡିଖୋଲ(ଅମୃତ ମିଡିଆ):** ଗ୍ରାମ୍ୟ ଉନ୍ନୟନ ବିଭାଗ ଯୋଜନା ରେ ଆଜି ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ରଧାଦେଇପୁର୍ ଗ୍ରାମ ପଞ୍ଚାୟତ ଅଧୀନ ଉଦୟନଗର ଠାରେ ସାନ ଗେଙ୍ଗୁଟି ନଦୀ ଉପରେ ନୂତନ ସେତୁର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି କ୍ଷ ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗ ଦେଇ ଦୀର୍ଘ ଦିନ ଧରି ସ୍ଥାନୀୟ ଅଞ୍ଚଳବାସୀଙ୍କ ଦାବି ଆଜି ପୂରଣ ହୋଇଛି କ୍ଷ ୭ କୋଟି ୩୨ଲକ୍ଷ୍ୟ ୪୯ ହଜାର ଟଙ୍କା ବ୍ୟୟବରକ୍ଷଦରେ ଏହି ସେତୁଟି ନିର୍ମାଣ ହେଲେ ରାଧା ଦେଇପୁର ,ବଦଘୁମୁରୀ,ଅରଖ ପୁର ,ବଡଚଣା ଗ୍ରାମ ପଞ୍ଚାୟତର ଅଧିବାସୀ ମାନଙ୍କର ଗମନକ୍ଷଗମନ, କୃଷି ,ପରିବହନ କ୍ଷେତ୍ରରେ ଉନ୍ନତି ହେବ କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ଗ୍ରାମ ଉନ୍ନୟନ ବିଭାଗ ଅଧକ୍ଷଣ ଯନ୍ତ୍ରୀ ଅନିଲ କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ ଶୁଭ୍ରାଂଶୁ ଶେଖର ଦାସ ,ପଞ୍ଚାୟତ ସମିତିର ଅଧକ୍ଷକ୍ଷ ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାଷ୍ ଚନ୍ଦ୍ର ନନ୍ଦ ,ଜିଲ୍ଲାପରିଷଦ ସଭ୍ୟ ଜିତେନ୍ଦ୍ର ପ୍ରସାଦ ନାୟକ ସଞ୍ଜୟ କୁମାର ସ୍ୱାଇଁ ,ନିରଞ୍ଜନ ସେନାପତି , ମିହିର୍ ସ୍ୱାଇଁ , ସରୋଜିନୀ ଦାସ,କୈଳାଶ ଚନ୍ଦ୍ର ରାଉତ,ସୁଧୀର ସାମଲ,ନବଦ୍ୱୀପ ନାୟକ ସୁରେନ୍ଦ୍ର ନାଥ ରାଉତରାୟ ,ସୁଜିତ ସୌରଭ ସାମଲ, ସୁଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ଶେଷରେ ମିହିର ଖୁଣ୍ଟିଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିବାରାତ୍ର ଫୁଟବଲ୍ ଟୁର୍ଣ୍ଣାମେଂଟ ପାଇଁ ପ୍ରସ୍ତୁତି ବୈଠକ




**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** ଫକିରାବାଦ୍‌ର ଆଜାଦ କ୍ଲବ ଆନୁକୂଲ୍ୟରେ ଆସନ୍ତା ଫେବୃଆରୀ ମାସ ୧୫ରୁ ୧୮ତାରିଖ ପର୍ଯ୍ୟନ୍ତ ଏକ ସର୍ବଭାରତୀୟ ସ୍ତରୀୟ ୪ଦିନିଆ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟକେନ୍ଦ୍ରାପଡା ହାଇସ୍କୁଲ ଖେଳପଡିଆରେ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ଆଜାଦ୍ କ୍ଲବର ସଭାପତି ହିବଜୁର ରହେମାନ୍‌ଙ୍କ ସଭାପତିତ୍ୱରେ କ୍ଲବ ପରିସରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସଂପାଦକ ସେକ୍ ଲିଆକତ ଅଲ୍ଲୀ ଟୁର୍ଣ୍ଣାମେଣ୍ଟ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ରଖିଥିଲେ । ଏହି ବୈଠକରେ ବିଜେଡି ସାଧାରଣ ସମ୍ପାଦକ ରଞ୍ଜିତ କୁମାର ସାହୁ, କ୍ଲବର ଉପସଭାପତି ମୀର ବକାଉଲ୍ଲା, କୋଷାଧ୍ୟକ୍ଷ ସେକ୍ ଅମୀର, ସେକ ସିରାଜ ଅଲ୍ଲୀ, ଉପଦେଷ୍ଟା ସୟଦ ଅହେସାନ ଅଲ୍ଲୀସୟଦ ଅବଦୁଲ ସତ୍ତାର, ସୟଦ ଅକମଲ ଅଲ୍ଲୀ, ମୀର ୟାସୀର ଆରାଫତ୍, ସେକ ଅକ୍ତର ଅଲ୍ଲୀ, ସମିଉଲ୍ଲା ଖାନ୍, ମୀର ବଚମୀନ୍, ଫାୟାଜ୍ ମହମ୍ମଦ୍, ଜାହିଦ୍ ଖାନ୍, ଓସିଉଲ୍ଲା ଖାନ୍, ମୀର ଅମୀର, କଲିମ ଖାନ୍, ସେକ ନଫିସ୍, ବାସା ଖାନ୍, ଅବଦୁଲ ମଜିଦ୍ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜିଲ୍ଲାର ଶ୍ରେଷ୍ଠ ହିନ୍ଦୀ ଶିକ୍ଷକ ପୁରସ୍କାର ପାଇଲେ ଶିକ୍ଷକ ନିର୍ମଳ




**କେନ୍ଦ୍ରାପଡ଼ା(ଅମୃତ ମିଡିଆ:** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ତଥା କୁସୁନପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ନିର୍ମଳ କୁମାର ସ୍ୱାଇଁଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଶିକ୍ଷକ ଶ୍ରୀ ସ୍ୱାଇଁ ଏହି ପୁରସ୍କାର ଗ୍ରହଣ କରି ବିଦ୍ୟାଳୟ ତଥା କେନ୍ଦ୍ରାପଡା ଜିଲ୍ଲାର ଗୌରବ ବୃଦ୍ଧି କରିଛନ୍ତି। ରାଜ୍ୟ ସରକାରଙ୍କ ୫-ଟି ଯୋଜନାରେ ରୂପାନ୍ତରଣ ହୋଇଥିବା କୁସୁନପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶ୍ରୀ ସ୍ୱାଇଁ ଜଣେ ଶିକ୍ଷକନେତା, ଛାତ୍ରବତ୍ସଳ ଶିକ୍ଷକ ଭାବରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି। ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଓ ପାରଦର୍ଶିତା ହାସଲ କରିଥିବା ଶିକ୍ଷକ,ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଉତ୍ସବରେ କୁସୁନପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଶ୍ରୀ ସ୍ୱାଇଁଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ତାଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ଜେନାଙ୍କ ସମେତ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ଓ ମୋସ୍କୁଲ ଅଭିଯାନର କର୍ମକର୍ତ୍ତା ଓ ସଦସ୍ୟମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜଣାଇଛନ୍ତି। ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଶିକ୍ଷକ ଶ୍ରୀ ସ୍ୱାଇଁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହିତ ଜିଲ୍ଲା ହିନ୍ଦୀ ଶିକ୍ଷକ ସଙ୍ଘର ସଭାପତି ଅକ୍ଷୟ କୁମାର ନାୟକ, ସମ୍ପାଦକ ମହେଶ୍ୱର ସାହୁ ମଧ୍ୟ ଶିକ୍ଷକ ଶ୍ରୀ ସ୍ୱାଇଁଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଶିକ୍ଷକ ଶ୍ରୀ ସ୍ୱାଇଁ ଜିଲ୍ଲାର ଜଣେ ଶ୍ରେଷ୍ଠ ହିନ୍ଦୀ ଶିକ୍ଷକ ଭାବେ ଏହି ପୁରସ୍କାର ପାଇଥିବାରୁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ, ବନ୍ଧୁବର୍ଗଙ୍କ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# ଦେଶୀମଦ ଚାଲାଣ ବେଳେ ଚଢଉ, ୪ ଅଭିଯୁକ୍ତ ଗିରଫ

**ଜୟପୁର(ଅମୃତ ମିଡିଆ):** ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ବିଭାଗ ଆଜି ଚଢାଉ କରି ୪ ଅଭିଯୁକ୍ତ କୁ ଗିରଫ କରିଛି । ଜୟପୁର ଅବକାରି ବିଭାଗ ବାଲିଆ, ଜୟପୁର ସହର, ଆମ୍ବାଗୁଡା ଓ ଭଟ୍ଟାଛିଞ୍ଚିରେ ଚଢାଉ କରିଛି । ଚଢାଉ କରି ୪ ଅଭିଯୁକ୍ତ କୁ ଗିରଫ କରି ସେ ମାନଙ୍କ ଠାରୁ ୪୧ ଲିଟର ଦେଶି ମଦ ଜବତ କରି କୋର୍ଟ ଚାଲାଣ କରାଯାଇଥିବ ବିଷୟ ଅବକାରି ନିରିକ୍ଷକ ଶଶି କାନ୍ତ ଦତ୍ତ, ସୁଚନା ଦେଇଛନ୍ତି । ଏହି ଚଢାଉରେ ଜିଲା ପ୍ଲାଇଙ୍କ ସ୍କାର୍ଡର ସ୍ନେହ ଲତା ନାୟକ ରାଜୁ କୁମାର ଖ୍ତି, ସୁଶାନ୍ତ କୁମାର ନାୟକ ,ପ୍ରଦିପ କୁମାର ଦଳେଇ ପ୍ରମୁଖ ଚଢାଉ କରିଥିଲେ ।

## ମଞ୍ଜୁଶ୍ରୀ ଇନଫ୍ରାଟେକ୍ ତରଫରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



**ଯାଜପୁର (ଅମୃତ ମିଡିଆ) :** ଯାଜପୁର ସହରର ଏକମାତ୍ର ନିର୍ଭରଯୋଗ୍ୟ ଇଞ୍ଜିନିୟରିଂ କନସୋଲଟାନ୍ସି ମଞ୍ଜୁଶ୍ରୀ ଇନଫ୍ରାଟେକ୍‌ର ତୃତୀୟ ବାର୍ଷିକ ଉତ୍ସବ ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ତୃତୀୟ ବାର୍ଷିକ ଅବସରରେ ଯାଜପୁର ସହରର ରାଣୀରାମଚନ୍ଦ୍ରପୁରର କବରଖାନା ନିକଟରେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଯାଜପୁର ସହରର ଅନେକ ମିସ୍ତ୍ରୀ ଓ ଲେବରମାନେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ମଞ୍ଜୁଶ୍ରୀ ଇନଫ୍ରାଟେକ୍ ଯାଜପୁରରେ ଲୋକମାନଙ୍କ ସୁବିଧା ପାଇଁ ଘରର ନିର୍ମାଣ ଓ ପ୍ଲାନ୍ ଆପ୍ରୁଭାଲ ପାଇଁ ଅନ୍-ଲାଇନ୍ ମାଧ୍ୟମରେ କଳିଙ୍ଗନଗର ଡେଭଲପମେଣ୍ଟ ଅଥରିଟି (କେ.ଏନ୍.ଡି.ଏ) ଓ ଯାଜପୁର ପୌରପାଳିକାକୁ ମଧ୍ୟ ଆବେଦନ କରେ । ଏହି କାର୍ଯ୍ୟକ୍ରମରେ ମଞ୍ଜୁଶ୍ରୀ ଇନଫ୍ରାଟେକ୍‌ର ମ୍ୟାନେଜିଂ ଡାଇରେକ୍ଟର ପ୍ରଜ୍ଞା ପ୍ରକାଶ ମହାନ୍ତି, ଡାଇରେକ୍ଟର ବିଜୟଲକ୍ଷ୍ମୀ ସାହୁ, ଅଫିସ୍ କାର୍ଯ୍ୟକର୍ତ୍ତା ଶ୍ରୀକାନ୍ତ ସାହୁ, ସୀତାଂଶୁ ଶେଖର ସାହୁ, ବିଶ୍ୱଜିତ ଦାସ, ସତ୍ୟ ସ୍ୱାଇଁ ଓ ଆଲୋକ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଏହି ଶିବିରକୁ ସଞ୍ଚାଳନ କରିଥିଲେ । ଏହି ଶିବିରରେ ବରିଷ୍ଠ ନାଗରିକ ମୁରଲୀଧର ଜେନା, ଆଡ୍‌ଭୋକେଟ୍ ଅଶ୍ୱିନୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ ।

## ଜୟପୁରରେ ବିଦ୍ୟୁତ ସରବରାହ ବନ୍ଦ

**ଜୟପୁର (ଅମୃତ ମିଡିଆ) :** ଜୟପୁର ଉପଖଣ୍ଡରେ ମଙ୍ଗଳବାର ବିଦ୍ୟୁତ ସରବରାହ ବନ୍ଦ ରହିବ । ଏନେଇ ଟାଟା ପାଓାର ତରଫରୁ ସୁଚନା ଦିଆଯାଇଛି । ଜୟପୁର ଉପଖଣ୍ଡର ବୋରିଗୁମ୍ମା, କୋଟପାଡ, କୁନ୍ଦୁରା, ବୈପାରିଗୁଡା ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରହିବ । ସକାଳ ୮ଟାରୁ ଅପରାହ୍ନ ୫ଟା ଯାଏ ବିଦ୍ୟୁତ ସରବରାହ ବନ୍ଦ ରହିବ । ମଙ୍ଗଳବାର ୯ ଘଣ୍ଟା ଧରି ବିଦ୍ୟୁତ ସରବରାହ ବନ୍ଦ ରହିବ । ଜୟନଗର ଗ୍ରୀଡ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ଚାଲିବ ବୋଲି ଟାଟା ପାଓାର ତରଫରୁ ସୂଚନା ଦିଆ ଦିଆଯାଇଛି ।

# ମିଳିଲା ନାହିଁ ଛାତ୍ରାବାସ

## ବିଦ୍ୟାଳୟର ମାଟି ମାଡ଼ିପାରିଲେ ନାହିଁ 'ବିରଧନ' ଓ 'ମାହିଁ'



**ବାରିପଦା /ଉଦଳା (ଅମୃତ ମିଡିଆ) :** ଯେ ହେଉଛି ଉଦଳା ବ୍ଲକର ନୂଆଗାଁ ପଂଚାୟତ ଅନ୍ତର୍ଗତ ଫୁଲବାଡ଼ିଆ ଗ୍ରାମର ଦୃଶ୍ୟ । ଏହି ଗ୍ରାମରେ ବାସ କରୁଥିବା ବିରଧନ ହାଁସଦା ଓ ତାଙ୍କର ଭଉଣି ମାହିଁ ହାଁସଦା ଆଦୌ ବିଦ୍ୟାଳୟର ମାଟି ମାଡ଼ି ନାହାଁନ୍ତି । ବିରଧନକୁ ବର୍ତମାନ ବୟସ ୮ ବର୍ଷ ଛୁଇଁଥିବା ବେଳେ ମାହିଁଙ୍କୁ ବୟସ ୭ ବର୍ଷ ଛୁଇଁଲା । ପିତା – ବକା ହାଁସଦା ଓ ମାତା – ସକର ହାଁସଦାଙ୍କର ଆଜକୁ ୫ ବର୍ଷ ପୂର୍ବେ ଦେହାନ୍ତ ହୋଇଯିବା ଫଳରେ ଏହି ଦୁଇ ଭାଇ ଭଉଣି ବାଧ ହୋଇ ତାଙ୍କର ମାମୁ ଘରେ ଆଶ୍ରୟ ନେଇଛନ୍ତି । ମାମୁଁଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥାରୁ ସେମାନେ ବିରଧନ ଓ ମାହିଁଙ୍କୁ ପାଠ ପଢ଼ାଇ ପାରିନଥିବାର ଜଣାଇଛନ୍ତି । ଫଳରେ ଏହି ଦୁଇ ଭାଇ ଭଉଣୀ ଏ ପର୍ଯ୍ୟନ୍ତ ବିଦ୍ୟାଳୟର ମାଟି ମାଡ଼ି ପାରିନଥିବାର ଗ୍ରାମବାସୀମାନେ କହିଛନ୍ତି । ସମନ୍ୱିତ ଆଦିବସି ଉନ୍ନୟନ ପ୍ରକଳ୍ପ କପ୍ତିପଦା, ଉଦଳା ତରଫରୁ ବିଭିନ୍ନ ସ୍ଥାନରେ ଖୋଲା ଯାଇଥିବା ଛାତ୍ରାବାସରେ ରହି ପାଠ ପଢ଼ିବା ପାଇଁ ଏହି ଦୁଇ ଭାଇ ଭଉଣି ଚାହୁଁଛନ୍ତି । କିନ୍ତୁ କୌଣସି ଛାତ୍ରାବାସରେ ତାଙ୍କୁ ସିଟ ମିଳିନଥିବାର ଗ୍ରାମବାସି ମାନେ ଅଭିଯୋଗ କରିଛନ୍ତି । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ ବିରଧନ ଓ ମାହିଁଙ୍କ ପରି ଏବେ ମଧ୍ୟ ବହୁ ଅନାଥ ପିଲା ବିଦ୍ୟାଳୟ ବାହାରେ ଅଛନ୍ତି । କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଜନଜାଗୃତି ମଂଚ ତରଫରୁ ଦାବି ହୋଇଛି ।

## ଖୋର୍ଦ୍ଧା ବ୍ଲକରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ



**ଖୋର୍ଦ୍ଧା (ଅମୃତ ମିଡିଆ) :** ଖୋର୍ଦ୍ଧା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆଜିର ପ୍ରତ୍ୟେକ୍ଷ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜି ମୋଟ ୧୦୮ଗୋଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୯୫ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ବାକି ୦୪ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଥିଲା । ଉକ୍ତ ଅଭିଯୋଗ ମାନଙ୍କ ମଧ୍ୟରୁ ସ୍ଥଳବିଶେଷରେ ୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଜଣଙ୍କୁ ୨୦୦୦୦/-ଟଙ୍କା ରେଡକ୍ରସ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ଜଣଙ୍କୁ ୨୫୦୦୦ଟଙ୍କା ଲେଖାଏ ସମୁଦାୟ ୩ ଜଣଙ୍କୁ ଉଗଜର ସହାୟତା ରାଶି ଯୋଗାଇ ଦିଆଯାଇଛି । ଆଜିର ମିଳିତ ଜନଶୁଣାଣି ଅବସରରେ ଜିଲ୍ଲାପାଳ ଚଞ୍ଚଳ ରାଣା ଅଧକ୍ଷତା କରିଥିବା ବେଳେ/ଆରକ୍ଷୀ ଅଧିକ୍ଷକ, ସିଦ୍ଧାର୍ଥ କାଟାରିଆ/ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା/ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବାଦଲ କୁମାର ମହାନ୍ତି / ଉପ-ଜିଲ୍ଲାପାଳ, ଖୋର୍ଦ୍ଧା ଦୀପ୍ତି ରଞ୍ଜନ ସେଠୀ /ସିଡ଼ିଏମ୍‌ଓ, ଡଃ ଆର୍ଦ୍ଧେନ୍ଦୁ ନାୟକ/ବିଡିଓ ଓ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଆରମ୍ଭହେଲା କେଶଯାତ୍ରା ଠାରୁ ଓଲାଶୁଣୀ ମେଳା



**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ପଲେଇ ପଞ୍ଚାୟତରେ ଅବସ୍ଥିତ ମା'ଓଲାଶୁଣୀ ପୀଠ । ଏହି ପୀଠରେ ମହାନସାଧକ ସନ୍ଥ ଅରକ୍ଷିତ ଦାସ ତାଙ୍କର ସାଧନାପୀଠ ଭାବେ ବାଛି ଏହି ପାହାଡ଼ର ଶୀର୍ଷଦେଶରେ ସାଧନାରତ ଥିଲେ । ଏବେ ଏହିପୀଠଟି ଓଡ଼ିଶା ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ ହୋଇଛି । ମହାପୁରୁଷଙ୍କ ବ୍ରହ୍ମଲିନ ମାଘ ମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ହୋଇଥିଲା । ସେବେ ଠାରୁ ମହାପୁରୁଷଙ୍କ ବ୍ରହ୍ମଲିନ ଦିବସକୁ ବହୁ ଆଡ଼ମ୍ବର ଭାବେ ପାଳନ କରାଯାଇଥାଏ । ଚଳିତ ବର୍ଷ ତାଙ୍କର ୧୮୭ତମ ମହାପ୍ରାୟାଣ ଦିବସ ଚଳିତ ମାସ ୬ ତାରିଖ ଏକାଦଶୀ ତିଥିରେ ମଙ୍ଗଳବାର ପଡୁଥିବାରୁ ଏହି ଦିନ ଠାରୁ ମେଳା ଆରମ୍ଭ ହେଉଛି । ପ୍ରଶାସନିକ ସ୍ତରରେ ସମସ୍ତ ବନ୍ଦୋବସ୍ତ କରାଯାଇଛି । ମେଳାର ଦିନକ ପୂର୍ବରୁ ଦଶମୀ ଦିନ ସନ୍ଧ୍ୟାରେ ମହାପୁରୁଷଙ୍କ କେଶଯାତ୍ରା ଅନୁଷ୍ଠିତ ହୋଇଥିଲା । କିମ୍ବଦନ୍ତି ଅନୁଯାୟୀ ମହାପୁରୁଷ ସନ୍ଥ ଅରକ୍ଷିତ ଦାସ ଜୀବିତ ଅବସ୍ଥାରେ ପୀଠର ନିକଟତମ ଗ୍ରାମ ଶୁଖୁଆପଡ଼ାକୁ ଯାଇଥିଲେ । ଶୁଖୁଆପଡ଼ା ଗ୍ରାମର କମ୍ଭୁ ମହାରଣାଙ୍କ ପତ୍ନୀ ଜହ୍ନି ମହାରଣା ମହାପୁରୁଷଙ୍କ କେଶ କୁଣ୍ଡାଇ ଦେଇଥିଲେ । ଏହି ସମୟରେ ମହାପୁରୁଷଙ୍କ ଏକ କେଶ ଝଡ଼ିପଡ଼ିଥିଲା । ସେହି କେଶକୁ ଜହ୍ନି ମହାରଣା ଲୁଚାଇ ଦେଇଥିଲେ । ମହାପୁରୁଷ କେଶ ସମ୍ପର୍କରେ ଜହ୍ନି ମହାରଣାକୁ ଲୁଚାଇ ରଖିବାକଥା ପଚାରିବାରୁ ସେ ମାନିଯାଇଥିଲେ ଏବଂ ମହାପୁରୁଷ ଉକ୍ତ କେଶକୁ ଏକ ଫରୁଆରେ ରଖିବା ପାଇଁ ଜହ୍ନି ମହାରଣାକୁ କହିଥିଲେ । ଜହ୍ନି ମହାରଣା ଉକ୍ତ କେଶକୁ ତାଙ୍କ ଠାକୁର ଘରେ ଫରୁଆ ଭିତରେ ରଖି ପୂଜା କରୁଆସୁଛନ୍ତି । ଏବେ ଏହି କେଶଟି ଧିରେ ଧିରେ ପଡି ଜଟାରେ ପରିଣତ ହେଲାଣି । ପରମ୍ପରାକୁ ଆଧାର କରି ଓଲାଶୁଣୀ ପୀଠର ମଠାଧିସ ମହନ୍ତ ଡ଼ଃ ନାମାନନ୍ଦ ଦାସ ଆସି ପୂଜାର୍ଚ୍ଚନା କରିବା ପରେ କେଶ ଯାତ୍ରା ଆରମ୍ଭ ହୋଇଥିଲା । ଏକ ସୁସଜିତ ବିମାନରେ ଜହ୍ନି ମହାରଣାଙ୍କ ଘରୁ ଖୋଦ ମହନ୍ତ ମହାରାଜ ମୁଣ୍ଡାଇ ମହାପୁରୁଷଙ୍କ ସମାଧି ମନ୍ଦିର ପାହାଡ଼ର ଶୀର୍ଷଦେଶକୁ ନେଇଥିଲେ । କେଶଯାତ୍ରା ବୀମାନ ସେଠାରେ ପହଞ୍ଚିବା ପରେ ମନ୍ଦିର ପରିସରରେ ରହିଥିଲା । ପରେ ମନ୍ଦିରରେ ପତାକା ବନ୍ଧାଯାଇ ତତ୍ପରେ ମେଳା କାର୍ଯ୍ୟ ଆରମ୍ଭ ହୋଇଥିଲା । ମହାପୁରୁଷଙ୍କ ମହାସ୍ନାନ, ବଡ଼ସିଂହାର ବେଶ ଓ ଆଳତୀ ହୋଇଥିଲା । ଏହି କେଶ ବୀମାନ ମନ୍ଦିର ପରିସରରେ ତିନି ଦିନ ରହି ପୂଜା ପାଇଥାନ୍ତି । ଭକ୍ତ ମାନେ ଏହାକୁ ତିନି ଦିନ ଦର୍ଶନ ପରେ ତ୍ରୟୋଦଶୀ ଦିନ ଜହ୍ନି ମହାରଣାଙ୍କ ଘରକୁ ଫେରିବ ବୋଲି ମହନ୍ତ ଡ଼ଃ ନାମାନନ୍ଦ ଦାସ ପ୍ରକାଶ କରିଛନ୍ତି । ଅପରପକ୍ଷେ ପାହାଡ଼ର ପୂର୍ବ ପଟ ଗୋବରୀ କୂଳ ନିକଟରେ ମା'ଓଲାଶୁଣୀଙ୍କ ମନ୍ଦିର ଅବସ୍ଥିତ । ନବମୀ ତିଥିରେ ମା'ଓଲାଶୁଣୀଙ୍କ ପୀଠରେ ସନ୍ଧ୍ୟାରେ ମହୋତ୍ସବ ପାଳନ ହୋଇଥିଲା । ମା'ଙ୍କ ରତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଚଣ୍ଡିପାଠ କରାଯାଇଥିଲା । ଦଶମି ତିଥିରେ ପୂଜାର୍ଚ୍ଚନା ପରେ ଭଜନ କିର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଏକାଦଶୀ ତିଥିରେ ମଙ୍ଗଳବାର ସକାଳୁ ମା'ଙ୍କ ପୂଜାର୍ଚ୍ଚନା ପରେ ଭଜନ, କିର୍ତ୍ତନ ସାଙ୍ଗକୁ ଦିବାରାତ୍ର ପ୍ରସାଦ ସେବନ ଅଗଣିତ ଭକ୍ତଙ୍କ ନିମନ୍ତେ ବ୍ୟବସ୍ଥା କରାଯାଇଥିବା ସମାଜସେବୀ ଅଶୋକ ସାମଲ ସୂଚନା ଦେଇଛନ୍ତି । ତେବେ ଏହି ଓଲାଶୁଣୀ ଗୁମ୍ଫାମେଳା ମାଘକୃଷ୍ଣ ଏକାଦଶୀ ତିଥିରୁ ଆରମ୍ଭ ହୋଇ ବସନ୍ତ ପଞ୍ଚମି ବା ସରସ୍ୱତୀ ପୂଜା ପର୍ଯ୍ୟନ୍ତ ଦଶଦିନ ଧରି ଚାଲିବ ବୋଲି ଓଲାଶୁଣୀ ଉନ୍ନୟନ ପରିଷଦ ଓ ପ୍ରଶାସନିକ ବୈଠକରେ ନିଷ୍ପତି ହୋଇଛି ।

# ବିଷାକ୍ତ ଖାଦ୍ୟଖାଇ ୫୦ଛାତ୍ରୀ ଅସୁସ୍ଥ

## ସମସ୍ତଙ୍କୁ ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି



**ଜୟପୁର (ଅମୃତ ମିଡିଆ) :** ବିଷାକ୍ତ ଖାଦ୍ୟ ଖାଇ ୫୦ଛାତ୍ରୀ ଅସୁସ୍ଥ ୧୦ଜଣଙ୍କ ଅବସ୍ଥା ଗୁରୁତର । ଲମତାପୁଟ କସ୍ତୁର୍ବା ଗାନ୍ଧୀ ଛାତ୍ରୀବାସରେ ରାତି ୯ଟାରେ ଖାଦ୍ୟ ଖାଇ ଅଚାନକ ପ୍ରାୟ ୫୦ଛାତ୍ରୀ ଝାଡାବାନ୍ତି ପେଟ ବ୍ୟଥାରେ ଆକ୍ରନ୍ତ ହୋଇଛନ୍ତି । ଖବର ପାଇ ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୫ଜଣିଆ ଡାକ୍ତରୀ ଟିମ ପହଞ୍ଚି ଚିକିତ୍ସା ଆରମ୍ଭ କରି ସମସ୍ତଙ୍କୁ ଲମତପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଥିମଧ୍ୟରୁ ୧୦ଜଣଛାତ୍ରୀଙ୍କ ଅବସ୍ଥା ଗୁରୁତର ଥିବା ଡାକ୍ତର ସୂଚନା ଦେଇଛନ୍ତି । ପିଲାଙ୍କ ଖାଦ୍ୟରେ କିଛି ଅଘଟଣ ହୋଇଥିବାରୁ ଫୁଡ ପଇଜନ ଦ୍ୱାରା ଏହିଭଳି ଘଟଣା ଘଟିଥିବା ନେଇ ସନ୍ଦେହ କରୁଛନ୍ତି ଡାକ୍ତର କୋରାପୁଟ ରୁ ସ୍ୱତନ୍ତ୍ର ଡାକ୍ତରୀ ଦଳ ଛାତ୍ରୀବାସକୁ ଯାଇ ନମୁନା ସଂଗ୍ରହ କରିବା ପରେ ପ୍ରକୃତ ଘଟଣା କ'ଣ ଜଣାପଡିବ ବୋଲି କହିଛନ୍ତି ।

## ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



**ଛତ୍ରପୁର (ଅମୃତ ମିଡିଆ) :** ଛତ୍ରପୁର ନିର୍ବାଚନ ମଣ୍ଡଳୀ ର ଛତ୍ରପୁର ବ୍ଲକ ରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି, ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା ଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଜନତା ଦଳର ବରିଷ୍ଠ ନେତା ମାନେ ତୃଣମୂଳ ସ୍ତର ରେ ଭୋଟ ର ଙ୍କ ପାଖକୁ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ସମସ୍ତ ଲୋକାଭିମୁଖୀ ଓ ଜନମଙ୍ଗଳ ଯୋଜନା ସମ୍ପର୍କ ରେ ବୁଝାଉଛନ୍ତି, ଛତ୍ରପୁର ବ୍ଲକ ଅନ୍ତର୍ଗତ ବିପୁଲିଙ୍ଗୀ ଗ୍ରାମ ପଂଚାୟତ ର ତେଲାପଲ୍ଲୀ ଗ୍ରାମ ରୁ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି,, ଏଥିରେ ଛତ୍ରପୁର ବ୍ଲକ ବିଜେଡି ସଭାପତି ପ୍ରବାସୀ ପ୍ରଧାନ, ଯୁବ ବିଜେଡି ଛତ୍ରପୁର ବ୍ଲକ ସଭାପତି କାଳିଆ ନାହାକ, ଯୁବ ନେତା ସୁରେଶ ଦାଶ, ଲକ୍ଷ୍ମଣ ସେଠି, ବୈରାଗୀ ଚରଣ ସାହୁ ଓ କିଶୋର ବେହେରା, ବିପୁଲିଙ୍ଗି ସରପଞ୍ଚ ହିନା ସେଠି ଙ୍କ ସମେତ ବହୁ ମହିଳା,ଯୁବ ଓ ଛାତ୍ର ନେତା ମାନେ ସାମିଲ ଥିଲେ

## କିଶୋରୀ ବାଳିକା ଶିଶୁ ବିକାଶ ମେଳା



**ବାଲୁଗାଁ (ଅମୃତ ମିଡିଆ) :** ରାଜ୍ୟ ସରକରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କିଶୋରୀ ମାନଙ୍କ ବିଭିନ୍ନ ଜୀବନ ଶୈଳୀ ସମ୍ବନ୍ଧିତ ଜ୍ଞାନ କୌଶଳ ଶିକ୍ଷା ଦେବା ପାଇଁ ସାରା ରାଜ୍ୟରେ 'କିଶୋରୀ ବାଳିକା ମେଳା' ଅନୁଷ୍ଠିତ ହେଉଛି । ଗତବର୍ଷ ଅନ୍ତର୍ଜାତିକ ବାଳିକା ଦିବସ ଅବସରରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଏକ ବର୍ଷ ମଧ୍ୟରେ ଯୋଡି ହୋଇଛନ୍ତି ୧୦ଲକ୍ଷ କିଶୋରୀ । ଏହିଅବସରରେ ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ବଉଳାବନ୍ଧ ଗ୍ରାମ ପଞ୍ଚୟତର ୧୨ଟି ଅଙ୍ଗନୱାଡ଼ି କର୍ମୀଙ୍କ ସହମତିରେ ସୋମବାର ପୂର୍ବାହ୍ନରେ କିଶୋରୀ ବାଳିକା ମେଳା ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳି ଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରଶ୍ମିତା ବେହେରା ଯୋଗ ଦେଇଥିବା ବେଳେ ଅଙ୍ଗନୱାଡ଼ି ସୁପରଭାଇଜର ସସ୍ମିତା ପାତ୍ର, ନାଏବ ସରପଞ୍ଚ ନରେନ୍ଦ୍ର ପଲାଇ, ଯାଞ୍ଚ କମିଟି ସଭାପତି ନିରଞ୍ଜନ ପୃଷ୍ଟି, ନଇରି ପ୍ରାଥମିକ ସ୍ୱାସ୍ଥ୍ୟ ଅଧିକାରୀ ରୂପେଷ ବଳବନ୍ତରାୟଙ୍କ ସମେତ ସମସ୍ତ ଅଙ୍ଗନୱାଡ଼ି କର୍ମୀ, ହେଲ୍ପର, ଆଶା କର୍ମୀମାନେ ଦିଦି ଉପସ୍ଥିତ ଥିଲେ । ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଶ୍ରୀମତୀ ବେହେରା ନିଜ ବକ୍ତବ୍ୟରେ ମା ତାର ଜନ୍ମିତ ଶିଶୁକୁ କିଭଳି ଯତ୍ନ ନେବାସହ ରୋଗମୁକ୍ତ କରିବା ସମ୍ବନ୍ଧରେ ଅବଗତ କରିଥିଲେ । ଶ୍ରୀମତି ସସ୍ମିତା ପାତ୍ର ସୁନ୍ଦର ଭାରତ ବର୍ଷକୁ କେଉଁ ଭଳି ଭାବରେ ସ୍ୱଚ୍ଛ ଭାରତରେ ପରିଣତ କରାଯିବ ଯାହାକି ପରିବେଶ ସ୍ୱଚ୍ଛତା ସହିତ ସଦାସର୍ବଦା ପରିଷ୍କାର ରହିବା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ସ୍ୱାସ୍ଥ୍ୟ ଗତ ସମସ୍ୟା ଓ ତାର ନିରାକରଣ ସମ୍ବନ୍ଧରେ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ବଳବନ୍ତରାୟ ସମ୍ୟକ ବିବରଣୀ ପ୍ରଦାନ କରିଥିଲେ । ପରିଶେଷରେ କୁନି କୁନି ପିଲା ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା ।

## ମହିଳାମାନେ ନିଜ ଖର୍ଚ୍ଚ ପାଇଁ ଆଉ ସ୍ୱାମୀଙ୍କୁ ହାତ ପତାଇବେ ନାହିଁ-ଜିଲ୍ଲା ପରିଷଦ ଅଧକ୍ଷ



**ରଘୁନାଥପୁର (ଅମୃତ ମିଡିଆ) :** ଆଜି ସମଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତର ଏମ୍‌ବିକେ ଲକ୍ଷ୍ମୀପ୍ରିୟା ନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି ସଚେତନତା ସଭାରେ ଜଗତସିଂହପୁର ଜିଲ୍ଲା ପରିଷଦ ଅଧକ୍ଷ ମନୋଜ କୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନା ଗୁଡିକ ସମ୍ପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ଆଗାମୀ ଦିନରେ ସରକାର ଜାତିବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ପାଇଁ ନୂତନ ଯୋଜନାମାନ ପ୍ରଣୟନ କରୁଛନ୍ତି । ସେ ଆହୁରି କହିଲେ ଯେ, ବିଗତ ଦିନ ପରି ଗ୍ରାମର ମହିଳାମାନେ ଆଉ ସେମାନଙ୍କ ସ୍ୱାମୀଙ୍କ ପାଖରେ ହାତ ପତାଉନାହାଁନ୍ତି । ଏଥିରେ ସମଙ୍ଗ ସରପଂଚ ମୀନତୀ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବ୍ଲକ ବିପିଏମ୍ ପ୍ରତାପ ରୁଦ୍ରନନ୍ଦ, ବିଏଲସି ରବିରଞ୍ଜନ ବରାଳ, ପୂର୍ବତନ ସରପଂଚ ସ୍ୱରୂପ ରଞ୍ଜନ ସ୍ୱାଇଁ, ଉପାଧକ୍ଷ ରତିରଞ୍ଜନ ବେହେରା, ସମିତିସଭ୍ୟ ଦିପକ କୁମାର ସ୍ୱାଇଁ, ପଞ୍ଚାୟତ ସଭାପତି ଶୁଭେନ୍ଦୁ ସ୍ୱାଇଁ, ଡ.ସୁଚିତ୍ରା ସାହୁ, ଗ୍ରାମ୍ୟ କୃଷି ଅଧିକାରୀ ସୁବାଶିଷ ମାହାଳି, ନାରୀନେତ୍ରୀ ପ୍ରଭାତି ମହାନ୍ତି, ପ୍ରତାପ ସିଂହ, ଦିଗମ୍ବର ପଣ୍ଡା ପ୍ରମୁଖ ଯୋଗଦେଇ ନିଜ ନିଜ ପ୍ରତିକ୍ରିୟାରେ ସରକାରଙ୍କ ଯୋଜନା ଗୁଡିକ ସମ୍ପର୍କରେ ଉପସ୍ଥିତ ମହିଳା ଓ ପୁରୁଷ, ଜନ ସାଧାରଣଙ୍କୁ ବିସ୍ତୃତଭାବେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ସମସ୍ତ ସିଆରପି, ସମସ୍ତ ଏସଏଚଜି, ଅଙ୍ଗନୱାଡ଼ି କର୍ମୀ ଓ ଆଶା କର୍ମୀଙ୍କ ସହଯୋଗ ଯୋଗୁଁ ପ୍ରାୟ ୧୫ଶହରୁ ଉର୍ଦ୍ଧ୍ୱ ଜନସାଧାରଣ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରସାଦ ସେବନ କରିଥିଲେ । ପ୍ରତି ୱାର୍ଡରୁ ପ୍ରତିଯୋଗିତା ଭିତିରେ ଛୋଟ ପିଲାମାନେ ନୃତ୍ୟ, ଗୀତରେ ମଜିଥିବା ବେଳେ ଘୋଡାନାଚ ଓ ଗୀତ ଦ୍ୱାରା ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଯାଇଥିଲା । ଶେଷରେ କାର୍ଯ୍ୟକ୍ରମର ସଫଳତା ପାଇଁ ପିଇଓ ନୀଳମଣି ଖଟୁଆ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## 'ଆମ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମ



**କଳାହାଣ୍ଡି (ଅମୃତ ମିଡ଼ିଆ) :** ଓଡିଶା ସରକାରଙ୍କ ଦ୍ୱାରା ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ ସ୍ତରରେ ଗ୍ରାମାଞ୍ଚଳର ଭିତ୍ତିଭୂମିର ବିକାଶ ରାଜ୍ୟ ସରକାରଙ୍କ ପ୍ରୟାସ ମାଧ୍ୟମରେ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର 'ଆମ ଓଡିଶା ନବୀନ ଓଡିଶା 'କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି ପରିପେକ୍ଷିରେ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ଟକର୍ଲା ଗ୍ରାମ ପଞ୍ଚାୟତସ୍ଥିତ ଟକର୍ଲା ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ତା ୦୫/୦୨/୨୦୨୪ରିଖ ସୋମବାର ଦିନ 'ଆମ ଓଡ଼ିଶା ନବୀନ ଓଡିଶା 'କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବରେ ନର୍ଲା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ମନୋରମା ମହାନ୍ତି ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ନର୍ଲା ପଞ୍ଚାୟତ ସମିତି ଉପାଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ନର୍ଲା-୧ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ନମ୍ରତା ସାହୁ, ନର୍ଲା-୨ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ହରିଶଙ୍କର ମାଝୀ, ଟକର୍ଲା ସରପଞ୍ଚ ରାମଚନ୍ଦ୍ର ସାହୁ, ଟକର୍ଲା ସମିତି ସଭ୍ୟା ବୁଇରାଣୀ ରାଉତ୍, ସମାଜସେବୀ ରାଜିବ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରଥମେ ଅତିଥି ସ୍ୱାଗତ ,ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ, ଅତିଥି ବକ୍ତବ୍ୟ ପ୍ରଦାନ, କିଛି ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପର୍ଯ୍ୟାୟ କ୍ରମେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳ ଗୁଡିକର ରୁପାନ୍ତରୀକରଣ, ମହିଳା ସଶକ୍ତିକରଣ ଓ ଭିତ୍ତିଭୂମିର ବିକାଶ, ବ୍ୟାଙ୍କିଙ୍ଗ୍ ଭିତ୍ତିଭୂମିର ବିକାଶ, ପ୍ରାଥମିକ ବିଦ୍ୟାଳୟର ରୁପାନ୍ତରୀକରଣ, କ୍ରୀଡା ଭିତ୍ତିଭୂମିର ବିକାଶ,ଐତିହ୍ୟ ଭିତ୍ତିଭୂମିର ବିକାଶ, ସୁଗମ ପରିବହନ ବ୍ୟବସ୍ଥା ତଥା ରାଜ୍ୟ ସରକାରଙ୍କ ଜନହିତକର ତଥା ଉନ୍ନୟନ ମୂଳକ କାର୍ଯ୍ୟ ବିଷୟରେ ଅତିଥି ମାନେ ପୁଙ୍ଖାନୁପୁଙ୍ଖ ଭାବରେ ଉପସ୍ଥିତ ଛାତ୍ରଛାତ୍ରୀ ତଥା ଜନସାଧାରଣଙ୍କୁ ବକ୍ତବ୍ୟ ମାଧ୍ୟମରେ ଅବଗତ କରାଇଥିଲେ । ପରେ ଅତିଥି ମାନଙ୍କ କରକମଳରେ ରେନ୍ଦାବାହାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଅ-ସାହିତ୍ୟ ସମ୍ମାନ ପ୍ରାପ୍ତ କବି ପ୍ରତାପକେଶରୀ ସାହୁଙ୍କୁ ପୁଷ୍ପଗୁଚ୍ଛ, ପୁଷ୍ପମାଲ୍ୟ, ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ପରେ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପୁରସ୍କାର ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମକୁ ପିଇଓ ମଧୁସୁଦନ ନାଏକ ପରିଚାଳନା କରିଥିବାବେଳେ ବରିଷ୍ଠ ସାମ୍ବାଦିକ ଉମାଶଙ୍କର ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମକୁ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ସରକାରୀ ସ୍ତରର ସମସ୍ତ ବିଭାଗର ଷ୍ଟଲ୍ ଲଗାଯାଇ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ପଲମର ସନ୍ତୋଷିନୀ ଟେଣ୍ଟ ହାଉସ୍ ମଞ୍ଚର ସାଜସଜ୍ଜା କରିଥିଲେ । କାର୍ଯ୍ୟକ୍ରମରେ ପଞ୍ଚାୟତ ଶତାଧିକ ଜନସାଧାରଣଙ୍କ ସହ ସମସ୍ତ ସ୍କୁଲର ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।




# ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



**ଛତ୍ରପୁର (ଅମୃତ ମିଡିଆ) :** ସ୍ଥାନୀୟ ଜଉଗଡ ସମ୍ମିଳନୀ କକ୍ଷ ଠାରେ ଗଞ୍ଜାମ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏବଂ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ଉପସ୍ଥିତ ରହି ଜନ ଶୁଣାଣୀ କରିଥିଲେ। କେତକ ଅଭିଯୋଗ ଗୁଡିକର ଆସୁ ସମାଧାନ ହୋଇଥିବା ବେଳେ ଆଉ କେତକ ଅଭିଯୋଗ ଗୁଡିକ ର ସମାଧାନ ନିମନ୍ତେ ବିଭଗୀୟ ଅଧିକାରୀ ନିକଟକୁ ପଠାଯାଇଥିଲା। ଆଜିର ଜନ ଶୁଣାଣୀରେ ଛତ୍ରପୁର ଉପଖଣ୍ଡ ସମେତ ଜିଲ୍ଲାର ସମୁଦାୟ ୨୭୪ ଗୋଟି ଆବେଦନର ଶୁଣାଣୀ କରାଯାଇଥିଲା। ସେଥିମଧ୍ୟରୁ ୨୫୨ଟି ଅଭିଯୋଗ ବ୍ୟକ୍ତିଗତ ରହି ଥିବା ବେଳେ ୨୨ଟି ଅଭିଯୋଗ ସାମୁହିକ ଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତକରଣ ବିଭାଗ ପକ୍ଷରୁ ୨ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ, ଜଣଙ୍କୁ ହୁଇଲଚ୍ୟାୟାର ଏବଂ ଦୁଇଜଣ ଦୃଷ୍ଟିହୀନ ଯୁବକଙ୍କୁ ଲାପଟପ ବଣ୍ଟନ କରାଯାଇଥିଲା। ସେହିପରି ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ୧୫ହଜାର ଟଙ୍କା ଏବଂ ଆଉ ଜଣକୁ ୨ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଆଜିର ଅଭିଯୋଗ ପ୍ରକୋଷ୍ଠରେ ଗଞ୍ଜାମ ଜିଲ୍ଲାପରିଷଦ ର ସିଡିଓ ମଧୁମିତା, ଅତିରିକ୍ତ ଜିଲ୍ଲାପାଳ ଲିନା କୁମାରୀ ଖେସ, ଛତ୍ରପୁର ଉପଜିଲ୍ଲାପାଳ ଦେବଦତ୍ତ ମହାନ୍ତ, ଛତ୍ରପୁର ଏସଡିପିଓ ଗୌରହରି ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦାସଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଦଳିତ ଯୁବକଙ୍କୁ ଜାତିଆଣ ଆକ୍ଷେପ ନେଇ ଥାନାରେ ମାମଲା

**ସାଲେପୁର (ଅମୃତ ମିଡିଆ) :** ଜଣେ ଦଳିତ ବ୍ୟକ୍ତିଙ୍କୁ ଆକ୍ରୋଶ ମୂଳକ ଭାବେ ନିୟମିତ ଜାତିୟାଣା ଆକ୍ଷେପ କରି ଜଣେ ଯୁବକ ଗାଳିଗୁଲଜ କରିବା ନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ଏକ ମାମଲା ରୁଜୁ କରିଥିବାବେଳେ ସାଲେପୁର ଏସ୍.ଡି.ପି.ଓ.ଏହି ମାମଲାର ତଦନ୍ତ ଚଳାଇଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ ଜଇରାମପୁର ପଞ୍ଚାୟତ ଅନ୍ତର୍ଗତ ଝାରପଡ଼ା ଗ୍ରାମର ଅନନ୍ତ ପ୍ରସାଦ ମଲିକ ତାଙ୍କ ପଡ଼ୋଶୀ ପାଇକରାପୁରର କମଳାକାନ୍ତ ବେହେରାଙ୍କ ଘର ଦେଇ ନିୟମିତ ଯାତାୟତ କରୁଥିବାବେଳେ କମଳାକାନ୍ତ ଅଧିକାଂଶ ସମୟରେ ତାଙ୍କୁ ଜାତିୟାଣା ଆକ୍ଷେପ କରି କହିଆସୁଥିଲା। ଗତ ୨୩ତାରିଖ ସନ୍ଧ୍ୟାରେ ଅନନ୍ତ ଉକ୍ତ ରାସ୍ତା ଦେଇ ଯାଉଥିବାବେଳେ କମଳାକାନ୍ତ ପୁନର୍ବାର ଜାତିୟାଣା ଆକ୍ଷେପ କରି କହିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ଘଟଣାକୁ ନେଇ ପଞ୍ଚାୟତରେ ସମାଧାନ କରିବାକୁ ଉଦ୍ୟମ କରାଯାଇଥିଲେ ହେଁ ଏହାର କୌଣସି ସମାଧାନ ନହେବାରୁ ଅନନ୍ତ ଏହାନେଇ ଆଜି ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ସାଲେପୁର ଥାନା କେଶ୍ ନଂ୬୨/୨୪ରେ ଏକ ମାମଲା ରୁଜୁ କରିଥିବାବେଳେ ସାଲେପୁର ଏସ୍.ଡି.ପି.ଓ. ନିହାର ରଂଜନ ପ୍ରଧାନ ଘଟଣାର ତଦନ୍ତ ଭାର ନେଇଥିବା ପୁଲିସ ସୂତ୍ରରୁ ଜଣାଯାଇଛି।

# ନଦୀକୂଳର ସୁରକ୍ଷା ପାଇଁ ପଥର ପ୍ୟାକିଂ କରାଯିବାକୁ ଜିଲ୍ଲାପାଳଙ୍କୁ ଦାବି

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ଗ୍ରାମପଞ୍ଚାୟତର ଫୋରଡ ଗ୍ରାମର କୈଳାସ ଚନ୍ଦ୍ର ଜେନା ଆଜି ଜନ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ଯେ ଗୋବରୀ ନଦୀର କୂଳ ଖାଉଥିବା ଯୋଗୁଁ ତାଙ୍କ ବାସଗୃହଟି ନଦୀରେ ଭୁସୁଡି ପଡିବାକୁ ଯାଉଛି। ପୂର୍ବରୁ ପ୍ରାୟ ୧ଶହ ମିଟର ଦୂରରେ ଥିବା ତାଙ୍କ ବାସଗୃହ ଏବେ ମାତ୍ର ୧୦ମିଟର ଦୂରରେ ରହିଛି। ନଦୀରୁ ମାତ୍ର ୧୦ମିଟର ଦୂରରେ ଥିବା କୈଳାସଙ୍କ ବାସଗୃହଟି ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ଥିବାରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ କୈଳାସ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ଏହି ନଦୀର ପୂର୍ବ ପଟରେ ଥିବା କଳାମାଟିଆ ଗ୍ରାମ ନିକଟରେ ପଥର ପ୍ୟାକିଂ କରାଯାଇଥିବାରୁ ପାଣି ଜମାଟ ବାନ୍ଧି କୈଳାସଙ୍କ ଗୃହ ନିକଟ ନଦୀ କୂଳରେ ପାଣି ଜମାହୋଇ କୂଳଖାଇ ଅତଡା ଖସୁଛି। ଫଳରେ କୈଳାସଙ୍କ ବାସଗୃହଟି ଗୋବରୀ ନଦୀରେ ଲୀନ ହୋଇଯିବା ସହ ସେ ବାସହୀନ ହୋଇପଡିବେ ତେଣୁ ତୁରନ୍ତ ସେଠାରେ ପଥର ପ୍ୟାକିଂ କରାଯାଉ ବୋଲି ଅତ୍ୟନ୍ତ ଦୁଃଖର ସହ କୈଳାସ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

# ବିବେକାନନ୍ଦ ପବ୍ଲିକ ସ୍କୁଲର ୧୪ତମ ବାର୍ଷିକୋତ୍ସବ




**ବାଲିଅନ୍ତା (ଅମୃତ ମିଡିଆ) :** ବାଳକାଟୀ ଜାମୁ ତୋଟା ସ୍କୁଲ ପଡିଆରେ ବିବେକାନନ୍ଦ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ଅପରାର୍ଣ୍ଣ ୪ଟା ସମୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ, ଚଳଚିତ୍ର ସଂଳାପ ଲେଖକ ଡଃ ରଜନୀ ରଞ୍ଜନ ଦାଶ, ଶିକ୍ଷାବିତ ଜୟନ୍ତ କୁମାର ମହାନ୍ତି, ସ୍ଥାନୀୟ ସମିତି ସଭ୍ୟ ଗଙ୍ଗଧର ମାହାରୀ, ନାଏବ ସରପଞ୍ଚ ଅରୁଣ କୁମାର ସାହୁ, ବିଶିଷ୍ଟ ଲୋକପ୍ରିୟ କଣ୍ଠଶିଳ୍ପୀ ସୁଶ୍ରୀ ଶୈଳଭାମା ମହାପାତ୍ର, ବିଦ୍ୟାଳୟ ସଂପାଦକ ଅଭିରାମ ସାହୁ , ସ୍କୁଲ କମିଟିର ସଭ୍ୟ ସନ୍ତୋଷ କୁମାର ସାହୁ, ବସନ୍ତ କୁମାର ସ୍ୱାଇଁ ଗ୍ରାମ୍ୟ ମୁଖ୍ୟ ଅଲେଖ ସାହୁ ଓ ମାଧବ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ପ୍ରଥମ ପର୍ଯ୍ୟାୟରେ ପ୍ରଦିପ ପ୍ରଜ୍ୱୋଳନ କରି ବାର୍ଷିକ ଉତ୍ସବଟିକୁ ଉଦଘାଟନ କରିଥିଲେ। ଏହି ପରିପେକ୍ଷୀରେ ଡଃ ରଜନୀ ରଞ୍ଜନ ଦାଶ ସଭାପତିତ୍ୱ କରି ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଓଡିଆ ଭାଷା ଓ ସାହିତ୍ୟପ୍ରତି ଭଲପାଇବା ଉପରେ ବକ୍ତବ୍ୟ ରଖିଥିଲେ। ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ ପିଲା ମାନଙ୍କ ଶିକ୍ଷାର ଉପଦେୟତା ଉପରେ ଆଲୋକପାତ କରିଥିଲେ। ଏହିପରିଭାବରେ ଅନ୍ୟ ସମ୍ମାନିତ ଅତିଥିମାନେ ନିଜନିଜର ବକ୍ତବ୍ୟ ରଖିଥିଲେ ଏହା ପରେ ସଂଧ୍ୟା ସମୟରେ ସ୍କୁଲର ସମସ୍ତ ପିଲାମାନଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପରିଶେଷରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସମସ୍ତ ଅତିଥିଙ୍କୁ ସ୍କୁଲର ସଂପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଦିକ୍ ଟେକ୍ନୋ ସ୍କୁଲର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ପାଳିତ

## ‘ଚାପମୁକ୍ତ ଶିକ୍ଷା ହିଁ କୋମଳମତି ଶିଶୁର ପ୍ରତିଭାର ବିକାଶ କରିଥାଏ’




**ପିପିଲି (ଅମୃତ ମିଡିଆ) :** ପିପିଲି ସ୍ଥିତ ବେଦିକ ଟେକନୋ ସ୍କୁଲର ଚତୁର୍ଦ୍ଦଶ ବାର୍ଷିକ ସାଂସ୍କୃତିକ ଐକ୍ୟମ ଉତ୍ସବ ଉକ୍ତ ବିଦ୍ୟାଳୟ ପରିସରରେ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ଶୁଭଶ୍ରୀ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଭବ୍ୟ ‘ଐକ୍ୟମ’ ସଭାରେ ମୁଖ୍ୟ ଅତିଥି ଭାବେ ନ୍ୟାସନାଲ ବୁକ ଟ୍ରଷ୍ଟର ପ୍ରାକ୍ତନ ଅଧକ୍ଷ ମାନସ ରଞ୍ଜନ ମହାପାତ୍ର ଯୋଗ ଦେଇ ଚାପମୁକ୍ତ ଶିକ୍ଷା ହିଁ କୋମଳମତି ଶିଶୁର ପ୍ରତିଭାର ବିକାଶ ହୋଇଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସମାଜସେବୀ କୁଳଦୀପ ଗୁପ୍ତା, ସମ୍ମାନିତ ଅତିଥି ଭାବେ ଓଏଏସ ଶ୍ରୀଯୁକ୍ତ ସୌମ୍ୟକାନ୍ତ ସୌମ୍ୟଦର୍ଶୀ ଯୋଗଦେଇ କୋମଳମତି ଶିଶୁ ମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ଉପରେ ଆଲୋକପାତ କରିଥିଲେ। ଜାତୀୟ ଶିକ୍ଷା ନୀତି ଅନୁଯାୟୀ ସ୍ୱ-ଉତ୍ସାହରେ ଛାତ୍ରଛାତ୍ରୀମାନଙ୍କର ସଫଳ ଭବିଷ୍ୟତ ଗଠନ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ ପ୍ରକାଶ କରିଥିଲେ। ସ୍କୁଲର ଅଧକ୍ଷ ସୁଧୀର ପଣ୍ଡା ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସ୍କୁଲର ପରିଚାଳନା ପ୍ରତିନଧି ମୁନୁ ଅଗ୍ରୱାଲ ସ୍ୱାଗତ ଭାଷଣ ସହିତ ବାର୍ଷିକ ବିବରଣୀ ପଠନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ବିଦ୍ୟାଳୟ ର ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ସର୍ବଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ ନୃତ୍ୟ ସଙ୍ଗୀତ ଓ ଅଭିନୟ ପାରିବେଷିତ ହୋଇ ଉଚ୍ଚ ପ୍ରଂଶସିତ ହୋଇଥିଲା।

# ସୁଦ୍ଧାଖଣ୍ଡ ପଞ୍ଚାୟତକୁ ରାଜ୍ୟସ୍ତରୀୟ ପୁରସ୍କାର



**ସାଲେପୁର (ଅମୃତ ମିଡିଆ) :** ସାଲେପୁର ବ୍ଲକ୍‌ର ୩୫ଟି ପଞ୍ଚାୟତ ମଧ୍ୟରୁ ସୁଦ୍ଧଖଣ୍ଡ ପଞ୍ଚାୟତ ବିକାଶମୂଳକ କାର୍ଯ୍ୟ କରିବାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ତାଙ୍କୁ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କରିଛନ୍ତି। ଗତ ୩୧ତାରିଖ ଦିନ ଭୁବନେଶ୍ୱରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଚୌଧୁରୀ ପ୍ରମୋଦ କୁମାର ରାଉତରାୟ ଏହି ପୁରସ୍କାର ମୁଖ୍ୟମନ୍ତ୍ରୀଙ୍କ ଠାରୁ ଗ୍ରହଣ କରିବା ପରେ ପଞ୍ଚାୟତବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା। ପଞ୍ଚାୟତର ଜନସାଧାରଣ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ବହୁ ଜନପ୍ରତିନିଧି ସରପଞ୍ଚଙ୍କ ଉଦ୍ୟମରେ ସୁଦ୍ଧଖଣ୍ଡ ପଞ୍ଚାୟତ ବ୍ଲକ୍‌ରେ ୧ନଂ ମାନ୍ୟତା ପାଇଥିବାରୁ ସରପଞ୍ଚଙ୍କୁ ଏକ ଶୋଭାଯାତ୍ରାରେ ନେଇ ପଞ୍ଚାୟତ ପରିକ୍ରମା କରିବା ସହ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ସମିତିସଭ୍ୟ ପ୍ରଭାତ ନଳିନୀ ବିଶ୍ୱାଳ, ମିଶନ୍ ଶକ୍ତି ପଞ୍ଚାୟତ ସଭାନେତ୍ରୀ ରୀତାରାଣୀ ଲେଙ୍କା, ସଂପାଦିକା ଦମୟନ୍ତୀ ମହାରଣା, କୋଷାଧକ୍ଷ ରଂଜିତା ସ୍ୱାଇଁ, ସୁଚିସ୍ମିତା ଦାସ, ମମତା ବରାଳ, ସସ୍ମିତା ସ୍ୱାଇଁ, ସାବିତ୍ରୀ ଦାସ, ସଂଗୀତା ସାହୁ, ପଞ୍ଚାୟତ ସଭାପତି ଗୌରବ ସାମଲ, ରଂଜନ ବରାଳ, ହରେକୃଷ୍ଣ ସ୍ୱାଇଁ, ପ୍ରଦୀପ୍ତ ଦାସ, ରଂଜିତ ସାହୁ, ଚନ୍ଦନ ଚୌଧୁରୀ, ବିକାଶ ରଂଜନ ବରାଳ ପ୍ରମୁଖ ଉପସ୍ଥିତ ରହିଥିଲେ।

# ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ପାଇଲା କୋରାପୁଟ ନୃତ୍ୟ




**ଜୟପୁର (ଅମୃତ ମିଡିଆ) :** ନୀଳାଚଳ ପଲିଟେକନିକ୍ ଭୁବନେଶ୍ୱର ଠାରେ ରାଜ୍ୟ ସ୍ତରୀୟ ପଞ୍ଚ ଦିବସୀୟ କନିଷ୍ଠ ରେଡ଼କ୍ରସ ଅଧ୍ୟୟନ ତଥା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସେବା ନିବୃତ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ତଥା ଭାରତୀୟ ରେଡ କ୍ରସ ସୋସାଇଟି ଓଡିଶା ରାଜ୍ୟଶାଖାର ଅବୈତନିକ ସଚିବ ବିଭୂତି ଭୂଷଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଥିଲେ ପ୍ରାକ୍ତନ ଓଡିଶା ଶାଖାର ସଚିବ ମେଜର ଡ.କଳ୍ପନା ଦାସ,ମୁଖ୍ୟବକ୍ତା ଥିଲେ ଚଳଚ୍ଚିତ୍ର ଅଭିନେତା ତଥା ଓଡିଶା ଶାଖାର କମିଟି ସଭ୍ୟ ସବ୍ୟସାଚୀ ମିଶ୍ର। ସମ୍ମାନିତ ଅତିଥି ଥିଲେ ଭୁବନେଶ୍ୱର ସୃଷ୍ଟି ଏକାଡେମୀର ଚେୟାରମ୍ୟାନ ସରୋଜ କୁମାର ସାହୁ । ପ୍ରତି ଜିଲ୍ଲାରୁ ଆସିଥିବା ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଏଥିରେ କୋରାପୁଟର ଦଳଗତ ନୃତ୍ୟ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ସ୍ତରକୁ ମନୋନୀତ ହୋଇଛି। ପରାମର୍ଶଦାତା ତପନ କୁମାର ପରିଡ଼ କ୍ଷ ଓ ପରାମର୍ଶଦାତ୍ରୀ ଶୁଭସ୍ମିତା ସାହୁଙ୍କ ତତ୍ୱାବଧାନରେ ୧୨ଜଣ ଛାତ୍ରଛାତ୍ରୀ ଏହି ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରିଥିଲେ।

# ନିଖିଳ ଓଡିଶା ଆଶାକର୍ମୀ ସଂଘ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ନିଖିଳ ଓଡିଶା ଆଶାକର୍ମୀ ସଙ୍ଘ ଜିଲ୍ଲା କମିଟି ପକ୍ଷରୁ ଏକ ୬ଦଫା ସମ୍ବଳିତ ଦାବିପତ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ସ୍ୱାସ୍ଥ୍ୟସେବାର ମୁଖ୍ୟ ବିନ୍ଧାଣୀ ଆଶାକର୍ମୀଙ୍କ ମାସିକ ପାରିଶ୍ରମିକ ୨୬ହଜାର ଟଙ୍କା ପ୍ରଦାନ କରାଯିବା, ଡବ୍ଲୁଏଚସି ଅର୍ଥ ମହାକାଳପଡା ସିଏଚସିରେ ପ୍ରଦାନ କରାଯିବା, ଆଶାକର୍ମୀଙ୍କ ବାର୍ଷିକ ପ୍ରୋବେସନ ରାଶୀ ପ୍ରଦାନ କରାଯିବା, ଇନ୍ଦୁପୁର ସିଏଚସିର ବକେୟା ରାଶୀ ପ୍ରଦାନ କରାଯିବା, ପ୍ରତ୍ୟେକ କାମକୁ ରେଜିଷ୍ଟର ପ୍ରଦାନ କରାଯିବା, ଆୟୁଷ୍ମାନ କାର୍ଯ୍ୟକ୍ରମରେ ଆଶାକର୍ମୀଙ୍କୁ ପ୍ରୋତ୍ସାହନ ରାଶୀ ପ୍ରଦାନ ପ୍ରଭୃତି ଦାବି ଗୁଡିକ ରହିଛି। ଜିଲ୍ଲା ସମ୍ପାଦିକା କାନ୍ତିପ୍ରଭା ନାୟକ, ସଂଗଠନ ସମ୍ପାଦିକା ଭଗବତୀ ନାୟକ, ଇନ୍ଦୁପୁର ସମ୍ପାଦିକା ନନ୍ଦିନୀ ସ୍ୱାଇଁ, ସର୍ଣ୍ଣତା ବାରିକ, ରାଜକନିକାର କବିତା ମଲ୍ଲିକ, ପଟ୍ଟାମୁଣ୍ଡାଇର ଜଳିରାଣୀ ଦାସ, କବିତା ସାମଲ, ରାଜ୍ୟ ନେତୃତ୍ୱ ରମଣୀରଞ୍ଜନ ରାଉତରାୟ, ଜିଲ୍ଲା ଉପସଭାପତି ଅଜୟ ସାମଲ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ରାଜ୍ୟ ...

କଂଗ୍ରେସ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ପ୍ରତିବାଦ ଜଣାଇ କହିଛନ୍ତି ‘ସରକାର ନିଜ ପ୍ରଶଂସା ପାଇଁ ରାଜ୍ୟପାଳଙ୍କ ସହାୟତା ନେଇଛନ୍ତି, ରାଜା ମହାରାଜା ଅମଳ ଭଳି ପ୍ରଶଂସା କାର୍ଯ୍ୟକ୍ରମ କରାଯାଇଛି। ଏହାକୁ ବିରୋଧ କରି ଆମେ କକ୍ଷତ୍ୟାଗ କରୁଛୁ। ରାଜ୍ୟପାଳ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ କିପରି ଜମି ଅଧିକାର ଯୋଗାଇବା ତଥା ବସ୍ତି ମାନଙ୍କୁ ‘ଆଦର୍ଶ’ କଲୋନୀରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଜାଗା ମିଶନକୁ କାର୍ଯ୍ୟକାରୀ କରୁଛନ୍ତି।୨.୪୦ ଲକ୍ଷରୁ ଅଧିକ ବସ୍ତି ପରିବାରକୁ ଜମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଅନ୍ୟାନ୍ୟ ଭିତ୍ତିଭୂମି, ସୁବିଧା ଏବଂ ସେବା ସହିତ ଆବଶ୍ୟକ ଭିତ୍ତିଭୂମି, ସୁବିଧା ଏବଂ ସେବା ସହିତ ଆଦର କଲୋନୀରେ ପରିଣତ କରୁଛନ୍ତି ବୋଲି ସେ କହିଛନ୍ତି।“ଏପର୍ଯ୍ୟନ୍ତ, ୧୩୬୪ ବସ୍ତି ଆଦର୍ଶ କଲୋନୀ ଭାବରେ ଅପଗ୍ରେଡ୍ ହୋଇସାରିଛି। ଓଡିଶାର ୧୦ ଟି ସହର ସ୍ଲମ୍ ଫ୍ରି ସିଟି ମାନ୍ୟତା ହାସଲ କରିସାରିଛି। ଡିସେମ୍ବର ୨୦୨୪ ସୁଦ୍ଧା ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ବସ୍ତିମୁକ୍ତ ମାନ୍ୟତା ହାସଲ କରିବାକୁ ଓଡିଶା ଦ୍ରୁତ ଗତିରେ ଆଗେଇ ଚାଲିଛି ବୋଲି ସେ କହିଛନ୍ତି। ଏହା ବ୍ୟତୀତ ରାଜ୍ୟ ସରକାର କଲ୍ୟାଣ ମଣ୍ଡପକୁ ଆଦର୍ଶ କଲୋନୀ ଗୁଡିକରେ ପ୍ରୋତ୍ସାହିତ କରୁଛନ୍ତି। ରାଜ୍ୟର ସହରାଞ୍ଚଳରେ ପ୍ରାୟ ୪୦୦ କଲ୍ୟାଣ ମାଣ୍ଡାପ ନିର୍ମାଣ କରାଯିବ।ସେହିଭଳି ୨୦୨୫ ସୁଦ୍ଧା ସମସ୍ତ ଗ୍ରାମୀଣ ପରିବାରକୁ ନିରାପଦ ପାନୀୟ ଜଳ ଯୋଗାଣ କରାଯିବ ବୋଲି ସେ କହିଛନ୍ତି। ୨୦୨୫ ସୁଦ୍ଧା କାର୍ଯ୍ୟକ୍ଷମ ଘରୋଇ ଟ୍ୟାପ୍ ସଂଯୋଗ ମାଧ୍ୟମରେ ସମସ୍ତ ଗ୍ରାମାଞ୍ଚଳକୁ ସୁରକ୍ଷିତ ପାନୀୟ ଜଳ ଯୋଗାଇବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି।ବର୍ତ୍ତମାନ ଗ୍ରାମୀଣ ପରିବାରକୁ ୧୪,୨୭୭ ଜଳ ଯୋଗାଣ ପ୍ରକଳ୍ପ ଏବଂ ୫.୬ ଲକ୍ଷ ଟ୍ୟୁବ୍ କୂଅ ଏବଂ ସାନିଟାରୀ କୂଅ, ୧୨, ୬୮୩ ସୌର ଚଳିତ ଡୁଆଲ୍ ପମ୍ପ ଏବଂ ୨,୩୮୪ ସୌର ଚଳିତ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ମାଧ୍ୟମରେ ସୁରକ୍ଷିତ ପାନୀୟ ଜଳ ଯୋଗାଇ ଦିଆଯାଉଛି।ସମୁଦାୟ ୬୯% ଗ୍ରାମୀଣ ପରିବାର, ୬୮% ବିଦ୍ୟାଳୟ, ଓଡିଶାର ୫୯% ଅଙ୍ଗନୱାଡି କେନ୍ଦ୍ର ଏବଂ ସମସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟକୁ ପାନୀୟ ଜଳ ଟ୍ୟାପ୍ ସଂଯୋଗ ଯୋଗାଇ ଦିଆଯାଇଛି। ଦାସ କହିଛନ୍ତି ଯେ ୨୩ ଟି ଲୋକ ମଧ ରାଜ୍ୟର ୨୪ ଟି ସହରରେ ‘ପାନରୁ ପାନ’ ଗୁଣାତ୍ମକ ଜଳ ଯୋଗାଣର ସୁବିଧା ପାଇଛନ୍ତି।ସେ କହିଛନ୍ତି, କରୋନା ପରେ ରାଜ୍ୟ ଅର୍ଥନୀତି ଦୃତ ଗତିରେ ବୃଦ୍ଧି ପାଇଛି। ଯାହା ୨୦୨୨-୨୩ରେ ରାଜ୍ୟ ଜିଡିପିରେ ଦୃଶ୍ୟମାନ ହୋଇଛି।ସେ ସମ୍ବୋଧନ କରି ଆହୁରି କହିଛନ୍ତି, ୨୦୧୨-୧୩ରୁ ୨୨ ଫେବୃଆରୀ ୨୦୨୩ ଅବଧି ପର୍ଯ୍ୟନ୍ତ ୨୦୧୧-୧୨ମୂଲ୍ୟର ଅର୍ଥବ୍ୟବସ୍ଥା ୬.୪୭% ବୃଦ୍ଧି ପାଇଛି। ଏହା ରାଷ୍ଟ୍ରୀୟ ବିକାଶ ହାରର ୫.୫୯ଶତକଡା ଅଟେ।ଏଥିସହ ୨୦୨୨-୨୩ରେ ରାଜ୍ୟରେ ମୁଣ୍ଡପିଛା ଆୟରେ ଉଲ୍ଲେଖନୀୟ ବୃଦ୍ଧି ଦେଖିବାକୁ ମିଳିଛି। ମୁଣ୍ଡପିଛା ଆୟ ୧୬.୯% ବୃଦ୍ଧି ପାଇଛି। ୨୦୨୧-୨୨ରେ ଏହା ୧.୨୯ଲକ୍ଷ ଟଙ୍କା ଥିବାବେଳେ ୨୦୨୨-୨୩ରେ ୧.୫୧ଲକ୍ଷରେ ପହଞ୍ଚିଛି। ସେହିପରି ରାଜ୍ୟରେ ବେରୋଜଗାରି ବୃଦ୍ଧି ସଂଖ୍ୟା ୨୦୧୭-୧୮ ଠାରୁ ୭.୧% ହ୍ରାସ ପାଇ ୨୦୧୯-୨୦ରେ ୬.୨%ରେ ପହଞ୍ଚିଛି।

## ପରୀକ୍ଷା ...

ଖୋଲିବା, ନକଲି ପରୀକ୍ଷା କରିବା, ନକଲି ଆଡମିଟ କାର୍ଡ ଦେବା, ଠକେଇ କିମ୍ବା ଆର୍ଥିକ ହେରଫେର ପାଇଁ ଅଫର ଲେଟର ଦେବା, ସିଟିଂ ବ୍ୟବସ୍ଥାକୁ ପ୍ରଭାବିତ କରିବା ଓ ବେଆଇନ ଭାବେ ଆଶାୟୀଙ୍କୁ ସେମାନଙ୍କ ପରୀକ୍ଷା ପାଇଁ ତାରିଖ ଦେବା ଆଦି କାମ ନୂଆ ବିଲ୍‌ରେ ଦଣ୍ଡନୀୟ ଅପରାଧ ଭାବେ ବିବେଚନା ହେବ।ଯଦି ଏହି ଆଇନ ଅନୁସାରେ କେହି ଦୋଷୀ ସାବ୍ୟସ୍ତ ହୁଅନ୍ତି, ତା’ହେଲେ ତାଙ୍କୁ ୩ରୁ ୫ ବର୍ଷ ଯାଏ ଜେଲଦଣ୍ଡ ଓ ୧୦ ଲକ୍ଷ ଟଙ୍କା ଯାଏ ଜୋରିମାନା ଦେବାକୁ ପଡ଼ିବ।ପ୍ରବେଶିକା ପରୀକ୍ଷାର ପରିଚାଳନା ପାଇଁ ସାଧାରଣ ପରୀକ୍ଷା ପ୍ରାଧିକରଣଙ୍କ ଦ୍ୱାରା ନିଯୁକ୍ତ ସେବା ପ୍ରଦାନକାରୀ ସଂସ୍ଥା ଯଦି ଦୋଷ କରନ୍ତି, ତା’ହେଲେ ସେମାନଙ୍କୁ ମଧ ଜେଲଦଣ୍ଡ ସହ ୧ କୋଟି ଟଙ୍କା ଯାଏ ଫାଇନ ଦେବାକୁ ପଡ଼ିବ। ତାଙ୍କ ଠାରୁ ପରୀକ୍ଷା ପାଇଁ ହୋଇଥିବା ଖର୍ଚ୍ଚକୁ ମଧ ଆଦାୟ କରାଯିବ। ଏପରି ସର୍ଭିସ ପ୍ରୋଭାଇଡରମାନଙ୍କୁ ୪ ବର୍ଷ ଯାଏ କୌଣସି ପ୍ରକାରର ପରୀକ୍ଷା ପରିଚାଳନା ପାଇଁ ଦାୟିତ୍ୱ ମଧ ମିଳିବ ନାହିଁ।ସଂଗଠିତ ଭାବେ ପ୍ରବେଶିକା ପରୀକ୍ଷାରେ ଅନିୟମିତତା କରୁଥିବା ଲୋକଙ୍କୁ ୫ରୁ ୧୦ ବର୍ଷ ଯାଏ ଜେଲଦଣ୍ଡ ସହ ୧ କୋଟି ଟଙ୍କା ଫାଇନ ଦେବାକୁ ପଡ଼ିବ। ୟୁପିଏସ୍‌ସି, ଏସ୍‌ଏସସି, ରେଳବାଇ, ଆଇବିପିଏ ଓ ଏନଟିଏ ଭଳି ପ୍ରବେଶିକା ପରୀକ୍ଷା ପାଇଁ ଲାଗୁ ହେବ।

## ଭାରତ...

କି ରହିବ। ଏହା ମୋଦିର ଗ୍ୟାରେଣ୍ଟି ବୋଲି କହିଲେ ପ୍ରଧାନମନ୍ତ୍ରୀ। ଏହି ଅବସରରେ ୨୦୧୪ରେ ଉପା ସରକାର କାମଚଳା ବଜେଟ କଥା ମନେ ପକାଇଲେ ମୋଦି। ୨୦୧୪ରେ ଏକାଦଶ ବଡ଼ ଅର୍ଥନୀତି ହେବାରୁ ଗୌରବଗାଥା ଗାଇଥିଲେ। ଏବେ ପଞ୍ଚମ ସ୍ଥାନରେ ପହଞ୍ଚିଲୁଣି, ତଥାପି ସମାଲୋଚନା କରୁଛନ୍ତି। ୨୦୪୪ରେ ତୃତୀୟ ବଡ଼ ଅର୍ଥନୀତି ହେବୁ ବୋଲି ସେବେ କହିଥିଲେ। ଆମେ ୩୦ ବର୍ଷ ନୁହେଁ, ମୋ ୩ୟ କାର୍ଯ୍ୟକାଳରେ ୩ୟ ବଡ଼ ଅର୍ଥନୀତି ହେବୁ। ୧୧ରେ ଖୁସିଥିଲେ, ଏବେ ପଞ୍ଚମରେ ବି ଖୁସି ହେବା ଦରକାର। ଆମେ ଗରିବଙ୍କ ପାଇଁ ୪ କୋଟି ଘର ତିଆରି କରିଛୁ। ସହରୀ ଗରିବଙ୍କ ପାଇଁ ୮୦ ଲକ୍ଷ ପକ୍କା ଘର ନିର୍ମାଣ କରିଛୁ। କଂଗ୍ରେସ ଭଳି ଗତିରେ ଚାଲୁଥିଲେ ଶହେ ବର୍ଷ ଲାଗି ଯାଇଥାନ୍ତ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦି।ମୋଦି କଂଗ୍ରେସକୁ ଟାର୍ଗେଟ କରି କହିଛନ୍ତି ଯେ ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡଗେ ମଧ ଏକଦା କହି ସାରିଛନ୍ତି ଯେ ଏନଡିଏ ସରକାର ୪୦୦ରୁ ଅଧିକ ଆସନ ଜିତି ସରକାର ଗଠନ କରିବ। ଆସନ୍ତା ସାଧାରଣ ନିର୍ବାଚନକୁ ନେଇ ଏବେ ଠାରୁ ଭବିଷ୍ୟବାଣୀ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ଏକାକୀ ୩୭୦ ଆସନ ଜିତିବ। ସେହିପରି ବିଜେପି ନେତୃତ୍ୱାଧୀନ ଏନଡିଏ ମଧ ୪୦୦ରୁ ଅଧିକ ଆସନ ଜିତିବ ବୋଲି ଆଜି ପ୍ରଧାନମନ୍ତ୍ରୀ ମୋଦି ଦମ୍ଭୋକ୍ତି କରିଛନ୍ତି।ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ଜଣାଇ ମୋଦି ବିରୋଧୀ କଂଗ୍ରେସକୁ ତୀବ୍ର ସମାଲୋଚନା କରିବାକୁ ପଛାଇ ନାହାନ୍ତି। ସେ ନିଜ ସରକାରର ପ୍ରଶଂସା କରିଛନ୍ତି। ଏଥିସହ ପୁଣିଥରେ ବିଜେପି କେନ୍ଦ୍ରରେ ସରକାର ଗଠନ କରିବ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

## ଆମ୍ବେଦକରଙ୍କ...

ଦୈନିକ ତିରିଶ ହଜାର ଯାତ୍ରୀଙ୍କ ପରିବହନର ମୁଖ୍ୟ ମାଧ୍ୟମ ହେବ। ଏହାକୁ ଦୃଷ୍ଟିରେ ରଖି ଏଠାରେ ଯାତ୍ରୀମାନଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗର ବିକାଶ କରାଯିବା ସହ ନିରାପତ୍ତା ପ୍ରତି ମଧ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି।

## ଟ୍ରକ...

ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛି। ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଓ ହେଲ୍‌ପର ଫେରାର ହୋଇଯାଇଛି। ପୁଲିସ୍ ଟ୍ରକ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଗଡ଼ାଣିଆ ରାସ୍ତା ହୋଇଥିବାରୁ ଟ୍ରକ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।



# ଶ୍ରୀଦେବୀଙ୍କ ମୃତ୍ୟୁ ମାମଲାରେ ଫସିଲେ ୟୁଟ୍ୟୁବର

ବଲିଉଡ ଅଭିନେତ୍ରୀ ଶ୍ରୀଦେବୀ। ତାଙ୍କ ମୃତ୍ୟୁ ମାମଲାରେ ସମ୍ବେଦନଶୀଳ ଦାବି କରିଥିବା ୟୁଟ୍ୟୁବର୍ ଦୀପ୍ତି ଆର ପିନ୍ନିତି ଉପରେ ସିବିଆଇ ନିଜର ଆଭିମୁଖ୍ୟକୁ କଡାକଡି କରିଛି। ୟୁଟ୍ୟୁବର୍ ଅନୁସନ୍ଧାନକାରୀଙ୍କ ବିରୋଧରେ କେନ୍ଦ୍ରୀୟ ଅନୁସନ୍ଧାନ ଏଜେନ୍ସି କୋର୍ଟରେ ଏକ ଚାର୍ଜସିଟ୍ ଦାଖଲ କରିଛି। ଅଭିନେତ୍ରୀଙ୍କ ମୃତ୍ୟୁକୁ ନେଇ ୟୁଟ୍ୟୁବରେ ଏକ ଭିଡିଓରେ ସେମାନଙ୍କ ଦାବିକୁ ସମର୍ଥନ କରିବା ପାଇଁ ଅଭିଯୁକ୍ତ ପ୍ରଧାନମନ୍ତ୍ରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କଠାରୁ 'ନକଲି' ଚିଠି ଉପସ୍ଥାପନ କରିଥିବା ନେଇ ସିବିଆଇ ଦାବି କରିଛି। କହିବାକୁ ଗଲେ ଗତ ବର୍ଷ ମୁମ୍ବାଇର ଓକିଲ ଚାନ୍ଦନୀ ଶାହାଙ୍କ ଅଭିଯୋଗ ପରେ ସିବିଆଇ ଭୁବନେଶ୍ୱର ବାସିନ୍ଦା ଦୀପ୍ତି ଆର ପିନ୍ନିଟି ଏବଂ ତାଙ୍କ ଓକିଲ ଭାରତ ସୁରେଶ କାମାଥଙ୍କ ବିରୋଧରେ ଏଫଆଇଆର ପଞ୍ଜୀକୃତ କରିଥିଲା। ଏହି ମାମଲା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ) ଦ୍ୱାରା ସିବିଆଇକୁ ପଠାଯାଇଥିଲା। ଚାନ୍ଦନୀ ଶାହା ଅଭିଯୋଗ କରିଛନ୍ତି ଯେ ପିନ୍ନିତି ପ୍ରଧାନମନ୍ତ୍ରୀ ତଥା ପ୍ରତିରକ୍ଷା ମନ୍ତ୍ରୀଙ୍କ ଚିଠି, ସୁପ୍ରିମକୋର୍ଟ ସହ ଜଡିତ ଦଲିଲ ଏବଂ ୟୁଏଇ ସରକାରୀ ରେକର୍ଡ ସମେତ ଅନେକ ଦଲିଲ ପ୍ରସ୍ତୁତ କରିଛନ୍ତି। କହିବାକୁ ଗଲେ ଯେ ପିନ୍ନିତି ଶ୍ରୀଦେବୀ ଏବଂ ସୁଶାନ୍ତ ସିଂ ରାଜପୁତଙ୍କ ପରି ବଲିଉଡ ତାରକାଙ୍କ ମୃତ୍ୟୁ ବିଷୟରେ ସୋସିଆଲ ମିଡିଆରେ ଖୁବ୍ ଆଲୋଚନା କରୁଛନ୍ତି। ଫେବୃଆରୀ ୨୦୧୮ରେ ସଂଯୁକ୍ତ ଆରବ ଏମିରେଟ୍ସର ଦୁବାଇରେ ଶ୍ରୀଦେବୀଙ୍କ ଦେହାନ୍ତ ହୋଇଥିଲା। ଶ୍ରୀଦେବୀଙ୍କ ମୃତ୍ୟୁକୁ ନେଇ ଏକ ସାକ୍ଷାତକାରରେ ସେ ତାଙ୍କ 'ଅନୁସନ୍ଧାନ' ଆଧାରରେ 'ଦୁଇ ସରକାରଙ୍କ ମଧ୍ୟରେ କଭର୍ ଅପ୍' ଆଧାରରେ ଅନେକ ସମ୍ବେଦନଶୀଳ ଦାବି କରିଥିଲେ। ନ୍ୟୁଜ୍ ଏଜେନ୍ସି ପିଟିଆଇର ଏକ ପ୍ରଶ୍ନର ଉତ୍ତରରେ ପିନ୍ନିତି କହିଛନ୍ତି ଯେ ଏହା ବିଶ୍ୱାସ କରିବା କଷ୍ଟକର କି ମୋର ବିବୃତ୍ତି ରେକର୍ଡ ନକରି ସିବିଆଇ ମୋ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି ।

# ବିଶାଖାପାଟନମ୍ ଟେଷ୍ଟରେ ଟିମ୍ ଇଣ୍ଡିଆର ବିଜୟୀ



**ବିଶାଖାପାଟନମ୍ :** ପ୍ରଥମ ଟେଷ୍ଟର ବଦ୍‌ଲା ନେଲା ଟିମ୍ ଇଣ୍ଡିଆ । ବିଶାଖାପାଟନମରେ ଚାଲିଥିବା ୨ୟ ଟେଷ୍ଟ ମ୍ୟାଚ୍‌କୁ ୧୦୬ ରନ୍‌ରେ ବିଜୟୀ ହୋଇଛି ରୋହିତ ବାହିନୀ । ଯାହାଫଳରେ ୫ଟିକିଆ ସିରିଜ୍‌ରେ ୦-୧ରେ ପଛୁଆ ଥିବା ଟିମ୍ ଇଣ୍ଡିଆ ଏବେ ୧-୧ରେ ବରାବର କରିଛି । ୨୯୨ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି ଇଂଲଣ୍ଡ ଟିମ୍ । ଆଗାମୀ ୧୫ ତାରିଖ ଦିନ ସୌରାଷ୍ଟ୍ରରେ ଖେଳାଯିବ ତୃତୀୟ ଟେଷ୍ଟ ମ୍ୟାଚ୍ । ଖବର ଅନୁଯାୟୀ, ୫ ଟିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ହାରିଥିଲା ଭାରତୀୟ ଟିମ୍ । ଏହାପରେ ଫେବୃଆରୀ ୨ ତାରିଖରେ ଆରମ୍ଭ ହୋଇଥିଲା ୨ୟ ଟେଷ୍ଟ । ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ ରୋହିତ ଶର୍ମା । ଯାହାକୁ ଟିମ୍ ଇଣ୍ଡିଆ ପାଇଁ ଲକି ସାବ୍ୟସ୍ତ ହୋଇଥିଲା । ଯୁବ ଜଶସ୍ୱୀ ଜୈସୱାଲ୍‌ଙ୍କ ଦମ୍‌ଦାର ଦ୍ୱିଶତକ ବଳରେ ଭାରତ ପ୍ରଥମ ପାରିରେ ୩୯୬ ରନ୍ କରିଥିଲା । ଏହାପରେ ପ୍ରଥମ ପାରିରେ ଇଂଲଣ୍ଡ ମାତ୍ର ୨୫୩ ରନ୍ କରିବାରେ ସକ୍ଷମ ହୋଇଥିଲା । ତେବେ ପ୍ରଥମ ଇନିଂସର ଅଗ୍ରଣୀ ସହିତ ଭାରତ ୨ୟ ଇନିଂସ ଆରମ୍ଭ କରିଥିଲା । ହେଲେ ୨ୟ ଇନିଂସରେ ଭାରତୀୟ ବ୍ୟାଟର ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ । ମାତ୍ର ୨୫୫ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା ପୁରା ଟିମ୍ । ପୂର୍ବ ଇନିଂସର ରନ୍ ଏବଂ ୨ୟ ପାରିର ରନ୍‌କୁ ମିଶାଇ ୩୯୮ ରନ୍‌ର ଟାର୍ଗେଟ ରହିଥିଲା । ସିରିଜ୍‌ରେ ୨ୟ ବିଜୟକୁ ଟାର୍ଗେଟ କରି ପଡିଆକୁ ଓହ୍ଲାଇଥିଲା ଇଂଲଣ୍ଡ । ଦଳ ପକ୍ଷରୁ ଭଲ ଆରମ୍ଭ ହୋଇଥିଲା । ହେଲେ ଅନ୍ତରାଳରେ ପଡିଯାଇଥିଲା ୱିକେଟ୍ । ଇଂଲଣ୍ଡ ପକ୍ଷରୁ ୨ୟ ଇନିଂସରେ ଜ୍ୟାକ୍ କର୍ଲୀ ସର୍ବାଧିକ ୭୩ ରନ୍ କରିଛନ୍ତି । ସେପଟେ ବୋଲିଂରେ ଭାରତ ପକ୍ଷରୁ ୨ୟ ଇନିଂସରେ ବୁମ୍‌ରାହ ଏବଂ ଅଶ୍ୱିନୀ ୩ଟି ଲେଖାଏଁ ୱିକେଟ୍ ନେଇଛନ୍ତି । ଏହାବାଦ୍ କୁଲଦୀପ, ମୁକେଶ, ଅକ୍ଷର ପଟେଲ ଗୋଟିଏ ଲେଖାଏଁ ୱିକେଟ୍ ନେଇଛନ୍ତି । ୨ୟ ଟେଷ୍ଟ ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ ଲାଗି ଜଶପ୍ରୀତ ବୁମ୍‌ରାହଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍‌ର ପୁରସ୍କାର ମିଳିଛି । ୨ୟ ଟେଷ୍ଟରେ ମୋଟ ୯ଟି (୧ମ ପାରିରେ ୬ଟି ଏବଂ ୨ୟ ପାରି ୩ଟି) ୱିକେଟ୍ ନେଇଛନ୍ତି ।

# ଭାରତ ୪-୦ରେ ପାକିସ୍ତାନକୁ ହରାଇଲା

**ଇସ୍‌ଲାମାବାଦ :** ୬୦ ବର୍ଷ ପରେ ଭାରତୀୟ ଡେଭିସ କପ୍ ଦଳର ପାକିସ୍ତାନ ଗସ୍ତ ବିଜୟ ସହ ଶେଷ ହୋଇଛି। ଭାରତ ୪-୦ରେ ପାକିସ୍ତାନକୁ ପରାସ୍ତ କରି ବିଶ୍ୱ ଗ୍ରୁପ୍-୧ରେ ପହଞ୍ଚିଛି। ଶନିବାର ଦୁଇଟି ଯାକ ଏକକ ମ୍ୟାଚ୍ ଜିତିଥିବା ଭାରତ ରବିବାର ଯୁଗଳ ସହ ପାଲଟା ଏକକ ମ୍ୟାଚ୍ ଜିତି ନେଇଥିଲା। ଯୁଗଳରେ ୟୁକି ଭାମ୍ବ୍ରି ଓ ସାକେତ ମିନେନିଙ୍କ ଯୋଡ଼ି ୬-୨, ୭-୬ ସେଟ୍‌ରେ ମୁଜାମିଲ ମୁର୍ତାଜା ଓ ଅକିଲ ଖାନ୍‌ଙ୍କୁ ପରାସ୍ତ କରିଥିଲେ। ସେହିଭଳି ଏକକରେ ଡେଭିସ କପ୍ ପଦାର୍ପଣ କରିଥିବା ନିକି କାଲିୟାନ୍ଦା ପୁନାଚା ୬-୩, ୬-୪ ସେଟ୍‌ରେ ମହମ୍ମଦ ସୋଏବଙ୍କୁ ହରାଇଥିଲେ। ପାକିସ୍ତାନ ବିପକ୍ଷରେ ଏହା ଭାରତ ଲଗାତାର ଅଷ୍ଟମ ଡେଭିସ କପ୍ ବିଜୟ।



ବିଶ୍ୱ ଗ୍ରୁପ୍-୧କୁ ଗଲା

## ମନ୍ଦାରୀ ପ୍ରିମିୟର ଲିଗ୍ ଉଦ୍‌ଯାପିତ

# ଏସ ଜି ଇଲେଭେନ ଭଦ୍ରକ ଚାମ୍ପିଅନ

**ବାସୁଦେବପୁର(ଅମୃତ ମିଡିଆ) :** ସ୍ଥାନୀୟ ମନ୍ଦାରୀ ମହାବିଦ୍ୟାଳୟ ପଛ ପଟେ ଥିବା ପଡିଆ ରେ ମନ୍ଦାରୀ ପ୍ରିମିୟର ଲିଗ୍ ର ଉଦ୍ ଜାପାନୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଶେଷ ତଥା ଅନ୍ତିମ ଦିନ ରେ ମାଷ୍ଟର ମାଇଣ୍ଡ ସାହାଡ଼ା ଓ ଏସ ସି ଇଲେଭେନ ଭଦ୍ରକ ମଧ୍ୟ ରେ ଅନୁଷ୍ଠିତ ହୋଇ ଥିଲା ମ୍ୟାଚ୍। ପ୍ରଥମେ ଟସ୍ ଜିତି ବୋଲିଙ୍ଗ ର ନିଷ୍ପତି ନେଇ ଏସ ସି ଭଦ୍ରକ ସାହାଡ଼ା କୁ ବ୍ୟାଟିଙ୍ଗ ପାଇଁ ଆମନ୍ତ୍ରଣ କରିଥିଲା। ଏହି ଅବସର ରେ ସାହାଡ଼ା ତାର ସମସ୍ତ ୱିକେଟ ହରାଇ ମାତ୍ର ୧୩୮ ରନ ସଂଗ୍ରହ କରି ଥିବା ବେଳେ ଏସ ଜି ଇଲେଭେନ୍ ବାର ଅଭାର ଓ ନଅ ଟି ୱିକେଟ ବାକି ଥାଇ ରନ ସଂଗ୍ରହ କରି ବିଜୟୀ ହୋଇ ଥିଲା। ଏସ ଜି ପକ୍ଷ ରୁ ବିକାଶ ସର୍ବାଧିକ ୪୭ ଓ ମେଣ୍ଡିସ ୪୦ ରନ ସଂଗ୍ରହ କରି ଥିଲେ। ଏହି ଅବସର ରେ ଅନୁଷ୍ଠିତ ସଭା କାର୍ଯ୍ୟ କର୍ମ ଅନୁଷ୍ଠିତ ଅତିଥି ଭାବେ ସମାଜସେବୀ ଶୁଭେନ୍ଦୁ ଭୂଷଣ ବେହେରା,



ବିଧାୟକ ଙ୍କ ପ୍ରତିନିଧି ଅସିତ୍ କୁମାର ଦାସ, ପୌର ଉପାଧକ୍ଷ ଉତ୍ତମ ବାରିକ୍, ମାନସ ସାହୁ, କାଳନ୍ଦୀ ସାହୁ ଓ ସମାଜସେବୀ ବିଭୂତି ଭୂଷଣ ପଣ୍ଡା ଯୋଗ ଦେଇଥିଲେ। ବିଜୟୀ ଦଳ କୁ ତିରିଶ ହଜାର ଟଙ୍କା ଟ୍ରଫି ଓ ରନସଅପ୍ ଦଳ କୁ କୋଡ଼ିଏ ହଜାର ଟଙ୍କା ଟ୍ରଫି ପ୍ରଦାନ କରିଥିଲେ। ସାତ ଦିନ ର ଖେଳ କୁ ଆମ୍ପାୟର ଭାବ ରେ ଅଜିତ ମଲ୍ଲିକ ଓ ପ୍ରଦୀପ ମଲ୍ଲିକ ପରିଚାଳନା କରିଥିଲା ବେଳେ କ୍ଲବ୍ ପକ୍ଷ ରୁ ସଭାପତି ମୁକେଶ ମଲ୍ଲିକ, ସମ୍ପାଦକ କୈଳାସ ମହାରଣା, ଗୌରାଙ୍ଗ ରାଉତ, ଶଶି ମଲ୍ଲିକ, ଉତ୍ତମ ମଲ୍ଲିକ, ଅମିତ୍ ମହାପାତ୍ର, ହରିଶ ରାଉତ, ତପନ ନାଥ, ହେମନ୍ତ ନାୟକ, ଦିବ୍ୟଜ୍ୟୋତି ବେହେରା, ବିଜୟ ମହାରଣା, ବିକାଶ ବେହେରା, ଜଗବନ୍ଧୁ ରାଉତ ପ୍ରମୁଖ ଉପସ୍ଥିତ ରହି ସଫଳ କରାଇ ଥିଲେ।

# ନ୍ୟୁ ଜର୍ସିରେ ଆୟୋଜିତ ହେବ ଫିଫା ବିଶ୍ୱକପ୍ ଫାଇନାଲ୍



**ନୂଆଦିଲ୍ଲୀ :** ନ୍ୟୁ ଜର୍ସିର ମେଟଲାଇଫ୍ ଷ୍ଟାଡିୟମରେ ୨୦୨୬ ବିଶ୍ୱକପ୍ ଫାଇନାଲ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ଫିଫା ରବିବାର ଘୋଷଣା କରିଛି। ଏହି ମୁକାବିଲା ଆୟୋଜନ କରିବା ପାଇଁ ଡଲାସ୍ ଠାରୁ ଦୃଢ଼ ଦାବିଦାର ରୂପେ ଉଭା ହୋଇଥିଲା ନ୍ୟୁ ଜର୍ସି। ଆମେରିକା, କାନାଡା ଏବଂ ମେକ୍ସିକୋ ଦ୍ୱାରା ମିଳିତ ଭାବରେ ଆୟୋଜିତ ହେଉଥିବା ୨୦୨୬ ବିଶ୍ୱକପରେ ମୋଟ ୪୮ ଟିମ୍ ଅଂଶଗ୍ରହଣ କରିବେ। ଜୁନ୍ ୧୧ ରେ ମେକ୍ସିକୋ ସିଟିର ଆଇକନିକ୍ ଆଜଟ୍କୋ ଷ୍ଟାଡିୟମରେ ଉଦଘାଟନୀ ଖେଳ ସହିତ ଏହି ପ୍ରତିଯୋଗିତା ଆରମ୍ଭ ହେବ । ଫିଫା ସଭାପତି ଜିଆନାନି କହିଛନ୍ତି ଯେ ଫିଫା ବିଶ୍ୱକପ ସବୁଠୁ ଅଧିକ ଚମକପ୍ରଦ ଏବଂ ପ୍ରଭାବଶାଳୀ ଆଉ ସ୍ୱପ୍ନ ନୁହେଁ ବରଂ ଏକ ବାସ୍ତବତା ଯାହା କାନାଡା, ମେକ୍ସିକୋ ଏବଂ ଯୁକ୍ତରାଷ୍ଟ୍ରର ୧୬ ଟି ଅତ୍ୟାଧୁନିକ ଷ୍ଟାଡିୟମରେ ୧୦୪ ମ୍ୟାଚ୍ ଆକାରରେ ରୂପ ନେବ। ଆଇକନିକ୍ ଏଷ୍ଟାଡିଓ ଆଜଟ୍କୋ ଠାରେ ଉଦ୍ଘାଟନୀ ମ୍ୟାଚ୍ ଠାରୁ ନ୍ୟୁୟର୍କ ନ୍ୟୁୟର୍କର ଚମତ୍କାର ଫାଇନାଲ୍ ପର୍ଯ୍ୟନ୍ତ ଖେଳାଳି ଏବଂ ପ୍ରଶଂସକମାନେ ଏହି ଖେଳ ପରିବର୍ତ୍ତନକାରୀ ଟୁର୍ନାମେଣ୍ଟ ପାଇଁ ବ୍ୟାପକ ଯୋଜନାର ରହିଛି । ଯାହା କେବଳ ନୂଆ ରେକର୍ଡ ସୃଷ୍ଟି କରିବ ନାହିଁ ଏକ ଅବିସ୍ମରଣୀୟ ଲିଗାସୀ ମଧ୍ୟ ଛାଡିଯିବ।"

# ରଣଜୀ ଟ୍ରଫିରେ ଓଡ଼ିଶା ଆଗୁଆ



**କଟକ(ବ୍ୟୁରୋ) :** ବାରବାଟୀ ଷ୍ଟାଡିୟମ୍‌ରେ ଚାଲିଥିବା ଓଡ଼ିଶା-ପୁଡୁଚେରୀ ରଣଜୀ ମ୍ୟାଚ୍‌ରେ ଓଡ଼ିଶା ସୁବିଧାଜନକ ସ୍ଥିତିରେ ରହିଛି। ପ୍ରଥମ ପାଳିରେ ୩୪ରନ୍‌ରେ ଅଗ୍ରଣୀ ରହିଥିବା ଓଡ଼ିଶା ରବିବାର ଦ୍ୱିତୀୟ ପାଳି ଆରମ୍ଭ କରି ୪୦ ଓଭରରେ ୪ ୱିକେଟ୍ ହରାଇ ଷ୍ଟମ୍ପ ପ୍ରତ୍ୟାହାର ସୁଦ୍ଧା ୧୨୨ ରନ୍ କରିଛି। ଗୋବିନ୍ଦ ପୋଦ୍ଦାର ୧୯ ଓ ବିପ୍ଲବ ସାମନ୍ତରାୟ ୫ ରନ୍ କରି ଅପରାଜିତ ରହିଛନ୍ତି। ପୂର୍ବରୁ ଅନୁରାଗ ଷଡ଼ଙ୍ଗୀ ଓ ଅଧିନାୟକ ଶାନ୍ତନୁ ମିଶ୍ର ରକ୍ଷଣାତ୍ମକ ଢଙ୍ଗରେ ପାଳି ଆରମ୍ଭ କରିଥିଲେ। ତେବେ ଦଳୀୟ ସ୍କୋର୍ ୫୫ ରନ୍ ହୋଇଥିବା ବେଳେ ଅନୁରାଗ ୨୨ ରନ୍ କରି ଆଉଟ୍ ହୋଇଯାଇଥିଲେ। ଶାନ୍ତନୁ ୮୪ ବଲ୍‌ରୁ ୨୮ ରନ୍ କରିଥିଲେ। ସେହିଭଳି ସନ୍ଦୀପ ପଟ୍ଟନାୟକ ୧୬ ଓ ଶୁଭ୍ରାଂଶୁ ସେନାପତି ୧୯ ରନ୍ କରି ଆଉଟ୍ ହୋଇଯାଇଥିଲେ। ଶୁଭ୍ରାଂଶୁ ଓ ଗୋବିନ୍ଦ ପୋଦ୍ଦାରଙ୍କ ଯୋଡ଼ି ୫୧ଟି ବଲ୍‌ରୁ ୩୧ ରନ୍ କରିଥିଲେ। ଓଡ଼ିଶାର ପ୍ରଥମ ପାଳି ସ୍କୋର୍ ୩୨୨ ରନ୍‌କୁ ପିଛା କରି ପୁଡୁଚେରୀ ଶନିବାର ୪ ୱିକେଟ୍ ବିନିମୟରେ ୧୨୭ ରନ୍ କରିଥିଲା। ରବିବାର ଅରୁଣ କାର୍ତ୍ତିକଙ୍କ ଶତକ (୧୧୦) ସତ୍ତ୍ୱେ ସମସ୍ତ ୱିକେଟ୍ ବିନିମୟରେ ୨୮୪ ରନ୍ କରିପାରିଥିଲା। ଫଳରେ ପ୍ରଥମ ପାଳି ଅଗ୍ରଣୀ ଭିତ୍ତିରେ ଅତିରିକ୍ତ ପଏଣ୍ଟ ଅର୍ଜନ କରିବାରୁ ବଞ୍ଚିତ ହୋଇଥିଲା। ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି, ସୁନୀଲ କୁମାର ରାଉଳ ଓ ହର୍ଷିତ ରାଠୋଡ୍ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଦେବବ୍ରତ ପ୍ରଧାନ ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏଁ ୱିକେଟ୍ ପାଇଥିଲେ।

# ଦ୍ୱିଶତକ ପରେ ବି ମିଳିଲାନି ପ୍ଲେୟାର ଅଫ ଦ ମ୍ୟାଚ୍

**ବିଶାଖାପଟ୍ଟନମ :** ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ବର୍ତ୍ତମାନ ୧-୧ ରେ ବରାବର ହୋଇଛି । ପ୍ରଥମ ମ୍ୟାଚ ହାଇଦ୍ରାବାଦରେ ଖେଳାଯାଇଥିଲା ଯାହା ଭ୍ରମଣକାରୀ ଦଳ ଜିତିଥିଲା। ବିଶାଖା ପଟ୍ଟନମରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚକୁ ୧୦୬ରନରେ ଜିତି ଭାରତ ସମାନ ପଏଣ୍ଟ ହାସଲ କରିଛି। ଏହି ମ୍ୟାଚରେ ଯଶସ୍ୱୀ ଜୟସ୍ୱାଲ ପ୍ରଥମ ଇନିଂସରେ ଭାରତ ପାଇଁ ଦ୍ୱିଶତକ ହାସଲ କରିଥିଲେ। ଏହି ବିସ୍ଫୋରକ ଇନିଂସ ଯୋଗୁଁ ହିଁ ଭାରତ ବିଜୟର ମୂଳଦୁଆ ପକାଇବାକୁ ସକ୍ଷମ ହୋଇଥିଲା। ବିଶାଖାପଟ୍ଟନମ ଟେଷ୍ଟ ମ୍ୟାଚରେ ଭାରତୀୟ ଦଳର ଅଧିନାୟକ



ରୋହିତ ଶର୍ମା ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଅଧିନାୟକଙ୍କ ସମେତ ପୁରା ବ୍ୟାଟିଂ ଅର୍ଡର ରନ ସ୍କୋର କରିବାରେ ବିଫଳ ହୋଇଥିଲା। ଜୟସ୍ୱାଲ ପ୍ରଥମ ଇନିଂସରେ ଦ୍ୱିଶତକ ହାସଲ କରି ସ୍କୋରକୁ ୩୯୬ରନକୁ ନେଇଥିଲେ। ସେ ୧୯ ଚୌକା ଓ ୭ ଛକା ସହାୟତାରେ ୨୯୦ ବଲରେ ୨୦୯ ରନ ସ୍କୋର କରିଥିଲେ। ଭାରତର କୌଣସି ବ୍ୟାଟ୍ସମ୍ୟାନ ପ୍ରଥମ ଇନିଂସରେ ୩୫ ରନ ମଧ୍ୟ ସ୍କୋର କରି ନ ଥିଲେ। ତେବେ ଜୟସ୍ୱାଲଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ଭାବେ ଚୟନ କରାଯାଇ ନାହିଁ। ମ୍ୟାଚରେ ୯ ୱିକେଟ ନେଇଥିବା ଜଶପ୍ରିତ ବୁମରାଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ଭାବେ ମନୋନୀତ କରାଯାଇଛି। ବୁମରା ଭାରତ ପାଇଁ ୱିକେଟ ନେଇଥିଲେ ଯେଉଁ ସମୟରେ ଦଳ ଏହାକୁ ଅଧିକ ଆବଶ୍ୟକ କରୁଥିଲା। ମ୍ୟାଚ ଟିମ ଇଣ୍ଡିଆ ଆଡକୁ ମୁହାଁଇବା ପାଇଁ ତାଙ୍କୁ ଏହି ପୁରସ୍କାର ପାଇଁ ତାଙ୍କୁ ଚୟନ କରାଯାଇଛି।

# ଶ୍ରୀଲଙ୍କାଠୁ ୧୦ ୱିକେଟରେ ହାରିଲା ଆଫଗାନିସ୍ତାନ

**ନୂଆଦିଲ୍ଲୀ :** ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟକୁ ୧୦ ୱିକେଟରେ ଜିତିଛି ଘରୋଇ ଟିମ ଶ୍ରୀଲଙ୍କା। କଲମ୍ବୋରେ ଖେଳା ଯାଇଥିବା ଟେଷ୍ଟରେ ଶ୍ରୀଲଙ୍କାର ବାମହାତୀ ସ୍ପିନର ପ୍ରଭାତ ଜୟସୂରିୟାଙ୍କ ଜଲୱା ଦେଖିବାକୁ ମିଳିଛି। ସେ ହଶମତୁଲ୍ଲା ଶାହିଦିଙ୍କ ଆଫଗାନିସ୍ତାନକୁ ଧୂଳି ଚଟାଇ ଦେଇଛନ୍ତି। ଦ୍ୱିତୀୟ ଇନିଂସରେ ପ୍ରଭାତ ୫ ୱିକେଟ ଦଖଲ କରିଛନ୍ତି। ସେ ମୋଟ ୪୭ ଓଭର ବୋଲିଂ କରଥିବା ବେଳେ ୧୦୭ ରନ ଦେଇଛନ୍ତି। ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟକୁ ୧୦ ୱିକେଟରେ ଜିତିଛି ଘରୋଇ ଟିମ ଶ୍ରୀଲଙ୍କା। କଲମ୍ବୋରେ ଖେଳା ଯାଇଥିବା ଟେଷ୍ଟରେ ଶ୍ରୀଲଙ୍କାର ବାମହାତୀ ସ୍ପିନର ପ୍ରଭାତ ଜୟସୂରିୟାଙ୍କ ଜଲୱା ଦେଖିବାକୁ ମିଳିଛି। ସେ ହଶମତୁଲ୍ଲା ଶାହିଦିଙ୍କ ଆଫଗାନିସ୍ତାନକୁ ଧୂଳି ଚଟାଇ ଦେଇଛନ୍ତି। ଦ୍ୱିତୀୟ ଇନିଂସରେ ପ୍ରଭାତ



୫ ୱିକେଟ ଦଖଲ କରିଛନ୍ତି। ସେ ମୋଟ ୪୭ ଓଭର ବୋଲିଂ କରଥିବା ବେଳେ ୧୦୭ ରନ ଦେଇଛନ୍ତି। ସେହିପରି ପ୍ରଥମ ଇନିଂସରେ ମଧ୍ୟ ପ୍ରଭାତ ୩ଟି ୱିକେଟ ନେଇଥିଲେ। ଏହାର ଅର୍ଥ ସେ ମୋଟ ୭୨ ଓଭର ବୋଲିଂ କରି ମ୍ୟାଚ୍ ?ରେ ୮ ୱିକେଟ ଦଖଲ କରିଛନ୍ତି। ତୃତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଆଫଗାନିସ୍ତାନ ଦୃଢ଼ ସ୍ଥିତିରେ ରହିଥିଲା। ଦଳ ଶ୍ରୀଲଙ୍କାର ପ୍ରଥମ ଇନିଂସ ଠାରୁ ମାତ୍ର ୪୨ ରନ ପଛରେ ଥିବା ବେଳେ ହାତରେ ୯ ୱିକେଟ ରହିଥିଲା। ଇବ୍ରାହିମ ଜଦ୍ରାନ ୧୦୧ ଓ ରହମତ ଶାହ ତୃତୀୟ ଦିନର ଖେଳ ଶେଷ ବେଳକୁ କ୍ରିଜରେ ରହିଥିଲେ। କିନ୍ତୁ ୪ର୍ଥ ଦିନରେ ଜୟସୂରିୟା କମାଲ କରିଥିଲେ। ଆଫଗାନିସ୍ତାନ ତା'ର ଶେଷ ୯ ୱିକେଟ ମାତ୍ର ୯୭ ରନରେ ହରାଇଥିଲା। ଦ୍ରୁତ ବୋଲର କସୁନ ରଜିଥା ଆଜି ୪ର୍ଥ ଦିନରେ ପ୍ରଥମେ ରହମତ ଶାହ ୫୪ଙ୍କୁ ଆଉଟ କରିଥିଲେ। ଏହାପରେ ଜୟସୂରିୟା ଆଫଗାନ ବ୍ୟାଟରଙ୍କୁ ଆଉ ସେଟଲ ହେବାକୁ ଦେଇ ନଥିଲେ। ୨୫୯ ବଲର ସମ୍ମୁଖୀନ ହେବା ୧୧୪ ରନ କରିଥିବା ଇବ୍ରାହିମ ମଧ୍ୟ ଜୟସୂରିୟାଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ। ଶେଷ ଭାଗରେ ନସିର ଜମାଲ ଲଢ଼େଇ କରିଥିଲେ। ସେ ୫ଟି ଚୌକା ଓ ଗୋଟିଏ ଛକା ବଳରେ ଅପରାଜିତ ୪୧ ରନର ଇନିଂସ ଖେଳିଥିଲେ ମଧ୍ୟ ତାଙ୍କୁ ଆଫଗାନର ଆଉ କୌଣସି ବ୍ୟାଟର ସାଥ ଦେଇ ନଥିଲେ। ଜୟସୂରିୟାଙ୍କ ବ୍ୟତୀତ ଦ୍ରୁତ ବୋଲର ଅସିତା ଫର୍ଣ୍ଣାଡୋ ୩ଟି ଓ ରଜିଥା ୨ଟି ସଫଳତା ପାଇଛନ୍ତି। ଏହି ୩ ସିଂହଳ ବୋଲରଙ୍କ କମାଲ ଯୋଗୁ ଆଫଗାନିସ୍ତାନ ତା'ର ଦ୍ୱିତୀୟ ଇନିଂସରେ ୨୯୬ ରନ କରି ଅଲଆଉଟ ହୋଇଯାଇଥିଲା। ଫଳରେ ଶ୍ରୀଲଙ୍କାକୁ ବିଜୟ ପାଇଁ ୫୬ ରନର ଟାର୍ଗେଟ ମିଳିଥିଲା।

## ଉତ୍ତମ ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ପ୍ରଗତି ସ୍ପୋର୍ଟର୍ସକୁ ହରାଇ ଏମଏମ କ୍ଲବ ଚାମ୍ପିଅନ

**ଧାମନଗର :** ଧାମନଗର ବ୍ଲକ କଲ୍ୟାଣୀ ପଞ୍ଚାୟତ ବନସର ହାଇସ୍କୁଲ ପଡିଆରେ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। କଲ୍ୟାଣୀ ପଞ୍ଚାୟତର ସରପଞ୍ଚ ଅକ୍ଷୟ କୁମାର ଯେନା ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ୧୬ଟି ଦଳ ଭାଗ ନେଇଥିଲେ । ୧୬ଟି ଟିମ ମଧ୍ୟରୁ ଫାଇନାଲରେ ପ୍ରଗତି ସ୍ପୋର୍ଟର୍ସକୁ ହରାଇ ଏମ ଏମ କ୍ଲବ କ୍ରିକେଟ ଟିମ୍ ଚାମ୍ପିଅନ ହୋଇଥିଲା। ପ୍ରଥମେ ପ୍ରଗତି ସ୍ପୋର୍ଟର୍ସ କ୍ରିକେଟ ଟିମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଓଇକେଟ ହରାଇ ୧୧୬ ରନ ସଂଗ୍ରହ କରିଥିଲା। ଜବାବରେ ଏମ ଏମ କ୍ଲବ କ୍ରିକେଟ ଟିମ ୧୧ ଓଭରରେ ୩ଟି ଓଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ଚମ୍ପିଆନ ହୋଇଥିଲା। ଉତ୍ତମ କୁମାର ପୁହାଣ ଓ ଜୀବନ ପଣ୍ଡା ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିବା ବେଳେ ଅମିତ ସାହୁ ଓ ମାନସ





ରାଉତ ସ୍କୋରର ଏବଂ ଅରୁପ ମଲିକ ଓ ସୁଧାଂଶୁ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ ଓ ପୂର୍ବତନ ଚେୟାରମେନ ଅଶୋକ କୁମାର୍ ନାୟକ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଭାରତ ବିଜୟ ଦଲାଇ,ନରେନ୍ଦ୍ର ମଲ୍ଲିକ୍, ଦାମୋଦର ମଲ୍ଲିକ୍, ଲକ୍ଷ୍ମଣ ସାହୁ,ଗଯାଧର ସାହୁ, ଉମାକାନ୍ତ ଯେନା,ସୁରେନ ସାହୁ ହୃଦାନନ୍ଦ ମଲ୍ଲିକ୍, ଦୁର୍ଗା ଚରଣ ନାୟକ,ଆଲୋକ ସାହୁ,ସନ୍ଦିପ ସାହୁ,ଆକାଶ ନାୟକ ଓ ବନସର କ୍ଲବର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085 (News).

ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra






# ଏକାମ୍ର ଉତ୍ସବରେ ପ୍ରବଳ ଗହଳି

**ଭୁବନେଶ୍ୱର(ବ୍ୟୁରୋ):** ରବିବାର ଥିବାରୁ ଏକାମ୍ର ଉତ୍ସବରେ ଥିଲା ପ୍ରବଳ ଗହଳି। 'ଆମ ବ୍ୟଞ୍ଜନ', ଫ୍ଲି' ମାର୍କେଟ, ଖାଓଗଳି କେଉଁଠି ପାଦ ରଖିବାକୁ ଜାଗା ନଥିଲା। କିଏ ଖାଓ ଗଳିର କେବିଆରରୁ ରୋଲ୍ ଖାଇବାରେ ବ୍ୟସ୍ତ ତ' କିଏ ସଫ୍ଟଡ୍ରିଙ୍ଗସ ପିଇବାକୁ କୁପନ୍ କାଟି ଧାଡ଼ିରେ ଛିଡ଼ା ହୋଇଛି। ତେବେ ସବୁଠାରୁ ଅଧିକ ଭିଡ଼ ଥିଲା ସମ୍ବଲପୁରର ପ୍ରସିଦ୍ଧ ଓ ଲୋକପ୍ରିୟ ପିଠା ସରସତିଆ ପାଖରେ। ବାସ୍ନା ଯେମିତି ସୁଆଦ ସେମିତି। ମାତ୍ର ୨୫ ଟଙ୍କାରେ ଏହି ନିଆରା ଖାଦ୍ୟକୁ ଖାଇବା ପାଇଁ ବେଶ୍ ଆଗ୍ରହ ପ୍ରକାଶ ପାଇଥିଲା। ମାଇକେଲ୍ କିଚେନ୍ ଦ୍ୱାରା ଖୋଲା ଯାଇଥିବା ୪ 'ମଣୋହି' ଷ୍ଟଲ୍‌ରେ ଏଭଳି ନିଆରା ଖାଦ୍ୟ ମିଳିଥିଲା। ଏହି ସରସତିଆ ତିଆରି କରୁଥିବା ପ୍ରଭୁଲାଲ ଗୁପ୍ତା ଓ ମାଷ୍ଟର ସେଫ୍ ଅବିନାଶ ଦାସ କହିଛନ୍ତି, 'ଗଞ୍ଜେର' ଗଛ ପତ୍ରକୁ ରାତିସାରା ପାଣିରେ ଭିଜାଇବା ପରେ ସକାଳେ ରସ ବାହାର କରାଯାଏ। ଚାଉଳ ଚୁନା ଓ ଚିନିର ମିଶାଇ ଆଣ ତିଆରି ହୁଏ। ଏହାକୁ ଏକ ଛୋଟ କଡ଼େଇରେ





ଜାଲିପରି ଛିଞ୍ଚାଯାଇ ତିଆରି ହୁଏ ସରସତିଆ। ଏହା ସହିତ ରଜରେ ତିଆରି ହେଉଥିବା ସମସ୍ତ ପ୍ରକାର ପିଠା ପଣାକୁ ମଧ ଲୋକେ ପସନ୍ଦ କରିଥିଲେ। ରଜପାନ, ଛେନା ପଣା ଭଳି ବହୁ ପିଠା ଉପଲବ୍ଧ ହେଉଥିଲା। ଆଜି ଗ୍ରାହକମାନେ ଅଦିନରେ ରଜ ମଉଜ କରିଥିଲେ। ଭୁବନେଶ୍ୱର: ସନ୍ଧ୍ୟା ୫ଟା ବେଳୁ ଭିଡ଼ ଜମିବା ଆରମ୍ଭ ହୋଇଥିଲା। ଗେଟ୍ ଖୋଲୁ ଖୋଲୁ ଭର୍ତ୍ତି ହୋଇ ଯାଇଥିଲା ଗ୍ୟାଲେରି। ସମସ୍ତଙ୍କ ନଜର ଥିଲା ଅନ୍ଧାର ମଞ୍ଚ ଉପରେ। ଉତ୍କଣ୍ଠା ବଢୁଥିଲା। ମଞ୍ଚ ଆଲୋକିତ ହେବା ପୂର୍ବରୁ ମ୍ୟୁଜିକ୍ ସହ କୋରସ୍ ଆରମ୍ଭ ହୋଇଥିଲା। ସେଥିରୁ ହିଁ ଦର୍ଶକ ଗୀତର ଅନୁମାନ ଲଗାଇ ନେଇଥିଲେ। 'ତମା ତମା ଲୋଗେ' ଗୀତ ଗାଇ ଗାଇ ମଞ୍ଚ ପ୍ରବେଶ କରିଥିଲେ ପ୍ରସିଦ୍ଧ ପ୍ରଚ୍ଛଦପଟ୍ଟ ଗାୟିକା ଅନୁରାଧା ପୋଡ଼ୱାଲ୍। ୯୦ ଦଶନ୍ଧିର ଏହି ଚର୍ଚ୍ଚିତ ଗୀତରେ ମୋବାଇଲ୍ ଲାଇଟ୍ ଜଳାଇ ଦର୍ଶକ ନାଚିବା ଆରମ୍ଭ କରିଥିଲେ। ପ୍ରଦର୍ଶନୀ ପଡ଼ିଆରେ ବିଡିଏ ପକ୍ଷରୁ ଆୟୋଜିତ ଏକାମ୍ର ଉତ୍ସବର ସଙ୍ଗୀତର ମୂର୍ଚ୍ଛନା କାର୍ଯ୍ୟକ୍ରମରେ ଆଜି ଏଭଳି ଏକ ପରିବେଶ ସୃଷ୍ଟି ହୋଇଥିଲା। ଏହା ପରେ ପରେ ଧୀରେ ଧୀରେ ସେ ମେରି ଜିନ୍ଦେଗି ମେ ଆନା, କେରି କେରି ସୁନା ଦୁବ, ଆଦାଏଁ ଭି ହେଁ, କାଳିଆ.. ମୋ ଦେହେ ବୋଲିଦେ ତୋ ଦେହ କଳା, ଏକ ପ୍ୟାର କା ନଗମା ହେଁ, ନଜର କେ ସାମ୍‌ନେ, ମନ ମୟୂରୀ ରେ ଗାଇଥିଲେ। ତାଙ୍କ ପରେ ଆସିଥିଲେ ସୁରେଶ ୱାଡେକର। ଓଡ଼ିଆ ଗୀତ 'ମା ତୁମେ ମମତାର ସୀମା ହୀନ ସାଗର..ରୁ ଆରମ୍ଭ କରିଥିଲେ। ଏହା ପରେ ମୋନାଲିସା.. କାହିଁ ଛାଡି ଚାଲିଗଲୁ ମତେ, ମେହୁଁ ପ୍ରେମ ରୋଗୀ, ଔର ଇସ ଦିଲ ମେ କ୍ୟା ରଖା ହେ...ପ୍ରଭୃତି ଚର୍ଚ୍ଚିତ ଗୀତ ଗାଇଥିଲେ। ତେବେ ଦର୍ଶକ ସବୁଠାରୁ ଅଧିକ ମଜା ନେଇଥିଲେ ଉଭୟଙ୍କ ଯୁଗଳବନ୍ଦୀରେ। 'ଓ ପ୍ରିୟା ପ୍ରିୟା' ଗୀତରେ ଦର୍ଶକ ଯେମିତି ଭାବପ୍ରବଣ ହୋଇ ପଡ଼ିଥିଲେ ଦର୍ଶକ।

# ଖୁବ୍‌ଶୀଘ୍ର ଉଦୟଗିରି ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ସୋ'

**ଭୁବନେଶ୍ୱର(ବ୍ୟୁରୋ):** ଖୁବଶୀଘ୍ର ଉଦ୍‌ଘାଟିତ ହେବ ବହୁ ପ୍ରତୀକ୍ଷିତ ଉଦୟଗିରି ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ସୋ'। ସୋ' ପାଇଁ ଆବଶ୍ୟକ ଅତ୍ୟାଧୁନିକ ଜ୍ଞାନକୌଶଳର ସରଞ୍ଜାମ ଲାଗି ସାରିଛି। ଏବେ କେବଳ ଚୂଡ଼ାନ୍ତ ସ୍ପର୍ଶ ଦିଆଯାଉଛି ବୋଲି ବୋଲି ଭାରତ ପର୍ଯ୍ୟଟନ ଉନ୍ନୟନ ନିଗମ (ଆଇଟିଡିସି) ପକ୍ଷରୁ ସୂଚନା ମିଳିଛି। ଲାଇଟ୍ ଆଣ୍ଡ ସାଉଣ୍ଡ ସୋ' ପାଇଁ ଉଦୟଗିରି ପାହାଡ଼ର ରାଣୀ ଗୁମ୍ଫା ସମ୍ମୁଖରେ ଥିବା କଣ୍ଟ୍ରୋଲ ପ୍ୟାନେଲ୍ ସମ୍ପୂର୍ଣ୍ଣ ତିଆରି ସରିଛି। ଏହା ଉପରେ ୨ଟି ସୌନ୍ଦର୍ଯ୍ୟୀକରଣ ଲାଇଟ୍ ଓ କ୍ୟାମେରା ଲଗାଯାଇଛି। ଯାହା ଛବିକୁ ପାହାଡ଼ରେ ଉତ୍ତୋଳନ କରିବ। ସୋ' ସମୟରେ ଲାଇଟ, ସାଉଣ୍ଡ ଓ ଭିଜୁଆଲ ମଧ୍ୟରେ ସୁସାମଞ୍ଜସ୍ୟ ରହିବା ସହ ଏହାର କହିବା ଶୈଳୀ, ଉଚ୍ଚାରଣରେ ସ୍ପଷ୍ଟତା ପାଇଁ ୫ଟି ମାଇକ୍ ଓ ଲାଇଟ୍ ବ୍ୟବସ୍ଥା କରାଯାଇଛି। ସୋ'ରେ ବ୍ୟବହାର ହେବାକୁ ଥିବା ସାଉଣ୍ଡ ସିଷ୍ଟମ ଛୋଟ ଓ କମ୍ ଶବ୍ଦଯୁକ୍ତ ରଖାଯାଇଛି। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ସର୍ତ୍ତ ଅନୁସାରେ ସଂରକ୍ଷିତ ଐତିହ୍ୟ ଓ କୀର୍ତ୍ତିରାଜିର ଯେମିତି କୌଣସି କ୍ଷତି ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ସବୁ ତାର ସଂଯୋଗଗକୁ ପାହାଡ଼ ନଖୋଳି ଉପରେ କରାଯାଇଛି। ସୋ' ପାଇଁ ଉଦ୍ଦିଷ୍ଟ ସ୍ଥାନରେ ବ୍ୟବହୃତ ହେବାକୁ ଥିବା ବେଞ୍ଚ ଓ ଚେୟାର ଖୁବଶୀଘ୍ର ଲାଗିବାକୁ ଯୋଜନା ହୋଇଛି। ମିଳିଥିବା ସୂଚନା ଅନୁସାରେ, ଆଇଟିଡିସି ପକ୍ଷରୁ ସମସ୍ତ କାମ ସରିଥିଲେ ମଧ ଓଡ଼ିଶା ପର୍ଯ୍ୟଟନ ନିଗମ (ଓଟିଡିସି) ପକ୍ଷରୁ ବିନା କୌଣସି ବାଧାରେ ସୋ' ଚାଲିବା ପାଇଁ ଆବଶ୍ୟକ ବିଦ୍ୟୁତ୍ ବ୍ୟାକଅପ୍ ବ୍ୟବସ୍ଥା ବା ଡିଜି ଓ ୧୧କେଭିର ବିଜୁଳି ଖୁଣ୍ଟିର ବ୍ୟବସ୍ଥା କରାଯାଇ ନାହିଁ। ଯେଉଁଥିପାଇଁ ଏହାର ଡେମୋ ଦିଆଯାଇ ପାରୁନାହିଁ। ବିଦ୍ୟୁତ୍ ବ୍ୟବସ୍ଥା ହୋଇଗଲେ ଖଣ୍ଡଗିରି ମେଳା ସମୟରେ ମଧ ପର୍ଯ୍ୟଟକ ଏହି ସୋ' ଦେଖିପାରିବେ। ସୋ' ଆରମ୍ଭ ହେଲେ ଏହାର ଆରମ୍ଭ ହେବା ଦିନଠାରୁ ୫ ବର୍ଷ ପର୍ଯ୍ୟନ୍ତ ଆଇଟିଡିସି ଏହାର ସ୍ଥାପନ, ରକ୍ଷଣାବେକ୍ଷଣ କାର୍ଯ୍ୟ ସହ ବିଦ୍ୟୁତ୍ ବିଲ୍ ଖର୍ଚ୍ଚ ବହନ କରିବ। ମିଳିବାକୁ ଥିବା ରାଜସ୍ୱ ଆଇଟିଡିସି ଓ ଏଏସ୍‌ଆଇ ମଧ୍ୟରେ ୬୦ : ୪୦ ଅନୁପାତରେ ବଣ୍ଟା ହେବ। ଅଗ୍ନିକାଣ୍ଡ ଭଳି ଦୁର୍ଘଟଣାକୁ ରୋକିବା ଲାଗି ଆବଶ୍ୟକୀୟ ସାମଗ୍ରୀ ମହଜୁଦ ରଖାଯିବା ସହ ଚୋରିକୁ ରୋକିବାକୁ ସୁରକ୍ଷା ବ୍ୟବସ୍ଥା ଆଇଟିଡିସି କରିବ। ଏଏସ୍‌ଆଇ ବିଶେଷଜ୍ଞଙ୍କ ବିନା ଅନୁମତିରେ ସୋ'ର ପୂର୍ବ ନିର୍ଦ୍ଧାରିତ କୌଣସି ବିଷୟବସ୍ତୁକୁ ପରିବର୍ତ୍ତନ କରାଯାଇ ପାରିବ ନାହିଁ। ଆଇଟିଡିସିକୁ ପ୍ରତିଦିନ ଏହି ସୋ' ଚଳାଇବାକୁ ହେବ। ଦେଶ କିମ୍ବା ରାଜ୍ୟର କୌଣସି ସ୍ୱତନ୍ତ୍ର ଦିବସ ଥିଲେ ଏଏସ୍‌ଆଇ ପକ୍ଷରୁ ସ୍ୱତନ୍ତ୍ର ସୋ' ପରିବେଷଣ କରାଯାଇପାରେ।



# ମୋ' ବସ୍ ଧକ୍କାରୁ ତୁମୁଳକାଣ୍ଡ: ଯୁବକ ଗୁରୁତର



**ଭୁବନେଶ୍ୱର(ବ୍ୟୁରୋ):** ଆଜି ରାତି ପ୍ରାୟ ନଅଟା ବେଳେ କିଟ୍ ବିଗ୍‌ବଜାର ଛକ ନିକଟରେ ମୋ' ବସ୍ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଆହତ ଯୁବକ ଜଣକ ଶିଖରଚଣ୍ଡୀ ବସ୍ତିର ପି.କେଶୁ ରେଡ୍ଡୀ(୪୫)। ପୁଲିସ ସ୍ଥାନୀୟ ଲୋକଙ୍କ ସହଯୋଗରେ କେଶୁଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲ୍‌କୁ ପଠାଇଛି। ମୋ' ବସ୍ ଚାଳକର ବେପରୁଆ ଗାଡ଼ି ଚାଳନାରୁ ଏହି ଦୁର୍ଘଟଣା ଘଟିଛି ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ତେଣୁ ଏହାକୁ ନେଇ ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ବସ୍ ଚାଳକ ଘଟଣାସ୍ଥଳରୁ ଫେରାର୍ ହୋଇଯିବାରୁ ଲୋକେ ରାଗରେ ବସ୍‌କୁ ଢେଲା ମାଡ଼ କରି ଭଙ୍ଗାରୁଜା କରିଥିଲେ। ବାରମ୍ବାର ଏଠାରେ ମୋ' ବସ୍ ଦୁର୍ଘଟଣା ଘଟାଉଥିବାରୁ ଲୋକେ ଉତ୍‌କ୍ଷିପ୍ତ ହୋଇଉଠିଥିଲେ। ପ୍ରାୟ ଅଧ ଘଣ୍ଟା ପର୍ଯ୍ୟନ୍ତ ସେହି ରାସ୍ତାରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୁଲିସ ମୋ' ବସ୍‌କୁ ଜବତ କରିବା ସହ ଲୋକଙ୍କୁ ବୁଝାସୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ମୋ' ବସ୍‌ଟି (ଓଡି ୩୩ ଏଏଚ୍ ୦୧୬୨) କଟକରୁ ଭୁବନେଶ୍ୱର ଫେରୁଥିଲା। ଜନଗହଳିପୂର୍ଣ୍ଣ ରାସ୍ତାରେ ବସ୍ ଚାଳକ କିନ୍ତୁ ବେପରୁଆ ଭାବେ ଗାଡ଼ି ଚଳାଉଥିଲେ। ବସ୍‌ର ଗତି ବି ବହୁତ ଥିଲା। ଏତିକିବେଳେ ଆରଟିଓ-୨ ଅଫିସ ସମ୍ମୁଖରେ କିଛି ଲୋକ ରାସ୍ତା ପାର ହେଉଥିଲେ। ସେମାନଙ୍କ ଭିତରେ ଥିଲେ କେଶୁ। ସେ କିଛି ଦିନ ହେଲା ଅସୁସ୍ଥ ଥିଲେ ଏବଂ ଏକ ଜରୁରି ଔଷଧ ପାଇଁ ବଜାରକୁ ଆସିଥିଲେ। ସେ ରାସ୍ତା ପାର ହେଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ବସ୍ ତାଙ୍କୁ ଧକ୍କା ଦେଇଥିଲା। କେଶୁ ଛିଟିକି ପଡ଼ିଥିଲେ। କିନ୍ତୁ ଚାଳକ ଗାଡ଼ିକୁ ଅଟକାଇପାରିନଥିଲେ। ଗାଡ଼ିର ଗତି ଅଧିକ ଥିବାରୁ ବସ୍‌ଟି ଅଟକି ନଥିଲା। ତେଣୁ କିଛି ଦୂରରେ ରାସ୍ତା ଉପରେ ପଡ଼ିଥିବା କେଶୁଙ୍କ ଅଣ୍ଟା ଉପରେ ଆଗ ଚକ ମାଡ଼ି ଯାଇଥିଲା। ଫଳରେ ତାଙ୍କ ନାକ, କାନ ଓ ପାଟିରୁ ରକ୍ତ ବାହାରି ଆସିଥିଲା। ବସ୍ ଚାଳକ ଗାଡ଼ି ଛାଡ଼ି ଅନ୍ଧାର ସୁଯୋଗରେ ଦୌଡ଼ି ପଳାଇଥିଲେ। ବସ୍ ତଳେ କେଶୁ ବଞ୍ଚିଥିବା ଦେଖି ଲୋକେ ପୁଲିସକୁ ଜଣାଇଥିଲେ ଏବଂ ଆମ୍ବୁଲାନ୍‌ସକୁ ଯୋଗାଯୋଗ କରିଥିଲେ। ଗତ ସପ୍ତାହରେ ଠିକ୍ ଏହି ଛକରେ ମୋ' ବସ୍ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଥିଲେ। ତେଣୁ ଆଜିର ଘଟଣା ଲୋକଙ୍କ ଭିତରେ ତୀବ୍ର ଉତ୍ତେଜନା ସୃଷ୍ଟି କରିଥିଲା। ଲୋକଙ୍କ ଭିତରେ କୁହୁଳୁଥିବା ଅସନ୍ତୋଷ ଉଗ୍ର ରୂପ ନେଇଥିଲା। ଉତ୍ୟକ୍ତ ଲୋକେ ବସ୍ ଉପରେ ରାଗ ଶୁଝାଇଥିଲେ। ଢେଲା ମାଡ଼ କରି ଭଙ୍ଗାରୁଜା କରିଥିଲେ। କିଛି ଦୂରରେ ପିସିଆର ଥିଲେ ମଧ ଘଟଣାସ୍ଥଳରୁ ମୋ' ବସ୍ ଚାଳକ ଫେରାର୍ ହୋଇଯିବାରୁ ଲୋକେ ପୁଲିସ ଉପରେ ମଧ ରାଗ ଝାଡ଼ିଥିଲେ।

## ବାରବାଟୀ-କଟକ ନିର୍ବାଚନମଣ୍ଡଳୀ ବୈଠକ

**କଟକ(ବ୍ୟୁରୋ):** ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ନେଇ ରବିବାର ବାରବାଟୀ-କଟକ ନିର୍ବାଚନମଣ୍ଡଳୀ ପକ୍ଷରୁ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ବିଜେଡି ନେତା, ବିଜୁ ଯୁବ ଛାତ୍ର ନେତା, ସମସ୍ତ ବିଜେଡି କର୍ପୋରେଟର ଓ ଶତାଧିକ କର୍ମୀ ଯୋଗ ଦେଇଥିଲେ। ହେଲେ ପ୍ରସ୍ତୁତି ବୈଠକରେ ଅନୁପସ୍ଥିତ ଥିଲେ ମେୟର ତଥା ବିଜେଡି ନେତା ସୁବାସ ସିଂ ଓ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅରିନ୍ଦମ ରାୟ। ଏହି ଦୁଇ ଜଣଙ୍କୁ ବାଦ ଦେଇ ଏପରି ଭାବେ ଜିଲା ସଭାପତି ଦେବାଶିଷଙ୍କ ଦଳୀୟ କାର୍ଯ୍ୟକ୍ରମ କରିବା ଯେପରି ଦଳରେ ଏକ ପ୍ରକାର ବିବାଦ ଥିବା ନେଇ ସୂଚନା ମିଳୁଛି, ଯାହାକି କଟକ ରାଜନୀତିକୁ ନେଇ ସାଧାରଣ ଲୋକଙ୍କ ଚର୍ଚ୍ଚାକୁ ବେଶ ଖୋରାକ ଯୋଗାଇଛି। ତେବେ ଦେବାଶିଷ ଓ ଅରିନ୍ଦମ ଗତ କିଛିଦିନ ପୂର୍ବରୁ ଏକ କାର୍ଯ୍ୟକ୍ରମରେ ପରସ୍ପରକୁ ଆଲିଙ୍ଗନ କରି ହାତ ମିଳାଇ କଥାବାର୍ତ୍ତା ହୋଇଥିଲେ। ଏନେଇ ଦେବାଶିଷ ମନ୍ତବ୍ୟ ଦେଇ କହିଥିଲେ ଯେ, ରାଜନୈତିକ ସମ୍ପର୍କ ଅଲଗା ଓ ବ୍ୟକ୍ତିଗତ ସମ୍ପର୍କ ଅଲଗା ଥାଏ। ଅରିନ୍ଦମ ମୋ ସାନ ଭାଇ, ତାଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ଅଲଗା ରହିଛି। ଅନ୍ୟପକ୍ଷରେ ଆଜିର ବୈଠକ ସ୍ପଷ୍ଟ କରି ଦେଉଛି ଯେ, ଦଳୀୟ କାର୍ଯ୍ୟକ୍ରମରେ ଉକ୍ତ ନିର୍ବାଚନମଣ୍ଡଳୀରେ ଥାଇ ମଧ ଅରିନ୍ଦମଙ୍କୁ ଦେବାଶିଷ ଅଣଦେଖା କରୁଥିବା ଏବେ ଲୋକେ ଚର୍ଚ୍ଚା କରୁଛନ୍ତି। ତେବେ ମେୟର ସୁବାସ ଓ ଅରିନ୍ଦମ କଣ ଦଳରେ ଥାଇ ମଧ ଅଲୋଡ଼ା ବୋଲି ଏପରି କିଛି ପ୍ରଶ୍ନ ସାଧାରଣ ଲୋକଙ୍କ ମନରେ ଉଙ୍କି ମାରିଛି। ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ପ୍ରସଙ୍ଗ ନେଇ ମେୟର ସୁବାସ ସିଂଙ୍କୁ ପଚାରିବାରୁ ସେ କହିଛନ୍ତି, ଦଳରେ କୌଣସି କନ୍ଦଳ ନାହିଁ। ବୈଠକ ନେଇ ସମସ୍ତ ଆଲୋଚନା ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କ ସହ କରିଛି। ବ୍ରହ୍ମପୁରରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିବାରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକରେ ଯୋଗଦେଇପାରିନାହିଁ। ଅନ୍ୟପଟେ ରାଜ୍ୟ ସାଧାରଣ ସମ୍ପାଦକ ଅରିନ୍ଦମ ରାୟ କହିଛନ୍ତି, କୌଣସି ବୈଠକ ସମ୍ପର୍କରେ ମୋତେ ସୂଚନା ମିଳିନାହିଁ କି ମୁଁ ଅଗବତ ନ ଥିଲି। ଉକ୍ତ ନିର୍ବାଚନମଣ୍ଡଳୀରେ ଥାଇ ମଧ ହୁଏତ ଜିଲା ସଭାପତି ମୋତେ ରାଜ୍ୟ ସାଧାରଣ ସମ୍ପାଦକ ଭାବି ବୈଠକକୁ ଡାକି ନ ଥିବେ ବୋଲି ସେ କହିଛନ୍ତି।

### କଂଗ୍ରେସ ଟିକେଟ ଆଶାୟୀଙ୍କ ପାଇଁ

# ଦଳ ପକ୍ଷରୁ ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର(ବ୍ୟୁରୋ):** କଂଗ୍ରେସ ଟିକେଟ ଆଶାୟୀଙ୍କ ପାଇଁ ଦଳ ପକ୍ଷରୁ ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡ଼ିଶାରେ କଂଗ୍ରେସ ପକ୍ଷରୁ ପ୍ରଗମନ ଅଭିଯାନ ଆରମ୍ଭ କରାଯାଇଛି। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଟିକେଟ ବଣ୍ଟନରେ ସ୍ୱଚ୍ଛତା ରକ୍ଷା ଏବଂ ବାସ୍ତବରେ ଜନସାଧାରଣଙ୍କ ନିକଟତର ହୋଇ ସେମାନଙ୍କ ସେବା କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ନିର୍ବାଚନ ଲଢ଼ିବାର ସୁଯୋଗ ଦେବାକୁ କଂଗ୍ରେସ ଏକ ନିଆରା ପଦକ୍ଷେପ ଗ୍ରହଣ କରିଛି ବୋଲି କଂଗ୍ରେସ ପ୍ରଭାରୀ ଅଜୟ କୁମାର କହିଛନ୍ତି। କଂଗ୍ରେସ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଜୟ କୁମାର କହିଛନ୍ତି ଯେ, ପ୍ରୋଜେକ୍ଟ ପ୍ରଗମନ ନାମକ ଏହି ଅଭିଯାନ ମାଧ୍ୟମରେ କଂଗ୍ରେସ ସାଧାରଣ ଲୋକଙ୍କୁ ନେତୃତ୍ୱ ଦେବାର ସୁଯୋଗ ସୃଷ୍ଟି କରିଛି। ବୁଥ୍‌ଠାରୁ ଆରମ୍ଭ କରି ସମସ୍ତ କଂଗ୍ରେସ କର୍ମୀ, ନେତା, ସାଧାରଣ ଜନତା ଯେଉଁମାନେ ଚାହିଁବେ ଆବେଦନ କରିପାରିବେ। ଓଡ଼ିଶାର ପ୍ରକୃତ ବିକାଶ ଚାହୁଁଥିବା ଏବଂ ସାଧାରଣ ଲୋକଙ୍କ ହକ୍ ପାଇଁ ଲଢ଼େଇ କରୁଥିବା ସ୍ୱାଭିମାନୀ ଓଡ଼ିଆଙ୍କ ହାତରେ ନେତୃତ୍ୱ ଦେବାକୁ ଦଳ ନିଷ୍ପତ୍ତି ନେଇଛି। ଭାଜପା ଏବଂ ବିଜେଡି ଟିକେଟ ବଣ୍ଟନ ସଲାସୂତରାରେ ଚାଲିଛି। ଭାଜପାରେ କିଛି ମୁଷ୍ଟିମେୟ ଲୋକଙ୍କ ହାତରେ ଟିକେଟ ପ୍ରଦାନର କ୍ଷମତା ରହିଛି। ସେହିପରି ବିଜେଡିରେ ଜଣେ ବାବୁ ଟିକେଟ ବଣ୍ଟନ କରିବାର କ୍ଷମତା ରଖିଛନ୍ତି। ସେହି ବ୍ୟକ୍ତି ଜଣଙ୍କ ଭାଜପାର ଟିକେଟ ବଣ୍ଟନରେ ମଧ ନିର୍ଣ୍ଣାୟକ ଭୂମିକା ନିର୍ବାହ କରୁଛନ୍ତି। ମାତ୍ର କଂଗ୍ରେସରେ ସେମିତି ବ୍ୟବସ୍ଥା ନାହିଁ। କଂଗ୍ରେସ ମଧରେ ଗଣତାନ୍ତ୍ରିକ ପ୍ରକ୍ରିୟା ବଜାୟ ରହିଛି। କୌଣସି ସ୍ୱାଭିମାନୀ ଓଡ଼ିଆଙ୍କୁ ଓଡ଼ିଶାର ସେବା କରିବା ନିମନ୍ତେ ନେତୃତ୍ୱ ନେବାକୁ ବାହାର ଲୋକଙ୍କ ପାଖରେ ହାତ ପତେଇବାକୁ ପଡ଼ିବ ନାହିଁ। କଂଗ୍ରେସ ସବୁବେଳେ ସାଧାରଣ ଲୋକଙ୍କ ସହିତ ରହିଆସିଛି। କଂଗ୍ରେସ ଟିକେଟ ପାଇଁ କୌଣସି ପ୍ରକାର ସୁପାରିସ କି ଅର୍ଥ କାରବାର ହୋଇପାରିବ ନାହିଁ। ଆଶାୟୀ ପ୍ରାର୍ଥୀଙ୍କୁ ଆଉ ଏଥିପାଇଁ ବାରମ୍ବାର ଦିଲ୍ଲୀ ମଧ ଦୌଡ଼ିବାକୁ ପଡ଼ିବନି। ଓଡ଼ିଶାର ଯେକୌଣସି ଓଡ଼ିଆ ବ୍ୟକ୍ତି, ଯୁବ ନେତୃତ୍ୱ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆ ବର୍ଗର ଯୁବକ ଏବଂ ମହିଳା ମଧ କଂଗ୍ରେସରୁ ଟିକେଟ ପାଇ ନିର୍ବାଚନ ଲଢ଼ିପାରିବେ। ଏଥିପାଇଁ କେବଳ ସେମାନଙ୍କ ଭଲ ଲୋକ ସମ୍ପର୍କ ରହିଥିବା ଆବଶ୍ୟକ। ତାଙ୍କ ପ୍ରତି ସ୍ଥାନୀୟ ଜନସାଧାରଣଙ୍କ ସମର୍ଥନ ରହିଥିବା ଆବଶ୍ୟକ ବୋଲି ଅଜୟ କୁମାର କହିଛନ୍ତି। ଏହି ଅବସରରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି, ସାଧାରଣ ଲୋକ, ଲୋକ ସେବକ, ବଳିଷ୍ଠ ସଙ୍ଗଠକ, ଯାହାଙ୍କର ନିଜ ନିର୍ବାଚନମଣ୍ଡଳୀରେ ଜନାଧାର ରହିଛି, ଭଲ ଲୋକ ସମ୍ପର୍କ ଅଛି ସେମାନଙ୍କ ପାଇଁ କଂଗ୍ରେସ ଏକ ଅପୂର୍ବ ଅବକାଶ ଆଣି ଦେଇଛି। ଜାତି, ଧର୍ମ, ବର୍ଣ୍ଣ, ଧନୀ, ଗରିବ ନିର୍ବିଶେଷରେ ଯେଉଁମାନଙ୍କ ଦେଶ ଓ ରାଜ୍ୟ ପାଇଁ ସେବା କରିବାର ମନୋବୃତ୍ତି ରହିଥିବ ସେମାନେ କଂଗ୍ରେସ ଟିକେଟ ପାଇଁ ଆବେଦନ କରିପାରିବେ।





## ପରୀକ୍ଷା ଚାପରେ ନାବାଳକଙ୍କ ଆତ୍ମହତ୍ୟା !

**ଭୁବନେଶ୍ୱର(ବ୍ୟୁରୋ):** ଆଜି ଅପରାହ୍ଣରେ ଖାରବେଳନଗର ଥାନା ୟୁନିଟ୍-୩ ଅଞ୍ଚଳରେ ଜଣେ ନାବାଳକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ୟୁନିଟ୍-୩ କ୍ୱାର୍ଟର୍ସ ନମ୍ବର ୨୫/୧ରେ ରହୁଥିବା ସରକାରୀ କର୍ମଚାରୀ ସନ୍ତୋଷ ପରିଡ଼ାଙ୍କ ପୁଅ ସ୍ୱୟଂଶୁ(୧୪)। ସ୍ୱୟଂଶୁ ପାଠପଢ଼ା ଓ ପରୀକ୍ଷା ଚାପରୁ ଆତ୍ମହତ୍ୟା କରିଥିବା ନେଇ ବାପା ସନ୍ତୋଷ ପୁଲିସକୁ କହିଛନ୍ତି। କିନ୍ତୁ ତାଙ୍କ ଶାଶୂ ''ମୋ' ନାତିକୁ ଜୋଇଁ ମାରିଦେଲେ'' କାନ୍ଦି କାନ୍ଦି କହୁଥିବାରୁ ସନ୍ଦେହ ସୃଷ୍ଟି ହୋଇଛି। କିନ୍ତୁ ପ୍ରକୃତରେ ଶାଶୂ କେଉଁ କାରଣକୁ ନେଇ ଏମିତି କହିଛନ୍ତି, ଜଣା ପଡ଼ିନାହିଁ। ପୁଲିସ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି ଓ ପରିବାର ଲୋକଙ୍କୁ ପଚରାଉଚରା ଚଳାଇଛି। ଏନେଇ ଖାରବେଳନଗର ଥାନାରେ କେସ୍ ନଂ-୧୦ରେ ଅପମୃତ୍ୟୁ ମାମଲା ରୁଜୁକରାଯାଇଛି। ସୂଚନା ମୁତାବକ, ଆଜି ଅପରାହ୍ଣ ପ୍ରାୟ ସାଢ଼େ ୨ଟା ସମୟରେ ସ୍ୱୟଂଶୁ ଓ ତାଙ୍କ ସାନଭାଇ କ୍ୱାର୍ଟର୍ସ ପଛପଟ ଘରେ ଥିଲେ। ସନ୍ତୋଷ ଓ ତାଙ୍କ ଶାଶୂ ବାହାରେ ବସିଥିଲେ। ସନ୍ତୋଷଙ୍କ ସ୍ତ୍ରୀ କୌଣସି କାମରେ ବାହାରକୁ ଯାଇଥିବାରୁ ସେମାନେ ଅପେକ୍ଷା କରିବସିଥିଲେ। ହଠାତ୍ ଘର ଭିତରୁ ସାନପୁଅ ଚିତ୍କାର କରି ସନ୍ତୋଷଙ୍କୁ ଡାକ ପକାଇଥିଲା। ପାଟି ଶୁଣି ସନ୍ତୋଷ ଦୌଡ଼ି ଯାଇଥିଲେ। ସେତେବେଳକୁ ସ୍ୱୟଂଶୁଙ୍କ ନିଶ୍ଚଳ ଶରୀର ଫ୍ୟାନ୍‌ରେ ଝୁଲୁଥିଲା। ବେକରେ ଏକ କେବୁଲ୍ ବନ୍ଧା ଅବସ୍ଥାରେ ସେ ଫ୍ୟାନ୍‌ରୁ ଝୁଲୁଥିଲେ। ସନ୍ତୋଷ ତୁରନ୍ତ ସ୍ୱୟଂଶୁଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଖାରବେଳନଗର ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ସହରର ଉପକଣ୍ଠରେ ଅଳିଆ ଚିନ୍ତା

**ଭୁବନେଶ୍ୱର(ବ୍ୟୁରୋ):** ସହରରେ ଆବର୍ଜନା ବିବାଦ ତ୍ରୁଟି ନ ଥିବା ବେଳେ ଉପକଣ୍ଠରେ ଆବର୍ଜନା ପରିଚାଳନା ସମସ୍ୟା ଏବେ ଉତ୍କଟ ହେଲାଣି। ସମଗ୍ର ଗାଁ ଆବର୍ଜନାମୟ ହୋଇ ପଡ଼ିଲାଣି। କେବଳ ଘର ଦୁଆରମୁହଁକୁ ଛାଡ଼ିଦେଲେ ବାକି ସବୁ ଜାଗାରେ ପୁଳା ପୁଳା ଆବର୍ଜନା। ରାସ୍ତା କଡ଼ରେ ପଡ଼ିଥିବା ଜରି, ପ୍ଲାଷ୍ଟିକ୍, କାଗଜ, ଘରର ଅନାବଶ୍ୟକ ସାମଗ୍ରୀ, ବୈଦ୍ୟୁତିକ ସାମଗ୍ରୀ, ଥର୍ମକୁଲ୍, ଔଷଧ ଖୋଳ, ସାନିଟାରି ନାପ୍‌କିନ୍ ପ୍ରଭୃତି ଆସ୍ତେ ଆସ୍ତେ ରାସ୍ତା ଉପରକୁ ମାଡ଼ି ଆସିଲାଣି। ଆବର୍ଜନା ପରିଚାଳନା ପାଇଁ ସରକାରଙ୍କ ପକ୍ଷରୁ ଯେଉଁ ବ୍ୟବସ୍ଥା ହୋଇଛି, ତାହା ହେଉଛି ପଞ୍ଚାୟତ ପିଛା ୩ଟି ଅଳିଆ ଉଠା ଠେଲା ଗାଡ଼ି ଓ ଗାଁ ମୁଣ୍ଡରେ ଗୋଟିଏ ଗୋଟିଏ ଜୈବ ବିଘଟନ ଆବର୍ଜନା କୁଣ୍ଡ। ଗାଁରେ ଜନସଂଖ୍ୟା ବଢ଼ିବା ସହ ତାଳ ଦେଇ ଉତ୍ପନ୍ନ ହେଉଥିବା ଆବର୍ଜନା ପରିଚାଳନା ପାଇଁ ସରକାର କରିଥିବା ଏଭଳି ବ୍ୟବସ୍ଥା ପରିହାସ ସଦୃଶ ହୋଇଛି। ବିଏମ୍‌ସିର ୨୩ ନଂ ୱାର୍ଡକୁ ଲାଗି ରହିଥିବା ପ୍ରମୁଖ ପଞ୍ଚାୟତ ହେଉଛି ତମାଣ୍ଡୋ। ଏଥିରେ ନାରୋଗୋଦା, ସିଜୁପୁଟ, ସହଜପୁର, ବିଜିପୁର, ତମାଣ୍ଡୋ, ଦଶବାଟିଆ, ବାଲିପଡ଼ା, କାଶିପୁର, ବେଗୁନିଆବରାହୀ ଏଭଳି ୯ଟି ରାଜସ୍ୱ ଗ୍ରାମ ରହିଛି। ଏଠାରେ ଜନସଂଖ୍ୟା ୨୦ ହଜାରରୁ ଊର୍ଦ୍ଧ୍ୱ। ସ୍ୱଚ୍ଛ ଭାରତ ମିସନ ଯୋଜନାରେ ପଞ୍ଚାୟତକୁ ୩ଟି ଅଳିଆ ବୁହା ଠେଲାଗାଡ଼ି ଦିଆଯାଇଥିଲା। ଏଥିରେ ଓଦା ଓ ଶୁଖିଲା ଆବର୍ଜନା ପାଇଁ ୨ଟି ଡାଲା ରହିଥିଲା। ଘରୁ ଘରୁ ପୃଥକ୍ ଭାବେ ଆବର୍ଜନା ସଂଗ୍ରହ ଯୋଜନା ରହିଥିଲା। ଯୋଜନାକୁ ୨ ବର୍ଷ ପୂରିଥିଲେ ମଧ ଅଳିଆ ବୁହା ଠେଲା ଗାଡ଼ି ପଞ୍ଚାୟତ ଅଫିସ୍‌ରେ ମୁହଁ ମାଡ଼ି ପଡ଼ିଛି। ୩ଟି ଗାଡ଼ି ୯ ରାଜସ୍ୱ ଗ୍ରାମ କିଭଳି ବୁଲିବ ବିଜନ କୁମାର ମହାନ୍ତିଙ୍କ କହିବାକଥା, ଗାଁରେ ଗୋଟିଏ ଗାଡ଼ି ଯଥେଷ୍ଟ ହେଉନି। ଏଣେ ଦିନକୁ ୧୦ ଟଙ୍କା ହିସାବରେ ସେମାନେ ମାସକୁ ୩୦୦ ଟଙ୍କା ମାଗୁଛନ୍ତି। ଲୋକ ଦେଉନଥିବାରୁ ଗାଡ଼ି ଆବର୍ଜନା ଆଣିବାକୁ ଯାଉନି। ସରକାରୀ ଗାଡ଼ି ସହ ଆଉ ଏକ ଘରୋଇ ଗାଡ଼ି ମଧ ଆବର୍ଜନା ଉଠାଉଛି। କିନ୍ତୁ ଆବର୍ଜନା ଖତ ହେବା ପାଇଁ କୁଣ୍ଡ ନ ଥିବାରୁ ସଂଗ୍ରହ ହେଉଥିବା ଆବର୍ଜନା ମଧ ଏଣେତେଣେ ଫିଙ୍ଗି ଦିଆଯାଉଛି। ଏ ନେଇ ସରପଞ୍ଚ ସଂଧ୍ୟା ଜେନାଙ୍କ କହିବାକଥା, ୩ଟି ଗାଡ଼ି ପଞ୍ଚାୟତରେ ଥୁଆ ହୋଇଛି। ଯଦି ସରକାର ଏହାକୁ ପରିଚାଳନା ପାଇଁ ସହଯୋଗ କରନ୍ତେ ତେବେ ଅଞ୍ଚଳରୁ ଅଳିଆ ସଫା ହୋଇ ପାରନ୍ତା। ଅନ୍ୟତମ ପ୍ରମୁଖ ପଞ୍ଚାୟତ ହେଉଛି ଦାରୁଠେଙ୍ଗ। ଏଥିରେ ଭାଲୁଙ୍କ, ଚୂଡ଼ଙ୍ଗ, କୃଷ୍ଣନଗର, ଯୁଝଗଡ଼, ଭୁଆସୁଣି, ଦାରୁଠେଙ୍ଗ, ଶ୍ୟାମସୁନ୍ଦରପୁର ଓ ତୁଳସୀଦେଈପୁର ଭଳି ୮ଟି ରାଜସ୍ୱ ଗ୍ରାମ ରହିଛି। ଏଥିରେ ପାଖାପାଖି ୧୫ ହଜାର ଲୋକ ହେବେ। ଏହି ପଞ୍ଚାୟତରେ ବିଏମ୍‌ସିର ଚର୍ଚ୍ଚିତ ଡମ୍ପିଂୟାର୍ଡ ରହିଛି। ସାରା ସହରର ଆବର୍ଜନା ଏଠାରେ ବର୍ଷ ବର୍ଷ ଧରି ଗଦା ହେଉଛି। କିନ୍ତୁ ଏହି ସବୁ ଆବର୍ଜନା ଉଠୁ ନାହିଁ। ଏ ନେଇ ସରପଞ୍ଚ ତପନ ଚକ୍ରବର୍ତ୍ତୀ କହିଛନ୍ତି, ଆବର୍ଜନା ସଂଗ୍ରହ ପାଇଁ ୩ଟି ଠେଲାଗାଡ଼ି ରହିଛି। ସଫେଇ ଦାୟିତ୍ୱ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦେବା ଯୋଜନା ରହିଛି। ସରକାରୀ ହିସାବରେ ଅଳିଆଗାଡ଼ି ବୋହୁଥିବା କର୍ମଚାରୀଙ୍କୁ ଘର ପିଛା ୫ ଟଙ୍କା ହିସାବରେ ପ୍ରଦାନ କରାଯିବ। ଏହା ସ୍ୱଳ୍ପ ପରିମାଣର ହେଉଥିବାରୁ କେହି ରାଜି ହେଉନାହାନ୍ତି। ଏଣୁ କାର୍ଯ୍ୟକାରୀ ହୋଇ ପାରୁନି। ଆଉ ଏକ ପଞ୍ଚାୟତ ହେଉଛି ରଣସିଂହପୁର ପଞ୍ଚାୟତ। ଏଥିରେ ସୁଆଙ୍ଗ, ସିଜୁଆ, ଛୋଟରାୟପୁର, ସରକନ୍ତରା, ବାହାଦଲପୁର, ହାଟସାହି, ଦାମୋଦରପୁର, ରଣସିଂହପୁର ଓ ଶ୍ରୀନିବାସପୁର ପ୍ରଭୃତି ୯ଟି ରାଜସ୍ୱ ଗ୍ରାମ ରହିଛି। ଜନସଂଖ୍ୟା ୧୮ ହଜାରରୁ ଊର୍ଦ୍ଧ୍ୱ ହେବ। ଗାଁ ମୁଣ୍ଡରେ ଆବର୍ଜନା କୁଣ୍ଡ ଅଛି। ଠେଲାଗାଡ଼ି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦିଆଯାଇଛି। କିନ୍ତୁ ଠେଲାଗାଡ଼ି ଲୋକେ ଦେଖି ନାହାନ୍ତି। ଦିନେ ହେଲେ ଗାଡ଼ି ଆବର୍ଜନା ଉଠାଇବାକୁ ଆସୁନାହିଁ। ଏଣୁ ଆବର୍ଜନା ଉଠୁ ନାହିଁ। ଗାଁ ମୁଣ୍ଡରେ ଥିବା କୁଣ୍ଡରେ କାହାର କେତେବେଳେ ମନ ହେଲେ ପକାଉଛି ନ ହେଲେ ନାହିଁ।






# ୫୫ ନମ୍ବର ଜାତୀୟ ରାଜପଥରେ ଓଲଟିଲା ବସ୍: ୮ ଗୁରୁତର

**ରେଢ଼ାଖୋଲ(ଅମୃତ ମିଡିଆ):** ୫୫ ନମ୍ବର ଜାତୀୟ ରାଜପଥ ସମ୍ବଲପୁର ଜିଲ୍ଲା ଚାରମାଳ ଥାନା ନୂଆପଡ଼ା ଛକରେ ଶିବମ୍ ନାମକ ଏକ ଘରୋଇ ବସ୍ ଓଲଟିଛି। କଣ୍ଡକ୍ଟରଙ୍କ ସମେତ ୮ ଯାତ୍ରୀ ଗରୁତର ହୋଇଥିବା ଜଣାଯାଇଛି। ସମସ୍ତ ଗୁରୁତରଙ୍କୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଛି। ଏହି ଦୁର୍ଘଟଣାରେ ୧୫ରୁ ଉର୍ଦ୍ଧ୍ୱ ଆହତ ହୋଇଥିବା କୁହାଯାଇଛି। ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ହୀରାକୁଦ ଆସୁଥିବା ଶିବମ୍ ନାମକ ଏକ ଘରୋଇ ବସ୍ (ଓଡି୧୫-ସି୩୧୫୫) ଭୋର ୪ଟା ୪୫ ମିନିଟ୍ ସମୟରେ ଚାରମାଳ ଥାନା ନୂଆପଡ଼ା ଛକରେ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟିପଡ଼ିଥିଲା। ଏଥିରେ କଣ୍ଡକ୍ଟର ରାଜ କୁମାର ମହାନ୍ତିଙ୍କ ସମେତ ୮ ଯାତ୍ରୀ ଗରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ରେଢ଼ାଖୋଲ ଡାକ୍ତରଖାନା ଓ ପରେ ବୁର୍ଲା ଭିମସାରକୁ ସ୍ଥାନାନ୍ତରିତ କରାଯାଇଥିଲା। ଅନ୍ୟ ଗୁରୁତର ବ୍ୟକ୍ତିମାନେ ହେଲେ ଯାଜପୁରର ନରେନ୍ଦ୍ର ନାଥ ଶର୍ମା (୬୦) ଓ ତାଙ୍କ ପତ୍ନୀ ତିରନାଥ ଶର୍ମା (୫୦), କଟକ ଖୁଣ୍ଟୁଣୀ ଅଞ୍ଚଳର ମିତ୍ରଭାନୁ ରାଉତ(୨୬), ସମ୍ବଲପୁରର ଅନ୍ନପୂର୍ଣ୍ଣା ବାରିକ, ସୁବୁଦ୍ଧି ବାରିକ, ଆନନ୍ଦପୁରର ପ୍ରଶାନ୍ତ ଦାସ(୫୦) ଏବଂ ଭଦ୍ରକର ବାଦଲ ରାଉତ(୫୮)।




# କଂସ ପଂଚାୟତରେ ନିମ୍ନମାନର କଂକ୍ରିଟ୍ ରାସ୍ତା ନିର୍ମାଣ

**କାଳିଆପାଣି(ଅମୃତ ମିଡିଆ):** ଖଣି ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ଡିଏମ୍ଏଫ୍(ଜିଲା ଖଣିଜ ପ୍ରତିଷ୍ଠାନ) ପାଣ୍ଠି ଗଠିତ ହୋଇଛି। ଖଣି ମାଲିକମାନେ ସରକାରଙ୍କୁ ଦେଉଥିବା ରାଜସ୍ୱର ୩୦ ପ୍ରତିଶତ ଅର୍ଥ ଡିଏମ୍ଏଫ୍ ପାଣ୍ଠିକୁ ଯାଉଛି। ତଦନୁସାରେ ୨୦୨୩ ଜୁଲାଇ ସୁଦ୍ଧା ଯାଜପୁର ଜିଲାରେ ୧୮୯୭.୮୭ କୋଟି ଟଙ୍କା ପ୍ରୋଗ୍ରେସିଭ ଆଦାୟ ହୋଇଛି। ଏଥିରେ ୪ ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। କିନ୍ତୁ ଡିଏମ୍ଏଫ୍ ଗାଇଡ୍ ?ଲାଇନର ଉଲ୍ଲଂଘନ କରି ଅଧିକାଂଶ ପ୍ରକଳ୍ପ ଖଣି ପ୍ରଭାବିତ ଅଞ୍ଚଳ ବାହାରେ କାର୍ଯ୍ୟକାରୀ ହେଉଥିବାବେଳେ ଅନେକ ପ୍ରକଳ୍ପରେ ଦୁର୍ନୀତି ବୁଡ଼ି ରହିଥିବା ଅଭିଯୋଗ ହେଉଛି। ଖଣି ପ୍ରଭାବିତ ସୁକିନ୍ଦା ବ୍ଲକ କଂସ ପଞ୍ଚାୟତରେ କଂକ୍ରିଟ ରାସ୍ତା ନିର୍ମାଣକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ରତ୍ନଗର୍ଭା ସୁକିନ୍ଦା ଅଞ୍ଚଳରେ ୧୭୩ ନିୟୁତ ଟନ୍ କ୍ରୋମାଇଟ ଗଚ୍ଛିତ ଅଛି ବୋଲି ସରକାରୀଭାବେ ଆକଳନ କରାଯାଇଛି। ଭାରତ ସ୍ୱାଧୀନତା ପୂର୍ବରୁ ଏଠାରୁ କ୍ରୋମାଇଟ



ଖନନ ଆରମ୍ଭ ହୋଇସାରିଛି। ଫଳରେ ଖଣି ମାଲିକମାନେ ବିପୁଳ ସମ୍ପତ୍ତିର ଅଧିକାରୀ ହୋଇପାରିଛନ୍ତି। କିନ୍ତୁ ପ୍ରାକୃତିକ ପରିବେଶ ନଷ୍ଟ ହେବା ସହ ଭିଟାମାଟି ହରାଇ କ୍ଷତିଗ୍ରସ୍ତ ହୋଇଥିବା ଆଦିବାସୀଙ୍କ ଜୀବନଧାରଣର ମାନ ଏବେବି ଅପରିବର୍ତ୍ତିତ ରହିଛି। ଜଙ୍ଗଲ, ଜମି, ଜଳକୁ ନଷ୍ଟ କରି ଖଣି କମ୍ପାନୀମାନେ ବହୁ ହଜାର କୋଟି ଟଙ୍କା ଲାଭ କରୁଥିବାବେଳେ ସମସ୍ତ ଖଣି ପ୍ରଭାବିତ ଲୋକଙ୍କୁ ଏଯାଏ ବିଶୁଦ୍ଧ ପାନୀୟ ଜଳ ଟୋପାଏ ମିଳୁନି। ସ୍କୁଲ, ଡାକ୍ତରଖାନା, ରାସ୍ତାଘାଟ, ବିଜୁଳି, ପ୍ରଦୂଷଣ ସମସ୍ୟା ଏବେ ବି ରହିଛି। ତେଣୁ ୨୦୧୫ ଜାନୁୟାରୀରେ କେନ୍ଦ୍ର ସରକାର ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନାକୁ ଆଧାର କରି ଡିଏମ୍ଏଫ୍ ଗଠନ କରିଥିଲେ। କିନ୍ତୁ ଏହା ମଧ୍ୟ ଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରୁନାହିଁ। ସମ୍ପୃକ୍ତ କେତେଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ଯନ୍ତ୍ରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ଆବଣ୍ଟିତ ଅନୁଦାନର ସିଂହଭାଗ ଅର୍ଥ ବାଟମାରଣା ହେଉଛି। ଅଭିଯୋଗ ଅନୁଯାୟୀ ବିଭିନ୍ନ ଖଣି ପ୍ରଭାବିତ ପଞ୍ଚାୟତଗୁଡ଼ିକରେ ଡିଏମ୍ଏଫ୍ ପାଣ୍ଠିରୁ ୫ ଲକ୍ଷ ଓ ୧୦ ଲକ୍ଷ ଟଙ୍କାର କଂକ୍ରିଟ ରାସ୍ତା କାର୍ଯ୍ୟ ନିର୍ମାଣ ହେଉଛି। ଏହିକ୍ରମରେ ସୁକିନ୍ଦା ବ୍ଲକ କଂସ ପଞ୍ଚାୟତ ସରପଞ୍ଚଙ୍କ ଘର ନିକଟ ମହାରଣା ସାହିର ମୁଖ୍ୟ ରାସ୍ତାକୁ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବିଭାଗୀୟ ଅଧିକାରୀଙ୍କ ନାମରେ କଂକ୍ରିଟ କାର୍ଯ୍ୟ ହେଉଛି। ମୁଖ୍ୟରାସ୍ତାରୁ ମହୁକଣ୍ଠା ଗ୍ରାମକୁ ବିନା ଟେଣ୍ଡରରେ ସୁକିନ୍ଦା ବ୍ଲକ ପକ୍ଷରୁ ଯନ୍ତ୍ରୀଙ୍କ ମାଧମରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଛି। କଂକ୍ରିଟ ରାସ୍ତା କାର୍ଯ୍ୟ ୪ ଇଞ୍ଚ ବାଲି, ୪ ଇଞ୍ଚ ମେଟାଲ, ୪ ଇଞ୍ଚ ଚିପ୍ସ କଂକ୍ରିଟ କରିବା ପାଇଁ ନିର୍ଦ୍ଦେଶ ରହୁଛି। ହେଲେ ବାସ୍ତବରେ ନିର୍ମାଣ କାର୍ଯ୍ୟକୁ ଯାଞ୍ଚ କରାଯାଏ ତେବେ ରାସ୍ତାର ଉଭୟ ୬ ଇଞ୍ଚର ନିଅଁ ଖୋଳି ମେଟାଲ ୬ ଇଞ୍ଚ ପକାଇବା ପରେ ନିମ୍ନମାନର ବାଲି ଓ ମାଟି ପକାଇ ଦିଆଯାଉଛି। ସେଥିରେ ମଝି ଅଂଶକୁ ଉଚ୍ଚା କରିବା ପରେ ୬ରୁ ୭ ଇଞ୍ଚ ମେଟାଲିଂ କରି ଉପରେ ୨ ଇଞ୍ଚର କଂକ୍ରିଟ କରି ରାସ୍ତାଟି ସମ୍ପୂର୍ଣ୍ଣ କରାଯାଉଥିବା ଦେଖିବାକୁ ମିଳିଛି। କଂସ ପଞ୍ଚାୟତର ସମସ୍ତ କାର୍ଯ୍ୟ ନିମ୍ନମାନରଭାବେ କରି ଯନ୍ତ୍ରୀ ଲିଙ୍ଗରାଜ ବେହେରା ଅର୍ଥ ହରିଲୁଟ କରୁଥିବା ପୂର୍ବତନ ସରପଞ୍ଚ ରବୀନ୍ଦ୍ର ସାହୁ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ନେଇ ସୁକିନ୍ଦା ବିଡିଓ ନମ୍ରତା ମୋଦିଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ କଲ୍ ଗ୍ରହଣ କରି ନ ଥିଲେ। ସେହିପରି ଯନ୍ତ୍ରୀ ଲିଙ୍ଗରାଜ ବେହେରାଙ୍କ ମତାମତ ନେବାକୁ ଶନିବାର ସନ୍ଧ୍ୟାରେ ତାଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ମଧ୍ୟ କଲ୍ ଗ୍ରହଣ କରି ନ ଥିଲେ।

# ପଦ୍ମପୁରକୁ ଜିଲ୍ଲା ମାନ୍ୟତା ଦାବି ତେଜିଲା

**ପଦ୍ମପୁର(ଅମୃତ ମିଡିଆ):** ପଦ୍ମପୁରକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବି ନେଇ ଜିଲା ଗଠନ ମିଳିତ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ସୋମବାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପିକେଟିଂ କରାଯାଇଛି। ଏହି କ୍ରମରେ ପଦ୍ମପୁର ଏଡିଏମ ଚଉନ କୁନାଲ ମୋତିରାମ, ଉପଜିଲାପାଳ ଆଲୋକ ପଟେଲଙ୍କୁ ଆନ୍ଦୋଳନକାରୀ ବହୁ ଯୁକ୍ତିତର୍କ ପରେ ଉଭୟଙ୍କ ଅଫିସ ଗେଟରୁ ଫେରାଇ ଦେଇଛନ୍ତି। ଏନେଇ ଆନ୍ଦୋଳନକାରୀ ବିଭିନ୍ନ ସ୍ଥାନରେ ପିକେଟିଂ କରିସରକାରୀ କାର୍ଯ୍ୟାଳୟଗୁଡିକୁ ବନ୍ଦ କରୁଛନ୍ତି। ଆନ୍ଦୋଳନରେ ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ଆଇନଜୀବୀ ସନ୍ତୋଷ କୁମାର ଶତପଥୀ, ସମ୍ପାଦକ ଚିନ୍ମୟ କୁମାର ପଣ୍ଡା, ସଂଯୋଜକ ଅଜିତ କୁମାର ଶତପଥୀ ତଥା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ନେତୃତ୍ୱ ନେଇଛନ୍ତି। ପଦ୍ମପୁର ଉପନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ନୀବନ ପଟ୍ଟନାୟକ ୨୦୨୩ ଡିସେମ୍ବର ଶେଷସୁଦ୍ଧା ପଦ୍ମପୁରକୁ ସ୍ୱତନ୍ତ୍ର ଜିଲାର ମାନ୍ୟତା ଦେବାକୁ ଘୋଷଣା କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ତାହା ହୋଇପାରି ନାହିଁ ବୋଲି ଅଭିଯୋଗ ହୋଇଛି।




# ଜୁଆଆଡ୍ଡା ଉପରେ ଚଢ଼ଉ: ୫ଗିରଫ

**ରାୟଗଡ଼ା(ଅମୃତ ମିଡିଆ):** ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଆଇଆଇସି ପ୍ରସନ୍ନ ବେହେରାଙ୍କ ନେତୃତ୍ୱରେ ଶନିବାର ବିଳମ୍ବିତ ରାତିରେ ଏକ ଜୁଆ ଆଡ୍ଡାରେ ଚଢ଼ାଉ କରାଯାଇଛି। ଚଢ଼ାଉରେ ୮୦ହଜାର ୨୭୦ଟଙ୍କା, ୨୮ଟି ବାଇକ୍ ଜବତ ହେବା ସହିତ ୫ ଜଣଙ୍କୁ ଗିରଫ କରାଯରାଇଛି। ଖବରପାଇ ପୋଲିସ ମାଲିଗାଁ ପଞ୍ଚାୟତ କାଶିଲି ଗ୍ରାମରେ ଚଢ଼ାଉ କରିଥିଲା।



ପୋଲିସକୁ ଦେଖି ଜୁଆ ଖେଳାଳିମାନେ ସେଠାରୁ ଚମ୍ପଟ ମାରିଥିଲେ। ତେବେ ପୋଲିସ ସେମାନଙ୍କ ପଛରେ ଗୋଡ଼ାଇ ୫ଜଣଙ୍କୁ ଗିରଫ କରିଥିଲା। ପୋଲିସ ଅନ୍ୟମାନଙ୍କୁ ଖୋଜୁଛି।

# କମ୍ ଟଙ୍କାରେ ଯାତାୟତ ସୁନିଶ୍ଚିତ କରିଛି ଲକ୍ଷ୍ମୀ ବସ୍

**ନବରଙ୍ଗପୁର(ଅମୃତ ମିଡିଆ):** ୨୦୨୩ ମାର୍ଗଶିର ମାସ ଗୁରୁବାର ପ୍ରଥମ କରି ନବରଙ୍ଗପୁର ଜିଲାରେ ଗଡିଥିଲା ଲକ୍ଷ୍ମୀ ବସ୍। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନା ନବରଙ୍ଗପୁର ଜିଲାବାସୀଙ୍କ ପାଇଁ ଆଶୀର୍ବାଦ ପାଲଟିଛି। ଜିଲାର ୧୮୯ ପଞ୍ଚାୟତରେ ମୋଟ ୩୯ ବସ୍ ଚାଲିଥିବାବେଳେ ଜିଲାର ସମସ୍ତ ମାଆଙ୍କର ମୁଖ୍ୟ ସାରଥି ପାଲଟିଛି ଲକ୍ଷ୍ମୀ ବସ୍। ପୂର୍ବରୁ ଜିଲାର ସହର ଏବଂ ବ୍ଲକ ସଦର ମହକୁମାଠାରୁ ଗ୍ରାମାଞ୍ଚଳକୁ ଗମନାଗମନରେ ବହୁ ଅସୁବିଧା ରହିଥିଲା। ଲକ୍ଷ୍ମୀ ବସ ମାଧ୍ୟମରେ ଜଣେ ଚାଷୀ ବଜାର ସହିତ ଯୋଡ଼ି ହେଉଛି, ଛୋଟ ବଡ଼ ବ୍ୟବସାୟୀ ଗାଁରୁ ସହରକୁ ଆସିବାର ସୁଗମ ବ୍ୟବସ୍ଥା ପାଇଛନ୍ତି। ଜଣେ ରୋଗୀ କମ୍ ପଇସାରେ ଆରାମରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିପାରୁଛନ୍ତି। ସେହିପରି ଛାତ୍ରୀଛାତ୍ର ଗ୍ରାମାଞ୍ଚଳରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ମାତ୍ର ୫ଟଙ୍କା ଦେଇ ଯାତାୟାତ କରିପାରୁଛନ୍ତି। ବର୍ତ୍ତମାନ ପ୍ରତ୍ୟେକ ଗାଁ ବ୍ଲକ ସହ ଏବଂ ପ୍ରତ୍ୟେକ ବ୍ଲକ ସହର ସହିତ ଯୋଡିହୋଇଛି। ଫଳରେ ଲୋକଙ୍କ ମଧ୍ୟରେ ସମ୍ପର୍କ ଆହୁରି ମଜବୁତ୍? କରିପାରିଛି ଲକ୍ଷ୍ମୀ ବସ। ନବରଙ୍ଗପୁର ଏକ ଆଦିବାସୀ ଅଧ୍ୟୁଷିତ ଜିଲା। ଜିଲାରେ ପୂର୍ବରୁ ଗ୍ରାମାଞ୍ଚଳକୁ ଗମନାଗମର ବହୁତ ଅସୁବିଧା ଥିଲା। ଉମରକୋଟ ବ୍ଲକ ବଡକୁମାରୀ ପଞ୍ଚାୟତର ମୁନା ଡାକୁଆ କୁହନ୍ତି, ପୂର୍ବରୁ ଉମରକୋଟ ବ୍ୟାଙ୍କ ଓ ଉମରକୋଟ ସହରକୁ ଯିବାକୁ ହେଲେ ଅଟୋଭଡା ୫୦ ଟଙ୍କା ଲାଗୁଥିଲା। ବର୍ତ୍ତମାନ ଲକ୍ଷ୍ମୀ ବସ୍ ଯୋଜନା ହେବା ଦ୍ୱାରା ସୁବିଧାରେ ବ୍ୟାଙ୍କ ଓ ସହରକୁ ଆମେ ଯାଇପାରୁଛୁ। ସେହିପରି ଉମରକୋଟ ପଡ଼ାଗଡର ଗୀତା ପାଇକ, ବାଉଁଶବେଡାର ଅମ୍ବିକା ପାତ୍ର ଓ ଗୋଟିଗୁଡାର ବିଦ୍ୟୁତପ୍ରଭା ବେହେରା କୁହନ୍ତି, ଲକ୍ଷ୍ମୀ ବସ ଆମକୁ ସହରରେ ଥିବା ଡାକ୍ତରଖାନା ଯିବାରେ ବହୁ ସହାୟକ ହେଇଛି। ଏ ନେଇ ସେମାନେ ମୁଖ୍ୟମନ୍ତ୍ରୀ ଓ ୫-ଟି ତଥା ଆମ ଓଡ଼ିଶା ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି କୋଷାଗୁମୁଡା ବ୍ଲକର ୨୬ଟି ପଞ୍ଚାୟତକୁ ଲକ୍ଷ୍ମୀ ବସ୍ ସଂଯୋଗ କରିଥିବାବେଳେ ଛତିଶଗଡ ସୀମାନ୍ତବର୍ତ୍ତି ତଥା ଅପହଞ୍ଚ ଗ୍ରାମ ମୋତିଗାଁ, ବଡଗୁମୁଡା, ଉକିଆ ପାଲି, ବାଙ୍କୁଲୀ, ଆଟିଗାଁ ଓ ଏମକେରା ଗାଁକୁ ଲକ୍ଷ୍ମୀ ବସ୍ ଚଳାଚଳ କରୁଥିବାରୁ ଲୋକେ ବହୁତ ଉପକୃତ ହେଉଛନ୍ତି। ଲକ୍ଷ୍ମୀ ବସ୍ ସେବା ଦ୍ୱାରା ବ୍ୟବସାୟରେ ଉନ୍ନତି ଘଟୁଥିବା ବାଙ୍କୁଲିର ଜଣେ ମହିଳା ବ୍ୟବସାୟୀ ସାହେବ ଯାନୀ କହିଛନ୍ତି। କୋଷାଗୁମୁଡା ବ୍ଲକ୍‌ରେ ୬ଟି ଲକ୍ଷ୍ମୀ ବସ୍ ଚଳାଚଳ କରୁଥିବାରୁ ଜିଲା ସଦର ମହକୁମାଠାରୁ ପ୍ରାୟ ୮୦କିଲୋମିଟର ଦୂରର ଗ୍ରାମାଞ୍ଚଳରେ ଗମନାଗମନ ସୁବିଧା ହୋଇପାରିଥିବା ଉକିଆପାଲିର ଦେବରାଜ ମାଝୀ ଓ ଏକରିର ମାଧବ ମିର୍ଗାନ, ଆଟିଗାଁର ଚିତ୍ତରଞ୍ଜନ ଗୌଡ଼ ଏବଂ ବଡ ଗୁମୁରୁ ମୋତିରାମ ଭତ୍ରା କହିଛନ୍ତି। ଜିଲାର ସୀମାନ୍ତବର୍ତ୍ତୀ ବ୍ଲକ ଚନ୍ଦାହାଣ୍ଡିର ୧୪ଟି ପଞ୍ଚାୟତକୁ ଲକ୍ଷ୍ମୀ ବସ ସେବା ସଂଯୋଗ କରୁଥିବାରୁ ଉପାନ୍ତ ଅଞ୍ଚଳ ଭାବେ ପରିଚିତ କୁହୁଡି, ଫଟକି, ଗମ୍ଭାରୀ ଗୁଡା, ଦଲବେଢା, ପାଟ ଖୋଲିଆ ଓ ଜମାଦାର ପଡ଼ା ଭଳି ବହୁ ଅଞ୍ଚଳର ଲୋକେ ଉପକୃତ ହେଉଥିବା ପାଟଖଲିଆ ଗ୍ରାମ ପଞ୍ଚାୟତର ଦ୍ରୌପଦୀ ସୋରି କହିଛନ୍ତି। ରାଇଘର ବ୍ଲକରେ ମଧ ୨୬ଟି ପଞ୍ଚାୟତ ରହିଥିବା ବେଳେ ବର୍ତ୍ତମାନ ସମସ୍ତ ପଞ୍ଚାୟତକୁ ଲକ୍ଷ୍ମୀ ବସ୍ ସୁବିଧା ହୋଇପାରିଛି। ଏହି ବ୍ଲକର କିଛି ପଞ୍ଚାୟତ ବ୍ଲକ ସଦର ମହକୁମାର ନିକଟ ବର୍ତ୍ତି ରହିଥିବା ବେଳେ ଆଉ କିଛି ପଞ୍ଚାୟତ ବ୍ଲକ ସଦର ମହକୁମାଠାରୁ ବହୁ ଅପହଞ୍ଚରେ। ବ୍ଲକ୍‌ର ମୁଣ୍ଡିବେଢା, ବୋବେଇ, ହଳଦୀ, ଜଳନ ପାରା, ଗୋନା, ଖୁଡୁପୁ ଓ ପରଚି ପାରା, ଟିମନ ପୁରକୁ ବର୍ତ୍ତମାନ ବସ୍ ସୁବିଧା ହୋଇଥିବାରୁ ବବେଇ ପଞ୍ଚାୟତର ହେମବାଇ ଗଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।



# ଆଠମଲ୍ଲିକ ଉପଖଣ୍ଡରେ ଅସୁରକ୍ଷିତ କଲରାପତରିଆ

**ବଇଣ୍ଡା(ଅମୃତ ମିଡିଆ):** ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡରେ କଲରାପତରିଆ ବାଘ ଅସୁରକ୍ଷିତ ହୋଇପଡ଼ିଥିବା ସାଧାରଣରେ ଅଭିଯୋଗ ହେଉଛି। ଦୀର୍ଘଦିନ ହେଲା ଶିକାରୀମାନେ ଉପଖଣ୍ଡର ବିଭିନ୍ନ ଜଙ୍ଗଲାଞ୍ଚଳରେ ଫାଶ ବସାଇ ଜନ୍ତୁ ଶିକାର



କରୁଥିବା ବେଳେ ସେଥିରେ ଲାଗି ଏକାଧିକ କଲରାପତରିଆ ବାଘଙ୍କ ମୃତ୍ୟୁ ହୋଇଛି। ତଥାପି ଏହି ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବାକୁ ଦୃଢ଼ ପଦକ୍ଷେପ ନେଉନି ବନ ବିଭାଗ। ଏପରିକି ୭ ଦିନ ତଳେ ଏକ କଲରାପତରିଆ ବାଘର ମୃତ୍ୟୁ ହୋଇଥିଲେ ମଧ୍ୟ ସେ ସମ୍ପର୍କରେ ବିଭାଗ ନିକଟରେ ଖବର ନ ଥିବା ବନ୍ୟପ୍ରାଣୀ ପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଘଟଣା ସମ୍ପର୍କରେ ରବିବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ ଘଟଣାସ୍ଥଳରେ ଉଚ୍ଚସ୍ତରୀୟ ଅଧିକାରୀ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ହେଲେ ଏଯାଏ ଶିକାରୀଙ୍କ ନିକଟରେ ପହଞ୍ଚିପାରିନି ବନ ବିଭାଗ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଯେ, ଠାକୁରଗଡ଼ ଥାନା ମିଣ୍ଡୋଳ ଏବଂ ଏହାର ଆଖପାଖ ଅଞ୍ଚଳରେ କିଛି ମାସ ହେବ ବାରହା ଶିକାର କରିବା ପାଇଁ ଶିକାରୀମାନେ ବିଦ୍ୟୁତ୍ ଫାଶ ପକାଉଛନ୍ତି। ବିଶେଷକରି ଏହି ଅଞ୍ଚଳ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଥିଲେ ହେଁ ବନ ବିଭାଗ ପକ୍ଷରୁ ରାତ୍ର ପାଟ୍ରୋଲିଂ କରାଯାଉ ନାହିଁ। ଫଳରେ ଶିକାରୀମାନେ ନିର୍ଭୟରେ ଫାଶ ବସାଇ ଜନ୍ତୁ ଶିକାର କରୁଛନ୍ତି। ଗ୍ରାମର କେତେଜଣ ବ୍ୟକ୍ତିଙ୍କ କହିବା ଅନୁଯାୟୀ, ଗତ ଜାନୁୟାରୀ ୨୦ ତାରିଖ ପରଠାରୁ ଏହି ଅଞ୍ଚଳରେ ଜନ୍ତୁ ଶିକାର ବଢ଼ିବାରେ ଚାଲିଛି। ଶିକାରୀମାନେ ବନ ବିଭାଗର କେତେଜେଣ କର୍ମଚାରୀଙ୍କୁ ମାସିକିଆ ହାତଗୁଞ୍ଜା ଦେଇ ନିରାପଦରେ ଶିକାର କରୁଛନ୍ତି। ଜନ୍ତୁ ଶିକାର ପାଇଁ ଫାଶ ପକାଇଥିବା ବେଳେ ମିଣ୍ଡୋଳ ମଠ ନିକଟ କାଜୁ ଫିଲ୍ଡ ପରିସରରେ ଏକ କଲରାପତରିଆ ବାଘ ଶିକାରୀଙ୍କ ଫାଶରେ ପଡ଼ି ପ୍ରାଣ ହରାଇଥିଲା। ୭ ଦିନ ତଳେ ଏହି ଘଟଣା ଘଟିଥିଲେ ହେଁ ଏ ନେଇ ଜାଣି ନ ଥିବା ବନ ବିଭାଗକୁ କେତେଜଣ ଗୋରୁ ଚରାଳି ଶନିବାର ଖବର ଦେଇଥିଲେ। ତଥାପି ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇ ନ ଥିଲା। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ରବିବାର ରବିବାର ଅନୁଗୋଳ ଆଇଏଫ୍ଏସ୍ ସୁଧାଂଶୁ ଶେଖର ଖୋରା, ଆଠମଲ୍ଲିକ ଡିଏଫ୍ଓ ସନ୍ତୋଷ କୁମାର କପୁଲ, ଏସିଏଫ୍ ସଚ୍ଚିଦାନନ୍ଦ ସେଠୀ, ଅନୁଗୋଳ ସିଡିଭିଓଙ୍କ ସହ ଭୁବନେଶ୍ୱରରୁ ୨ ଜଣ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ବାଘର ମୃତଦେହ ଜବତ ସହ ବ୍ୟବଚ୍ଛେଦ କରିଥିଲେ। ପରେ ଘଟଣାସ୍ଥଳରେ ପୋତି ଦେଇଥିଲେ। ପଡ଼ିଥିବା ବିଦ୍ୟୁତ୍ ଫାଶକୁ ଜବତ କରାଯାଇଥିବା ବେଳେ ଏଥିରେ ସମ୍ପୃକ୍ତ ଥିବା ଶିକାରୀମାନଙ୍କ ପତ୍ତା ମିଳିନାହିଁ। ଏ ନେଇ ଧଣ୍ଡାତୋପା ରେଞ୍ଜର ବବ୍ରୁବାହନ ସାହୁଙ୍କୁ ପଚାରିବାରୁ କୌଣସି ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡାଇ ଦେଇଥିଲେ।

# ଜାତୀୟ ସ୍ମାରକୀ ମାନ୍ୟତାରୁ ବଞ୍ଚିତ ରକ୍ତତୀର୍ଥ ଇରମ୍

**ଭଦ୍ରକ(ଅମୃତ ମିଡିଆ):** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍‌ର ରକ୍ତତୀର୍ଥ ସହିଦ୍ ପୀଠ 'ଇରମ୍' ହେଉଛି ଦୁଇଜଣ ମୁଖ୍ୟମନ୍ତ୍ରୀଙ୍କ ଅଞ୍ଚଳ। ମାତ୍ର, ଏବେ ବି ଏହା ଅବହେଳିତ ଅବସ୍ଥାରେ ରହିଛି। ଇତିହାସର ସ୍ୱାକ୍ଷର କରୁଥିବା ଏହି ଅଞ୍ଚଳ ପ୍ରତି ସରକାର ଦୃଷ୍ଟି ନପାଇବା ଦୁର୍ଭାଗ୍ୟଜନକ ବିଷୟ ବୋଲି ମତପ୍ରକାଶ ପାଇଛି। ଭାରତର ସ୍ୱାଧୀନତା ସଂଗ୍ରାମର ଯେଉଁ କେତୋଟି ସ୍ଥାନ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇଛି, ସେଥିମଧ୍ୟରୁ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍‌ର ରକ୍ତତୀର୍ଥ ସହିଦ୍ ପୀଠ 'ଇରମ୍' ଅନ୍ୟତମ। ଭାରତଛାଡ ଆନ୍ଦୋଳନ ସମୟରେ ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖରେ ଇରମ୍ ମେଳଣ ପଡ଼ିଆରେ ଏକତ୍ରିତ ହୋଇଥିଲେ ଏହି ମାଟିର ଅନେକ ସଂଗ୍ରାମୀ ମଣିଷ। ସଭାକୁ ଭଣ୍ଡୁର କରିବା ପାଇଁ ବ୍ରିଟିସ୍ ଫୌଜ ଆଖିବୁଜା ଗୁଳି ଚଳାଇଥିଲେ। ଇଂରେଜଙ୍କ ଗୁଳିରେ ସେଦିନ ଇରମ୍ ମାଟି



ରକ୍ତରଞ୍ଜିତ ହୋଇ ଯାଇଥିଲା। ଦେଶମାତୃକା ପାଇଁ ୨୯ ଜଣ ସଂଗ୍ରାମୀ ନିଜ ଜୀବନକୁ ବଳି ଦେଇଥିଲେ। ତେବେ, ଯେଉଁମାନଙ୍କ ପାଇଁ ଇରମ୍ ମାଟି ଆଜି ବୀର ମାଟି ଭାବେ ସାରା ଭାରତବର୍ଷରେ ପରିଚିତ ହେଉଛି, ସେ ମାଟିକୁ ଆଜି ଯାଏ ବିକାଶ ଛୁଇଁ ପାରିନାହିଁ। ସ୍ୱାଧୀନତା ପ୍ରାପ୍ତିକୁ ୭ ଦଶନ୍ଧିରୁ ଅଧିକ ସମୟ ବିତିଯିବା ସତ୍ତ୍ୱେ ଏ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ମୌଳିକ ସୁବିଧା ଅପହଞ୍ଚ। ଏବେ ମଧ୍ୟ ସହିଦ୍ ପରିବାର ଓ ସହିଦ୍ ମାଟି ଅବହେଳିତ। ଯଦିଓ ରାଜ୍ୟ ସରକାର ଏହାକୁ ପର୍ଯ୍ୟଟନ ପୀଠର ମାନ୍ୟତା ଦେଇଛନ୍ତି, କିନ୍ତୁ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଆଖିଦୃଶିଆ ନୁହେଁ। ସହିଦ୍ ପୀଠ ଇରମ୍ ଜାତୀୟ ସ୍ମାରକୀ ମାନ୍ୟତାରୁ ବି ବଞ୍ଚିତ। ବାସୁଦେବପୁରର ବିପ୍ଳବୀ କବି ବାଞ୍ଛାନିଧି ମହାନ୍ତିଙ୍କ ଦେଶାତ୍ମବୋଧକ କବିତା ସେତେବେଳେ ଜନସାଧାରଣଙ୍କୁ ଜାତୀୟତା ଭାବନାରେ ଉଦ୍‌ବୁଦ୍ଧ କରିଥିଲା। ହେଲେ, ଲୋକ ପ୍ରତିନିଧିମାନଙ୍କୁ ଇରମ୍‌ର ବୀରତ୍ୱ ଗାଥା ପ୍ରଭାବିତ କରୁନାହିଁ ଏବଂ ଏହାର ବିକାଶ ପାଇଁ କାହାର ଟିକିଏ ବି ଦରଦ ନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି, ଆଜି ବି ଇରମ୍‌କୁ ଯିବାପାଇଁ ଭଲ ରାସ୍ତା ଖଣ୍ଡେ ନାହିଁ। ଭଦ୍ରକରୁ ବାସୁଦେବପୁର ମନ୍ଦାରୀ ଛକରୁ ଇରମ୍‌କୁ ଯିବା ପାଇଁ ୭ କିଲୋମିଟର ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ରାସ୍ତାଟି ସଂକୀର୍ଣ୍ଣ ହୋଇଥିବାରୁ ଏଠାକୁ ପର୍ଯ୍ୟଟକମାନେ ଆସିବାରେ ସମସ୍ୟା ସୃଷ୍ଟି ହେଉଛି। ଏହି ରାସ୍ତାର ପ୍ରଶସ୍ତୀକରଣ ଓ ଆଲୋକୀକରଣ ନେଇ ଅଞ୍ଚଳବାସୀ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ସମସ୍ତେ ନିରବ। ସେହିଭଳି, ସହିଦ୍ ପୀଠର ମୂକସାକ୍ଷୀ ଭାବେ ଏଠାରେ ରହିଥିବା 'ନରଣ ପୋଖରୀ' ଅବହେଳିତ। ଏହି ପୁଷ୍କରିଣୀର ବିକାଶ, ସୌନ୍ଦର୍ଯ୍ୟୀକରଣ ତଥା ଏଠାରେ ବୋଟିଂ ବ୍ୟବସ୍ଥା କରାଯାଇପାରିଲେ ପର୍ଯ୍ୟଟକମାନଙ୍କ ପାଇଁ ଏହା ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇପାରନ୍ତା। ପରିତାପର ବିଷୟ ହେଉଛି, ପର୍ଯ୍ୟଟକଙ୍କ ରହିବା ପାଇଁ ଏଠାରେ ପାନ୍ଥନିବାସ, ଯାତ୍ରୀ ଆଶ୍ରୟସ୍ଥଳ କିମ୍ବା କୌଣସି ଅତିଥି ଭବନ ନାହିଁ। ଯାତ୍ରୀମାନେ ଏଠାକୁ ଆସିଲେ ରାତ୍ରିଯାପନ ପାଇଁ ସମସ୍ୟାରେ ପଡ଼ନ୍ତି। ୧୯୪୨ ମସିହା ପୂର୍ବରୁ ନିର୍ମାଣ ହୋଇଥିବା 'କୁଳିଖଟି' ଗେଷ୍ଟ ହାଉସ୍ ଏବେ ପରିତ୍ୟକ୍ତ, ଜରାଜୀର୍ଣ୍ଣ। ଏଠାରେ କେବଳ ସହିଦ୍‌ମାନଙ୍କର ସ୍ମୃତିସ୍ତମ୍ଭ ଓ ସହିଦ୍ ସମାଧିପୀଠ ସ୍ମାରକୀ ରହିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, କେନ୍ଦ୍ର ସରକାର ପଞ୍ଜାବର ଜାଲିୱାନାବାଗକୁ ଜାତୀୟ ସ୍ମାରକୀ ଭାବେ ଘୋଷଣା କରିଛନ୍ତି। ଅଥଚ ଦ୍ୱିତୀୟ ଜାଲିୱାନାବାଗ କୁହାଯାଉଥିବା ରକ୍ତତୀର୍ଥ ଇରମ୍‌କୁ ଜାତୀୟ ସ୍ମାରକୀ ମାନ୍ୟତା ଦେବାରେ ଟାଳଟୁଳ ନୀତି ପୋଷଣ କରାଯାଉଛି, ଯାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ ଯେ ସ୍ୱାଧୀନତା ପରେ ଏହି ମାଟିରୁ ଡ.ହରେକୃଷ୍ଣ ମହତାବ ଓ ନୀଳମଣି ରାଉତରାୟଙ୍କ ଭଳି ଦୁଇ ଜଣ ଯଶ୍ୱସୀ ନେତା ମୁଖ୍ୟମନ୍ତ୍ରୀ ହୋଇଥିଲେ।

# ୬ ଦିନର ଶିଶୁପୁତ୍ର ଉଦ୍ଧାର

**ପାରଳାଖେମୁଣ୍ଡି(ଅମୃତ ମିଡିଆ):** ଗଜପତି ଜିଲା ନୂଆଗଡ଼ ବ୍ଲକଠାରେ ପରିତ୍ୟକ୍ତ ଅବସ୍ଥାରେ ୬ଦିନ ଶିଶୁପୁତ୍ରକୁ ଉଦ୍ଧାର କରିଛି ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ। ଗଜପତି ଜିଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ଖଜୁରୀପଦାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଥିବା ଯାତ୍ରୀ ବିଶ୍ରାମଗୃହ ଭିତରେ ପରିତ୍ୟକ୍ତ ଅବସ୍ଥାରେ ଏହି ଶିଶୁପୁତ୍ରଟି ପଡ଼ିଥିଲା। ସୂଚନାନୁଯାୟୀ, ଶିଶୁପୁତ୍ରଟି ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଦେଖିବା ପରେ ଜଣେ ବ୍ୟକ୍ତି ସିସିଡି ଜିଲା ସଂଯୋଜକ ବିଜୟ ପ୍ରଧାନଙ୍କୁ ଫୋନ କରିଥିଲେ। ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ସିସିଡି କର୍ମଚାରୀ ଇନ୍ଦୁମତି ଦେବୀ, ସତନ୍ତ୍ର ପୋଷ୍ୟ ସନ୍ତାନ ଅନୁଷ୍ଠାନର ସୋସିଆଲ ୱାର୍କର ସୁବାସିତ ସୱାଲସିଂ, ଆୟା ବିଳାସିନୀ ତାଣ୍ଡି ପ୍ରମୁଖ ପହଞ୍ଚି ଶିଶୁପୁତ୍ରକୁ ଉଦ୍ଧାର କରିଛନ୍ତି।



# ଶ୍ରମିକ କୃଷକଙ୍କ ଗଣକନ୍‌ଭେନସନ

## ୧୬ ଫେବୃଆରୀ ହରତାଳକୁ ସଫଳ କରିବାକୁ ଆହ୍ୱାନ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ବିଜେପି ନେତୃତ୍ୱାଧୀନ ମୋଦି ସରକାରଙ୍କ କର୍ପୋରେଟ ସପକ୍ଷବାଦୀ ନୀତି ଫଳରେ ଦେଶର ଶ୍ରମିକ, କୃଷକ ତଥା ସାଧାରଣ ଜନତାଙ୍କ ଜୀବନ ଜୀବିକା ଲଗାତର ଭାବେ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏଥିସହିତ ଦେଶର ଗଣତନ୍ତ୍ର ଓ ସମ୍ବିଧାନ ପ୍ରତି ଗଭୀର ଶଙ୍କଟ ସୃଷ୍ଟି ହୋଇଛି। ଆଜି ସାରା ଦେଶରେ କର୍ପୋରେଟ କ୍ଷେତ୍ରକୁ ଋଣ ଛାଡ କରିବା ସହିତ ଟିକସ କମାଇବା ବେଳେ ଚାଷୀ, ଶ୍ରମିକ ଏବଂ ସାଧାରଣ ବର୍ଗଙ୍କ ଉପରେ ଟିକସ ବଢି ବଢି ଚାଲିଥିବାରୁ ଦର ବୃଦ୍ଧି ଘଟୁଛି। ଗତ ବଜେଟ୍ କର୍ପୋରେଟ୍ ସପକ୍ଷବାଦୀ ହୋଇଥିବା ବେଳେ ଚାଷୀ ଆତ୍ମହତ୍ୟାକୁ ରୋକିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏଥିରୁ ଦେଶ ତଥା ଦେଶବାସୀଙ୍କୁ ଉଦ୍ଧାର କରିବା ପାଇଁ ସାରା ଦେଶରେ ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ ୟୁନିଅନମାନଙ୍କ ମିଳିତ ମଞ୍ଚ ଓ ସ୍ୱାଧୀନ ଫେଡେରେସନ ସମୂହ ପକ୍ଷରୁ ଫେବୃୟାରୀ ୧୬ତାରିଖରେ ଦିଆଯାଇଥିବା ଦେଶବ୍ୟାପୀ ହରତାଳ ଓ ଧର୍ମଘଟ ସହିତ ଗ୍ରାମୀଣ ଭାରତ ବନ୍ଦ ପାଇଁ ଆହ୍ୱାନ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଜିଲ୍ଲାରେ ଏହାକୁ ସଫଳ କରିବା ପାଇଁ କେନ୍ଦ୍ରାପଡା ସହରରର ପବ୍ଲିକ ରିଡିଂରୁମ ପରିସରରେ ଶ୍ରମିକ, କୃଷକ ଓ କର୍ମଚାରୀମାନଙ୍କ ସଂଗଠନକୁ ନେଇ ଏକ ଗଣ କନଭେନସନ୍ ଆୟୋଜିତ ହୋଇଯାଇଛି। ଶ୍ରମିକ ନେତା ଜଗତଜୀବନ ଦାଶ, ମୁକ୍ତାର ଖାଁ, କୃଷକ ନେତା ଆଦିକନ୍ଦ ରାଉଳ ଓ ଶିକ୍ଷକ ନେତା ନିର୍ମଳ ନାୟକଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ଦ୍ୱାରା ପରିଚାଳିତ ଏହି କନଭେନସନରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଆବାହକ ତଥା ଓଡିଶା କୃଷକ ସଭାର ଜିଲ୍ଲା ସଭାପତି ଗୟାଧର ଧଳ ଭିତ୍ତିପତ୍ର ଉପସ୍ଥାପନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏ.ଆଇ.ଟି.ୟୁ.ସି. ନେତା ରମଣୀରଞ୍ଜନ ରାଉତରାୟ, କିଷାନ କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ, ଗ୍ରାମୀଣ ଡାକ କର୍ମଚାରୀ ସଙ୍ଘର ସଭାପତି ବିଜୟ ନାୟକ, କିଷାନ ମଜଦୁର ସଙ୍ଘର ନେତା ପ୍ରକାଶ ମଲ୍ଲିକ, କର୍ମଚାରୀ ନେତା ନରୋତ୍ତମ ପାର୍ଥସାରଥୀ, ଶିକ୍ଷକ ନେତା ବାବାଜୀ ଦାସ, ପାଚିକା ସଙ୍ଘ ନେତ୍ରୀ ସୁହାନା ବେଗମ୍, ଆଶା ସଙ୍ଘ ଜିଲ୍ଲା ସମ୍ପାଦିକା କାନ୍ତିପ୍ରଭା ନାୟକ, କୃଷକ ନେତା ନାରାୟଣ ପରିଡା, ବିଜୟ ଦାସ, ମହେନ୍ଦ୍ର ପରିଡା, ରମେଶ ଚନ୍ଦ୍ର ପ୍ରଧାନ, ପଦ୍ମନାଭ ଦାସ, ଶ୍ରମିକ ନେତା ବସନ୍ତ ସେଠୀ, ପ୍ରକାଶ ମହାନ୍ତି, ସୌମ୍ୟକାନ୍ତ ଧଳ, ରଣଧୀର ଜେନା ପ୍ରମୁଖ ବିଭିନ୍ନ ସଂଗଠନର ନେତୃବୃନ୍ଦମାନେ ୧୬ଫେବୃୟାରୀରେ ହେବାକୁ ଥିବା ଏହି ଭାରତ ବନ୍ଦକୁ ସାରା ଜିଲ୍ଲାରେ ସଫଳ କରିବା ପାଇଁ ଆହ୍ୱାନ ଦେବା ସହିତ କେନ୍ଦ୍ରାପଡାର ଜନସାଧାରଣଙ୍କୁ ନିବେଦନ କରିଥିଲେ। ଶେଷରେ ଯୁବନେତା ସଞ୍ଜୟ ବସନ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଚଷାପଡାରେ ଆଶାୟୀ ରୁପାଲୀ ଲେଙ୍କା

## ବିଧାୟକଙ୍କୁ ଘେରିଲେ ମହିଳା



**ଟାଙ୍ଗୀ ଚୌଦ୍ୱାର (ଅମୃତ ମିଡିଆ) :** କଟକ ଜିଲ୍ଲା ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀର ଇନ୍ଦ୍ରାଣୀପାଟଣା ପଂଚାୟତର ଚଷାପଡା ଗାଁରେ ଗତକାଲି ବିଧାୟକ ସୌଭିକ ବିଶ୍ୱାଳ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଗାଁର ପାଣି ସମସ୍ୟାକୁ ନେଇ ବିଧାୟକ ସୌଭିକ ବିଶ୍ୱାଳଙ୍କୁ ଘେରିଥିଲା ବେଳେ ଆଜି କଟକର ବିଜେଡିର ଆଶାୟୀ ପ୍ରାର୍ଥୀ ରୁପାଲୀ ଲେଙ୍କା ଏହି ମହିଳା ସଂଗଠନ ସହିତଆଲୋଚନା କରି ଏହି ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶୃତି ଦେଇଥିଲେ। ଅନ୍ୟ ପକ୍ଷରେ ରୁପାଲୀ ଲେଙ୍କା ପ୍ରଥମ ଥର ପାଇଁ ଚଷାପଡା ଗାଁରେ ଶତାଧିକ ମହିଳାଙ୍କୁ ନେଇ ବୈଠକ କରିଥିଲାବେଳେ ତାଂକୁ ଭଲ ସମର୍ଥନ ମିଳିଥିଲା। ଏହି ବୈଠକରେ ରୁପାଲୀ ଲେଙ୍କା ମହିଳାମାନଙ୍କ ସହିତ ବିସ୍ତୃତ ଭାବେ ସେମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହିତ ସେମାନଙ୍କ ନିକଟରେ ସବୁବେଳେ ଦରକାରରେ ଆସିବେ ବୋଲି ପ୍ରକାଶ କରିଥିଲେ। ଏହି ବୈଠକରେ ମହିଳାମାନେ ନଦୀ କୁଳିଆ ହୋଇ ଏବଂ ନିକଟରେ ପନ୍ଦର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପିଇବା ପାଣି ର ପ୍ରକଳ୍ପ ଥିଲାବେଳେ ସେମାନେ ଏହାର ସୁଫଳ ପାଉନାହାନ୍ତି ବୋଲି ପ୍ରକାଶ କରିଥିଲେ। ଆଗାମୀ ଦିନରେ ନିର୍ବାଚନରେ ରୁପାଲୀ ଲେଙ୍କାଙ୍କୁ ସହଯୋଗ କରିବେ ବୋଲି ମତ ପ୍ରକାଶ ପାଇଥିଲା। ପ୍ରକାଶ ଯେ ଏହି ପଂଚାୟତଟିରେ ବିଜେପିର ସରପଞ୍ଚ ଥିବାବେଳେ ବିଜେଡିର ବହୁ ଅସନ୍ତୁଷ୍ଟ ଛାମୁହାଁ ନେତା ଓ ମହିଳା ବିଧାୟକ ଙ୍କୁ ବିରୋଧ କରୁଥିବାର ଜଣାପଡିଛି।

# ବାଳିକା ଆତ୍ମାରକ୍ଷା କୌଶଳ ତାଲିମ୍ ଶିବିର ଉଦ୍‌ଘାଟିତ



**ବାଲୁଗାଁ (ଅମୃତ ମିଡିଆ) :** ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପ୍ରୋତ୍ସାହନରେ ବାଲୁଗାଁ ମହାବିଦ୍ୟାଳୟ ପରିସରରେ ସୋମବାର ପୂର୍ବାହ୍ନରେ ବାଲୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱାରା ଆୟୋଜିତ ବାଳିକା ଆତ୍ମରକ୍ଷା କୌଶଳ ତାଲିମ୍ ଶିବିର ଅଧ୍ୟକ୍ଷା ଡକ୍ଟର କଳ୍ପନା ଦାଶଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଉଦଘାଟନ କରି ଡକ୍ଟର ଦାଶ କହିଲେ ଯେ ସମ୍ପ୍ରତି ବାଳିକା ଆତ୍ମରକ୍ଷା କୌଶଳ ପ୍ରତିଟି କିଶୋରୀଙ୍କ ପାଇଁ ଅପରିହାର୍ଯ୍ୟ। ଏହା ଦ୍ୱାରା ଶିକ୍ଷାର୍ଥୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି ହେବା ସହ ସଙ୍କଟ ସମୟରେ ସେମାନେ ତତ୍କାଳ ଆତ୍ମ ରକ୍ଷା କରିବାରେ ସମର୍ଥ ହୋଇପାରିବେ। ପ୍ରାରମ୍ଭରେ କାର୍ଯ୍ୟକ୍ରମ ସଂଯୋଜିକା ଡକ୍ଟର ମୋନାଲିସା ମାନସିଂହ ତାଲିମ୍ ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିବା ପରେ ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ, ରୀନା ରାଉତ, କ୍ରିଷ୍ଣକ୍ଷ ସେଠୀ, ଶାଶ୍ୱତୀ ମହାନ୍ତି, ଶୁଭଦର୍ଶିନୀ ବିଶ୍ୱାଳ, ଶୁଚିସ୍ମିତା ମହାପାତ୍ର, ଅମ୍ରିତା ନନ୍ଦ, ବିଷ୍ଣୁପ୍ରିୟା ସ୍ୱାଇଁ, ସୁନିତା ନନ୍ଦ ପ୍ରମୁଖ ପ୍ରଥମ ଦିନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଡକ୍ଟର ଅକ୍ଷୟ ମିଶ୍ର ଓ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ଏଥିରେ ସହଯୋଗ କରିଥିଲେ। ମୁଖ୍ୟ ତାଲିମ୍ ଦାତା ଭାବେ ଜ୍ୟୋତି ବିଶ୍ୱାସ, ନିଲମ ସାହୁ ପ୍ରମୁଖ ଆସନ୍ତା ଦଶ ଦିନ ପର୍ଯ୍ୟନ୍ତ ଦୁଇଶହ ଛାତ୍ରୀଙ୍କୁ ଏହି ତାଲିମ୍ ପ୍ରଦାନ କରିବେ।

# ‘ଓଡ଼ିଆ ସାହିତ୍ୟ ସଂସ୍କୃତିର ପ୍ରାଣକେନ୍ଦ୍ର ହେଉଛନ୍ତି ପ୍ରଭୁ ଶ୍ରୀଜଗନ୍ନାଥ’




**ଧୂଷୁରୀ (ଅମୃତ ମିଡିଆ) :** ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅଧୀନ ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ପାଳସାହିରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ଉଦଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରାଧ୍ୟାପକ ଦିଲ୍ଲୀପ କୁମାର ମହାନ୍ତିଙ୍କ ପୌରୋହିତ୍ୟ ଓ କର୍ମଚାରୀ ପରିଷଦର ସମ୍ପାଦକ ଅଧ୍ୟାପକ ନୀହାର ରଞ୍ଜନ କରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟର ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ତଥା ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଅଟଳ ବିହାରି ନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ପ୍ରବଚକ ତଥା ଆଧ୍ୟାତ୍ମିକ ପତ୍ରିକା ଅମୃତ ଦର୍ଶନର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ପ୍ରାବନ୍ଧିକ ରବୀନ୍ଦ୍ର କୁମାର ବେହୁରିଆ, ଆମ ସ୍କୁଲ ଅଭିଯାନର ସଭାପତି ତଥା ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ନାୟକ, ଅଧ୍ୟାପକ ନିକୁଞ୍ଜ କିଶୋର ଜେନା,ସାମାଜିକ କର୍ମୀ ମୃତ୍ୟୁଞ୍ଜୟ ସାହୁ, ଅନିଲ କୁମାର ରାଉତ, କବି ତଥା ସାମ୍ବାଦିକ ଦୀପ୍ତି ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି କୋଟି ଓଡିଆଙ୍କ ଆରାଧ୍ୟ ଦେବତା ତଥା ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ପ୍ରାଣକେନ୍ଦ୍ର ବୋଲି ଅତିଥିମାନେ ମତ ପୋଷଣ କରିଥିଲେ। ପ୍ରାଧ୍ୟାପିକା କନକଲତା ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ନୋଡାଲ ଅଫିସର ଅଧ୍ୟାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ, ଡେମୋନଷ୍ଟ୍ରେଟର ମନମୋହନ ତ୍ରିପାଠୀ ବେଦ ପାଠ କରିଥିଲେ ଏବଂ ଅଧ୍ୟାପିକା ଅଲିଭା ପ୍ରିୟଦର୍ଶିନୀ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଶ୍ରୀ ଜଗନ୍ନାଥ ସଂସ୍କୃତି ବିଷୟରେ ପ୍ରବଚନ ପରିବେଷଣ କରିଥିଲେ। ପରିଶେଷରେ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଭାଷା ଓ ସାହିତ୍ୟରେ ହୋଇଥିବା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ପତି, ଅଧ୍ୟାପକ ଲକ୍ଷ୍ମୀଧର ଦାଶ,ଅଧ୍ୟାପିକା ଗାୟତ୍ରୀ ମହାନ୍ତି, ଅଧ୍ୟାପିକା ଇପ୍ସିତା ବେହେରା, ଅଧ୍ୟାପିକା ଶାକମ୍ଭରୀ ଦାଶ, ଅଧ୍ୟାପିକା ପଦ୍ମିନୀ ନାୟକ, ଅଧ୍ୟାପିକା କରିସ୍ମା ମହାନ୍ତି, ଅଧ୍ୟାପକ ନୀଳମଣି ମଲ୍ଲିକ, ଅଧ୍ୟାପକ ଗିରୀଶ କୁମାର ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ

## ପ୍ରକୃତ ହିତାଧିକାରୀ ସରକାରୀ ଯୋଜନାରୁ ଯେପରି ବାଦ୍ ନ ପଡନ୍ତି : ବିଧାୟକ



**ସାଲେପୁର (ଅମୃତ ମିଡିଆ) :** ଆଜି କଟରପା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଏହି ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶୁଭଶିଳାନ୍ୟାସ ଓ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ବିଜେଡି ବ୍ଲକ୍ କାର୍ଯ୍ୟକାରିଣୀ କମିଟି ସଭାପତି ନାରାୟଣ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ଯୋଜନା ଓ ବିକାଶର କାର୍ଯ୍ୟକୁ ଘରେ ଘରେ ପହଞ୍ଚାଇବା ସହ ପ୍ରକୃତ ହିତାଧିକାରୀମାନେ କିଭଳି ସରକାରୀ ଯୋଜନାରୁ ବଞ୍ଚିତ ନହୁଅନ୍ତି, ସେ ଉପରେ ଗୁରୁତ୍ୱ ଦେବାକୁ ପଞ୍ଚାୟତ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଶ୍ରୀ ବେହେରା କଟରପା ପଞ୍ଚାୟତର କଟରପା ରଥଦାଣ୍ଡର ପ୍ରଶସ୍ତିକରଣର ଶିଳାନ୍ୟାସ, ବଳଦେବଜୀଉ ଅପଗ୍ରେଡେଡ୍ ହାଇସ୍କୁଲର ନୂତନ ଶ୍ରେଣୀଗୃହର ଶୁଭଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ୍ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଆମ୍ବ ସଭାପତି ଦିଲ୍ଲୀପ କୁମାର ଦାଶ, ସରପଞ୍ଚ ରଂଜନ କୁମାର ରାଉଳ, ସମିତିସଭ୍ୟ ଗୟାଧର ମଳିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବାବେଳେ ଏହି କାର୍ଯ୍ୟକ୍ରମକୁ ତାପସ ବେହେରା, ବିଜୟ ଜେନା, ସୌମ୍ୟା ପତି ଓ ଭାସ୍କର ସାହୁ ସହଯୋଗ କରିଥିବାବେଳେ ଏହି କାର୍ଯ୍ୟକ୍ରମରେ ସହସ୍ରାଧିକ ମହିଳା ଓ ପୁରୁଷମାନେ ଯୋଗଦେଇଥିଲେ।

# ବିଜୁବାବୁଙ୍କୁ ମରଣୋତ୍ତର ଭାରତ ରତ୍ନ ଦାବିରେ ଦାବିପତ୍ର ପ୍ରଦାନ



**ସାଲେପୁର (ଅମୃତ ମିଡିଆ) :** ପ୍ରବାଦ ପୁରୁଷ ବିଜୁ ବାବୁଙ୍କୁ ମରଣୋତ୍ତର ଭାରତ ରତ୍ନ ପ୍ରଦାନ ପାଇଁ ଏକ ଦାବିପତ୍ର ଆଜି ସାଲେପୁର ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଟାଙ୍ଗୀ ସାଲେପୁର ବିକାଶ ପରିଷଦ ପକ୍ଷରୁ ପ୍ରଦାନ କରାଯାଇଛି। ପ୍ରକାଶ ଯେ ଆଜି ଟାଙ୍ଗୀ ସାଲେପୁର ବିକାଶ ପରିଷଦର ଅଧ୍ୟକ୍ଷ ବିଶେଶ୍ୱର ସ୍ୱାଇଁ ୫ରୁ ଅଧିକ ସଦସ୍ୟ ଏକତ୍ରିତ ହୋଇ ସାଲେପୁର ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାର ଶିବ ମଲ୍ଲିକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଯଦି ସରକାର ଏ ଦାବି ପ୍ରତି ଗୁରୁତ୍ୱ ନଦିଅନ୍ତି, ତେବେ ଆଗାମୀ ଦିନରେ କଟକ-ଚାନ୍ଦବାଲି ରାସ୍ତାର ଜଗତପୁରଠାରେ ରାସ୍ତାରୋକ କରାଯିବ ବୋଲି ବିକାଶ ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି।

# ବହୁଗ୍ରାମ କଲେଜରେ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଉଦ୍‌ଯାପିତ

**ସାଲେପୁର (ଅମୃତ ମିଡିଆ) :** ବହୁଗ୍ରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୩-୨୪ବର୍ଷ ପାଇଁ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ପ୍ରୋଗ୍ରାମ ଅଫିସର ଡଃ ମୋନାଲିସା ମିଶ୍ରଙ୍କ ତତ୍ତ୍ୱାବଧାନରେ ଜାନୁୟାରୀ ମାସ ୧୯ତାରିଖରୁ ୨୨୫ଜଣ ଛାତ୍ରୀଙ୍କୁ ୮ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଉକ୍ତ ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ମିଶ୍ର ଯୋଗଦେଇ ଏହାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଧ୍ୟାପିକା ଝାନ୍‌ସୀରାଣୀ ମିଶ୍ର, ଅଧ୍ୟାପିକା ଶୁଭସ୍ମିତା ପ୍ରଧାନ ଯୋଗଦେଇଥିଲେ। ମାଷ୍ଟର ଟ୍ରେନର ଭାଗ୍ୟଲକ୍ଷ୍ମୀ ପରିଡ଼ା ଓ ଶୁଭ୍ରାସଂଗୀତା ମଲ୍ଲିକ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷିତ ଛାତ୍ରୀମାନଙ୍କୁ ଉକ୍ତ ଉତ୍ସବରେ ପ୍ରଶିକ୍ଷଣ ପ୍ରମାଣପତ୍ର ଓ ପୁସ୍ତକ ପ୍ରଦାନ କରାଯାଇଥିଲା।

# ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୁଷ୍ଟି ଯୋଜନା ପକ୍ଷରୁ କିଶୋରୀ ମେଳା

**ସାଲେପୁର (ଅମୃତ ମିଡିଆ) :** ସାଲେପୁର ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପକ୍ଷରୁ ବାଲିସାହି ପଞ୍ଚାୟତ ମଣ୍ଡପଠାରେ ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୁଷ୍ଟି ଯୋଜନା(ଏମ୍.ଏସ୍.ପି.ୱାଇ) ପକ୍ଷରୁ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଲେପୁର ସେକ୍ଟରର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କିଶୋରୀମାନେ ଭାଗନେଇ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କୃତିତ୍ୱ ହାସଲ କରିଥିବା କିଶୋରୀମାନଙ୍କୁ ଅତିଥି ମାନେ ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ସାଲେପୁର ଶିଶୁ ବିକାଶ ଯୋଜନା ଅଧିକାରିଣୀ ସୁଷମା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି କିଶୋରୀମାନଙ୍କୁ ପୁରସ୍କୃତ କରିବା ସହ ରାଜ୍ୟସରକାରଙ୍କ ଏଭଳି ଯୋଜନା କାର୍ଯ୍ୟକାରୀ କରାଯିବାରୁ କିଶୋରୀମାନଙ୍କ ମଧ୍ୟରେ ଦେଖାଯାଇଥିବା ଅପପୁଷ୍ଟି ବହୁ ମାତ୍ରାରେ ଦୂର ହୋଇପାରିଛି ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସାଲେପୁର ସେକ୍ଟର ସୁପରଭାଇଜର ସ୍ୱାଗତିକା ବେହେରା, ସାଲେପୁର ବ୍ଲକ୍ ପୋଷଣ ସଂଯୋଜକ ଶିବପ୍ରସାଦ ଭଞ୍ଜ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାଲେପୁର ସେକ୍ଟରର ସମସ୍ତ ଅଙ୍ଗନୱାଡି କର୍ମୀ, ସହାୟିକା, ସି.ଆର.ପି., ଏମ୍.ବି.କେ.ମାନେ ଉପସ୍ଥିତ ଥିଲେ।

# ଅଟଳ ସେନା ପକ୍ଷରୁ ମଧୁବାବୁଙ୍କ ଶ୍ରାଦ୍ଧ ଦିବସରେ ଆଲୋଚନାଚକ୍ର




**ସାଲେପୁର (ଅମୃତ ମିଡିଆ) :** ଅଟଳ ସେନା ଓଡ଼ିଶା ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସାଲେପୁର ଶାଖା ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୦ତମ ଶ୍ରାଦ୍ଧଦିବସ ସାଲେପୁରଠାରେ ଅଟଳ ସେନାର ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ ସେନା ପକ୍ଷରୁ ପୂର୍ବାହ୍ନରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା ଓ ଅପରାହ୍ନରେ ଓଡ଼ିଶାର ସ୍ୱାଭିମାନ ଆଜିର ଆହ୍ୱାନ ଶୀର୍ଷକ ଏକ ଆଲୋଚନା ଚକ୍ରକୁ ମୁଖ୍ୟଅତିଥି ପୂର୍ବତନ ବିଧାୟକ ଡଃ ସିପ୍ରା ମଲ୍ଲିକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ପ୍ରଭାତ କିଶୋର ନାୟକ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଅକ୍ଷୟ କୁମାର ଦାଶ, ମନୋଜ ଆଚାର୍ଯ୍ୟ, ଚିନ୍ତନ ପରିଷଦ ଉପାଧ୍ୟକ୍ଷ ସୀତାରାମ ପଣ୍ଡା ଯୋଗଦେଇଥିଲେ। ଏହି ଆଲୋଚନାଚକ୍ରରେ ଅଟଳ ମହିଳା ସଂଘ ସଭାନେତ୍ରୀ ଦିପ୍ତିମୟୀ ରାଉତ, ଉପଦେଷ୍ଟା ଲକ୍ଷ୍ମୀନାରାୟଣ ନାୟକ, ଶିକ୍ଷାବିତ୍ ଝରିସୁନ୍ଦର ମଲ୍ଲିକ, ଯୁବ ସଂଗଠକ ସମ୍ବିତ କୁମାର ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଜଗନ୍ନାଥ ବସ୍ତିଆ, ସସ୍ମିତା ବେହେରା, ସଂଯୁକ୍ତା ବେହେରା, ନିରଂଜନ ଜେନା, ଅଶୋକ କୁମାର କାଣ୍ଡି, ବିଜୟିନୀ ନାୟକ, ସରୋଜିନୀ ବାରିକ, ସୋମନାଥ କାଣ୍ଡି, ଅଶୋକ କୁମାର ବେହେରା, ରାମନାରାୟଣ ପଣ୍ଡା, ଗୌତମ ବେହେରା, ଶିବଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲାବେଳେ ମହିଳା ସଂଘ ସଂପାଦକ ସସ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ କାର୍ଯ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ



**ନୀଳଗିରି (ଅମୃତ ମିଡିଆ) :** ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟର ସମ୍ମେଳନ କକ୍ଷରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଳିତ ହୋଇଯାଇଛି। ଓଡ଼ିଆ ଭାଷାକୁ ସମ୍ମାନ ଜଣାଇ ଓଡିଶା ସରକାର ସ୍ୱାଧୀନ ଭାରତବର୍ଷରେ ସର୍ବପ୍ରଥମ ବିଶ୍ୱ ଭାଷା ସମ୍ମିଳନୀ ଅନୁଷ୍ଠିତ କରାଇ ଆଜି ଭାରତବର୍ଷରେ ଏକ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ଉକ୍ତ ସମ୍ମିଳନୀରୁ ମତପ୍ରକାଶ ପାଇଥିଲା। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବରେ ନୀଳଗିରି ଉପଖଣ୍ଡସ୍ତରୀୟ ଉପଜିଲ୍ଲାପାଳ ମନ୍ଦରଧର ମହାଳିକ, ମୁଖ୍ୟବକ୍ତା ବ୍ଲକ ଚେୟାରମ୍ୟାନ ଶୁଭଲକ୍ଷ୍ମୀ ମାଝୀ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ରିଜର୍ଭବ୍ୟାଙ୍କ ଅଧିକାରୀ ମଦନମୋହନ ମାଝୀ, ସୂଚନାଲୋକ ସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ, ଏବିଡ଼ିଓ ଲମ୍ବୋଦର ସିଂ ଯୋଗଦେଇ ନିଜନିଜ ମନ୍ତବ୍ୟ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ନୀଳଗିରି ଉପଖଣ୍ଡ ସ୍ତରୀୟ ସର୍ଜନଶୀଳ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତକରି ନୀଳଗିରି ବ୍ଲକ ସାରା ଓଡ଼ିଶାରେ ନିଜର ପରିଚୟକୁ ସ୍ୱତନ୍ତ୍ରକରି ଗଢି ତୋଳିଛି। ଏହି ଅବସରରେ କବି ସତ୍ୟନାରାୟଣନନ୍ଦ ପ୍ରହରାଜ ଓ ପ୍ରାବନ୍ଧିକ ଦୟାନିଧି ଦାଶଙ୍କୁ ସାରସ୍ୱତ ସୌରଭ ସମ୍ମାନ, କବି ବଟକୃଷ୍ଣ ଖୁଣ୍ଟିଆଙ୍କ ସାରସ୍ୱତ ସୁଧାକର ସମ୍ମାନ, କବି ବଂଶୀଧର ଚୌଧୁରୀ, କବି ଜୟନ୍ତ ଷଢଙ୍ଗୀ, କବି ହରନାରାୟଣନନ୍ଦ ପ୍ରହରାଜ,କବି ଶିବସୁନ୍ଦର ସାହୁ ଓ ଅଧ୍ୟାପକ ସ୍ତମ୍ଭକାର ଡ଼ ପ୍ରଦୀପ୍ତ କୁମାର ମିଶ୍ରଙ୍କୁ ସାରସ୍ୱତ ଉତ୍କର୍ଷ ସମ୍ମାନ, କବି ନିରଞ୍ଜନ ଖୁଣ୍ଟିଆଙ୍କୁ ଜନଜାତି ସଂସ୍କୃତି ସମ୍ମାନ, କବି ମଙ୍ଗୁ ସିଂଙ୍କୁ ଜନଜାତି ସେବା ସଂସ୍କୃତି ସମ୍ମାନ, କବି ବହାଦୁର ଟୁଡୁଙ୍କୁ ଜନଜାତି ସେବା ସମ୍ମାନ, କବି ଗଙ୍ଗାଧର ଦାସଙ୍କୁ ଶ୍ରେଷ୍ଠ ସାରସ୍ୱତ ସାଧକ, କବୀ ସୁବାସିନୀ ଜୀଙ୍କୁ ଶ୍ରେଷ୍ଠ ସାରସ୍ୱତ ସାଧିକା ସମ୍ମାନ, ସ୍ୱର୍ଗତ କବି ସମରେନ୍ଦ୍ର ନାୟକଙ୍କୁ ମରଣତ୍ତର ସାରସ୍ୱତ ସମ୍ମାନ ପ୍ରଦାନକରି ଦିବସର ଗୁରୁତ୍ୱ ଓ ମହତ୍ୱ ବୃଦ୍ଧି କରିପାରିଛି। ପ୍ରାରମ୍ଭରେ ଶିକ୍ଷାବିତ୍ ସୁଶାନ୍ତ ମହାପାତ୍ର ମଞ୍ଚ ଆହ୍ୱାନ ଓ ପରିଚୟ ପ୍ରଦାନ କରି। ସହ ମଞ୍ଚପରିଚାଳନା କରିଥିଲେ। ଶେଷରେ ସମସ୍ତ ସମ୍ବର୍ଦ୍ଧିତ ପ୍ରତିଭାମାନେ ଓଡ଼ିଆ ଭାଷା ସମ୍ପର୍କିତ ବକ୍ତବ୍ୟ ପ୍ରଦାନ କରିବାସହ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଏପରି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଶେଷରେ ବ୍ଲକ ସହକାରୀ କର୍ମଚାରୀ ମୁକୁଲ ସାର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# 'ଭାଷା ହିଁ ଗୋଟିଏ ଜାତିର ଅସଲ ପରିଚୟ'



**ଜଗତସିଂହପୁର (ଅମୃତ ମିଡିଆ) :** ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଆଜି ପୁରୁଣାଗଡସ୍ଥିତ ପ୍ରଫୁଲ୍ଲପାଠାଗାର ଠାରେ ଆମ ଭାଷା – ଆମ ପରିଚୟ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ସଭାପତି ରବୀନ୍ଦ୍ର ନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତା କରି ଭାଷା ହିଁ ଜାତିର ଅସଲ ପରିଚୟ ବୋଲି କହିଥିଲେ। ଏଥିରେ ମୁଖ୍ୟ ଆଲୋଚକ ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ କହିଥିଲେ ଯେ ଓଡିଆ ଭାଷା ଆମ ଅସ୍ମିତାର ପ୍ରତୀକ। ଏଥିରେ ଓଡିଶାର ଗୌରବମୟ ଇତିହାସ ଠାରୁ ସ୍ୱର୍ଣ୍ଣିମ ଭବିଷ୍ୟତ ଯାଏ ରହିଛି ଏହାର ସ୍ୱର୍ଣ୍ଣିମ ସ୍ୱାକ୍ଷର। ଅନ୍ୟତମ ଆଲୋଚକ ଭାବେ ସ୍ତମ୍ଭକାର ରବୀନ୍ ଖଣ୍ଡାୟତରାୟ ଆଲୋଚନାରେ ଅଂଶଗ୍ରହଣ କରି ଆମ ଓଡିଶା ହେଉଛି ଆମ ଦେଶର ପ୍ରଥମ ଭାଷା ଭିତ୍ତିକ ରାଜ୍ୟ। ଓଡିଆ ଭାଷାର ପ୍ରଚାର ଓ ପ୍ରସାର ପାଇଁ ଆୟୋଜନ ହେଉଥିବା ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଆମ ମାତୃଭାଷା ପ୍ରତି ଉତ୍ତର ପିଢିଙ୍କ ମଧ୍ୟରେ ଆଦର ଭାବ ସୃଷ୍ଟି କରିବ ବୋଲି କହିଥିଲେ। ଆନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ, ସତ୍ୟବାଦୀ ଦାସ, ରାମଚନ୍ଦ୍ର ଆଚାର୍ଯ୍ୟ, ରମାକାନ୍ତ ସାମନ୍ତରାୟ, ରମେଶ ସାହୁ, ସତ୍ୟବାଦୀ ସାହୁ, ସଞ୍ଜୟ ସାମନ୍ତସିଂହାର, ଶେଷଦେବ ଛୋଟରାୟ, ବ୍ରହ୍ମାନନ୍ଦ ତ୍ରିପାଠୀ, ସୂର୍ଯ୍ୟ ସ୍ୱରୂପ ପାଢୀ, ଅଜୟ ପତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଆଦିକବି ସାରଳା ଦାସ, ଅତିବଡି ଜଗନ୍ନାଥ ଦାସ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ବ୍ୟାସକବି ଫକୀର ମୋହନ ସେନାପତି, ସ୍ୱଭାବକବି ଗଙ୍ଗାଧର ମେହେର କର୍ମବୀର ଗୌରୀ ଶଙ୍କର ରାୟ, କବିବର ରାଧାନାଥ ରାୟ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓ ଆହୁରି ଅନେକ ଆମ ସାହିତ୍ୟକୁ ଋଦ୍ଧିମନ୍ତ କରିଯାଇଛନ୍ତି ବୋଲି ମତ ବ୍ୟକ୍ତ କରିଥିଲେ। ଶେଷରେ ପାଠାଗାର ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ।

# 'ଆମ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ



**ଜୟପୁର (ଅମୃତ ମିଡିଆ) :** ଜୟପୁର ପୌର ପରିଷଦ ସଭା ଗୃହରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ନେଇ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ପୌରଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ବି. ସୁନିତା ସହ କାଉନସିଲର ଉପସ୍ଥିତ ଥିଲେ। ଆମ ଓଡିଶା ନବିନ ଓଡିଶା କାଯ୍ୟକ୍ରମରେ ଜୟପୁର ସହରରେ ଥିବା ବସ୍ତି ଅଞ୍ଚଳରେ ଲୋକମାନଙ୍କୁ ସଚେତନ କରାଯିବ। ଗତ ୩ବର୍ଷରେ ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ କାର୍ଯ୍ୟ ଉପରେ ସଚେତନ କରାଯିବ। ଆସନ୍ତା ୭ ତାରିଖରୁ ୨୧ ତାରିଖ ଯାଏ ଏହି କାଯ୍ୟକ୍ରମ ଚାଲିବ। ଏହି କାଯ୍ୟକ୍ରମରେ ବସ୍ତି ବାସିନ୍ଦା ସଂଘ, ଏସଏସଜି ଗ୍ରୁପ, କାଉନସିଲର, ପୌର କର୍ମଚାରି ପ୍ରମୁଖ ଉପସ୍ଥିତ ଥିଲେ। ଜୟପୁର ପୌରାଞ୍ଚଳର ବସ୍ତିକୁ ନେଇ ୧୦ଟି ସ୍ଥାନରେ କ୍ୟାମ୍ପ ଓ ସହରର ୫ଟି ସ୍ଥାନରେ କ୍ୟାମ୍ପ କରାଯାଇ ବିଭିନ୍ନ ବିଭାଗର ଷ୍ଟଲ ଖୋଲି ଯୋଜନା ଉପରେ ସଚେତନ କରାଯିବ। ସମସ୍ତ ବିଭାଗକୁ ନେଇ ମିଳିତ ଭାବେ ସଚେତନ କରାଯିବ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ବ୍ଲକସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ନୂଆପଡ଼ା (ଅମୃତ ମିଡିଆ) :** ନୂଆପଡା ବ୍ଲକ ବୁଢ଼ୀପାଲି କ୍ଲଷ୍ଟର ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ଯେଙ୍ଗୋରାରେ ବ୍ଲକସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପ୍ରମିଳା କୁଣ୍ଡ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ନୂଆପଡା ବିଇଓ ହେମସାଗର ମହାନନ୍ଦ, ସମ୍ମାନିତ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୈତରାମ ନାଏକ, ଚନ୍ଦ୍ରକଳା ଜଗତ, ଉତ୍କଳମଣି ଅଗସ୍ତି ଓ ସ୍ଥାନୀୟ ସିଅରସିସି ମୋହନ ଦୋରା, ସମିତି ସଭ୍ୟା କୁନ୍ତି ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ କୁଷଧ୍ୱଜ ମାଝୀ ଓ ବିଶିଷ୍ଟ ଅତିଥି ଭାବେ ନାରୀ କବି ସୁଜାତା ଭୋଇ ଓ ଭାରତୀ ହୋତା ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭାଷା ଅତୀତର ଅସ୍ତିତ୍ୱ ଓ ଭାଷା ହିଁ ଭବିଷ୍ୟତ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ କ୍ଲଷ୍ଟରର ସିଆରସିସି ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ସୌମ୍ୟ ରଞ୍ଜନ ନାୟକ ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ଶିକ୍ଷୟତ୍ରୀ ପଦ୍ମାଳୟା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବୋଡ଼େନ ବ୍ଲକ କେରାପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ବ୍ଲକସ୍ତରୀୟ ପ୍ରଥମ ବିଶ୍ୱ ଓଡିଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବୋଡେନ ବ୍ଲକ ଗୋଷ୍ଠୀ ଶିକ୍ଷାଅଧିକାରୀ ରୁଦ୍ରେଶ୍ୱର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାଯ୍ୟକ୍ରମ ରେ ସମ୍ମାନିତ ଅତିଥି ଭାବେ ସହ ଏ ବିଇଓ ଦିଲ୍ଲିପ ଦାସ, ନେପାଳ ଚନ୍ଦ୍ର ଦେ, ସିଆରସି ଗଜରାଜ ବୈଠାରୁ ମୁଖ୍ୟ ବକ୍ତା ଡ଼ କିଶୋର କର୍ଣ୍ଣ। ଓଡିଆ ଭାଷା ହେଉଛି ପ୍ରଚୀନ ଭାଷା ଓ ସମୃଦ୍ଧ ଭାଷା ଏହାର ପ୍ରଚାର ପ୍ରସାର ପାଇଁ ସମସ୍ତଙ୍କ ଉଦ୍ୟମ ରହିବା ଆବଶ୍ୟକ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମଟିକୁ ସିଆରସିସି ନରେନ୍ଦ୍ର ନାଗ ସଚାଳନ କରିଥିଲେ। ଏହି ଅବସରରେ କ୍ଲଷ୍ଟର ସ୍ତରରୁ ଚୟନ ହୋଇଥିବା ଛାତ୍ରଛାତ୍ରୀକୁ ନେଇ ବିଭିନ୍ନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରତିଯୋଗି ଚୟନ କରାଯାଇଥିଲା।

# ବ୍ଲକସ୍ତରୀୟ ଭାଷା ସାହିତ୍ୟ ଉତ୍ସବ ଅନୁଷ୍ଠିତ



**ବାରିପଦା (ଅମୃତ ମିଡିଆ) :** ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାରିପଦା ବ୍ଲକ ସ୍ତରୀୟ ଓଡ଼ିଆ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠି ଯୋଗ ଦେଇ କାର୍ଯ୍ୟକ୍ରମର ଉଦଘାଟନ କରିବା ସହ ଓଡ଼ିଆ ଭାଷାକୁ ମା ପରି ଭଲ ପାଇବାକୁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଏହି ଉତ୍ସବରେ ବାରିପଦା ବ୍ଲକ ଓ ମ୍ୟୁନିସିପାଲିଟିର ୧୩ ଟି କ୍ଲଷ୍ଟରର ପ୍ରାୟ ୧୦୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ଜୁନିଅର ଚିତ୍ରାଙ୍କନରେ ରାଧାରାଣୀ ଓ ଦୟାଭାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏମ ସାଇ ଜ୍ୟୋତି, ସିନିଅରରେ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଶିଷ ବିଶ୍ୱାଳ, ଜୁନିଅର କୁଇଜରେ ଦେଉଳସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ଦିପ୍ତିମୟୀ ମାଳାକାର, ସିନିଅରରେ ଓଏଭି, ରାଣୀଭୋଳର ଦିବ୍ୟଜ୍ୟୋତି ଚୌହାନ, ତର୍କ ପ୍ରତିଯୋଗିତାରେ ଏମକେସି ଉଚ୍ଚ ବିଦ୍ୟାଳୟର ଜୟଦେବ ଦେ, ତଥା ପ୍ରଦର୍ଶନୀରେ ଓଏଭି, ରାଣୀଭୋଳର ଅଭିନବ ଷଡ଼ଙ୍ଗୀ ଓ ଜୟଶ୍ରୀ ବିନ୍ଧାଣି ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରୀୟ ବିଶ୍ୱ ଭାଷା ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଏହି ଅବସର ରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରଜମୋହନ ମୁର୍ମୁ ଓ ତପସ୍ୱିନୀ ଦାଶ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂହ, ପ୍ରମୁଖ ଉପସ୍ଥିତ ଥିଲେ। ଗୌତମ ଦାସ, ଗଣେଶ ବେହେରା, ସୌମ୍ୟ ଦାଶ, ସମସ୍ତ ସି ଆର ସି ସି ତଥା ହଷ୍ଟେଲର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ମୁର୍ଗାବାଡି ସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହେବ।

# ବିଶ୍ୱ ଭାଷା ସମ୍ମିଳନୀ ଉତ୍ସବ

**ଖୋର୍ଦ୍ଧା (ଅମୃତ ମିଡିଆ) :** ବିଶ୍ୱ ଭାଷା ସମ୍ମିଳନୀ ଅବସରରେ ରବିବାର ପୌର ପରିଷଦ ପକ୍ଷରୁ ସ୍ଥାନୀୟ ଜୟୀରାଜଗରୁ ଭବନ ପରିସରରେ ପୌର ନିର୍ବାହୀ ଅଧିକାରୀ ରିଜୱାନ କଅକବଙ୍କ ସଭାପତିତ୍ୱରେ ଆୟୋଜିତ ସାରସ୍ୱତ ପ୍ରତିଭା ସମ୍ମାନ ଓ ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିନ୍ଦ୍ରନାଥ ମିତ୍ର ମୁଖ୍ୟଅତିଥି, ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ ମୁଖ୍ୟବକ୍ତା, ପ୍ରାଧ୍ୟାପକ ଶଶାଙ୍କ ଶେଖର ରଥ ସମ୍ମାନିତ ବକ୍ତା, ପୌର ଉପାଧକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ବକ୍ତା ଭାବେ ପ୍ରାଧ୍ୟାପକ ରଥ ଭାରତୀୟ ଭାଷା ମଧ୍ୟରେ ଓଡ଼ିଆ ଭାଷା ପ୍ରାଚୀନତା, ମୌଳିକତା, ବୈଜ୍ଞାନିକତା ଭରି ରହିଛି। ଖଣ୍ଡଗିରି ଉଦୟଗିରିରେ ଐର ଖାରବେଳ ଏବଂ ଜଉଗଡ ଓ ଧଉଳିରେ ସମ୍ରାଟ ଅଶୋକଙ୍କ ଓଡ଼ିଆ ଭାଷାରେ ଶିଳାଲେଖ ଏହାର ପ୍ରାଚୀନତାର ସଙ୍କେତ ଦିଏ। ଶାସ୍ତ୍ରୀୟ ଭାଷା ମାନ୍ୟତା ପରେ ଏହାର ଗୌରବ ବୃଦ୍ଧି ପାଇଛି। ମୁଖ୍ୟବକ୍ତା ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ କହିଲେ ଯେ, ବରୁଣେଇ ପାହାଡ ଶୀଖରେ ବୌଦ୍ଧ କୀର୍ତ୍ତି, ତାପଙ୍ଗ ପାହାଡ ଗୁମ୍ଫା, ବାଣପୁର ବଙ୍କଡାଗଡ ସମେତ ଖଣ୍ଡଗିରି, ଉଦୟଗିରି ଧଉଳିଗିରିରେ ରହିଥିବା ଶିଳାଲେଖ ଏହାର ପ୍ରାଚୀନତା ପ୍ରମାଣ ଦିଏ। ଓଡ଼ିଆ ଭାଷାର ଶାସ୍ତ୍ରୀୟ ଭାଷାର କଥା ଉଠିଲେ ଖୋର୍ଦ୍ଧାକୁ ବାଦ ଦେଇ କଳ୍ପନା କରାନଯାଇପାରେ। ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଖୋର୍ଦ୍ଧାର ଐତିହାସିକ ଘଟଣାବଳୀ, ସାରସ୍ୱତ ସାଧକ ସମ୍ପର୍କରେ ଆଲୋକପାତ କରିଥିଲେ। ପୌର ନିର୍ବାହୀ ଅଧିକାରୀ ସଭାପତିତ୍ୱ ଭାଷଣରେ କହିଲେ ଯେ, ବିଦ୍ୟାଳୟ, ମହାବିଦ୍ୟାଳୟ ତଥା ସରକାରୀ ନଥିପତ୍ର ଓଡ଼ିଆରେ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। ଆଗାମୀ ଦିନରେ ପୌରାଂଚଳରେ ପ୍ରତ୍ୟେକ ବ୍ୟବସାୟିକ ପ୍ରତିଷ୍ଠାନ ଯେପରି ଓଡ଼ିଆରେ ଲେଖାହେବ ସେଥିପ୍ରତି ଗୁରୁତ୍ୱ ଦିଆଯିଏ। ଶିକ୍ଷକ ଶ୍ରୀକାନ୍ତ ନାୟକ ସଂଯୋଜନା କରିଥିବା ବେଳେ ପୌରା ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଖୋର୍ଦ୍ଧାର ସାରସ୍ୱତ ସାଧକ ମାନଙ୍କୁ ଉପଢୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ ଭୀମସେନ ପ୍ରଧାନ, ସତ୍ୟବାଦୀ ବଳିଆରସିଂ, ବୈକୁଣ୍ଠନାଥ ରାଜଗୁରୁ ଓ ଅନ୍ୟ ମାନେ ଓଡ଼ିଆ ଭାଷା ସମ୍ପର୍କରେ ନିଜ ମତ ରଖିଥିଲେ।

# ଗ୍ରାମ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ



**ଜୟପୁର (ଅମୃତ ମିଡିଆ) :** ଜୟପୁର ବ୍ଲକ ରାଣିଗଡ ଓ ପୂଜାରିପୁଟ ଗ୍ରାମ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଛି। ଏହି କାଯ୍ୟକ୍ରମରେ ବ୍ଲକ ଅଧକ୍ଷା ତିଲୋତ୍ତମା ମୁଦୁଲି, ଏବିଡିଓ ମନୋଜ ନାୟକ, ଜିଲା ପରିଷଦ ସଭ୍ୟା, ସରପଞ୍ଚ, ସମିତି ସଭ୍ୟ, ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ନେଇ ବିଭାଗ ତରଫରୁ ଷ୍ଟଲ କରାଯାଇ ସଚେତନ କରାଯାଉଛି। ଏହା ସହ ଏକ ସଚେତନତା ରଥ ମାଧମରେ ପ୍ରତ୍ୟେକ ଗ୍ରାମକୁ ଯାଇ ଯୋଜନା ଉପରେ ସଚେତନ କରାଯାଉଛି। ଜୟପୁର ବ୍ଲକର ୨୨ଟି ପଞ୍ଚାୟତରେ ଫେବୃଆରି ୬ ତାରିଖ ଯାଏଁ ଏହି ଗ୍ରାମ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଚାଲିବ।

# ବ୍ଲକସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ନୂଆପଡ଼ା (ଅମୃତ ମିଡିଆ) :** ନୂଆପଡା ବ୍ଲକ ବୁଢ଼ୀପାଲି କ୍ଲଷ୍ଟର ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ଯେଙ୍ଗୋରା ଠାରେ ବ୍ଲକ ସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ପ୍ରମିଳା କୁଣ୍ଡ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ନୂଆପଡା ବିଇଓ ହେମସାଗର ମହାନନ୍ଦ, ସମ୍ମାନିତ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୈତରାମ ନାଏକ, ଚନ୍ଦ୍ରକଳା ଜଗତ, ଉତ୍କଳମଣି ଅଗସ୍ତି ଓ ସ୍ଥାନୀୟ ସିଅରସିସି ମୋହନ ଦୋରା, ସମିତି ସଭ୍ୟା କୁନ୍ତି ସାହୁ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ କୁଷଧ୍ୱଜ ମାଝୀ ଓ ବିଶିଷ୍ଟ ଅତିଥି ଭାବେ ନାରୀ କବି ସୁଜାତା ଭୋଇ ଓ ଭାରତୀ ହୋତା ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭାଷା ଅତୀତର ଅସ୍ତିତ୍ୱ ଓ ଭାଷା ହିଁ ଭବିଷ୍ୟତ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ କ୍ଲଷ୍ଟର ର ସିଆରସିସି ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ସୌମ୍ୟ ରଞ୍ଜନ ନାୟକ ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ଶିକ୍ଷୟତ୍ରୀ ପଦ୍ମାଳୟା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବୋଡ଼େନ ବ୍ଲକ କେରାପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ବ୍ଲକସ୍ତରୀୟ ପ୍ରଥମ ବିଶ୍ୱ ଓଡିଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବୋଡେନ ବ୍ଲକ ଗୋଷ୍ଠୀ ଶିକ୍ଷାଅଧିକାରୀ ରୁଦ୍ରେଶ୍ୱର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସହ ଏ ବିଇଓ ଦିଲ୍ଲିପ ଦାସ, ନେପାଳ ଚନ୍ଦ୍ର ଦେ, ସିଆରସି ଗଜରାଜ ବୈଠାରୁ ମୁଖ୍ୟବକ୍ତା ଡ଼ କିଶୋର କର୍ଣ୍ଣ। ଓଡିଆ ଭାଷା ହେଉଛି ପ୍ରଚୀନ ଭାଷା ଓ ସମୃଦ୍ଧ ଭାଷା ଏହାର ପ୍ରଚାର ପ୍ରସାର ପାଇଁ ସମସ୍ତଙ୍କ ଉଦ୍ୟମ ରହିବା ଆବଶ୍ୟକ ବୋଲି ଅତିଥି ମତବ୍ୟକ୍ତ କରିଥିଲେ। କାଯ୍ୟକ୍ରମଟିକୁ ସିଆରସିସି ନରେନ୍ଦ୍ର ନାଗ ସଚାଳନ କରିଥିଲେ। ଏହି ଅବସରରେ କ୍ଲଷ୍ଟର ସ୍ତରରୁ ଚୟନ ହୋଇଥିବା ଛାତ୍ରଛାତ୍ରୀକୁ ନେଇ ବିଭିନ୍ନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରତିଯୋଗୀ ଚୟନ କରାଯାଇଥିଲା।

# ବିଧାୟକ ଓ ସାଂସଦଙ୍କ ବିରୋଧରେ ଆଦିବାସୀଙ୍କ ମେଳି




**ଦଶପଲ୍ଲା (ଅମୃତ ମିଡିଆ) :** ଏଭଳି ଏକ ମେଳି ନୟାଗଡ ଜ଼ିଲ୍ଲା ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ବାଣିଗୋଛା ଦେଖିବାକୁ ମିଳିଛି। ଦଶପଲ୍ଲା ବ୍ଲକ ୨୦ ପଞ୍ଚାୟତ ମଧ୍ୟରୁ ଆଜି ୧୦ଟି ପଂଚାୟତର ଉପାନ୍ତ ଅଂଚଳର ଅଧିବାସୀ ଓ ପଛୁଆ ବର୍ଗର ମହିଳା ପୁରୁଷ ଏକତ୍ରିତ ହୋଇଥିଲେ। ଗାଁ କୁ ରାସ୍ତା ନାହିଁ, ବାର୍ଦ୍ଧକ୍ୟ ଭତ୍ତା ହୋଇନାହିଁ, ରେସନ ସାମଗ୍ରୀରୁ ବଞ୍ଚିତ ଥିବା କିଛି ଅଧିବାସୀ ଏଭଳି ବିଭିନ୍ନ ସମସ୍ୟା। ଦେଇ ଦିନକାଟୁଥିବା ଆଦିବାସୀ ବିଜେଡି ଆଶାୟୀ ପ୍ରାର୍ଥି ଶ୍ରୀହରି ନାୟକଙ୍କ ନେତୃତ୍ୱ ଯୋଗ ଦେଇଥିବା ମହିଳା ଓ ପୁରୁଷ ଅଭିଯୋଗ ଆଣିଥିଲେ, ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ନିର୍ବାଚିତ ପରେ ଅଣଦେଖା ଉପରେ ବଖାଣିଥିଲେ। ନିର୍ବାଚନ ଆସିଲେ ନେତା ନମସ୍କାର କରି ଚାଲିଯାଉଛନ୍ତି। ଦଶପଲ୍ଲାର ଉପାନ୍ତ ଅଞ୍ଚଳରେ ଗ୍ରାମବାସୀ କେଉଁ ସମସ୍ୟା ଦେଇ ଗତିକରୁଛନ୍ତି ବିଧାୟକ ଏବଂ ସାସଂଦ ଦୃଷ୍ଟି ଦେଉନଥିବା କହିଥିଲେ। ୫ବର୍ଷ ମଧ୍ୟରେ ବିଧାୟକ କିଛି ବୁଝିଲେନାହିଁ କି କନ୍ଧମାଳ ସାଂସଦ ଲୋକଙ୍କ ସମସ୍ୟା ବୁଝିବାରେ ବିଫଳ। ଆଜି ଦଶପଲ୍ଲାର ସମାଜସେବୀ ଶ୍ରୀହରି ନାୟକଙ୍କ ନେତୃତ୍ୱରେ ଶତିଧିକ ମହିଳା ଓ ପୁରୁଷ ଯୋଗଦେଇ ସଭାକୁ ସମର୍ଥନ କରିଥିଲେ। ରମେଶ ବେହେରାଙ୍କ ବିଜେଡି ନିର୍ବାଚନ ଟିକେଟ ମିଳିଲେ ବିଜେପିକୁ ସମର୍ଥନ କରିବେ ବୋଲି କିଛି ମତ ଦେଇଥିଲେ। ଶ୍ରୀହରି ନାୟକ କହିଥିଲେ ଆମେ ବିଜେଡିରେ ଅଛୁ ଓ ବିଜେଡିକୁ ମଜବୁତ କରିବାକୁ ପ୍ରୟାସ ଜାରି ରଖିଛୁ।

# ସାହାରପଡାରେ ଉଦ୍ୟୋଗୀ ତାଲିମ ଶିବିର

**ସାହାରପଡା (ଅମୃତ ମିଡ଼ିଆ) :** କେନ୍ଦୁଝରେ ଜିଲ୍ଲା ସାହାରପଡା ବ୍ଲକ ସଦର ମହକୁମା ସାହାରପଡା ଠାରେ କେନ୍ଦୁଝର ଜିଲ୍ଲା ଶିଳ୍ପ କେନ୍ଦ୍ର ଦ୍ୱାରା ଆୟୋଜିତ 'ଉଦ୍ୟୋଗୀ ତାଲିମ ଶିବିର 'ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଓଡିଶା ସରକାରଙ୍କ ଶିଳ୍ପ ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଭୁବନ ମୋହନ ମହାନ୍ତି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଶିବିରକୁ କଟକସ୍ଥିତ 'ଇନସ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଏଣ୍ଡ ମାର୍କେଟିଙ୍ଗ ଷ୍ଟଡ଼ିଜ ( ଆଇଏମଏମଏସ) ର କୋ-ଅରଡିନେଟର ପ୍ରଦୀପ କୁମାର ରାଉତ ପରିଚାଳନା କରୁଛନ୍ତି। ଏହି ତାଲିମ କାର୍ଯ୍ୟକ୍ରମ ପନ୍ଦର ଦିନ ଧରି ଚାଲିବାକୁ ଥିବା ବେଳେ ୪୦ ଜଣ ଉଦ୍ୟୋଗୀ ଓ ଭାବି ଉଦ୍ୟୋଗୀ ଯୋଗ ଦେଇଥିଲେ। ସାହାରପଡା ବ୍ଲକ ଆଇପିଓ ଅତୀଶ କୁମାର ରାଉତ ଉଦଘାଟନୀ ଦିବସରେ ଯୋଗଦେଇ ଶ୍ରୀ ମହାନ୍ତିଙ୍କ ସହ ସମସ୍ତଙ୍କୁ ଉପଯୁକ୍ତ ତାଲିମ ଗ୍ରହଣ କରି ଶିଳ୍ପ କାର୍ଯ୍ୟରେ ପ୍ରୟୋଗ କରିବା ପାଇଁ ପରାମର୍ଶ ଦେଇଥିଲେ।

# ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନର ଜିଲ୍ଲାସ୍ତରୀୟ ବୈଠକ

## ଆସନ୍ତା ୧୬ରେ ଡିଏଫ୍ଓ ଅଫିସ ଘେରିବ ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ କମିଟି



**ନୂଆପଡା (ଅମୃତ ମିଡିଆ) :** ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ସ୍ଥିତ ପାତାଳଗଙ୍ଗା ଠାରେ ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନର ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଭରେ ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟିର ଜିଲ୍ଲା ଆବାହକ ମେଘନାଦ ଖର୍ସେଲଙ୍କ ନେତୃତ୍ୱରେ ବିଭିନ୍ନ ବିଷୟରେ ଆଲୋଚନା କରଯାଇଥିଲା। ପାରମ୍ପରିକ ବନବାସୀ ପୁରୁଷାନୁକ୍ରମେ ଜଙ୍ଗଲ ଜମିକୁ ଦଖଲ କରି ଚାଷବାସ କରିବା ସହ ପରିବାର ପ୍ରତିପୋଷଣ କରୁଛନ୍ତି ହେଲେ ପ୍ରଶାସନ ଅନେକ ଟାଳଟୁଳ ନୀତି ଅବଲମ୍ବନ କରି ହଇରାଣ ହରକତ କରୁଥିବା ଅଭିଯୋଗ କରି ବୈଠକରେ ବିଶେଶାଦା ଗାର କରଯାଇଥିଲା। ଏହି ବୈଠକରେ ଅଣ ଆଦିବାସୀଙ୍କୁ ଦୀର୍ଘ ୭୫ବର୍ଷର ପ୍ରମାଣ ଦାଖଲ କରିବା ପାଇଁ ଯେଉଁ ନିୟମ କରଯାଇଛି ତାହାକୁ କୋହଳ କରାଯିବା ସହ ଗ୍ରାମ ସଭା ର ନିଷ୍ପତ୍ତି ଅନୁସାରେ ପ୍ରଶାସନ ନିଷ୍ପତ୍ତି ନେବାକୁ ବିଶେଷ ଚର୍ଚ୍ଚା ହୋଇଥିଲା। ସେହିପରି ଗ୍ରାମ୍ୟ ଜଙ୍ଗଲ ଯୋଗ୍ୟ କିସମ କୁ ପୂର୍ବରୁ ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ବର୍ତ୍ତମାନ ଏହି କିସମ କୁ ପ୍ରଶାସନ ସଂପୂର୍ଣ୍ଣ ଭାବରେ ମନା କରୁଥିବାରୁ ଏହାକୁ ନେଇ ସରକାରଙ୍କ ନିକଟରେ ପ୍ରସ୍ତାବ ରଖିବାକୁ ପ୍ରସ୍ତାବ ରହିଛି। ସେହିପରି ନିର୍ବାଚନକୁ ଆଖି ଆଗରେ ରଖି ଯଥା ଶୀଘ୍ର ମାପ କାର୍ଯ୍ୟ ମାର୍ଚ୍ଚ ମାସ ପୂର୍ବରୁ ସମାପନ କରିବାକୁ ବିଶେଷ ଆଲୋଚନା କରାଯାଇଥିଲା। ସେହିପରି ଜଙ୍ଗଲ ଜମିକୁ ଦଖଲ କରିଥିବା ବ୍ୟକ୍ତି କିଛି ପରିମାଣରେ ଜମି ପଟ୍ଟା ପାଇଛନ୍ତି ହେଲେ କିଛି ଦଖଲ ଜମିର ସ୍ୱତ୍ତ୍ୱାଧିକାର ପାଇ ନାହାନ୍ତି ଏମାନେ ପୁଣି ଥରେ ବକେୟା ଦଖଲ ଜମିକୁ ନେଇ ଆବେଦନ କରିଛନ୍ତି। ଏମାନଙ୍କୁ ପୁଣି ଥାଇଥାନ କରି ସେମାନଙ୍କ ଅଧିକାର ପ୍ରଦାନ କରାଯିବା ପାଇଁ ବୈଠକ ରେ ଆଲୋଚନା କରାଯାଇଥିଲା। ଜମୀ ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟି ଅନେକ ସମସ୍ୟା କୁ ନେଇ ଆସନ୍ତା ୧୬ ତାରିଖ ଦିନ ଖଡିଆଳ ବନଖଣ୍ଡ ଅଧିକାରୀ କାର୍ଯ୍ୟାଳୟ ଘେରାଉ କରିବା ସହ ନ୍ୟାର୍ଯ୍ୟ ଦାବୀ ପାଇଁ ଘେରାଉ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ସମାବେଶ ରେ ଆନ୍ଦୋଳନ କମିଟି ର ବରିଷ୍ଠ ହିରାଲାଲ ମାଝି, କେଶରୀ ସିଂ ମାଝି, ଯୁଧିଷ୍ଠିର ସାହୁ, ତୁଳସି ମାଝି, ଶୁଭ୍ରାଂଶୁ କୁମାର ନାଏକ, ହନୁରାମ ମାଝି, ବ୍ରଜ ମାଝି, ଚୈତନ୍ୟ ମାଝି, ଉଦ୍ଧବ ମାଝି, ମକରନ୍ଦ ମାଝି, ସମେତ ଅନେକ ଉପସ୍ଥିତ ଥିଲେ।

# ସହର ଓ ଗାଁ ମୁହାଁ ଜଙ୍ଗଲୀ ହାତୀପଲ



**କଳାହାଣ୍ଡି (ଅମୃତ ମିଡ଼ିଆ) :** କଳାହାଣ୍ଡି ଜିଲ୍ଲା କେସିଙ୍ଗା ରେଞ୍ଜ ତୁର୍ଲାଖମନ, କସ୍ତୁପଡ଼ା ଗାଁରେ ଗତକାଲି ଠାରୁ ଆତଙ୍କ ଖେଳାଇଛନ୍ତି ୧୯ଟିକିଆ ହାତୀପଲ। କେସିଙ୍ଗା ରେଞ୍ଜ ଅଧିକାରୀ ଓ ପଲମ ପୁଲିସ ଫାଣ୍ଡି ଅଧିକାରୀଙ୍କ ଉପସ୍ଥିତିରେ ହାତୀପଲ ଘଉଡାଇଛନ୍ତି। ସୂଚନା ଅନୁଯାୟୀ ଗତକାଲି ସନ୍ଧ୍ୟାରେ ନର୍ଲା ରେଞ୍ଜର ଗିଗନା ଗାଁ ପଟୁ କେସିଙ୍ଗା ରେଞ୍ଜ ତୁର୍ଲାଖମନ ପଟକୁ ଆସିଥିଲେ ଥିଲେ ଏହି ହାତୀପଲ ଓ ପ୍ରଥମେ ଗାଁକୁ ଆସି ଆତଙ୍କ ସୃଷ୍ଟି କରିଥିଲେ। ରବିବାର ସକାଳେ ହାତୀପଲ କେସିଙ୍ଗାରୁ ପ୍ରାୟ ୮କିମି ଦୂର କସ୍ କସ୍ତୁପଡ଼ାରେ ରହିଥିବା କେସିଙ୍ଗା ବନପାଳ ଜଣାଇଥିଲେ। ପରେ କେସିଙ୍ଗା ବନ ବିଭାଗ ଓ ପଲମ ଫାଣ୍ଡି ପୁଲିସ ଡାକ ବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରିଥିଲେ ଓ ଏଠାରେ ପ୍ରକାଶ ଥାଉ କି ମାସେ ତଳେ ନର୍ଲା ରେଞ୍ଜରେ ହାତୀ ଘଉଡାଇବା ସମୟରେ ଅସାବଧାନତା ଯୋଗୁଁ ଜଣେ ବନ କର୍ମଚାରୀଙ୍କୁ ହାତୀ ଦଳି ଦେବାରୁ ସେ ପ୍ରାଣ ହରାଇଥିଲେ। ଅମାଠ ଜଙ୍ଗଲ ଦେଇ ତେଲ ନଦୀପାର ହୋଇ ବଡ଼ମାଲ ଗୋଳାବାରୁଦ କାରଖାନା ଆଡକୁ ହାତୀପଲ ଯାଇଥିବା କେସିଙ୍ଗା ବନ ବିଭାଗ ଅଧିକାରୀଙ୍କ ତରଫରୁ ସୂଚନା ମିଳିଛି।

# ରାସ୍ତା କାର୍ଯ୍ୟରେ ବ୍ୟାପକ ଅନିୟମିତତା ଅଭିଯୋଗ



କଳାହାଣ୍ଡି (ଅମୃତ ମିଡ଼ିଆ) : କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ କୁର୍ମେଲ ଗ୍ରାମ ପଞ୍ଚାୟତ ଅଧିନସ୍ତ ଡୁଡ଼ାଲୁ ଗ୍ରାମରୁ ଶିଆଳ ମାଲକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ରେ ଦଶଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ପୂର୍ତ୍ତ ବିଭାଗ ରୋଡ ଏବଂ ବ୍ରିଜ କାର୍ଯ୍ୟ ପାଇଁ ୯ ଲକ୍ଷ ୫୦ ହଜାର ଏବଂ ମନରେଗା ଯୋଜନା ରେ ଶ୍ରମିକଙ୍କ ପାଇଁ ୫ଲକ୍ଷ ୬୨ହଜାର ସମୁଦାୟ ୧୫ଲକ୍ଷ ୧୨ହଜାର ଟଙ୍କା ୨୦୨୨-୨୩ ମସିହାରେ ଖର୍ଚ୍ଚ କରାଯାଇଥିବା ସୂଚନା ରହିଛି। କିନ୍ତୁ ସଂପୃକ୍ତ କାର୍ଯ୍ୟରେ ନିୟୋଜିତ ଥିବା ଠିକାଦାର ତଥା କୁର୍ମେଲ୍ ପଞ୍ଚାୟତ ର ପୂର୍ବତନ ସମିତି ସଭ୍ୟ ତହସିଲ ସାହୁ ଏହି କାର୍ଯ୍ୟଟିକୁ ଅତି ନିମ୍ନମାନର କାର୍ଯ୍ୟ କରିବା ସହ ନିୟୋଜିତ ଶ୍ରମିକଙ୍କୁ ବର୍ଷେରୁ ଅଧିକ ସମୟ ଧରି ପାରିଶ୍ରମିକ ନଦେବା ଏବଂ ରାସ୍ତା କାର୍ଯ୍ୟରେ ଅନୁମୋଦନ ପାଇଥିବା ବ୍ରିଜ ଓ ପୋଲ କାର୍ଯ୍ୟ ନକରି ମିଥ୍ୟା ବିଲ୍ କରି ଅର୍ଥ ଆତ୍ମସାତ କରିଥିବା ନେଇ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି ଏବଂ ଅଭିଯୋଗ କାରୀ ଗ୍ରାମବାସୀ ଓ ସ୍ଥାନୀୟ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ସ୍ଥାନୀୟ ନର୍ଲା ବିଡ଼ିଓ ଙ୍କୁ ଜଣାଇବାସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପରେ ସଂପୃକ୍ତ ଠିକାଦାର ପ୍ରତିକ୍ରିୟାଶୀଳ ହୋଇ ମାଁ ମାନଙ୍କର ରାସନ୍ କାର୍ଡ କାଟି ଦେବି କହିଥିବା ଠିକାଦାର ଧମକ୍ ଦେଇଥିବା କଥା ମହିଳା ମାନେ ଅଭିଯୋଗ ଆଣିଛନ୍ତି। ତେଣୁ ସମସ୍ତ ଅଭିଯୋଗର ବିଷୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଆଲୋକ କୁମାର ନାଏକଙ୍କୁ ପଚାରିବାରୁ ସେହି କାର୍ଯ୍ୟରେ କୌଣସି ପ୍ରକାର ଅନିୟମିତତା ହୋଇନାହିଁ କିମ୍ବା କୌଣସି ସରକାରୀ ଅର୍ଥ ଦୁରୁପଯୋଗ ହୋଇ ନଥିବା ପ୍ରକାଶ କରିଛନ୍ତି ଏବଂ କାର୍ଯ୍ୟଟି ଏଷ୍ଟିମେଟ ରେ ୯୦୦ ମିଟର ଥିବାବେଳେ ଢେର୍ ଅଧିକ କାର୍ଯ୍ୟ କରାଯାଇଥିବା ଦୃଢୋକ୍ତି ପ୍ରକାଶ କରିଛନ୍ତି।



# ଭୋଟଦାନ କେନ୍ଦ୍ର ଉପରେ ବୈଠକ

**ଜୟପୁର (ଅମୃତ ମିଡିଆ) :** ଜୟପୁର ପୌରପରିଷଦରେ ଆଜି ଭୋଟ ଦାନ କେନ୍ଦ୍ର ଉପରେ ବୈଠକ ଅନୁଷ୍ଠିତ ହୋଇଛି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ତତ୍ୱାବଧାନରେ ଆୟୋଜିତ ବୈଠକରେ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ସହ ସମସ୍ତ ରାଜନୈତିକ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। ଜୟପୁର ପୌରାଞ୍ଚଳରେ ୫୯ଟି ଭୋଟ ଦାନ କେନ୍ଦ୍ର ରହିଥିବା ବେଳେ ତାହାକୁ ବୃଦ୍ଧି କରି ୬୦ କରାଯାଇଛି। କୁନ୍ଦାରିଗୁଡା ଭୋଟଦାନ କେନ୍ଦ୍ରକୁ ୨ଟି କେନ୍ଦ୍ର କରାଯାଇଛି। ଏହା ସହ ପୁରୁଣାଗଡ ଭୋଟରମାନେ ସମ୍ଭାରତୋଟାରେ ଆଣି ଭୋଟ ଦେଉଥିବା ବେଳେ ତାହାକୁ ସ୍ଥାନାନ୍ତର କରାଯାଇଛି। ପୁରୁଣାଗଡ ଭୋଟରମାନେ ସେଠାରେ ଥିବା ମିଶନଶକ୍ତି ଗୃହରେ କେନ୍ଦ୍ର କରାଯିବ। ସେଠାରେ ପୁରୁଣାଗଡର ଭୋଟର ଭୋଟ ଦେବେ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ସରକାରୀ ଉଚ୍ଚବିଦ୍ୟାଳୟ କାର୍ଯ୍ୟରେ ମହାଘୋଟାଲା ଅଭିଯୋଗ

## ପ୍ରତିବାଦରେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଲେ ଛାତ୍ରଛାତ୍ରୀ



**ଦଶରଥପୁର (ଅମୃତ ମିଡିଆ) :** ଦଶରଥପୁର ବ୍ଲକ ଅଧିନସ୍ଥ ନିଜାମପୁର ପଞ୍ଚାୟତ ସ୍ଥିତ ଜାଡୁଆ ସରକାରୀ ଉଚ୍ଚ ବିଦ୍ୟାଳୟର ୫ ଟି ରୂପାନ୍ତୀକରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଅଭିଯୋଗକରି ଆଜି ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଲେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ। ବିଦ୍ୟାଳୟରେ ୫ଟି ରୂପାନ୍ତରିତ ନିର୍ମାଣ କାର୍ଯ୍ୟ ବିଳମ୍ବ, ଅନିୟମିତତା ଓ ଉକ୍ତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ବଦଳି ଦାବୀ ନେଇ ଧାରଣା ଦେଇଛନ୍ତି ଛାତ୍ରଛାତ୍ରୀ। ୫-ଟି ରୂପାନ୍ତୀକରଣ ଯୋଜନାରେ ବିଦ୍ୟାଳୟର ଶ୍ରେଣୀଗୃହ, ବିଜ୍ଞାନଗାର, ଡିଜିଟାଲ କ୍ଲାସ ରୁମ, ଲାଇବ୍ରେରୀ, ଶୌଚାଳୟ, ଆଦି ନିର୍ମାଣ କରାଯିବା ସହିତ ବିଦ୍ୟାଳୟର ପାରିପାର୍ଶ୍ୱିକ ବିକାଶ ନିମନ୍ତେ ପ୍ରାୟ ୧ କୋଟି ଟଙ୍କା ଯୋଗାଇ ଦିଆଯାଇଥିଲା। ମାତ୍ର ଉକ୍ତ କାର୍ଯ୍ୟର କାର୍ଯ୍ୟାଦେଶ କନିଷ୍ଠ ଯନ୍ତ୍ରୀ ଫକୀର ମୋହନ ଦଳାଇଙ୍କ ନାମରେ ରହିଥିଲା। ମାତ୍ର ଯନ୍ତ୍ରୀ କାର୍ଯ୍ୟ ନିଜେ ସମ୍ପାଦନ ନକରି ମୋଟା ଅଙ୍କର ଲାଞ୍ଚ ନେଇ ସେହି ପଂଚାୟତର ଜନୈକ ଯୁବନେତାଙ୍କୁ ଏହି କାର୍ଯ୍ୟ ସମ୍ପାଦନା ଦାଇତ୍ୱ ପ୍ରଦାନ କରିଥିଲେ। ଯାହାଫଳରେ ଯନ୍ତ୍ରୀ - ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏହି କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାତ ଦାସଙ୍କ ସୂଚନା ମୁତାବକ ସେ ବିଦ୍ୟାଳୟ ରେ ପହଂଚିବା ବେଳକୁ ଜାଡୁଆ ଉଚ୍ଚ ବିଦ୍ୟାଳୟର ୫ଟି କାଯ୍ୟରେ ଅନିୟମିତତାକୁ ନେଇ ବିଦ୍ୟାଳୟର ଛାତ୍ରଛାତ୍ରୀ, ପରିଚାଳନା କମିଟି ଏବଂ ଗ୍ରାମବାସୀ ମିଳିତ ଭାବେ ବିଦ୍ୟାଳୟ ଫାଟକରେ ତାଲା ପକାଇ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହିତ ଅନିୟମିତତାର ସମ୍ପୃକ୍ତ କନିଷ୍ଠଯନ୍ତ୍ରୀ ଫକୀର ମୋହନ ଦଳେଇଙ୍କୁ ବରଖାସ୍ତ କରିବାକୁ ଦାବି କରିଛନ୍ତି। ବିଦ୍ୟାଳୟ ଭିତରକୁ କୌଣସି ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପ୍ରବେଶକୁ ବାରଣ କରିବା ସହିତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣରୁ ଉଠିବେ ନାହିଁ ବୋଲି ଅଡ଼ି ବସିଥିଲେ। ଏ ସମ୍ପର୍କରେ ଖବର ପାଇ ବିଡ଼ିଓ ଆକାଶ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ରାହାସବିହାରୀ ଜେନା, କନିଷ୍ଠ ଯନ୍ତ୍ରୀ ଫକୀର ଦଳାଇ ଘଟଣାସ୍ଥଳରେ ଛାତ୍ରଛାତ୍ରୀ ଓ ଅଭିଭାବଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ ସଫଳ ହୋଇନଥିଲେ। ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ବିଡ଼ିଓ ଏବଂ ଯନ୍ତ୍ରୀଙ୍କୁ ମଧ ଦୀର୍ଘ ସମୟଧରୀ ଅଟକ ରଖିଥିଲେ। ଅପରାହ୍ନରେ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀଙ୍କ ଲିଖିତ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଔପଦା ଆଞ୍ଚଳିକ ମହୋତ୍ସବର ଉଦ୍ୟାପନୀ ଉତ୍ସବ

## କମେଡି, ନୃତ୍ୟ ଓ ସଙ୍ଗୀତରେ ଝୁମିଲେ ଦର୍ଶକ



**ଔପଦା (ଅମୃତ ମିଡିଆ) :** ଚଉରା ମୂଳର ସନ୍ଧ୍ୟାବତୀ, ଘଣ୍ଟ, ଘଣ୍ଟା ଆଉ ହୁଳହୁଳିର ଶବ୍ଦ ଆଜି ଆଧୁନିକତା ପାଖରେ କବର ନେଉଛି। ମିନି ସ୍କଟ ଆଉ ଜିନ୍ସ ଭିତରେ ସତ୍ତା ହରାଉଛି ପାରମ୍ପରିକ ପୋଷାକ। ଅତ୍ୟାଧୁନିକ ସଭ୍ୟତା ପାଇଁ ଓଡ଼ିଆ ସଂସ୍କୃତି ଓ ପରମ୍ପରା ହଜି ହଜିଯାଉଛି। ସଂସ୍କୃତି ଓ ପରମ୍ପରାକୁ ବଜାଇ ରଖିବା ପାଇଁ ଔପଦା ଆଞ୍ଚଳିକ ମହୋତ୍ସବ ୨୦୧୮ମସିହାରେ ଜନ୍ମ ନେଇଥିଲା। ଷଷ୍ଠ ଔପଦା ଆଞ୍ଚଳିକ ମହୋତ୍ସବ ଧୁମଧାମରେ ଜାନୁଆରୀ ୩୦ ରେ ଆରମ୍ଭ ହୋଇ ଫେବୃୟାରୀ ୪ ତାରିଖରେ ଉଦ୍ଯାପିତ ହୋଇଯାଇଛି। ମହୋତ୍ସବ କମିଟି ତରଫରୁ ମେଗାଅଡିସନ ଓ ରଙ୍ଗୋଳି ର କୃତି ପ୍ରତିଯୋଗୀ ମାନଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷ ସନ୍ଧ୍ୟାରେ ପପୁ ପମ ପମ କମେଡି ଓ ଚୁଲବୁଲି ନାୟିକା ଏଲିନା ସାମନ୍ତରାୟ ଙ୍କ ନୃତ୍ୟ ଓ ସଙ୍ଗୀତ ରେ ଝୁମିଲେ ଦର୍ଶକ । ପଞ୍ଚମ ସନ୍ଧ୍ୟା ରେ ସବ୍ୟସାଚୀ ଓ ଅର୍ପିତା ଦର୍ଶକଙ୍କୁ ଆକୃଷ୍ଟ କରିଥିବା ସଭାପତି ଅଶୋକ କୁମାର ପ୍ରଧାନ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଆନ୍ଧ୍ରପ୍ରଦେଶ କିମସ ଗ୍ରୁପ ଅଫ ଇଷ୍ଟିଚ୍ୟୁଟ ଅଧକ୍ଷ ଡାକ୍ତର ଅଶୋକ ଚକ୍ରବର୍ତ୍ତୀ ମୁଖ୍ୟବକ୍ତା ଭାବେ ଡକ୍ଟର ପଙ୍କଜ କୁମାର ଜେନା ଯୋଗ ଦେଇଥିଲେ। ଆଜି ଏହି ମହୋତ୍ସବର ଶେଷ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ଯୋଗଦେଇ ମହୋତ୍ସବର ଶାନ୍ତି ଶୃଙ୍ଖଳା ଓ ସୁନ୍ଦର ଆୟୋଜନ ପାଇଁ ଆୟୋଜକଙ୍କୁ ଭୁୟୀଅସି ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତାଭାବେ ଓଡିଶା କଳା ସଂସ୍କୃତି ଓ ମାନବ ସମ୍ବଳ ବିଭାଗ ସମ୍ପାଦକ ତଥା ବିଶିଷ୍ଟ ସମାଜସେବୀ ଶଶୀ କୁମାର ସାହୁ ଯୋଗ ଦେଇ ଏ ମହୋତ୍ସବ ଔପଦା ବିକାଶ ଓ ଭାଇଚାରାର ଅନ୍ୟ ନାମ ଏ ମହୋତ୍ସବ ର ମୁଁ ପରିବାର ସଦସ୍ୟ ବୋଲି କହିଥିଲେ। ସେହିପରି ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷା ବିସି ବିସ୍ୱା ପାତ୍ର, ଆନ୍ତର୍ଜାତୀୟ ଓଡିଶୀ ନୃତ୍ୟ ଶିଳ୍ପୀ ମିତାଲି ଷଡଙ୍ଗୀ, ସାଧାରଣ ସମ୍ପାଦକ ନରହରି ନାୟକ, ଉପସଭାପତି ବୈକୁଣ୍ଠ ପୁଆଳ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସାଙ୍ଗଠନିକ ସମ୍ପାଦକ ଡକ୍ଟର ସଂଗ୍ରାମ କୁମାର ରାଉତ ଓ ପ୍ରୋଗ୍ରାମ କୋଡ଼ିନେଟର ଆଇନଜୀବୀ ଜୟଶ୍ରୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ।ସେହିପରି କମିଟି ଉପଦେଷ୍ଟା ନିରଞ୍ଜନ ପ୍ରସାଦ ବାରିକ ମଞ୍ଚ ଆହ୍ୱାନ କରିଥିବା ବେଳେ ମିଡିଆ କୋଡିନେଟର ବିଶ୍ୱ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହୋତ୍ସବ କମିଟି ତରଫରୁ ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ, ବିଡ଼ିଓ ଆଦିକନ୍ଦ ବେହେରା, ତହସିଲଦାର ମିତାଲି ମଧୁଛନ୍ଦା ପାତ୍ର, ଔପଦା ଥାନା ଆଇଆଇସି ଶ୍ରବଣ କୁମାର ମହରଣା, ପ୍ରଫେସର ରାମଚନ୍ଦ୍ର ଭୂୟାଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ମମତା ରାଣୀ ମହନ୍ତ,ରେଞ୍ଜର ମନୋରଞ୍ଜନ ନାୟକ, ସମାଜ ସେବୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରକାଶ ମହାପାତ୍ର, ଶ୍ୟାମ ସୁନ୍ଦର ପରିଡା, ଗୀତାଞ୍ଜଳି ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ପ୍ରତିଷ୍ଠାତା ଦୀପକ ପ୍ରଧାନ,ଉପସଭାପତି ହରିହର ଜେନା, ଉପଦେଷ୍ଟା ଭଗବାନ ନାୟକ, କିଶୋର ଚନ୍ଦ୍ର ପଣ୍ଡା, କୋଷାଧକ୍ଷ ଅଭିମନ୍ୟୁ ପଣ୍ଡା,ସମ୍ପାଦକ ଶ୍ରୀକାନ୍ତ ପଣ୍ଡା ରମେଶ ମହାକୁଡ଼, ଶଶୀକାନ୍ତ ବେହେରା, ଅଭିମନ୍ୟୁ ତ୍ରିପାଠୀ, ସୁଧାଂଶୁ ପଟ୍ଟନାୟକ, ଆଶୁତୋଷ ନାୟକ, ଦୈତାରି ପରିଡ଼ା, ସୁଦର୍ଶନ ଜେନା, ଜଗଦୀଶ ସାହୁ, ସଞ୍ଜୟ ରାଉତ, ଗୟାଧର ମଲ୍ଲିକ, ସଦାନନ୍ଦ ଦାସ, ଜ୍ୟୋତିପ୍ରକାଶ ମହାନ୍ତି ସମେତ ସମସ୍ତ ସଦସ୍ୟ ସଦସ୍ୟା ନିଷ୍ଠା ଓ ଶୃଙ୍ଖଳାର ସହ କାର୍ଯ୍ୟ କରିଥିଲେ।


# ମା’ ଦକ୍ଷିଣେଶ୍ୱରୀ ଦେବୀଙ୍କ ନୂତନ ଭବ୍ୟ ମନ୍ଦିର ପ୍ରତିଷ୍ଠା ପାଇଁ ବ୍ୟାପକ ପ୍ରସ୍ତୁତି

**ରଘୁନାଥପୁର (ଅମୃତ ମିଡିଆ) :** ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୁରୁଣାଓଡପଡା ଗ୍ରାମର ପ୍ରସିଦ୍ଧ ମା ଦକ୍ଷୀଣେଶ୍ୱରି ଦେବୀଙ୍କର ନୂତନ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ଚଳିତ ଫେବୃୟାର ୧୫ ତାରିଖରୁ ଆରମ୍ଭ ହୋଇ ୧୯ତାରିଖ ପର୍ଯ୍ୟନ୍ତ ମହା ସମାରୋହରେ ଅନୁଷ୍ଠିତ ହେବ। ଏଥିପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ମା ଦକ୍ଷିଣେଶ୍ୱରି ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ୧୫ତାରିଖରେ ଅଷ୍ଟମ ପ୍ରହର ନାମ ଯଜ୍ଞ, ୧୬ ତାରିଖରେ ଅଙ୍କୁରା ରୋପଣ, ୧୭ ତାରିଖରେ କଳସ ଯାତ୍ରା, ୧୮ ତାରିଖରେ ଯଜ୍ଞ ଆରମ୍ଭ କରାଯାଇ ୧୯ ତାରିଖ ସଂଧ୍ୟାରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ପ୍ରତ୍ୟହ ସଂଧ୍ୟାରେ ଭଜନ ସମାରୋହ ଏବଂ ପ୍ରବଚନ କାର୍ଯ୍ୟକ୍ରମ କରାଯିବ ବୋଲି ଆଜିର ବୈଠକରେ ନିଷ୍ପତି ନିଆଯାଇଛି। ଏହି ବୈଠକରେ ଖଗେଶ୍ୱର ଦାଶ ସଭାପତିତ୍ୱ କରିଥିବା ବେଳେ ଗୌତମ ପାଳିତ, ଗୁରୁ ନାରାରଣ ମହାନ୍ତି, ସରପଂଚ ଶିବରାମ ସାହୁ, ପ୍ରତାପ ପଟ୍ଟନାୟକ, ପରିକ୍ଷିତ ପଟ୍ଟନାୟକ, ପ୍ରମୋଦ ମିଶ୍ର, ତ୍ରିଲୋଚନ ମହାପାତ୍ର, ବ୍ରଜ ସୁନ୍ଦର ପଟ୍ଟନାୟକ, ସୁଶାନ୍ତ କୁମାର ପଟ୍ଟନାୟକ, ସରୋଜ କୁମାର ପଟ୍ଟନାୟକ, ରୁନୁ କିଶୋର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ସ୍ମୃତିଚାରଣ କଲେ ନଗର ଉନ୍ନୟନ ମନ୍ତ୍ରୀ

**ନୀଳଗିରି (ଅମୃତ ମିଡିଆ) :** ଓଡିଶା ସରକାରଙ୍କ ନଗର ଉନ୍ନୟନ ମନ୍ତ୍ରୀଙ୍କ ଉଷାଦେବୀ ଆଜି ନୀଳଗିରି ଗସ୍ତରେ ଆସି ପରଲୋକ ହୋଇଥିବା ମାଉସୀଙ୍କ ପାଇଁ ସ୍ମୃତିଚାରଣ କରିଥିଲେ। ଆଜି ଦିନ ୧୨.୩୦ମିନିଟ ସମୟରେ, ମନ୍ତ୍ରୀ ଉଷା ଦେବୀ ତାଙ୍କ ମାଉସୀ ଅନ୍ତେଷ୍ଟି କ୍ରିୟା ଚାଲିଥିବା ବେଳେ ନୀଳଗିରି ରାଜବାଟିରେ ପହଞ୍ଚି ଥିଲେ। ମାଉସୀ ରେଣୁକା ଦେବୀଙ୍କର ୭ଦିନ ପୂର୍ବରୁ ଦେହାନ୍ତ ହୋଇଥିଲା। ସେଥିପାଇଁ ମନ୍ତ୍ରୀ ଉଷାଦେବୀ ତାଙ୍କ ମଉସା ତଥା ରେଣୁକା ଦେବୀଙ୍କ ସ୍ୱାମୀ କିରଣେନ୍ଦ୍ର ମର୍ଦ୍ଦରାଜ ଓ ରାଜ ପରିବାରର ସଦସ୍ୟ ମାନଙ୍କୁ ଭେଟିଥିଲେ। ମାଉସୀଙ୍କ ସହ କାଟିଥିବା ପିଲାବେଳର ସ୍ମୃତିକୁ ମନେ ପକାଇଥିବା ବେଳେ ବେଶ ଭାବ ପ୍ରବଣ ହୋଇପଡ଼ିଥିଲେ।ଏହି ସମୟରେ ମନ୍ତ୍ରୀଙ୍କ ମଉସା ସାନକୁମାର କିରଣେନ୍ଦ୍ର ମର୍ଦ୍ଦରାଜ, ରେଣୁକା ଦେବୀଙ୍କ ବଡ଼ପୁଅ ପ୍ରକାଶ ମର୍ଦ୍ଦରାଜ, ସାନପୁଅ ବିକାଶ ମର୍ଦ୍ଦରାଜ, ପୁତୁରା ସାହେବ ମର୍ଦ୍ଦରାଜ, ଗୌତମ ମର୍ଦ୍ଦରାଜ, ପୁରୀ ଗଜପତି ଙ୍କ ସାନ ଭାଇ ତଥା ରେଣୁକା ଦେବୀଙ୍କ ଭଣଜା ଥାଟରାଜା ରଣାର୍ଣ୍ଣବ ଦେବ, ଯାଆ ଅରୁନ୍ଧତୀ ହରିଚନ୍ଦନ, ପୁତୁରା ବୋହୂ ଶ୍ୱେତା ହରି ଚନ୍ଦନ, ସସ୍ମିତା ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ସେଠାରୁ ମନ୍ତ୍ରୀ ସେ ନୀଳଗିରି ଡାକବଙ୍ଗଳା ଯାଇ ମଧ୍ୟାହ୍ନ ଭୋଜନ କରିବା ପରେ ନୀଳଗିରି ଏନଏସି ଅଧକ୍ଷା ଅମ୍ବିକା ଦାସ, ଉପାଧକ୍ଷ ମହେନ୍ଦ୍ର ବେହେରା, ଜନଜାତି ସଭାପତି ଶରତ ଦାସ ପ୍ରମୁଖ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ବିଶେଷ ଭାବେ ଜିଲ୍ଲା ବିଜେଡି ବରିଷ୍ଠ ଉପସଭାପତି ସନ୍ତୋଷ ଖଟୁଆ ସାକ୍ଷାତ କରି ନୀଳଗିରି ସହରର କିଛି ଗୁରୁତ୍ୱ ପୂର୍ଣ୍ଣ ସମସ୍ୟା ସମ୍ପର୍କିତ ଆଲୋଚନା ଓ ସମାଧାନ କରିଥିଲେ। ନୀଳଗିରିରେ ଟାଉନହଲ ନିର୍ମାଣ ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାଯାଇଛି।


# ଅଗ୍ନିକାଣ୍ଡରେ ଜଳିଗଲା ୪ ଧାନାଗଦା



**ଚାନ୍ଦବାଲି ( ଅମୃତମିଡ଼ିଆ) :** ଚାନ୍ଦବାଲି ଏନଏସି ଅନ୍ତର୍ଗତ ବାଲିଗାଁରେ କୈଣସି କାରଣରୁ ଅଗ୍ନିକାଣ୍ଡ ଘଟି ୪ ଟି ଧାନ ଓ କୁଟା ଗଦା ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପଂହଚି ନିଆଁକୁ ଆୟତ କରିଥିଲେ ମଧ ନିଆଁର ଆଁରେ ସବୁକିଛି ପୋଡ଼ି ପାଉଁଶ ହୋଇଯାଇଥିଲା। ଏହି ଅଗ୍ନିକାଣ୍ଡରେ ଚାଷୀ ଅକ୍ଷୟ ଦାସ, ବିଜୟ ଦାସ ଓ ସନ୍ତୋଷ ଦାସଙ୍କର ଧାନା ଓ କୁଟା ଗଦା ପୋଡ଼ିଯାଇଥିବାରୁ ଏହି ବିପନ୍ନ ପରିବାର ମାନଙ୍କୁ ପ୍ରଶାସନ ପକ୍ଷରୁ ତୁରନ୍ତ ସାହାର୍ଯ୍ୟ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ବିଦ୍ୟାଳୟରେ ଶିକ୍ଷକଙ୍କ ଅନୁପସ୍ଥିତି ଅଭିଯୋଗ

## କାର୍ଯ୍ୟାନୁଷ୍ଠାନ ଦାବିକଲେ ଗ୍ରାମବାସୀ



**କୋକସରା (ଅମୃତ ମିଡିଆ) :** ରାଜ୍ୟସରକାର ଗ୍ରାମାଞ୍ଚଳ ସ୍ତରରୁ ସହରାଞ୍ଚଳ ପର୍ଯ୍ୟନ୍ତ କିଭଳି ଶିକ୍ଷାର ବିକାଶ କ୍ଷେତ୍ରକୁ ଉନ୍ନତ ମାନର କରିବା ସହ ଛାତ୍ରଛାତ୍ରୀ କେମିତି ଆଗକୁ ବଢ଼ିବାରେ ସକ୍ଷମ ହୋଇପାରିବେ ତାହାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ମାନଙ୍କରେ ଶିକ୍ଷକର ଅଭାବ କୁ ପୁରଣ କରିବା ସହ ଫାଇପଟି ମାଧ୍ୟମରେ ବିଦ୍ୟାଳୟ ମାନଙ୍କର ରୁପାନ୍ତରୀକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଆସୁଛନ୍ତି। କିନ୍ତୁ ସେହି ସରକାରଙ୍କ ଅଧିନରେ କାର୍ଯ୍ୟ କରି ଆସୁଥିବା ଶିକ୍ଷକ ବେଳେ ବେଳେ ଭୁଲିଯାଇଥାଏ ନିଜର ହିତାହିତ ଜ୍ଞାନ ତଥା ନିଜ ଉପରେ ଥିବା ଦାୟିତ୍ୱବାନ କର୍ତ୍ତବ୍ୟକୁ। ଠିକ ଏପରି ଦାୟିତ୍ୱ ଉପରେ ଅବହେଳା କରି ବିଦ୍ୟାଳୟ ରେ ନିତିଦିନ ଉପସ୍ଥିତ ନହେବା ସହିତ ନିଜର କର୍ତ୍ତବ୍ୟକୁ ଭୁଲି ଯାଉଥିବା ଘଟଣା ଦେଖିବାକୁ ମିଳିଛି କୋକସରା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିନରେ ଥିବା ଘଣ୍ଟିଗୁଡା ପରଜାପଡା ସ୍କୁଲରେ। ସୂଚନା ମୁତାବକ ସୋମବାର ଦିନ ପରଜାପଡା ସ୍କୁଲକୁ ଛାତ୍ରଛାତ୍ରୀ ମାନେ ଯାଇଥିଲେ ହେଁ ସେଠାରେ ଶିକ୍ଷକ ମାନେ ଆସି ନଥିଲେ। ପରେ ଛାତ୍ରଛାତ୍ରୀ ଦୀର୍ଘ ସମୟଧରି ବାହାରେ ଖେଳାବୁଲା କରୁଥିବା ଦେଖି ଗ୍ରାମବାସୀମାନେ ସ୍କୁଲକୁ ଆସିଥିଲେ ଏବଂ ଶିକ୍ଷକ ଙ୍କ ଅନୁପସ୍ଥିତି ଯୋଗୁଁ ସେଠାରେ ସମସ୍ତେ ଏକାଠି ହୋଇ ଗଣମାଧମ ପ୍ରତିନିଧି ମାନଙ୍କୁ ଖବର ଦେଇଥିଲେ। ଆମ ଗଣମାଧମ ପ୍ରତିନିଧି ପହଞ୍ଚି ତାର ସତ୍ୟତା ଉପରେ ଜାଣିବା ପରେ ସ୍କୁଲ କେମ୍ପସ ପାଖରେ ନେଟୱର୍କ ନ ଆସିବାରୁ କିଛି ବାଟ ଆଗକୁ ଯାଇ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ରଶ୍ମିତା ନେତମଙ୍କୁ ଅବଗତ କରାଯାଇଥିଲା। ରଶ୍ମିତା ନେତମ ଦର୍ଲିପଡା କ୍ଲଷ୍ଟର ସି ଆର୍ ସି ସି ସୁବାସ ବାଗ ଙ୍କୁ ପଠାଇ ଥିଲେ ଶ୍ରୀଯୁକ୍ତ ବାଗ ସେହି ବିଦ୍ୟାଳୟ କୁ ତୁରନ୍ତ ପହଞ୍ଚି ଘଟଣାର ସତ୍ୟତା ଉପରେ ଗ୍ରାମବାସୀଙ୍କ ସହ ପଚାରି ବୁଝିଥିଲେ । ଏବଂ ତାଙ୍କ ଆଟେଣ୍ଡେନ୍ସ ରେଜିଷ୍ଟର ଦେଖିଥିଲେ। ସେଠି କାହା ଦସ୍ତଖତ ନଥିବା ସେ କହିଥିଲେ। ଏହି ବିଦ୍ୟାଳୟରେ ୪୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ଦୁଇଗୋଟି ଶିକ୍ଷକ ଖଗେଶ୍ୱର ମାଝୀ ପ୍ରଧାନ ଶିକ୍ଷକ ଭାବେ ରହିଥିବା ବେଳେ ବସନ୍ତ କୁମାର ଦାସ ଜୁନିଅର ଶିକ୍ଷକ ଦାୟିତ୍ୱରେ ରହି ଆସିଛନ୍ତି। ଗ୍ରାମବାସୀ ଅବିଭାବକ ତଥା ସ୍କୁଲ ପରିଚାଳନା କମିଟି ସଭାପତି ପୁରୁନ କନ୍ଦ କହିଛନ୍ତି ଶିକ୍ଷକଙ୍କ ଅନୁପସ୍ଥିତି ଏକ ନୁଆଁ କଥା ନୁହେଁ ଏମାନେ ସବୁବେଳେ ଏମିତି ହିଁ କରି ଆସୁଛନ୍ତି ଏବଂ କାହାକୁ ଖାତିର କରନ୍ତି ନାହିଁ ବୋଲି ପ୍ରକାଶ କରିଛନ୍ତି। ଏବଂ ଏକଥା ମଧ ଶିକ୍ଷା ବିଭାଗ ପାଖରେ ଅଛପା ନାହିଁ ପ୍ରାୟ ସମସ୍ତେ ଜାଣିଛନ୍ତି। ଏହି ରାସ୍ତାଦେଇ କଳାହାଣ୍ଡି ତଥା କୋକସରା ବ୍ଲକର ଐତିହ୍ୟ ପର୍ଯ୍ୟଟନ ସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରା ରହିଛି । ହେଲେ ଗତବର୍ଷ ଏମିତି ଗୋଟିଏ ଦିନ ଉଚ୍ଚ ପଦାଧିକାରୀ ଜଣେ ଏହି ରାସ୍ତାରେ ଡୋକରୀ ଚଞ୍ଚରାରୁ ଫେରୁଥିବା ବେଳେ ସେହି ସ୍କୁଲରେ ଛାତ୍ରଛାତ୍ରୀ ଖେଳୁଥିବା ଦେଖି ସ୍କୁଲକୁ ପ୍ରବେଶ କରି ଥିଲେ ଏବଂ ସେଠାରେ ଶିକ୍ଷକ ନଥିବା ଦେଖି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ହେଲେ ତାଙ୍କୁ ଠିକ ଏପରି ଉତ୍ତର ହିଁ ମିଳିଥିଲା। ଫଳରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଖଗେଶ୍ୱର ମାଝୀଙ୍କ ଦରମା ବନ୍ଦ କରିଦିଆ ଯାଇଥିଲା ଆଜକୁ ଏକ ବର୍ଷରୁ ଅଧିକ ହେବ ତାଙ୍କୁ ଦରମା ଦିଆ ଯାଉନଥିବା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଜଣାପଡିଛି। ଆଉ ଅନ୍ୟପଟେ ଏମ୍ ଡି ଏମ୍ ମଧ ଅନେକ ଦିନ ହେଲା ଦିଆ ଯାଉନଥିବା ଅଭିଯୋଗ ସାମ୍ନା କୁ ଆସିଥିଲା। ଗ୍ରାମବାସୀ ଙ୍କ କହିବା ଅନୁଯାୟୀ ଖଗେଶ୍ୱର ମାଝୀଙ୍କ ବଦଳରେ ଜଣେ ଅନ୍ୟ ଶିକ୍ଷକ ଯୋଗାଇ ଦେଉଥିବା ଏବଂ ପ୍ରତିଦିନ ସ୍କୁଲ ଖୋଲିବା ପାଇଁ ବିଶେଷ ଦାବି ରହିଥିଲା। ଏମିତି ଏକ କଥା ସାମ୍ନାକୁ ଆଣିଥିଲେ ସଭାପତି ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ଯାହାକି ଆଶ୍ଚର୍ଯ୍ୟ ଏବଂ ଅତି ଦୁଃଖଦଜନକ ଥିଲା ଗତ ଜାନୁୟାରୀ ୨୬ସାଧାରଣତନ୍ତ୍ର ଦିବସ ରେ ଛାତ୍ରଛାତ୍ରୀ ଅବିଭାବକ ମାନେ ବହୁ ଆନନ୍ଦ ଓ ଉତ୍ସାହର ସହିତ ଏହି ଦିବସଟିକୁ ପାଳନ କରିବା ପାଇଁ ଚାହିଁ ବସିଥିଲେ କିନ୍ତୁ ବହୁ ଦୁଃଖର କଥା ସେହି ଦିନ ମଧ କୌଣସି ଶିକ୍ଷକ ଆସିଲେନି ଦିନ ୧୨ଟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ହେଲେ କାହାରି ଦର୍ଶନ ମିଳିନ ଥିଲା ଫଳରେ ସମସ୍ତେ ଦୁଃଖ ପ୍ରକାଶ କରି ନିଜ ନିଜ ଘରକୁ ଫେରିଥିଲେ। ହେଲେ ଏଭଳି ଦାୟିତ୍ୱହୀନତା ଶିକ୍ଷକ ଉପରେ କେବେ ଓ କୋଉ ଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଗ୍ରାମବାସୀ ଅପେକ୍ଷା କରିଛନ୍ତି। ଏନେଇ ଆମେ ଶିକ୍ଷା ବିଭାଗକୁ ପଚାରିବାରୁ ତାର ପ୍ରତିଟି ତଦନ୍ତ ଶୀଘ୍ର କରାଯିବ ଏବଂ ନିହାତି ଉଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମତ ଦେଇଛନ୍ତି। ଦେଖାଯାଉ ଖବର ପ୍ରସାରଣ ପରେ ଶିକ୍ଷାବିଭାଗ ପକ୍ଷରୁ କଣ ପଦକ୍ଷେପ ନିଆଯାଉଛି ଦେଖିବାକୁ ବାକି ରହିଲା।



₹5/-
Saffron Blended
MEENAJEE®
MAWA
₹5 ରେ
ପ୍ରିମିୟମ୍ କ୍ୱାଲିଟି
Call Toll Free: 1800 123 6292
Warning: Chewing of supari is injurious to health. Not for minors.